# ଅମୃତ ଦୁନିଆ

The Amruta Dunia

▸ RNI No. ODIODI / 2014 / 56157 ▸ www.amrutadunia.org




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


Vol.13, Issue.121, Thursday, 20 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୧, ଗୁରୁବାର, ୨୦ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.121, Thursday, 20 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୧, ଗୁରୁବାର, ୨୦ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା






FOLLOW US

CALL US FOR

Business Enquiry and Bulk Order

Toll Free number : 1800 123 6373

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.121, Thursday, 20 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୧, ଗୁରୁବାର, ୨୦ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


# ଓଡ଼ିଶାକୁ ରେଳବାଇର ବଡ଼ ଭେଟି



- କଟକ-ପାରାଦୀପ ତୃତୀୟ ଓ ଚତୁର୍ଥ ଲାଇନକୁ କ୍ୟାବିନେଟ୍ ଅନୁମୋଦନ
- କଟକ-ପାରାଦୀପ ୭୨ କିମି ଟ୍ରାକ୍ ପାଇଁ ବ୍ୟୟ ହେବ ୨୨୮୬ କୋଟି
- ଭଦ୍ରକ-ହରିଦାସପୁର ଚତୁର୍ଥ ଲାଇନକୁ ମଞ୍ଜୁରୀ
- ଭଦ୍ରକ-ହରିଦାସପୁର ୭୫ କିମି ଟ୍ରାକ୍ ପାଇଁ ବ୍ୟୟ ହେବ ୧୫୮୩ କୋଟି
- ଖଡଗପୁର-ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନକୁ ଗ୍ରୀନ ସିଗନାଲ
- ଖଡଗ୍‌ପୁର-ଭଦ୍ରକ (ରାଣୀତାଲ) ୧୭୩ କିମି ପାଇଁ ୩୩୫୨ କୋଟି ବ୍ୟୟ ଅଟକଳ

ନୂଆଦିଲ୍ଲୀ

ଓଡ଼ିଶାର ରେଳ ଭିତ୍ତିଭୂମି ସୁଦୃଢ଼ କରିବାକୁ କେନ୍ଦ୍ର କ୍ୟାବିନେଟ ୪ଟି ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରିଛି। ତୃତୀୟ ଓ ୪ର୍ଥ ରେଳପଥ ନିର୍ମାଣ କରାଯିବ। ଏହା ଲାଇନ କ୍ଷମତା ବୃଦ୍ଧି କରିବା ସହ ରେଳ ଚଳାଚଳକୁ ସୁଗମ କରିବ ଏବଂ ଭିଡ଼ କମାଇବାରେ ସାହାଯ୍ୟ କରିବ। ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ୪ଟି ପ୍ରକଳ୍ପ ନିର୍ମାଣ ହେବ। ଓଡ଼ିଶା କିନ୍ତୁ ଥିରେ ଅଧିକ ଲାଭବାନ ହେବ। କଟକ-ପାରାଦୀପ (ବଡ଼ବନ୍ଧ), ଭଦ୍ରକ-ହରିଦାସପୁର, ଖଡ଼ଗପୁର- ଭଦ୍ରକ (ରାଣୀତାଲ)କୁ ନୂଆ ରେଳଲାଇନ୍ ବିଛାଯିବ। ଏହି ୪ ରାଜ୍ୟର ୮ଟି ଜିଲ୍ଲାକୁ ସାମିଲ କରୁଥିବା ଏହି ୪ଟି ମଲ୍ଟିଟ୍ରାକିଂ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ଦେବା ପରେ ଭାରତୀୟ ରେଳବାଇର ନେଟୱାର୍କ ପ୍ରାୟ ୪୧୦ କିଲୋମିଟର ବୃଦ୍ଧି ପାଇବ। ୨୦୩୦-୩୧ ସୁଦ୍ଧା ଶେଷ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକରେ ଆନୁମାନିକ ୯,୪୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶାକୁ ଏହି ପ୍ରକଳ୍ପ ମଂଜୁର କରିଥିବାରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖି କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା ବିକାଶରେ ଏହି ■ ପୃଷ୍ଠା-୧୫

## ଅନ୍‌ଲାଇନ୍ ଟ୍ୟାକ୍ସି ଚାଳକଙ୍କ ଲଙ୍କାକାଣ୍ଡ

# ରଣକ୍ଷେତ୍ର ପାଲଟିଲା ମାଷ୍ଟରକ୍ୟାଣ୍ଟିନ୍

- ୨ ଘଣ୍ଟା ଧରି ଖଣ୍ଡଯୁଦ୍ଧ, ୮୦ ଚାଳକ ଗିରଫ
- ୧୪ଟି ଆମ ବସ୍ ଓ ପୋଲିସ୍ ଭ୍ୟାନ୍ ଭଙ୍ଗାରୁଜା
- ୧୩ ପୋଲିସ୍ କର୍ମଚାରୀ ଆହତ



ଭୁବନେଶ୍ୱର(ବ୍ୟୁରୋ)

ଅନଲାଇନ୍ ଟ୍ୟାକ୍ସି ଡ୍ରାଇଭରଙ୍କ ଆନ୍ଦୋଳନରୁ ରାଜଧାନୀରେ ଲଙ୍କାକାଣ୍ଡ। ପ୍ରାୟ ୨ ଘଣ୍ଟା ଧରି ରଣକ୍ଷେତ୍ର ପାଲଟିଲା ବ୍ୟସ୍ତବହୁଳ ମାଷ୍ଟର କ୍ୟାଣ୍ଟିନ୍ ଛକ। ଡ୍ରାଇଭରଙ୍କ ଢେଲା ପଥର ମାଡ଼ ସହ ହିଂସାକାଣ୍ଡରେ ସ୍ଥିତି ଅଣାୟତ ହେବା ପରେ ବାଧ୍ୟ ହୋଇ ପୋଲିସ୍ ପାଣି ମାଡ଼ ସହ ଲାଠି ମାଡ଼ କରି ସେମାନଙ୍କୁ ଘଉଡ଼ାଇଥିଲା। ଏହି ଘଟଣାରେ ୧୪ଟି ଆମ ବସ୍ ଓ କିଛି ପୋଲିସ୍ ଭ୍ୟାନ୍ ଭଂଗାରୁଜା ହୋଇଥିବା ବେଳେ ଆହତ ହୋଇଛନ୍ତି ୧୩ ପୋଲିସ୍ କର୍ମଚାରୀ। ସେପଟେ ପୋଲିସ୍ ୮୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ସହ ଶତାଧିକ ଟ୍ୟାକ୍ସି ଓ ଅଟୋ ଜବତ କରିଛି। ଯାତ୍ରୀଭଡ଼ା ବୃଦ୍ଧି ସହିତ ଅନ୍ୟ କେତେକ ଦାବିରେ ଓଡ଼ିଶା ଅନଲାଇନ୍ ଚାଳକ ମିଳିତ ମଂଚ ପକ୍ଷରୁ ଆନ୍ଦୋଳନ ବେଳେ ଏଭଳି ଅଭାବନୀୟ ଘଟଣା ଘଟିଛି। ଦିନ ପାଖାପାଖି ୧୦ଟା। ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଚାହୁଁ ଚାହୁଁ ଶହ ଶହ ସଂଖ୍ୟାରେ ଅନଲାଇନ୍ ଅଟୋ, ଟ୍ୟାକ୍ସି ଓ ବାଇକ୍ ଚାଳକ ନିଜ ନିଜର ଗାଡ଼ି ଧରି ପହଞ୍ଚି ଯାଇଥିଲେ ଆନ୍ଦୋଳନ ପାଇଁ। ହେଲେ ସମୟ ଗଡ଼ିବା ସହ ଡ୍ରାଇଭରମାନେ ରାଜରାସ୍ତାରେ ଆରମ୍ଭ କରିଦେଇଥିଲେ ଉତ୍ପାତ। ରୋଡ୍ ଉପରେ ନିଜ ନିଜର ଗାଡ଼ି ରଖି ଜନପଥରେ ଯାତାୟତକୁ କରିଦେଇଥିଲେ ଠପ୍। କେଇ ମିନିଟ୍ ମଧ୍ୟରେ ଉଭୟ ପାର୍ଶ୍ୱରେ ଲାଇନ୍ ହୋଇ ଅଟକି ଯାଇଥିଲେ ଆମ ■ ପୃଷ୍ଠା-୧୫

## ୪୦୦ ଗାଡ଼ି ଚିହ୍ନଟ, ବାତିଲ ହେବ ପରମିଟ୍

ରାଜଧାନୀରେ ବିଶୃଙ୍ଖଳା ସୃଷ୍ଟି କରିବା, ପୁଲିସକୁ ଆକ୍ରମଣ କରିବା ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜା ଘଟଣାରେ ସାମିଲ ଗାଡ଼ି ମାଲିକଙ୍କ ବିରୋଧରେ କଡ଼ା ହେବ ପରିବହନ ବିଭାଗ। ବିଶୃଙ୍ଖଳାରେ ବ୍ୟବହୃତ ସମସ୍ତ ଗାଡ଼ିର ପରମିଟ୍ ବାତିଲ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଯାଏଁ ପାଖାପାଖି ୪୦୦ଟି ଗାଡ଼ି ଚିହ୍ନଟ ହୋଇଥିବା ସୂଚନା ମିଳିଛି। କେବଳ ପରମିଟ୍ ବାତିଲ ନୁହେଁ, ସମ୍ପୃକ୍ତ ଗାଡ଼ିଗୁଡ଼ିକର ଜଉ ମଧ୍ୟ ରଦ୍ଦ କରିବାକୁ ପଦକ୍ଷେପ ନେବ ପରିବହନ ବିଭାଗ। ଏହାସହ ଆଗାମୀ ଦିନରେ ଯେପରି ଏହି ଗାଡ଼ିଗୁଡ଼ିକ ଓଡ଼ିଶାର କୌଣସି ସ୍ଥାନରେ ଚଳାଚଳ କରିନପାରନ୍ତି, ସେନେଇ ମଧ୍ୟ ବ୍ୟବସ୍ଥା କରାଯିବ। ବିଶୃଙ୍ଖଳାରେ ସାମିଲ ଥିବା ଗାଡ଼ିଗୁଡ଼ିକୁ ଚିହ୍ନଟ କରି ପରମିଟ୍ ■ ପୃଷ୍ଠା-୧୫

## ଦାରା ସିଂ ମୁକ୍ତି ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟଙ୍କ ତାଗିଦ୍

ନୂଆଦିଲ୍ଲୀ

ଗ୍ରାହମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂଙ୍କ ମୁକ୍ତି ଆବେଦନର ଶୁଣାଣି ପୁଣି ଘୁଞ୍ଚିଛି। ଦାରା ସିଂଙ୍କ ମୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବାକୁ ଓଡ଼ିଶା ବନ୍ଦୀ ମୁକ୍ତି ସମୀକ୍ଷା ବୋର୍ଡକୁ ସୁପ୍ରିମକୋର୍ଟ ଆଉ ଏକ ଶେଷ ସୁଯୋଗ ଦେଇଛନ୍ତି। ପୂର୍ବ ଶୁଣାଣିରେ ଆଜି ସୁଦ୍ଧା ଦାରା ସିଂଙ୍କ ମୁକ୍ତି ଆବେଦନ ଉପରେ ନିଷ୍ପତ୍ତି ନେବାକୁ ଓଡ଼ିଶା ସରକାରଙ୍କୁ କୁହାଯାଇଥିଲା। ତେବେ ଆଜିର ଶୁଣାଣିରେ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନଥିବା ସରକାରୀ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା। ମାମଲାକୁ ଆଉ କିଛି ସମୟ ଘୁଞ୍ଚାଇବାକୁ ସରକାରୀ ପକ୍ଷରୁ ଅନୁରୋଧ କରାଯାଇଥିଲା।ସରକାରଙ୍କ ଏହି ଅନୁରୋଧରେ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ। ଏପର୍ଯ୍ୟନ୍ତ ନିଷ୍ପତ୍ତି କାହିଁକି ନିଆଯାଇନାହିଁ ବୋଲି ବିଚାରପତିମାନେ ପ୍ରଶ୍ନ କରିଥିଲେ।

## ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ଶାରଳା ପୁରସ୍କାର

ଭୁବନେଶ୍ୱର(ବ୍ୟୁରୋ)

ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ ର ସାମାଜିକ ଶାଖା 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତି ପାଇଁ ପ୍ରଦାନ କରାଯାଉଥିବା ସ୍ମାରକୀ 'ଶାରଳା ପୁରସ୍କାର' ଚଳିତ ବର୍ଷ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ ତଥା ସିଏସଆଇଆର-ଆଇଏମଏମଟିର ପୂର୍ବତନ ବୈଜ୍ଞାନିକ ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯିବ। ୨୦୨୪ ମସିହାରେ ପ୍ରକାଶିତ ତାଙ୍କର କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥ୍ୱୀ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ମାନପତ୍ର, ତାମ୍ରଫଳକ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।୨୦୨୬ ମସିହାର ଏହି ମନୋନୟନ ପ୍ରକ୍ରିୟାରେ କବିତା, ଗଳ୍ପ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ନାଟକ ଭଳି ବିଭିନ୍ନ ବିଭାଗର ପୁସ୍ତକ ସାମିଲ ରହିଥିଲା, ଯାହା ଚଳିତ ବର୍ଷର ସାହିତ୍ୟିକ କୃତିର ବିବିଧତା ଓ ଗଭୀରତାକୁ ଦର୍ଶାଉଛି।

# ଏସ୍‌ସିବିରେ ହେବ ନୂଆ ମେଡିସିନ୍ ବ୍ଲକ

- ଆଧ୍ୟାତ୍ମିକ ଶୈଳୀରେ ରୂପାନ୍ତରିତ ହେବ ହନୁମାନ ବାଟିକା
- ବିଶ୍ୱସ୍ତରୀୟ ଏସ୍‌ସିବି ମେଗା ପ୍ରକଳ୍ପ: ୪ଟି କ୍ଲିନିକାଲ ବ୍ଲକ
- ଗୋଟିଏ ଆବାସିକ ବ୍ଲକ ନିର୍ମାଣ ଖୁବ୍‌ଶୀଘ୍ର ଶେଷ ହେବ
- ତାଳଦଣ୍ଡା କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ହେବ ଆଧୁନିକ ସୌନ୍ଦର୍ଯ୍ୟକରଣ



**ଭୁବନେଶ୍ୱର (ବ୍ୟୁରୋ)** କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ଏବଂ ଗୋଟିଏ ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆବାସିକ ବ୍ଲକର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା। ଏହା ସହିତ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଖୁବ୍ ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ମେଡିକାଲ ପରିସରକୁ ଆସୁଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଡାକ୍ତରମାନଙ୍କ ପାଇଁ ଯାତାୟାତ ଓ ପାର୍କିଂ ବ୍ୟବସ୍ଥାକୁ ସୁଗମ କରିବା ଏହି ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଏସସିବିକୁ ଆସୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଆଧୁନିକ ଚିକିତ୍ସା ସେବା ଯୋଗାଇଦେବା ପାଇଁ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଅଧୀନରେ ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ■ ପୃଷ୍ଠା-୧୫

## ହକି ବିଶ୍ୱକପ : ପାକିସ୍ତାନକୁ ବିଦାକଲା ଭାରତ

ନୂଆଦିଲ୍ଲୀ



ଭାରତୀୟ ହକି ଦଳ ବୁଧବାର ନେଦରଲାଣ୍ଡସ୍‌ର ଆମ୍ସଟଲଭେନ୍ ଷ୍ଟାଡିୟମରେ ବିଶ୍ୱକପ୍ ୨୦୨୬ର ପୁଲ-ଡି' ମୁକାବିଲାରେ ପାକିସ୍ତାନକୁ ୫-୩ ଗୋଲରେ ପରାସ୍ତ କରିଛି। ଭାରତ ଏବଂ ପାକିସ୍ତାନ ଟିମ୍ ମଧ୍ୟରେ ୧୬ ବର୍ଷର ଅପେକ୍ଷା ପରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଛି। ଉଭୟଙ୍କ ମଧ୍ୟରେ ୨୦୧୦ରେ ବିଶ୍ୱକପ୍‌ରେ ମୁକାବିଲା ହୋଇଥିଲା। ସେହି ମ୍ୟାଚ୍‌ରେ ଭାରତ ୪-୧ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏବେ ପୁଣି ପାକିସ୍ତାନକୁ ଭାରତ ପରାସ୍ତ କରି କୋଟିକୋଟି ଭାରତୀୟ ହକିପ୍ରେମୀଙ୍କ ହୃଦୟ ଜିତିଛନ୍ତି ଆମ ଖେଳାଳି। ଏହି ବିଜୟ ସହିତ ଭାରତ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ବେଳେ ପାକିସ୍ତାନର ବିଦାୟ ହୋଇଛି।

ମ୍ୟାଚ୍ ଆରମ୍ଭରୁ ଭାରତର ପ୍ରଭାବ ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟରରେ ଟିମ୍ ଇଣ୍ଡିଆର ଅଧିନାୟକ ହରମନପ୍ରୀତ ସିଂହ (୫ ମିନିଟ୍) ଏବଂ ଅଭିଷେକ (୧୧ ମିନିଟ୍)ରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଏହା ପରେ ଦ୍ୱିତୀୟ କ୍ୱାର୍ଟରରେ କଡ଼ା ମୁକାବିଲା ହୋଇଥିଲା। ପାକିସ୍ତାନୀ ଦଳ ଭାରତ ଉପରେ ୨ଟି ଗୋଲ୍ ଦେଇଥିଲା। ଭାରତ ମଧ୍ୟ ପାକିସ୍ତାନ ଉପରେ ୨ଟି ଗୋଲ୍ ଦେଇଥିଲା। ୨୧ମିନିଟ୍‌ରେ ହରମନପ୍ରୀତ ଏବଂ ୨୪ମିନିଟ୍‌ରେ ଅଭିଷେକ ଗୋଲ୍ ମାରିଥିଲେ। ପାକିସ୍ତାନ ପାଇଁ ହନ୍ନାନ ଶାହିଦ (୨୨ମିନିଟ୍) ଏବଂ ସୁଫିୟାନ ଖାନ (୨୫ମିନିଟ୍) ଗୋଲ୍ ଦେଇଥିଲେ। ପାକିସ୍ତାନ ପାଇଁ ହନ୍ନାନ ■ ପୃଷ୍ଠା-୧୫

## ରାଜ୍ୟ ବିକାଶକୁ ବିଜେପିର ଅଣଦେଖା

# ଦଳୀୟ ପ୍ରୀତି ଅପେକ୍ଷା ମାଟିର ସ୍ୱାର୍ଥ ଆଗ

ସଂସଦରେ ଏମ୍‌ଏମ୍‌ଡିଆର ସଂଶୋଧନ ବିଲ୍ ପାସ୍ ହେବାକୁ ନେଇ ତୀବ୍ର ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ କଡ଼ା ସମାଲୋଚନା କରିଛନ୍ତି ବିଜେଡି ଓ କଂଗ୍ରେସ। ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେହି ବଡ଼ ନୁହେଁ ବୋଲି କହିବା ସହ ଦଳୀୟ ସ୍ୱାର୍ଥ ଛାଡ଼ି ମାଟିର ସ୍ୱାର୍ଥ ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ପିସିସି ଅଧ୍ୟକ୍ଷ ଭକ୍ତ ଦାସ ବି ଏନେଇ ସ୍ୱର ଶାଣିତ କରି ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି।





- ଏମ୍‌ଏମ୍‌ଡିଆର୍ ବିଲ୍‌କୁ ବିରୋଧୀ ଦଳଙ୍କ ତୀବ୍ର ବିରୋଧ
- ଗୃହରେ ବିଜେପି ସାଂସଦ କର୍ତ୍ତବ୍ୟରେ ହେଳା କରିଛନ୍ତି
- ଚାଷୀ ସମସ୍ୟାକୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବିଜେଡି
- ସରକାର ଭାଗ ଚାଷୀଙ୍କ ଅଧିକାରକୁ ଛଡ଼େଇ ନେଇଛନ୍ତି

ଭୁବନେଶ୍ୱର (ବ୍ୟୁରୋ)

ଏମ୍‌ଏମ୍‌ଡିଆର ସଂଶୋଧନ ବିଲ୍ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାରକୁ ଦୁର୍ବଳ କରିଛି। ଓଡ଼ିଶାରେ ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଥିବା ସତ୍ତ୍ୱେ ନିଜ ଖଣିରୁ ରାଜ୍ୟ ନିଜ ଲୋକଙ୍କ କଲ୍ୟାଣ ପାଇଁ କାହିଁକି କର ସଂଗ୍ରହ କରିପାରିବ ନାହିଁ ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ନବୀନ କହିଛନ୍ତି, ଦୀର୍ଘ ୨୪ ବର୍ଷ ଧରି ସେ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲେ। କିନ୍ତୁ ୨୦୨୪ରେ ନୂଆ ବିଜେପି ସରକାର ଆସିବାର ମାତ୍ର ଦୁଇବର୍ଷ ମଧ୍ୟରେ ସବୁକିଛି ବଦଳିଯାଇଛି। ଏବେ ଓଡ଼ିଶାକୁ କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଲୋକସଭାରେ ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ ଥିବା ସତ୍ତ୍ୱେ ରାଜ୍ୟର ସ୍ୱାର୍ଥ ପାଇଁ କେହି ସ୍ୱର ଉଠାଇଲେ ନାହିଁ ବୋଲି ନବୀନ ଅଭିଯୋଗ କରିଛନ୍ତି। ଓଡ଼ିଶାର ସ୍ୱାର୍ଥ ପାଇଁ ସାଂସଦମାନେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ସେ କହିଛନ୍ତି। ଅନ୍ୟପଟେ କେବଳ ବିଜେଡି ରାଜ୍ୟସଭାରେ ଏହି ବିଲ୍‌କୁ ଦୃଢ଼ ବିରୋଧ କରିଥିବା ନବୀନ ଦାବି କରିଛନ୍ତି। ଏହି ବିଲ୍ ଯୋଗୁଁ ଓଡ଼ିଶା ବଡ଼ କ୍ଷତି ସହିବ କି ନାହିଁ, ତାହାକୁ ନେଇ ମଧ୍ୟ ନବୀନ ପ୍ରଶ୍ନ ଉଠାଇଛନ୍ତି। ଆଗାମୀ ପିଢ଼ି ଓ ଜେନ୍-ଜିଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିବା ସହ ଓଡ଼ିଶାକୁ ଦୁର୍ବଳ କରିବା ପାଇଁ ଚାଲିଥିବା କୌଣସି ଚକ୍ରାନ୍ତକୁ ରାଜ୍ୟବାସୀ ବରଦାସ୍ତ କରିବେ ନାହିଁ ବୋଲି ନବୀନ କହିଛନ୍ତି।

ଆଜି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ ଶେଷ ହୋଇଛି। ଚାଷୀ ସମସ୍ୟା, ଏମଏମଡିଆର ସଂଶୋଧନ ବିଲ୍, ବହି ତ୍ରୁଟି ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇବ ବିଜୁ ଜନତା ଦଳ। ଏନେଇ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡି ସରକାର ସମୟରେ ଭାଗ ଚାଷୀ ସୁରୁଖୁରୁରେ ପଞ୍ଜୀକରଣ କରୁଥିଲେ। ବର୍ତ୍ତମାନର ବିଜେପି ସରକାର ଭାଗ ଚାଷୀଙ୍କ ଅଧିକାରକୁ ଛଡେଇ ନେଇଛନ୍ତି। ସରକାର ଚାହୁଁ ନାହାନ୍ତି ଚାଷୀ ଅଧିକ ଅମଳ କରୁ। ପୂର୍ବଭଳି ଭାଗ ଚାଷୀଙ୍କୁ ପଞ୍ଜୀକରଣ କରିବାକୁ ସହଜ କରାନ୍ତୁ।

ଗତ ସରକାରରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଧାନ କିଣିବାକୁ ସୁଯୋଗ ଦେଇଥିଲା। କିନ୍ତୁ ବିଜେପି ସରକାର ୫୮୦ରୁ ଅଧିକ ଏସଏଚଜିଙ୍କୁ ବନ୍ଦ କରିଛି। ଏକଥାକୁ ଆମେ ଦୃଢ଼ ବିରୋଧ କରିବୁ। ତୁରନ୍ତ ସମାଧାନ ନକଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଓଡ଼ିଶାରୁ ୨୦ ଜଣ ସାଂସଦ ଅଛନ୍ତି। ହେଲେ ଓଡ଼ିଶା ବିରୋଧୀ ଏମଏମଡିଆର ବିଲ୍ କେମିତି ପାସ୍ ହେଲା। ଏବେ ■ ପୃଷ୍ଠା-୧୫

**ରାଜନୀତିକ ଛକାପଞ୍ଝା ଭିତରେ ବିଜେପି ଏକ ନୂଆ ଟିମ୍ ଘୋଷଣା କରିଛି। ଏହି ଟିମ୍ ଆଗାମୀ ଦିନରେ ଦେଶର ରାଜନୈତିକ ଦୃଶ୍ୟପଟ ବଦଳାଇବ ଓ ଦଳକୁ ବେଶ ଫାଇଦା ଆଣିଦେବ ବୋଲି କୁହାଯାଉଛି। ବିଜେପି ଜାତୀୟ ଅଧ୍ୟକ୍ଷ ନୀତିନ ନବୀନ ଏହି ଜୁମ୍ବୋ ଟିମ୍ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ଦଳୀୟ ଶୃଙ୍ଖଳା ରକ୍ଷା ସହ ସାଂଗଠନିକ ସ୍ଥିତିରେ ସୁଧାର ଆଣିବା ଓ ନିର୍ବାଚନ ବୈତରଣୀ ପାର୍ ହେବାରେ ଏହି ଟିମ୍ ସକ୍ରିୟ ହୋଇ କାମ କରିବ ବୋଲି ଘୋଷଣା କରାଯାଇଛି। ୨୦୨୭ରେ ଉତ୍ତରପ୍ରଦେଶ ସମେତ ୭ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସେଥିଲାଗି ଏବେଠାରୁ ଦଳୀୟ ପଦାଧିକାରୀ ଚୟନ ଓ ସାଂଗଠନିକ ସୁଧାର ଲାଗି ଦଳ ପ୍ରୟାସ ଆରମ୍ଭ କରିଦେଇଛି। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ କ୍ଷମତାସୀନ ରହିଥିବା ବେଳେ ଏବେର ସାଂଗଠନିକ ପରିବ ର୍ନ ବିଜେପିକୁ କିଭଳି ସାହାଯ୍ୟ କରିବ, ତାହା ସମୟ ହିଁ କହିବ।**



# ବିଜେପିର ରାଜନୈତିକ ଚକ୍ରବ୍ୟୂହ

**ସୁଶାନ୍ତ କୁମାର ଦାସ**

ବିଜେପିର ଚତୁର ଗୋଟିଚାଳନା କଥା କାହାରିକୁ ଅଛପା ନାହିଁ। ଅଙ୍ଗ, ବଙ୍ଗ ଓ କଳିଙ୍ଗ ଦଖଲ କରିବା ପରେ ଦଳ ଏବେ ଫୁଲ୍ ସ୍ପିଡ୍‌ରେ ମାଡ଼ିଚାଲିଛି। ଅଧିକ ଶକ୍ତି ଗୋଟାଇବା ଓ ବଳ କଷିବା ଲାଗି ଏହି ସାଂଗଠନିକ ସୁଦୃଢ଼ୀକରଣର ଆବଶ୍ୟକତା ରହିଥିଲା। ଏବେ ନୂଆ ଟିମ୍ ଗଠନ ହେବା ପରେ ବିଜେପିର ମିଶନ-୨୦୨୭ ଓ ପରେ ମିଶନ- ୨୦୨୯ କିଭଳି ଫଳବତୀ ହେଉଛି, ଦେଖିବା ବାକି ରହିଲା।

## ଉତ୍ତରପ୍ରଦେଶକୁ ସର୍ବାଧିକ ଗୁରୁତ୍ୱ

ନୀତିନ ନବୀନଙ୍କ ଏହି ଟିମ୍‌ରେ ଉତ୍ତର ପ୍ରଦେଶର ୮ ଜଣ ନେତା ପଦବୀ ପାଇଛନ୍ତି। ଏହା ମାଧ୍ୟମରେ ବିଜେପି ୟୁପିରେ ୨୦୨୭ ବିଧାନସଭା ନିର୍ବାଚନ ପାଇଁ ମୂଳଦୁଆ ପକାଇବାକୁ ଲକ୍ଷ୍ୟ ରଖିଛି ଏବଂ ସମାଜବାଦୀ ପାର୍ଟିକୁ ଘେରାବନ୍ଦୀ କରିବା ପାଇଁ ଏକ ରାଜନୈତିକ ରଣନୀତି ପ୍ରସ୍ତୁତ କରୁଛି। ଦଳ ୟୁପିରୁ ଦୁଇଜଣ ଉପାଧ୍ୟକ୍ଷ, ଦୁଇଜଣ ଜାତୀୟ ସାଧାରଣ ସମ୍ପାଦକ, ଦୁଇଜଣ ଜାତୀୟ ସମ୍ପାଦକ ଏବଂ ଦୁଇଜଣ ମୋର୍ଚ୍ଚା ସଭାପତିଙ୍କୁ ନିଯୁକ୍ତ କରିଛି। ଏହି ପଦକ୍ଷେପଗୁଡ଼ିକ ମୁସଲମାନ ଭୋଟରଙ୍କୁ ଆକର୍ଷିତ କରିବାର ପ୍ରୟାସକୁ ମଧ୍ୟ ପ୍ରତିଫଳିତ କରେ। ନୂଆ ଟିମ୍‌ରେ ସାମିଲ ହୋଇଥିବା ପୂର୍ବତନ ଏମ୍‌ପି ରେଖା ବର୍ମା ଏବଂ ପ୍ରଫେସର ତାରିକ ମନସୁରଙ୍କୁ ଉପାଧ୍ୟକ୍ଷ, ପୂର୍ବତନ ଏମ୍‌ପି ସ୍ମୃତି ଇରାନୀ ଏବଂ ହରିଶ ଦ୍ୱିବେଦୀଙ୍କୁ ଜାତୀୟ ସାଧାରଣ ସମ୍ପାଦକ, ଏମ୍‌ପି ଭୋଳା ସିଂହ ଏମ୍‌ପି ସଙ୍ଗୀତ ଯାଦବଙ୍କୁ ଜାତୀୟ ସମ୍ପାଦକ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ସହିତ, ଅମର ପାଲ ମୌର୍ଯ୍ୟଙ୍କୁ ଓବିସି ମୋର୍ଚ୍ଚାର ସଭାପତି ଭାବରେ ନିଯୁକ୍ତ କରାଯାଇଛି ଏବଂ କୁନୱାର ବାସିତ ଅଲିଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବରେ ନିଯୁକ୍ତ କରାଯାଇଛି। ହରିଶ ଦ୍ୱିବେଦୀଙ୍କ ନିଯୁକ୍ତିକୁ ରାଜ୍ୟରେ ବ୍ରାହ୍ମଣ ଭୋଟରଙ୍କ ସମର୍ଥନକୁ ସୁଦୃଢ଼ କରିବା ପାଇଁ ଏକ ପଦକ୍ଷେପ ଭାବରେ ଦେଖାଯାଉଛି। ଓବିସି ସମ୍ପ୍ରଦାୟରୁ ଆସିଥିବା ରେଖା ବର୍ମାଙ୍କୁ ଦାୟିତ୍ୱ ଦେଇ କୁର୍ମି ସମ୍ପ୍ରଦାୟ ସହିତ ରାଜନୈତିକ ସମ୍ପର୍କକୁ ମଜବୂତ କରିବାକୁ ଲକ୍ଷ୍ୟ ରଖିଛି।

## ମୁଖ୍ୟ ଧାରାରେ ସ୍ମୃତି ଇରାନୀ

ସ୍ମୃତି ଇରାନୀଙ୍କୁ ରାଜନୈତିକ ମୁଖ୍ୟଧାରାକୁ ଫେରାଇ ଅଣାଯାଇଛି ଏବଂ ସେ ଆଗାମୀ ୟୁପି ନିର୍ବାଚନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଜାତୀୟ ସଚିବମାନଙ୍କ ମଧ୍ୟରେ, ବୁଲନ୍ଦସହରରୁ ତିନି ଥର ଏମ୍‌ପି ହୋଇଥିବା ଭୋଲା ସିଂହ ଅନୁସୂଚିତ ଜାତି ସମ୍ପ୍ରଦାୟର ପ୍ରତିନିଧିତ୍ୱ କରନ୍ତି। ତାଙ୍କର ନିଯୁକ୍ତି ଏହି ଜନସଂଖ୍ୟା ସହିତ ଏହାର ସମ୍ପର୍କ ବଜାୟ ରଖିବା ଏବଂ ମଜବୂତ କରିବା ପାଇଁ ବିଜେପିର ରଣନୀତିର ଏକ ଅଂଶ।







ଗାଜିପୁରରୁ ରାଜ୍ୟ ସଭା ଏମ୍‌ପି ସଙ୍ଗୀତ ଯାଦବ ଜାତୀୟ ସମ୍ପାଦକ ଭାବରେ ନିଯୁକ୍ତ କରାଯାଇ ପୂର୍ବାଞ୍ଚଳ ଅଞ୍ଚଳରେ ଯାଦବ ଭୋଟ ସୁରକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୨ ନିର୍ବାଚନରେ ପରାଜିତ ହୋଇଥିବା ରାଜ୍ୟ ସଭା ଏମ୍‌ପି ଅମର ପାଲ ମୌର୍ଯ୍ୟଙ୍କୁ ଭାଜପା ଏକ ପ୍ରମୁଖ ଓବିସି ମୁହଁ ଭାବରେ ପ୍ରୋଜେକ୍ଟ କରିଛି। ମୁସଲମାଦ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ, ତାରିକ ମନସୁରଙ୍କୁ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି ଏବଂ କୁନୱାର ବାସିତ ଅଲିଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି କରାଯାଇଛି। ଏହି ବିଜେପି ତାଲିକାରେ ୟୁପିର ସମାଜର ସମସ୍ତ ବର୍ଗର ପ୍ରତିନିଧିତ୍ୱ ଅନ୍ତର୍ଭୁକ୍ତ, ଯାହାକୁ ସମାଜବାଦୀ ପାର୍ଟି ଏବଂ ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ସେମାନଙ୍କର 'ପିଡିଏ' ଫର୍ମୁଲାରେ ଉଲ୍ଲେଖ କରିଆସୁଛନ୍ତି।

ୟୁପିର ବିରୋଧୀ ଦଳ ୨୦୨୭ ନିର୍ବାଚନରେ ବିଜେପିକୁ ପରାସ୍ତ କରିବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ବିଜେପି ନୂଆ ଟିମ୍ ଘୋଷଣା ସହ ବିରୋଧୀଙ୍କୁ ଚକ୍‌ମା ଦେବାକୁ ଲକ୍ଷ୍ୟ ରଖିଛି।

## ବସୁନ୍ଧରା ଓ ରାମ ମାଧବଙ୍କୁ ଗୁରୁଦାୟିତ୍ୱ

ନୂଆ ଟିମ୍‌ରେ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ଓ ବିଜେପିର ପୂର୍ବତନ ସାଧାରଣ ସମ୍ପାଦକ ରାମ ମାଧବଙ୍କୁ ମିଳିଛି ଗୁରୁଦାୟିତ୍ୱ। ଉଭୟ ନୂଆ ଅଧ୍ୟକ୍ଷଙ୍କ ଟିମ୍‌ରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ପାଇଛନ୍ତି। ସେହିପରି ଓଡ଼ିଶାର କେନ୍ଦ୍ରାପଡ଼ାରୁ ଲୋକସଭାକୁ ଯାଇଥିବା ବୈଜୟନ୍ତ ପଣ୍ଡା ପୂର୍ବଭଳି ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ବିଜେପି ପକ୍ଷରୁ ବସୁନ୍ଧରା, ବୈଜୟନ୍ତ ଓ ମାଧବଙ୍କ ସମେତ ମୋଟ ୧୩ ଜଣଙ୍କୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ କରାଯାଇଛି। ଏହି ତାଲିକାରେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତୀର୍ଥ ସିଂହ ରାୱତ, ଡି ପୁରନ୍ଦେଶ୍ୱରୀ, ରେଖା ବର୍ମା, ବର୍ଷାବେନ ନରେନ୍ଦ୍ରଭାଇ ଦୋଶୀ, ଭାରତୀ ପ୍ରବୀଣ ପାୱାର, ମନପ୍ରୀତ ସିଂହ ବାଦଲ, ଲାଲ ସିଂହ ଆର୍ଯ୍ୟ, ଏମ ନାଗରାଜା, ତାରିକ ମନସୁର ଓ ମଧୁଚନ୍ଦ୍ର କର ରହିଛନ୍ତି। ବସୁନ୍ଧରା, ବୈଜୟନ୍ତ, ରେଖା ବର୍ମା ଓ ତାରିଖ ମନସୁର ପୂର୍ବରୁ ମଧ୍ୟ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ।

## ୮ ନେତାଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ

ଟିମ୍‌ରେ ୮ ଜଣ ବରିଷ୍ଠ ନେତାଙ୍କୁ ବିଜେପି ଜାତୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦେଇଛି। ସ୍ମୃତି ଇରାନୀଙ୍କ ବ୍ୟତୀତ ନୀତିନ ନବୀନଙ୍କ ଟିମରେ ବିନୋଦ ତାୱଡେ, ସୁନୀଲ ବଂଶଲ, ବିପ୍ଳବ କୁମାର ଦେବ, ସତୀଶ ପୁନିଆ, ଗଜେନ୍ଦ୍ର ପଟେଲ, ହରିଶ ଦ୍ୱିବେଦୀ ଓ ସଞ୍ଜୟ ଭାଟିଆ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ସମ୍ପାଦନ କରିବେ। ୧୩ ଜଣ ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କ ମଧ୍ୟରେ ୬ ଜଣ ମହିଳା ରହିଥିବା ବେଳେ ୮ ଜଣ ଜାତୀୟ ମହାସଚିବ ବା ସାଧାରଣ ସମ୍ପାଦକଙ୍କ ମଧ୍ୟରେ କେବଳ ସ୍ମୃତି ଇରାନୀ ହିଁ ଏକମାତ୍ର ମହିଳା। ଏପଟେ ବିଜେପିର ସାଂଗଠନିକ ସମ୍ପାଦକ ବିଏଲ ସନ୍ତୋଷ ପୂର୍ବଭଳି ଜାତୀୟ ସାଧାରଣ ସମ୍ପାଦକ(ସଂଗଠନ) ଭାବେ କାର୍ଯ୍ୟ କରିବେ। ଶିବପ୍ରକାଶ ଓ ସୌଦାନ ସିଂହଙ୍କୁ ଜାତୀୟ ଯୁଗ୍ମ ସମ୍ପାଦକ(ସଂଗଠନ) ଭାବେ ନିଯୁକ୍ତ କରାଯାଇଛି।

## ପୀୟୂଷ ଗୋଏଲଙ୍କୁ କୋଷାଧ୍ୟକ୍ଷ ପଦ



କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ବିଜେପି ଜାତୀୟ କୋଷାଧ୍ୟକ୍ଷ ଦାୟିତ୍ୱ ଦେଇଛି। ରାଜେଶ ମଙ୍ଗଲ ଜାତୀୟ ଯୁଗ୍ମ କୋଷାଧ୍ୟକ୍ଷ ଦାୟିତ୍ୱ ପାଇଛନ୍ତି। ଅନୀଲ ଆଣ୍ଟୋନି ଜାତୀୟ ସଚିବ ପଦ ବଜାୟୀ ରଖିଥିବା ବେଳେ ଅନୀଲ ବାଲୁନି ଦଳର ପ୍ରମୁଖ ଜାତୀୟ ମିଡିଆ ଦାୟିତ୍ୱରେ ପୂର୍ବଭଳି କାମ କରିବେ। କଂଗ୍ରେସର ପୂର୍ବତନ ମୁଖପାତ୍ର ରୋହନ ଗୁପ୍ତାଙ୍କୁ ବିଜେପିର ଜାତୀୟ ସାମ୍ପାଦକ ପଦକୁ ପଦୋନ୍ନତି ଦିଆଯାଇଛି। ସେହିପରି ନର୍ଥ ଇଷ୍ଟର ସଂଯୋଜକ ଭାବେ ସମ୍ବିତ ପାତ୍ରଙ୍କୁ ନିଯୁକ୍ତ କରାଯାଇଛି।

## ବାଦ୍ ପଡ଼ିଲେ ଅମିତ ମାଲବ୍ୟ

ନୀତିନ ନବୀନଙ୍କ ନୂଆ ଟିମରେ ଅମିତ ମାଲବ୍ୟଙ୍କୁ ସ୍ଥାନ ମିଳିନାହିଁ। ତାଙ୍କ ସ୍ଥାନରେ ଛତିଶଗଡ଼ର ଦୀପକ ମହସ୍କେଙ୍କୁ ଭାଜପା ଆଇଟି ସେଲ୍‌ର ଜାତୀୟ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ଦଳର ନୂଆ ଜାତୀୟ ଟିମରେ ସ୍ଥାନ ନମିଳିବା ପରେ ଅମିତ ମାଲବ୍ୟଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେ ଦୀପକ ମହସ୍କେଙ୍କ ସମେତ ଭାଜପାର ସମସ୍ତ ନୂଆ ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ବିଜେପିର ନୂଆ ଟିମ୍‌ର ଘୋଷଣା ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ହୋଇଛି, ଯେତେବେଳେ ଦଳ ନୂଆ ଉଚ୍ଚତା ଛୁଇଁବା ସହ ନିଜର ବାର୍ତ୍ତା ଏବଂ ସଂଗଠନକୁ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚାଇବା ପାଇଁ ପ୍ରସ୍ତୁତି କରୁଛି। ଅମିତ ମାଲବ୍ୟଙ୍କୁ ୨୦୧୫ରେ ଭାଜପା ଆଇଟି ସେଲର ମୁଖ୍ୟ ଦାୟିତ୍ୱ ଦିଆଯାଇଥିଲା। ନିଜ କାର୍ଯ୍ୟକୁ ମନେ ପକାଇ ସେ କହିଛନ୍ତି, ଗତ ଏକ ଦଶନ୍ଧି ଧରି ମୁଁ ଏମାନଙ୍କ ସହ ମିଶି କାମ କରିବାର ସୁଯୋଗ ପାଇଛି। ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ଯେ, ସେମାନଙ୍କ ନେତୃତ୍ୱରେ ଭାଜପାର ଡିଜିଟାଲ କମ୍ୟୁନିକେସନ ନୂଆ ସ୍ତରରେ ପହଞ୍ଚିବ ଏବଂ ସମ୍ପୂର୍ଣ୍ଣ ବିଶ୍ୱାସ, ସୃଜନଶୀଳତା ଓ ସ୍ୱଷ୍ଟତା ସହ ଭାରତର ଜନ ଚର୍ଚ୍ଚାକୁ ଆକାର ଦେବା ଜାରି ରଖିବ।

## ନୂଆ ଟିମ୍‌ରେ ୧୩ ମହିଳା ସାମିଲ

ଭାଜପାର ନୂତନ ସଭାପତି ନୀତିନ ନବୀନଙ୍କ ନେତୃତ୍ୱରେ ନୂତନ ଜାତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ପୂର୍ବରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ବ୍ୟାପୀ ଦେଶର ନେତାମାନେ ସାମିଲ ଅଛନ୍ତି। ଆସନ୍ତା ବର୍ଷ ୭ଟି ରାଜ୍ୟରେ ହେବାକୁ ଥିବା ନିର୍ବାଚନକୁ ଆଖି ଆଗରେ ରଖି ବିଜେପି ଏହି ନୂତନ ଦଳ ଗଠନ କରିଛି। ବିଜେପିର ନୂତନ ଜାତୀୟ ଦଳରେ ୧୩ ମହିଳାଙ୍କୁ ସାମିଲ କରାଯାଇଛି। ଏହା ସହିତ, ଅନେକ ପ୍ରମୁଖ ବ୍ୟକ୍ତିଙ୍କୁ ବାଦ ଦିଆଯାଇଥିବା ବେଳେ ନୂତନ ମୁହଁଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି।

## କେଉଁଠାରୁ କିଏ ନୂଆ ଟିମ୍‌ରେ ସାମିଲ

ଦିଲ୍ଲୀରୁ ରାମ ମାଧବଙ୍କୁ ଜାତୀୟ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ବି.ଏଲ. ସନ୍ତୋଷଙ୍କୁ ଜାତୀୟ ସାଧାରଣ ସମ୍ପାଦକ (ସଂଗଠନ) ଦାୟିତ୍ୱ ଦିଆଯାଇଛି। ସୁନୀଲ ବଂଶଲଙ୍କୁ ଜାତୀୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ସନ୍ଦୀପ ପାଠକ, ସ୍ୱଦେଶ ସିଂହ ଏବଂ ଜୟ ପ୍ରକାଶଙ୍କୁ ଜାତୀୟ ସମ୍ପାଦକ ନିଯୁକ୍ତ କରାଯାଇଛି। ମହାରାଷ୍ଟ୍ରରୁ ବିଜେପିର ନୂତନ ଟିମ୍‌ରେ, ଭାରତୀ ପାୱାର (ମହାରାଷ୍ଟ୍ରରୁ)ଙ୍କୁ ଜାତୀୟ ଉପାଧ୍ୟକ୍ଷ ଏବଂ ଶିବପ୍ରକାଶଙ୍କୁ ଜାତୀୟ ଯୁଗ୍ମ ସାଧାରଣ ସମ୍ପାଦକ (ସଂଗଠନ) ନିଯୁକ୍ତ କରାଯାଇଛି। ବିନୋଦ ତାୱଡେଙ୍କୁ ଜାତୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି ଏବଂ ପୀୟୂଷ ଗୋୟଲଙ୍କୁ ଜାତୀୟ କୋଷାଧ୍ୟକ୍ଷ କରାଯାଇଛି। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କୁ ନୂତନ ଦଳରେ ଜାତୀୟ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସତୀଶ ପୁନିଆଙ୍କୁ



ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଏହା ସହିତ, ରାଜେଶ ମଙ୍ଗଲଙ୍କୁ ଜାତୀୟ ଯୁଗ୍ମ କୋଷାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଉତ୍ତରାଖଣ୍ଡରୁ ତୀର୍ଥ ସିଂହ ରାୱତଙ୍କୁ ଜାତୀୟ ଉପାଧ୍ୟକ୍ଷ ଏବଂ ମହେନ୍ଦ୍ର ପାଣ୍ଡେଙ୍କୁ ଉତ୍ତରାଖଣ୍ଡରୁ ଜାତୀୟ କାର୍ଯ୍ୟାଳୟ ସମ୍ପାଦକ ନିଯୁକ୍ତ କରାଯାଇଛି। ମଧ୍ୟପ୍ରଦେଶର ଲାଲ ସିଂହ ଆର୍ଯ୍ୟଙ୍କୁ ଜାତୀୟ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଗଜେନ୍ଦ୍ର ପଟେଲଙ୍କୁ ଜାତୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି ଏବଂ କବିତା ପାଟିଦାରଙ୍କୁ ଜାତୀୟ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଗୁଜରାଟର ବର୍ଷବେନ ନରେନ୍ଦ୍ରଭାଇ ଦୋଷୀଙ୍କୁ ଜାତୀୟ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଜଗଦୀଶ ଈଶ୍ୱରଭାଇ ପଟେଲ ଏବଂ ରୋହନ ଗୁପ୍ତାଙ୍କୁ ଜାତୀୟ ସମ୍ପାଦକ ନିଯୁକ୍ତ କରାଯାଇଛି। ହେମାଙ୍ଗ ଜୋଶୀଙ୍କୁ ଯୁବ ମୋର୍ଚ୍ଚା (ଯୁବ ଶାଖା)ର ସଭାପତି ନିଯୁକ୍ତ କରାଯାଇଛି। ହରିୟାଣାରୁ ସଞ୍ଜୟ ଭାଟିଆଙ୍କୁ ଜାତୀୟ ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତ କରିଛି। ପଞ୍ଜାବରୁ ମନପ୍ରୀତ ସିଂହ ବାଦଲ, ସୁଖବୀର ସିଂହ ବାଦଲଙ୍କ ସମ୍ପର୍କୀୟ ଭାଇଙ୍କୁ ଜାତୀୟ ଉପାଧ୍ୟକ୍ଷର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ସୌଦାନ ସିଂହଙ୍କୁ ଜାତୀୟ ଯୁଗ୍ମ ସାଧାରଣ ସମ୍ପାଦକ (ସଂଗଠନ) ଭାବରେ ନିଯୁକ୍ତ କରାଯାଇଛି। ଏହା ସହିତ ତରୁଣ ଚୁଗଙ୍କୁ ଜାତୀୟ କାର୍ଯ୍ୟାଳୟ ପ୍ରଭାରୀ ଭାବରେ ନିଯୁକ୍ତ କରାଯାଇଛି।

## ଓଡ଼ିଶାରୁ ୨ ନେତା ସାମିଲ

ଓଡ଼ିଶାରୁ ୨ ଜଣଙ୍କୁ ନୀତିନ ନବୀନଙ୍କ ଟିମ୍‌ରେ ନିଆଯାଇଛି। ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ ବୈଜୟନ୍ତ ପଣ୍ଡାଙ୍କୁ ପୁନଃ ଦାୟିତ୍ୱ ଦିଆଯାଇଛି। ସେହିପରି ନର୍ଥ ଇଷ୍ଟର ସଂଯୋଜକ ଭାବେ ସମ୍ବିତ ପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ଏହି ଦୁଇ ବିଜେପି ନେତା ସାଂଗଠନିକ ବିକାଶ ଲାଗି କାମ କରିବେ ବୋଲି କୁହାଯାଉଛି। ହେଲେ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୌଣସି ଦାୟିତ୍ୱ ବିଜେପି ପକ୍ଷରୁ ଦିଆଯାଇନାହିଁ। ଜେନ୍ ଜିଙ୍କ ଗର୍ଜନ ପରେ ନ୍ମମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଇଥିଲେ।





### ଦୁଃସ୍ଥିତିରେ କଳମପୁର ବିଜୁ କଲ୍ୟାଣ ମଣ୍ଡପ

# ଆବର୍ଜନାରୁ ଦୁର୍ଗନ୍ଧରେ ଫାଟୁଛି ଆଖପାଖ ଅଞ୍ଚଳ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳବାସ ବାସୀଙ୍କ ବିବିଧ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୁବିଧା ପାଇଁ ପୂର୍ବ ସରକାରଙ୍କ ସମୟରେ ନିର୍ମିତ 'ବିଜୁ କଲ୍ୟାଣ ମଣ୍ଡପ' ଏବେ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ଦେଖିବାକୁ ମିଳିଛି । ଲକ୍ଷ ଲକ୍ଷ ଟଙ୍କାର ବ୍ୟୟବରାଦରେ ନିର୍ମିତ ଏହି ମଣ୍ଡପଟି ଆଜି ସରକାରୀ ରକ୍ଷଣା ବେକ୍ଷଣର ଅଭାବରୁ ଅଳିଆ ଆବର୍ଜନାରେ ପରିପୂର୍ଣ ହୋଇଛି । ଗାଁ ଓ ପଡ଼ାଗୁଡ଼ିକରେ ସ୍ଥାନର ଅଭାବ ହେତୁ ସଭାସମିତି, ବିବାହ ଓ ବ୍ରତଘର ଭଳି ଉତ୍ସବଗୁଡ଼ିକ ବାଧହୋଇ ରାସ୍ତା ଉପରେ କରିବାକୁ ପଡୁଥିଲା, ଯାହା ସାଧାରଣ ଯାତାୟାତରେ ଅନେକ ଅସୁବିଧା ସୃଷ୍ଟି କରୁଥିଲା । ଏହି ମଣ୍ଡପ ନିର୍ମାଣ ହେବା ପରେ ସ୍ଥାନୀୟ ଲୋକେ କିଛିଟା ଆଶ୍ୱସ୍ତ ହୋଇଥିଲେ । ବ୍ଲକ୍ ପ୍ରଶାସନ ହାତରେ ଏହାର ପରିଚାଳନା ଦାୟିତ୍ୱ ଥିଲେ ହେଁ, ଆଜି ଏ ଜନହିତକାରୀ ପ୍ରକଳ୍ପ ନିଜ ଅସ୍ତିତ୍ୱ ହରାଇବାକୁ ବସିଛି । ମଣ୍ଡପର ବାହାର ପରିସରରେ ଅଞ୍ଚଳର ସମସ୍ତ ମଇଳା-ଆବର୍ଜନା ଜମା କରାଯାଉଥିବାରୁ ସମ୍ପୂର୍ଣ୍ଣ ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି ।କେବଳ ବାହାର ନୁହେଁ, ମଣ୍ଡପ ଭିତରର ଅବସ୍ଥା ମଧ୍ୟ ଅତ୍ୟନ୍ତ ଆଶୋଚନୀୟ । ନିୟମିତ ସଫେଇ ହେଉନଥିବାରୁ ଭିତରେ କୂଢ଼ କୂଢ଼ ଆବର୍ଜନା ଭରି ରହିଛି ଏବଂ ତାଟି-କବାଟ ଭାଙ୍ଗିବାରେ ଲାଗିଛି । ଶୌଚାଳୟଗୁଡ଼ିକ ସଫା ନ ହେବା ଫଳରେ ସେଠାରୁ ଆସୁଥିବା ଦୁର୍ଗନ୍ଧ ଯୋଗୁଁ ମଣ୍ଡପ ଭିତରକୁ ପ୍ରବେଶ କରିବା ଅସାଧ ହୋଇପଡ଼ିଛି । ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କଲ୍ୟାଣ ମଣ୍ଡପର ସୁଧାର ଓ ଅନୁଦାନ ଯୋଗାଇଦେବା ପାଇଁ ଆବଶ୍ୟକୀୟ ଉଦ୍ୟମ ଜାରି ରହିଛି । ଅନୁଦାନ ମଞ୍ଜୁର ହେବା ପରେ ମଣ୍ଡପର ଚାରିପାଖରେ ପାଚେରୀ ନିର୍ମାଣ କରାଯିବ, ଯାହା ଦ୍ୱାରା ବାହାର ଲୋକେ ସେଠାରେ ଆବର୍ଜନା ପକାଇପାରିବେ ନାହିଁ । ବର୍ଷା ପରେ ଆଗକୁ ବିବାହ ଓ ବ୍ରତଘର ଭଳି ଶୁଭ ଉତ୍ସବ ଋତୁ ଆସିବା ପୂର୍ବରୁ କଲ୍ୟାଣ ମଣ୍ଡପର ସଫେଇ, ମରାମତି ଏବଂ ପାଚେରୀ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କଲମପୁର ଜନସାଧାରଣଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଜୋରଦାର ଦାବି ହୋଇଛି ।

### ପ୍ରଶାସନର ଦୃଷ୍ଟି ଆଢୁଆଳରେ ବଡ଼ସିନ୍ଧେର ଜଳପ୍ରପାତ

# ପର୍ଯ୍ୟଟନସ୍ଥଳୀର ରୂପ ଦେବା ପାଇଁ ଉଠୁଛି ଦାବି

**କଳାହାଣ୍ଡି,(ଅମୃତ ମିଡିଆ -ପ୍ୟାରିଲାଲ ଦୁର୍ଗା):** ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ଭରପୂର କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ । ଏହି ବ୍ଲକ ବଣ ଜଙ୍ଗଲ ଘେରା ମଧ୍ୟରେ ଅବସ୍ଥିତ । ଏହି ବଣ ଜଙ୍ଗଲ ଭିତରେ ରହିଛି ଅନେକ ପର୍ଯ୍ୟଟନସ୍ଥଳୀ । ଯାହା ଲୋକ ଲୋଚନକୁ ଆସିପାରି ନାହିଁ । ଅନାବିଷ୍କୃତ ପ୍ରାକୃତିକ ସମ୍ପଦ ମଧ୍ୟରୁ ବଡ ସିନ୍ଧେର ଜଳପ୍ରପାତ ଅନ୍ୟତମ । ପାଡେପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖମାରପଦର ଗ୍ରାମର ଭୂତଗୁଡା ଗାଁ ନିକଟରେ ଅବସ୍ଥିତ ଏହି ଜଳପ୍ରପାତ । ଜୟପାଟଣା ବନାଞ୍ଚଳ ଅଧିନସ୍ଥ ପ୍ରାକୃତିକ ବେଣାଖମାର ସଂରକ୍ଷିତ ଜଙ୍ଗଲର ସବୁଜ ବନାନୀ ମଧ୍ୟରେ ନିଜର ଅପୂର୍ବ ରୂପରେ ଶୋଭା ପାଉଛି ଓଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ୧୧୦ କିଲୋମିଟର ଏବଂ ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟର ଦୂରରେ ରହିଛି ଏହି ମନୋରମ ଜଳପ୍ରପାତ । ଏହା ସହ ଜୟପାଟଣା-ମୁଖିଗୁଡା-ମହୁଲପାଟଣା ଦେଇ ଖମାରପଦର ଓ ଭୂତଗୁଡା ଅଭିମୁଖେ ଯାତ୍ରା କରିବାକୁ ପଡ଼ିଥାଏ ଓ ଦୁର୍ଗମ ଭୌଗୋଳିକ ପ୍ରତିବନ୍ଧକ ପରିବେଶ ମଧ୍ୟରେ ଥିବାରୁ ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବେ ବି ବ୍ୟାପକ ଭାବେ ଲୋକଲୋଚନକୁ



ଆସିପାରିନାହିଁ ଓ ପାହାଡ଼ ଛାତିରୁ ଝରୁଛି ଧବଳ ଜଳଧାରା ଉଚ୍ଚ ପାହାଡ଼ିଆ ଶିଳାଖଣ୍ଡ ଦେଇ ଝରି ଆସୁଥିବା ଜଳଧାରା ତଳକୁ ଖସିବା ବେଳେ ସୃଷ୍ଟି କରୁଛି ମନୋମୁଗ୍ଧକର ଦୃଶ୍ୟ । ଚାରିପଟେ ଘଞ୍ଚ ସବୁଜ ଜଙ୍ଗଲ, ପାହାଡ଼ର ଶିଳାଖଣ୍ଡ ଓ ଝରଣାର ଅବିରତ ଜଳଧାରା ଏହି ସ୍ଥାନର ପ୍ରାକୃତିକ ଶୋଭାକୁ ଆହୁରି ବଢ଼ାଇ ଦେଇଛି ଓଜଳପ୍ରପାତର ଗର୍ଜନ ସାଙ୍ଗକୁ ଜଙ୍ଗଲର ନିରବତା ଏବଂ ସବୁଜିମାର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ଏକ ଭିନ୍ନ ଅନୁଭୂତି ଦେଇଥାଏ । ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ସମେତ କଳାହାଣ୍ଡି ଓ ଅନ୍ୟ ଜିଲ୍ଲାରୁ ମଧ୍ୟ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି ଓ ତେବେ ପର୍ଯ୍ୟଟନସ୍ଥଳୀ ଭାବେ ଏହାର ବ୍ୟାପକ ସମ୍ଭାବନା ଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଓ ପ୍ରଚାରପ୍ରସାର ଅଭାବରୁ ଏହା ଏବେ ବି ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଛି । ବଡ ସିନ୍ଧେର ପର୍ଯ୍ୟଟନ ବିକାଶରେ ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଓ ବିଶେଷକରି ଖମାରପଦର ଓ ଭୂତଗୁଡା ଗାଁକୁ ଯାଇଥିବା ରାସ୍ତାର ଉନ୍ନତିକରଣ ଜରୁରୀ ଓ ରାସ୍ତା ସୁଗମ ହେଲେ ଅଧିକ ସଂଖ୍ୟକ ପର୍ଯ୍ୟଟକ ସହଜରେ ଏଠାକୁ ଆସିପାରିବେ । ଏଥି ସହିତ ଜଳପ୍ରପାତ ନିକଟକୁ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ଚଲାପଥ ନିର୍ମାଣ, ଆଶ୍ରୟସ୍ଥଳୀ ଓ ବିଶ୍ରାମସ୍ଥଳୀ, ପାନୀୟଜଳ, ଶୌଚାଳୟ ଆଦି ମୌଳିକ ସୁବିଧା ଯୋଗାଇବା ଆବଶ୍ୟକ ଓ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ମଧ୍ୟ ସର୍ବାଧିକ ପ୍ରାଥମିକତା ଦେବା ଦରକାର । ବଡ ସିନ୍ଧେର ଜଳପ୍ରପାତକୁ ରାଜ୍ୟର ଏକ ପ୍ରମୁଖ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରଶାସନର ସମନ୍ୱିତ ପଦକ୍ଷେପ ଆବଶ୍ୟକ ।

# ସମଲେଶ୍ୱରୀ ମନ୍ଦିର ବିକାଶ ପାଇଁ ଦୋକାନ ଉଚ୍ଛେଦ



**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରର ବିକାଶ ଓ ଉନ୍ନତିକରଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିବା ସହ ଅର୍ଥ ବରାଦ କରିଥିଲେ । କିନ୍ତୁ ମନ୍ଦିର ଚାରିପାଖରେ ଥିବା ଦୋକାନଗୁଡ଼ିକ ଯୋଗୁଁ ଏହି ଯୋଜନା ଆଗକୁ ବଢ଼ି ପାରୁନଥିବା ବେଳେ ନାଳି ପାଣି ଆସି ମନ୍ଦିରର ଗର୍ଭ ଗୃହ ପର୍ଯ୍ୟନ୍ତ ପ୍ରବେଶ କରୁଥିଲା । ମନ୍ଦିର ଚାରିପାଖରେ ଥିବା ଦୋକାନଗୁଡ଼ିକ ଉଚ୍ଛେଦ ନକଲେ ଏକ ଉନ୍ନତ ଶୈଳୀର ମନ୍ଦିର ଅସମ୍ଭବ ବୋଲି ବିଭାଗୀୟ ଅଧିକାରୀ ଅନୁଭବ କରି ସେଦିଗରେ ପଦକ୍ଷେପ ନେଇଥିଲେ । ଗତ ଜୁଲାଇ ୨୫ ତାରିଖରେ ସମଲେଶ୍ୱରୀ ମନ୍ଦିର ଚାରିପାଖରେ ଥିବା ଦୋକାନଗୁଡ଼ିକର ମାଲିକଙ୍କୁ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଥିଲା । ପ୍ରଥମେ ଅଗଷ୍ଟ ୫, ଅଗଷ୍ଟ ୧୨ ଓ ଶେଷରେ ଅଗଷ୍ଟ ୧୮ ତାରିଖ ଦିନ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି । ଏନେଇ ଦୋକାନୀମାନଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ରହିଛି । ମନ୍ଦିର ଚାରିପାଖରେ ସମୁଦାୟ ୨୩ ଜଣ ଦୋକାନୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ମାଉସୀ ମା' ମନ୍ଦିର ପାଖରେ ଥଇଥାନ କରାଯାଇ ସାରିଛି । ଆଉ ୧୨ ଜଣ ଦୋକାନୀଙ୍କୁ ଶୀଘ୍ର ଥଇଥାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏତେଦିନ ଧରି ଏହି ସ୍ଥାନରେ ଦୋକାନ କରି ନିଜର ପେଟ ପାଟଣା ପାଳୁଥିବା ଦୋକାନୀମାନେ ଥଇଥାନ ନହେବା ପର୍ଯ୍ୟନ୍ତ କେମିତି ଦୁଇ ମୁଠା ଚାଉଳ ନେବେ, ତାହା ନେଇ ଏବେ ପ୍ରଶ୍ନ ଉଠିଛି ।

# ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'

**ବଲାଙ୍ଗୀର(ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପାଠ୍ୟପୁସ୍ତକରେ ଥିବା ବିଭିନ୍ନ ତ୍ରୁଟିକୁ ନେଇ ଆଜି ବଲାଙ୍ଗୀରରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ' ଆୟୋଜିତ ହୋଇଥିଲା । ଏହି ଅବସରରେ ଶତାଧିକ ଯୁବ ଓ ଛାତ୍ର କର୍ମୀ ଏକତ୍ରିତ ହୋଇ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରସଙ୍ଗରେ ଦୃଢ଼ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଆନ୍ଦୋଳନରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ରାଜ୍ୟ ଯୁବ ବିଜେଡ଼ି କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ଜିଲ୍ଲା ସଭାପତି ସରୋଜ ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ନିହାର ରଞ୍ଜନ ବେହେରା, ଯୁବ ସଭାପତି ଯତୀନ ପଟେଲ ଓ ଛାତ୍ର ସଭାପତି ସୁମନ ନନ୍ଦଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ । ବରଗଡ଼ ଜିଲ୍ଲାରୁ ସୁବ୍ରତ ସିଂହ ଓ ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଜ୍ୟ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପ୍ରଭାସ ପାଣିଗ୍ରାହୀ ଓ ଗୁଞ୍ଜ ଖାନ,



କଣ୍ଟାବାଞ୍ଜିରୁ ଗିରିରାଜ ମାଝୀ, ଅଜିତ ଯୋଷୀ, ହଂସରାଜ ଜୈନ ଓ ଅମଜଦ ଖାଁଙ୍କ ସମେତ ଜିଲ୍ଲା ମହିଳା ସଭାପତି ଗୀତା ବିଶୀ, ନଗର ସଭାପତି ଶମ୍ଭୁ ନାଗ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ସରୋଜ ପ୍ରଧାନ, ଦୟାନିଧି ଖମାରୀଙ୍କ ସମେତ ବହୁ ଯୁବ ଓ ଛାତ୍ର ଯୋଗଦେଇଥିଲେ । ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ ଯେ, ପାଠ୍ୟପୁସ୍ତକରେ ଥିବା ତଥ୍ୟଗତ ଓ ମୁଦ୍ରଣଜନିତ ତ୍ରୁଟି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣବତ୍ତାକୁ ପ୍ରଭାବିତ କରିବା ସହ ସେମାନଙ୍କ ଭବିଷ୍ୟତ ପାଇଁ ଗୁରୁତର ଚିନ୍ତାର କାରଣ ହୋଇଛି । ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ଆନ୍ଦୋଳନକାରୀମାନେ ଗଣଶିକ୍ଷା ବିଭାଗ ବିରୋଧରେ ନାରାବାଜି କରିବା ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଥିଲେ । ଏହି ଅବସରରେ ଯୁବ-ଛାତ୍ର ନେତାମାନେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ସହ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ । ପାଠ୍ୟପୁସ୍ତକର ସମସ୍ତ ତ୍ରୁଟିକୁ ତୁରନ୍ତ ସୁଧାରିବା, ଛାତ୍ରଛାତ୍ରୀଙ୍କୁ ଶୁଦ୍ଧ ଓ ଗୁଣାତ୍ମକ ଶିକ୍ଷା ସାମଗ୍ରୀ ଯୋଗାଇଦେବା ଏବଂ ଶିକ୍ଷା ବ୍ୟବସ୍ଥାରେ ଥିବା ଅନ୍ୟାନ୍ୟ ତ୍ରୁଟିର ସମାଧାନ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ।

ଛାତ୍ରଛାତ୍ରୀଙ୍କ ହିତ ଓ ଭବିଷ୍ୟତ ସୁରକ୍ଷା ପାଇଁ ଆବଶ୍ୟକ ହେଲେ ଆଗାମୀ ଦିନରେ ମଧ୍ୟ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଥିଲେ ।

# ଭିବିଜି ରାମ୍ ଯୋଜନାର ଜନଶୁଣାଣି କାର୍ଯ୍ୟକ୍ରମ

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଭି ବି ଜି ରାମ ଯୋଜନା ର ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକର୍ମରେ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି, ଅତିଥି ଭାବେ ପଦ୍ମନାଭ ତ୍ରିପାଠୀ, ଓଏଲଏମ୍ ସସ୍ମିତା ସାମନ୍ତ ରାୟ, ରାଇଘର, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ରଣା, ମନରେଗା ଆସିଷ୍ଟାଣ୍ଟ ନରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ଗଣ ମନରେଗା ଯୋଜନାର ଅଗ୍ରଗତି ସ୍ୱଛତା ମୂଳ ଲକ୍ଷ୍ୟ ବୋଲି କହିଥିଲେ । କାର୍ଯ୍ୟରମାନ ଶ୍ରମିକ ମାନଙ୍କ ସମସ୍ୟା ଗୁଡିକ ଉପରେ ଆଲୋକପାତ ହୋଇଥିଲା । ବହୁ ଅଭିଯୋଗ ଆସିଥିଲେ ସୁଦ୍ଧା କର୍ମଚାରିଙ୍କ ଅନୁପସ୍ଥିତି ଯୋଗୁଁ ଜନ ଶୁଣାଣି କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା ।

# ମୋବାଇଲ୍ ମେଳା, ୧୧୦ଟି ମୋବାଇଲ୍ ଫୋନ୍ ଉଦ୍ଧାର

**ବରଗଡ଼(ଅମୃତ ମିଡିଆ):** ବରଗଡ଼ ପୋଲିସ ପକ୍ଷରୁ ଆୟୋଜିତ ହୋଇଛି ମୋବାଇଲ ମେଳା । ଚୋରି ଓ ହଜିଯାଇଥିବା ମୋବାଇଲ ଫୋନ୍‌କୁ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି ବରଗଡ଼ ପୋଲିସ । ବରଗଡ଼ ଏସପି କାର୍ଯ୍ୟାଳୟରେ ଏହି ମୋବାଇଲ ମେଳା ଅନୁଷ୍ଠିତ ହୋଇଥିଲା । ଏକ ମାସ ମଧ୍ୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୧୦ଟି ମୋବାଇଲ ଫୋନ୍ ଉଦ୍ଧାର କରିଛି ପୋଲିସ । ପରେ ଚିହ୍ନଟ ହୋଇଥିବା ପ୍ରକୃତ ମାଲିକମାନଙ୍କୁ ଏସପି କାର୍ଯ୍ୟାଳୟରେ ସେମାନଙ୍କ ମୋବାଇଲ ହସ୍ତାନ୍ତର କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଥାନାରେ ଚୋରି ଓ ମୋବାଇଲ ହଜିଯିବା ନେଇ ଅଭିଯୋଗ ହୋଇଥିଲା । ଏହାପରେ ସାଇବର ସେଲ୍‌ର ସହାୟତାରେ ତଦନ୍ତ କରି ଏହି ମୋବାଇଲଗୁଡ଼ିକୁ ଠାବ କରାଯାଇଥିଲା । ମୋବାଇଲ ଫୋନ୍ ଫେରିପାଇବା ପରେ ପ୍ରକୃତ ମାଲିକମାନେ ବରଗଡ଼ ପୋଲିସକୁ ଧନ୍ୟବାଦ ଜଣାଇଥିଲେ । ଆଗାମୀ ଦିନରେ ମଧ୍ୟ ଚୋରି ଓ ହଜିଥିବା ଅନ୍ୟ ମୋବାଇଲଗୁଡ଼ିକୁ ଉଦ୍ଧାର ପାଇଁ ଅଭିଯାନ ଜାରି ରହିବ ବୋଲି ବରଗଡ଼ ଏସପି ସୂଚନା ଦେଇଛନ୍ତି ।

# ଦରଦାମ ବୃଦ୍ଧିରେ ପେଷି ହେଉଛି ଖାଉଟି: ନିୟନ୍ତ୍ରଣ ନାହିଁ

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ଦରଦାମ ବୃଦ୍ଧି ଏବେ ସାଧାରଣ ଲୋକଙ୍କ ପାଇଁ ଏକ ନିରବ ଆର୍ଥିକ ଆଘାତରେ ପରିଣତ ହୋଇଛି । ଦିନକୁ ଦିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିଚାଲିଥିବା ବେଳେ ଏହାର ସିଧାସଳଖ ପ୍ରଭାବ ପଡୁଛି ଗରିବ, ମଧ୍ୟବିତ୍ତ ଓ ଖଟିଖିଆ ପରିବାର ଉପରେ । ଡାଲି, ଚାଉଳଠାରୁ ଆରମ୍ଭ କରି ତେଲ, ମସଲା, ଚିନି, ସର୍ଫ ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀ—ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଦର ବୃଦ୍ଧି ଖାଉଟିଙ୍କ ଘରୋଇ ବଜେଟ୍ ?କୁ ଦୋହଲାଇ ଦେଉଛି । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଦରଦାମ ନିୟନ୍ତ୍ରଣ କରିବ କିଏ ? ଅଭିଯୋଗ କରିବ କାହା ପାଖରେ ? ସାଧାରଣ ଖାଉଟିଙ୍କ ଅଭିଯୋଗ ଅନୁଯାୟୀ, ଗୋଟିଏ ସାମଗ୍ରୀ କିଣିବା ପାଇଁ ଆଜି ଦୋକାନକୁ ଗଲେ ଯେଉଁ ଦର ଦେବାକୁ ପଡୁଛି, ଦୁଇ ଦିନ ପରେ ସେହି ସାମଗ୍ରୀ ପାଇଁ ଆଉ ଅଧିକ ଟଙ୍କା ଗଣିବାକୁ ପଡୁଛି । ଏପରି ସ୍ଥିତିରେ ଦୋକାନୀ ଓ ଖାଉଟିଙ୍କ ମଧ୍ୟରେ ବାଦବିବାଦ ମଧ୍ୟ ବଢୁଥିବା ଦେଖାଯାଉଛି । ଅଭିଯୋଗ ଆହୁରି ଗୁରୁତର ଯେ, କେତେକ ବ୍ୟବସାୟୀ ଡିଲରଙ୍କଠାରୁ



ବଡ଼ ପରିମାଣରେ ସାମଗ୍ରୀ ଷ୍ଟକ୍ ? ଆଣି ରଖୁଛନ୍ତି । ସେହି ସମୟରେ କିଣାଯାଇଥିବା ଷ୍ଟକ୍ ?ର ପ୍ୟାକେଟ୍ ? ଉପରେ ମୁଦ୍ରିତ ମୂଲ୍ୟ ଥିଲେ ମଧ୍ୟ ଦର ବଢ଼ିଯାଇଛି ବୋଲି କହି ଅଧିକ ଦାମରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଯଦି ଏହି ଅଭିଯୋଗ ସତ୍ୟ, ତେବେ ଏହା କେବଳ ବ୍ୟବସାୟିକ ଅନିୟମିତତା ନୁହେଁ, ବରଂ ଖାଉଟିଙ୍କ ଅଧିକାର ପ୍ରତି ଖୋଲା ଅବହେଳା । ଏପଟେ ମଜୁରିଆଙ୍କ ମଜୁରୀ ବଢ଼ିବା ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି । କିନ୍ତୁ ବଜାରରେ ଜିନିଷପତ୍ରର ଦର ବଢ଼ିବାକୁ ଯେପରି କୌଣସି ସମୟସୀମା ନାହିଁ । ଆୟ ବଢୁନାହିଁ, କିନ୍ତୁ ଖର୍ଚ୍ଚ ଲଗାତାର ବଢୁଛି । ଫଳରେ ଗରିବ ପରିବାର ପାଇଁ ଦୁଇବେଳାର ଖାଦ୍ୟ ଯୋଗାଡ଼ କରିବା ମଧ୍ୟ ଦିନକୁ ଦିନ କଷ୍ଟକର ହେଉଛି । ଏନେଇ ଖପ୍ରାଖୋଲ ସପ୍ଲାଇ ଇନ୍ସପେକ୍ଟର ବିକାଶ ବାର୍ଲାଙ୍କୁ ପଚାରିବାରୁ, ଦୋକାନୀମାନେ ଏଭଳି କରୁଥିଲେ ତାହା ଠିକ୍ ? ନୁହେଁ ବୋଲି ସେ କହିଥିବା ଜଣାପଡ଼ିଛି । କିନ୍ତୁ ଏଭଳି ଅଭିଯୋଗ ରହିଥିବା ସତ୍ତ୍ୱେ ଏହାର ଯାଞ୍ଚ କିମ୍ବା ନିୟନ୍ତ୍ରଣ ପାଇଁ ଦୃଶ୍ୟମାନ ପଦକ୍ଷେପ କାହିଁକି ନିଆଯାଉନାହିଁ ତାହା ଏବେ ବଡ଼ ପ୍ରଶ୍ନ । କେବଳ "ଠିକ୍ ? ନୁହେଁ" କହିଦେଲେ କ'ଣ ଦରଦାମ କମିବ ? ନା ଦୋକାନୀଙ୍କ ଉପରେ ଯାଞ୍ଚ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ? ଏହି ପ୍ରଶ୍ନର ଉତ୍ତର ଖାଉଟି ଜାଣିବାକୁ ଚାହୁଁଛନ୍ତି । ଦରଦାମ ବୃଦ୍ଧି ଯଦି ଏଭଳି ଅନିୟନ୍ତ୍ରିତ ଭାବେ ଚାଲିଥାଏ, ତେବେ ସରକାରଙ୍କ "ଲୋକଙ୍କ ସରକାର" ଦାବିର ଅର୍ଥ କେଉଁଠି ? ମଞ୍ଚରେ ଭାଷଣ, ଯୋଜନାର ଘୋଷଣା ଓ ବିକାଶର ପ୍ରଚାର ଯେତେ ସୁନ୍ଦର ହେଉନା କାହିଁକି, ଯଦି ବଜାରରେ ଜଣେ ସାଧାରଣ ମଣିଷ ନିଜ ରୋଜଗାରରେ ନିଜ ପରିବାରର ମୌଳିକ ଆବଶ୍ୟକତା ପୂରଣ କରିପାରୁନାହିଁ, ତେବେ ସେହି ବିକାଶର ଲାଭ କାହା ପାଇଁ ? ଡବଲ ଇଞ୍ଜିନ ସରକାରର ଇଞ୍ଜିନ ଯଦି ଏତେ ଶକ୍ତିଶାଳୀ, ତେବେ ବଜାରରେ ଦରଦାମର ବ୍ରେକ୍ କାହିଁକି ଫେଲ୍ ? ସାଧାରଣ ଲୋକଙ୍କ ଦାବି କେବଳ କାଗଜପତ୍ରରେ ନୁହେଁ, ବଜାରରେ ନିୟମିତ ଯାଞ୍ଚ ହେଉ । ଦୋକାନୀମାନେ କେଉଁ ଦରରେ ସାମଗ୍ରୀ କିଣୁଛନ୍ତି, କେଉଁ ଦରରେ ବିକ୍ରି କରୁଛନ୍ତି, ପ୍ୟାକେଟ୍ ଉପରେ ଥିବା ମୂଲ୍ୟ ଓ ବିକ୍ରୟ ମୂଲ୍ୟ ମଧ୍ୟରେ ଅନିୟମ ଅଛି କି ନାହିଁ ଏସବୁର ଯାଞ୍ଚ ହେବା ଆବଶ୍ୟକ । ନଚେତ୍ ଦରଦାମ ବୃଦ୍ଧିର ଚକ୍ରରେ ପିଶି ହେଉଥିବା ଖାଉଟିଙ୍କ ପାଇଁ "ଲୋକଙ୍କ ସରକାର" କେବଳ ଭାଷଣର ଏକ ସୁନ୍ଦର ବାକ୍ୟ ହୋଇ ରହିଯିବ । ମାଟିସ୍ତରରେ କାର୍ଯ୍ୟାନୁଷ୍ଠାନ ନ ହେଲେ ନିୟମ, ନିରୀକ୍ଷଣ ଓ ପ୍ରଶାସନ—ସବୁକିଛି ଖାଉଟିଙ୍କ ପାଇଁ ଅର୍ଥହୀନ । ଏବେ ପ୍ରଶ୍ନ ହେଉଛି ଖାଉଟିଙ୍କ ପକେଟ୍ ଖାଲି ହେବା ପର୍ଯ୍ୟନ୍ତ ପ୍ରଶାସନ ଅପେକ୍ଷା କରିବ, ନା ଏବେଠାରୁ ବଜାରରେ ଲଗାମ କଷିବ ?

# ବିଧାୟକଙ୍କ ହସ୍ତକ୍ଷେପ ଫଳରେ ବସ୍ତିରେ ଲାଗିଲା ସୋଲାର ଲାଇଟ୍

**ରାଉରକେଲା(ଅମୃତ ମିଡିଆ):** ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଥିବା ଇସ୍ପାତ ସହରାଞ୍ଚଳର ସେକ୍ଟର-୧ ଏବଂ ୨ ଅଞ୍ଚଳର ଜଗଧାତ୍ରୀ ବସ୍ତି ଏବଂ ଘୋଡାବନ୍ଧ ବସ୍ତିରେ ଷ୍ଟ୍ରିଟ ଲାଇଟ ନଥିବା କାରଣରୁ ବସ୍ତିରେ ଯିବା ଆସିବା କରିବାରେ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଥିଲେ । ଏ ସମ୍ବନ୍ଧରେ ଖବରପାଇ ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଦୁର୍ଗା ଚରଣ ତନ୍ତୀ ବସ୍ତି ଅଞ୍ଚକ ପରିଦର୍ଶନ କରିବା ପରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ । ଫଳରେ ଆଜି



ଆରଏସ୍‌ପି ପକ୍ଷରୁ ଉକ୍ତ ଦୁଇବସ୍ତିରେ ସୋଲାର ଲାଇଟ ସ୍ଥାପନ କରାଯାଇଛି । ଯାହାଦ୍ୱାରା ବସ୍ତି ବାସିନ୍ଦା ନିଜ ବସ୍ତି ଭିତରେ ଚଲାବୁଲା କରିବାରେ ସମ୍ମୁଖୀନ ହେଉଥିବା ସମସ୍ୟାରୁ ମୁକ୍ତି ପାଇଁ ବିଧାୟକ ଶ୍ରୀ ତନ୍ତୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ମା' ମାହେଶ୍ୱରୀ ସେନାର ନୂଆଖାଇ ଉପଲକ୍ଷେ ଖାଦ୍ୟ ବଣ୍ଟନ ପ୍ରସ୍ତୁତି

**ବଲାଙ୍ଗୀର(ଅମୃତ ମିଡିଆ):** ସାମାଜିକ ସଂଗଠନ ମା' ମାହେଶ୍ୱରୀ ସେନା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ବଲାଙ୍ଗିର ସହର ଲାଲଟିକ୍ରା ସ୍ଥିତ ଡୁମାଲ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଗଠନର ଆଗାମୀ ନୂଆଖାଇ ଉପଲକ୍ଷେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ତଥା ସାମାଜିକ ସେବା, ଜନସଚେତନତା ଏବଂ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହିତ ଯୁବକମାନଙ୍କୁ ସାମାଜିକ କାର୍ଯ୍ୟରେ ଅଧିକ ଯୋଡିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥି ସହ ଗରିବ ଓ ଅସହାୟଙ୍କ ସହାୟତା, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆଗାମୀ ଦିନରେ ଆୟୋଜନ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା ।

# ଜିଲ୍ଲା ଯୋଜନା କମିଟି ବୈଠକ

**ବଲାଙ୍ଗୀର(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଏବଂ ପ୍ରଶାସନିକ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରିବା ପାଇଁ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ 'ଜିଲ୍ଲା ଯୋଜନା କମିଟି' ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଭିତ୍ତିଭୂମି ନିର୍ମାଣ ଏବଂ ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ବୈଠକରେ କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମଣ ବାଗ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ, ମାନ୍ୟବର ବଲାଙ୍ଗୀର ବିଧାୟକ ଶ୍ରୀଯୁକ୍ତ କଳିକେଶ ନାରାୟଣ ସିଂହଦେଓ, ମାନ୍ୟବର ଟିଟିଲାଗଡ଼ ବିଧାୟକ ଶ୍ରୀଯୁକ୍ତ ନବୀନ କୁମାର ଜୈନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେବକୀ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ମିଥିଳା ମାଝୀ, ଜିଲ୍ଲାପାଳ ଶ୍ରୀଯୁକ୍ତ ଗୌରବ୍ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ତରଣୀ ସୁନାଙ୍କ ସମେତ କମିଟିର ସମସ୍ତ ସଦସ୍ୟ-ସଦସ୍ୟା ଓ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ତତ୍ପରେ ଜିଲ୍ଲା ପରିଷଦ, ବଲାଙ୍ଗୀରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ତରଣୀ ସୁନା, କେବିକେ ବିକାଶ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରି ୨୦୨୪-୨୫ ଆର୍ଥିକ ବର୍ଷର ଚିଠା ପ୍ରସ୍ତାବ ଉପରେ ଆଲୋକପାତ କରିଥିଲେ । ଏହା ସହିତ ଜିଲ୍ଲାର ସମନ୍ୱିତ ବିକାଶ ଯୋଜନାର



ଚିଠା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବାକୁ ନିଷ୍ପତ୍ତି ନିଆଗଲା । ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମୌଳିକ ସମସ୍ୟା, ପାନୀୟ ଜଳ ଯୋଗାଣ, ସଡ଼କ ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସରକାରଙ୍କ ଜନହିତକର ଯୋଜନା ଗୁଡ଼ିକ ଯେପରି ସ୍ୱଚ୍ଛତା ଓ ପାରଦର୍ଶିତା ସହିତ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେନେଇ କମିଟି କଡ଼ା ନିର୍ଦ୍ଦେଶ ଦେଇଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରକଳ୍ପ ଶେଷ କରିବା ସହ ଆବଣ୍ଟିତ ପାଣ୍ଠିର ସଠିକ୍ ବିନିଯୋଗ ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କୁହାଯାଇଛି । ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଜଳସେଚନର ସୁବିଧା ପାଇଁ ବ୍ୟାରେଜ ନିର୍ମାଣ, ପର୍ଯ୍ୟଟନ ସ୍ଥଳୀର ବିକାଶ, କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଏବଂ ହସ୍ପିଟାଲଗୁଡ଼ିକରେ ଖାଲିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦେବାକୁ ନିଷ୍ପତ୍ତି ହୋଇଛି ।

ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ଶ୍ରୀ ଅଙ୍କିତ କୁମାର ମହାକୁର ବୈଠକର ଆଲୋଚ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ । ଏହି ଅବସରରେ ୨୦୨୪-୨୫ ଆର୍ଥିକ ବର୍ଷର କେବିକେ ବିକାଶ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ।

ସମ୍ପାଦକୀୟ...

## ଆଲ୍ଲା ଭରସା

କୁହାଯାଏ ପରକୁ ଶରଣ ଦେବାରେ କୌଣସି ଅସୁବିଧା ନାହିଁ। ପର ଏଠାରେ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି, ବାହାର ଲୋକମାନଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି। ଆପଣାର ତ ଆପଣାର, ସେମାନଙ୍କ ଉଦ୍ଦେଶ୍ୟରେ ବା କ'ଣ କରାଯାଇପାରେ, ସେମାନଙ୍କ ଉଦ୍ଦେଶ୍ୟରେ ବା କ'ଣ କୁହାଯାଇପାରେ ? ସେମାନେ କେବେ ବି କାହାର ଶରଣରେ ପଶନ୍ତି ନାହିଁ କିମ୍ବା କାହାର ଶରଣ ଭିକ୍ଷା କରନ୍ତି ନାହିଁ। ତଥାପି କେବେ କେବେ ଆପଣାର ଜନମାନଙ୍କ ଦ୍ୱାରା ମଧ୍ୟ ସେମିତି କିଛି ବଡ଼ ଧରଣର ଭୁଲ୍‌ମାନ ହୋଇଯାଏ ଯାହାପରେ ସେମାନେ ବି ବାଧ୍ୟ ହୁଅନ୍ତି ଅନ୍ୟର ଶରଣ ପଶିବା ପାଇଁ। ଆପଣାଜନଙ୍କ କ୍ଷେତ୍ରରେ କେବେ କେବେ ସେମିତି କିଛି ଭୁଲ୍ ସବୁ ହୋଇଯାଏ ଗୁରୁତର ଅପରାଧ ହୋଇଯାଏ, ଯାହାପରେ ସେମାନେ ବି ହୋଇଯାଆନ୍ତି କ୍ଷମାପ୍ରାର୍ଥୀ। ହେଲେ ପରମାନଙ୍କ କ୍ଷେତ୍ରରେ କିଛି ବି ବୁଝାମଣା କରାଯାଇନପାରେ। କାରଣ ପର ତ ପର ଯେମିତି କି ପର ପଡ଼ୋଶୀ ପାକିସ୍ତାନ୍ ଯେ କି ନିହାତି ପର ଯାହାକୁ କୌଣସି ବି ପରିସ୍ଥିତିରେ ବି ବିଶ୍ୱାସ କରାଯାଇନପାରେ। ଏଠାରେ ପର ଶବ୍ଦ ସେହି ଅର୍ଥରେ ବ୍ୟବହାର କରାଯାଇଛି ଯେମାନେ କେବେ ବି ଆପଣାପଣକୁ ବୁଝିବା ତ ଦୂରର କଥା..ଆପଣାପଣ ଶବ୍ଦର ସାଧାରଣ ପରିଭାଷାକୁ ମଧ୍ୟ ସେମାନେ ଅନୁଭବ କରିପାରନ୍ତି ନାହିଁ। ଏଇ ଯେମିତି କି ପାକିସ୍ତାନ୍ ପକ୍କା ବେଇମାନ। ଭାରତରେ ରହି, ଭାରତରେ ଖାଇ ଶେଷରେ ଆଜି ଭାରତ ବିପକ୍ଷରେ ସ୍ୱର ଉଠାଇଛନ୍ତି ସେମାନେ । ଆମେ କହୁଛୁ ଅତୀତର କଥା, ଆମେ କହୁଛୁ ସ୍ୱାଧୀନତା ପୂର୍ବର କଥା। ଇଏ ସେହି ପାକିସ୍ତାନ୍ ଯିଏ କି ଦିନେ ଭାରତର ସାହାରାରେ , ଭାରତର ସହଯୋଗରେ ବଞ୍ଚୁଥିଲା, ଭାରତର ଇସାରାରେ ଚାଲୁଥିଲା, ଆଜି କିନ୍ତୁ ସେଭଳି ପରିସ୍ତିତି ନାହିଁ ଅତି ହୋସିଆର୍ ହୋଇଯାଇଛି ପାକିସ୍ତାନ୍.. ପୂରା ବେଇମାନ। ଆମେ ଏଠାରେ ଅତି ବେଇମାନ୍ ଶବ୍ଦ କେବଳ ପାକ୍ ପ୍ରଶାସନ ପାଇଁ , ପାକିସ୍ତାନ୍‌ର ଘଟିଆ ପ୍ରଶାସନ ପାଇଁ , ତା'ର ଭାରତ ବିରୋଧୀ ମନୋଭାବ ଏବଂ ବ୍ୟବହାର ନେଇ ଆମେ ଏପରି ପାକିସ୍ତାନ ବିରୋଧୀ ମନ୍ତବ୍ୟ ପ୍ରଦାନ କରିବାକୁ ବାଧ୍ୟ ହେଉଛୁ । ବିରିମାଡ଼ରେ କୋଳଥ ଚେପା ହେଲାଭଳି ପାକିସ୍ତାନ୍ ଏବେ ପୂରା ଛାନିଆଁ। ଇରାନ୍ ଉପରେ ଏବେ ଆମେରିକା ଏବଂ ଇସ୍ରାଏଲ୍‌ର ଯେଭଳି ଘନ ଘନ ଆକ୍ରମଣ ଜାରି ରହିଛି ଯାହାକୁ କିନ୍ତୁ ଅତି ସାହସର ସହିତ ମୁକାବିଲା କରୁଛି ଇରାନ୍ । ତଥାପି ସମୟ ସମୟରେ ସେ ବି ଭୟଭୀତ ହୋଇଯାଉଛି । ଏବେ ଇରାନର ଏଭଳି ସଂକଟ ସମୟରେ ପାକିସ୍ତାନ୍ ଭଳି ଗୋଟାଏ ଇସ୍ଲାମିକ୍ ଦେଶ ଏସିଆର ଅନ୍ୟ ଦୁଇ ପ୍ରମୁଖ ଇସଲାମୀୟ ରାଷ୍ଟ୍ର ସହିତ ମିଶି ଏକ ମିଳିତ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି ଯାହାକୁ ମକ୍କା ରେ ହୋଇଥିବା କାରଣରୁ ତାକୁ ମକ୍କା ଚୁକ୍ତି କୁହାଯାଉଛି। ସେହି ଦୁଇ ପ୍ରମୁଖ ରାଷ୍ଟ୍ର ହେଉଛନ୍ତି ମଧ୍ୟପ୍ରାଚ୍ୟର ଦୁଇ ପ୍ରମୁଖ ଇସଲାମୀୟ ରାଷ୍ଟ୍ର ସାଉଦୀ ଆରବ ଏବଂ ତୁର୍କୀସ୍ତାନ ଯେଉଁମାନଙ୍କ ସହ ମିଶି ଏକ ପ୍ରତିରକ୍ଷା ଚୁକ୍ତିରେ ସ୍ୱାକ୍ଷର କରିଛି ପାକିସ୍ତାନ୍ ଯାହାକୁ ନେଇ ପାକ୍ ତା'ର ସାମରିକ କ୍ଷେତ୍ରରେ ସୁରକ୍ଷା ନେଇ ଭାରୀ ଆଶାବାଦୀ । କେବେ ଆମେରିକା ଏବଂ ଭାରତ ପକ୍ଷରୁ କୌଣସି ଆକ୍ରମଣର ଆଶଙ୍କା ପ୍ରକାଶ ପାଇଲେ ପାକିସ୍ତାନ ବି ଭିଡ଼ିଯିବ ସେମାନଙ୍କ ବିପକ୍ଷରେ। ଏକୁଟିଆ ତ ପାରିବ ନାହିଁ। ଅନ୍ୟମାନଙ୍କ ସାହାରାରେ ହୁଏତ ପାକିସ୍ତାନ ସେଭଳି କିଛି ପଦକ୍ଷେପ ନେଇପାରେ। ତଥାପି କିଛି ବି କରିପାରିବନି ପାକିସ୍ତାନ୍ , ଅମାନତ ହାରିବ ପାକିସ୍ତାନ୍ । ଆଜି ପର୍ଯ୍ୟନ୍ତ କେବଳ ଚାଇନା କଥାରେ ନାଚୁଥିବା ପାକିସ୍ତାନ୍ ଏବଂ ସର୍ବଦା ଉଗ୍ରବାଦୀ ଏବଂ ସନ୍ତ୍ରାସବାଦୀଙ୍କ ସାହାରା ଉପରେ ନିର୍ଭର କରୁଥିବା ପାକିସ୍ତାନ ଏବେ ତା'ର ଅନ୍ତଃକନ୍ଦଳକୁ ନେଇ ପୂରା ଛନ୍ଦି ହୋଇଯାଇଛି। ଗୋଟାଏ ପଟେ ବିଦ୍ରୋହୀ ବେଲୁଚିସ୍ତାନ ତ ଆରପଟେ ଅମାନିଆ ଆଫଗାନିସ୍ତାନ୍। ଉଭୟ ଦେଶ ଏବେ ପାକିସ୍ତାନ୍ ବିରୋଧରେ ନିଜର ସ୍ୱର ଏବଂ ଶରକୁ ଧୀରେ ଧୀରେ ଶାଣିତ କରିବାରେ ଲାଗିଛନ୍ତି। କେବଳ ସେତିକି ନୁହେଁ , ପିଓକେ ବି ଏବେ ପୂରା ଜୋଶରେ ନିଜର ପୂର୍ଣ୍ଣ ଆଜାଦୀ ଦାବିରେ ସେ ବି ପାକିସ୍ତାନ୍ ବିପକ୍ଷରେ। ମାଗୁର ପଛ ମେଲା ଭଳି ପାକିସ୍ତାନ୍ ଏବେ ଚାରିପଟୁ ଘେରାବନ୍ଦୀ ହୋଇଯାଇଛି ଶତ୍ରୁଘେରରେ। ଏଭଳି ସ୍ଥିତିରେ ପାକିସ୍ତାନ କିଭଳି ନିଜକୁ ସୁରକ୍ଷା ଦେଇପାରିବ ଶତ୍ରୁ କବଳରୁ। ନିଜେ ତ ମିତ୍ରର ଶତ୍ରୁ। ପାକିସ୍ତାନକୁ କେବଳ ସେହି ଆଲ୍ଲା ଯାହା ଭରସା।

ଜ୍ଞାନାମୃତ

## କ୍ଷୁଦ୍ର କୁଡ଼ିଆ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢ଼ିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରନ୍ତି ମହିଳା ଜଣକ ଅତି ନମ୍ର ଭାବରେ ଉତର ଦେଲେ ଯେ ଯାହାର ଯାହାଙ୍କ ଉପରେ ବିଶ୍ୱାସ ନାହିଁ ତାଙ୍କର ନାହିଁ ଏବଂ ଯାହାର ଅଛି ମାନେ ମୋର ବିଶ୍ୱାସ ଅଛି , ସେହି ବିଶ୍ୱାସ ଆଧାରରେ ମୋର ପତିଙ୍କ ଅବିଶ୍ୱାସକୁ ଅଣଦେଖା କରି ମୁଁ ଆପଣଙ୍କ ପାଖକୁ ଧାଇଁ ଆସିଛି କିଛି ମାର୍ଗ ଦର୍ଶନ ପାଇଁ ।

# ହାଟ ବନାମ ମଲ୍: ସଂସ୍କୃତି ପରମ୍ପରା ଓ ଆଧୁନିକତାର ଦ୍ୱନ୍ଦ୍ୱ



ଗୋପାଳ ମହାପାତ୍ର

ବଜାର ଏବଂ ମଣିଷର ସମ୍ପର୍କ ଅତି ପ୍ରାଚୀନ। ଆଦିକାଳରୁ ହିଁ ବଜାର ମାନବ ସଭ୍ୟତାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ବଜାର କେବଳ ଜିନିଷପତ୍ର ବା ବସ୍ତୁର ଆଦାନ ପ୍ରଦାନ (ବିକ୍ରୀ)ର ସ୍ଥାନ ନୁହେଁ ବରଂ ସାମାଜିକତା ଏବଂ ସଂସ୍କୃତିର ପ୍ରତିବିମ୍ବ ଅଟେ। ସମୟ ସହ ତାଳ ମିଳାଇ ଏବେ ବଜାରର ସ୍ୱରୂପ ବଦଳିଯାଇଛି। ପ୍ରାଚୀନ ସମୟର ହାଟ ଏବେ ମଲ୍‌ରେ ପରିଣତ ହୋଇଯାଇଛି, ହାଟଠାରୁ ମଲ୍ ପର୍ଯ୍ୟନ୍ତର ଏହି ଯାତ୍ରା ଲୋକଙ୍କର ଜିନିଷପତ୍ର କିଣିବାର ପ୍ରକ୍ରିୟାକୁ ବଦଳାଇ ଦେଇଛି। ସଂସ୍କୃତି ଏବଂ ପରମ୍ପରା ଉପରେ ଏହା ମଧ୍ୟ ଗଭୀର ପ୍ରଭାବ ପକାଉଛି। ହାଟ, ଯାହାକୁ ସ୍ଥାନୀୟ ବଜାର ବା ସାପ୍ତାହିକ ବଜାର କୁହାଯାଉଥିଲା ସେଇ ହାଟ ଭାରତୀୟ ଗ୍ରାମା ଳର ଲୋକଙ୍କ ଜୀବନର ଅଭିନ୍ନ ଅଂଶ ଥିଲା। ହାଟ ଖୋଲାସ୍ଥାନରେ ଲାଗିଥାଏ ଏବଂ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ପୁରଣ କରିଥାଏ। ହାଟରେ ସ୍ଥାନୀୟ ଉତ୍ପାଦ ବିକ୍ରୀ ହେଉଥିଲା ଓ ଅନ୍ୟ ପକ୍ଷରେ ହାଟକୁ ଆସିଥିବା ଲୋକଙ୍କ ମଧ୍ୟରେ ମିଳାମିଶା, ବାର୍ତ୍ତାଳାପ ଓ ଆଲୋଚନା ମଧ୍ୟ ହେଉଥିଲା। ଯେଉଁଠି ଅଧିକ ଲୋକ ପରସ୍ପରକୁ ଭେଟନ୍ତି ବାତାବରଣ ସରଳ, ସଜୀବ ଏବଂ ପ୍ରାକୃତିକ ହୋଇଥାଏ ଓ ଲୋକେ ମୂଲ ଚାଲ କରି ଜିନିଷପତ୍ର କିଣିଥାନ୍ତି। ବର୍ତ୍ତମାନର କଥା ଜଣାନାହିଁ ପରନ୍ତୁ ପୁର୍ବେ ହାଟରେ ଲୋକନୃତ୍ୟ, ସଙ୍ଗୀତ ଏବଂ ପରମ୍ପରାଗତ ଖେଳ ହାଟର ଅଂଶ ବିଶେଷ ଥିଲା ଓ କୁହାଯାଇପାରିବ ଯେ ହାଟ କେବଳ ବ୍ୟବସାୟିକ ଗତିବିଧିରେ ସିମୀତ ନଥିଲା ବରଂ ହାଟ ସାମୁହିକଚେତନା ନିର୍ମାଣର ସ୍ଥଳ ଥିଲା। ହାଟରେ ଲୋକେ ନିଜର ଉତ୍ପାଦ ବିକୁଥିଲେ। ହାଟ /ବଜାର ଗ୍ରାମା ଳର ଅର୍ଥବ୍ୟବସ୍ଥାର ଆଧାର ଥିଲା ଓ ଛୋଟ ଛୋଟ ବ୍ୟବସାୟୀ କୃଷକଙ୍କର ଜୀବିକାର୍ଜନର ସାଧନ ପ୍ରଦାନ କରୁଥିଲା। ଆଧୁନିକତା ଯେତେବେଳେ ପ୍ରସାର ଲାଭ କଲା। ସେତେବେଳେ ମଲ୍ ସଂସ୍କୃତି ଶହରୀ ଜୀବନର ପ୍ରତୀକ ପାଲଟିଗଲ। ମଲ ବଡ଼ ବା ବିଶାଳ ଓ ସେଠାରେ ବାତାନୁକୂଳୀତ ବ୍ୟବସ୍ଥା ରହିଥାଏ ଯେଉଁଠି ଗୋଟିଏ ଛାତତଳେ ଅନେକ ପ୍ରକାରର ଦୋକାନ, ରେଷ୍ଟୁରାଣ୍ଟ ଏବଂ ମନୋରଞ୍ଜନର ସାଧନ ଉପଲବ୍ଧ ହୋଇଥାଏ। ଉପଭୋକ୍ତାବାଦ ଏବଂ ଶହରୀକରଣର ପରିଣାମ ହେଉଛି ମଲ୍‌ର ଉଦ୍‌ଭବ। ମଲ୍‌ରେ ଦାମୀ ଉତ୍ପାଦ, ବିଭିନ୍ନ ପ୍ରକାରର ଖାଦ୍ୟ, ଆରାମଦାୟକ ବାତାବରଣ ସହ ସମସ୍ତ ଜିନିଷ ଉପଲବ୍ଧ ହୋଇଥାଏ। ଲୋକଙ୍କ

ମନୋବୈଜ୍ଞାନିକ ଆକର୍ଷଣ ପାଇଁ ମଲ୍‌ରେ ସିନେମାହଲ୍, ଖେଳକୁଦ ପାଇଁ ବ୍ୟବସ୍ଥା ଏବଂ ପିଲାଙ୍କ ପାଇଁ ଖେଳିବାର ସୁବିଧା କରାଯାଇଥାଏ। ମଲ୍‌ର ବାତାବରଣ ମହିଳା ଶିଶୁ ଏବଂ ଯୁବବର୍ଗଙ୍କୁ ଆକର୍ଷିତ କରିଥାଏ। ଏ କଥା ସତ୍ୟଯେ ମଲ୍ ଶହରୀ ଜୀବନକୁ ସହଜ କରିଦେଇଛି କିନ୍ତୁ ମଲ୍ ସଂସ୍କୃତି କାରଣରୁ ପୁର୍ବରୁ ଗ୍ରାହକ ଏବଂ ଦୋକାନୀଙ୍କ ମଧ୍ୟରେ ଥିବା ସମ୍ପର୍କ ଆଉ ନାହିଁ। ମଲ୍ ସାମାଜିକତାର ଆଧୁନିକ ପରିଭାଷା ତ ଗଢ଼ିଛି ହେଲେ ପାରମ୍ପରିକ ସାମାଜିକ ସମ୍ପର୍କର ବିକଳ୍ପ ହୋଇପାରିବ ନାହିଁ। ହାଟରେ ସ୍ଥାନୀୟ ପରମ୍ପରା ଏବଂ ସାଂସ୍କୃତିକ ଗତିବିଧିର ସଂରକ୍ଷଣ ହୋଇଥାଏ। ଅନ୍ୟ ପକ୍ଷରେ ମଲ ଆଧୁନିକତା ଏବଂ ବିଶ୍ୱସ୍ତରୀୟ ଉତ୍ପାଦକୁ ପ୍ରୋତ୍ସାହିତ କରିଥାଏ। ମଲ୍ ବୈଶ୍ୱିକରଣ (ଗ୍ଲୋବାଲାଇଜେସନ୍)ର ପ୍ରତୀକ ଅଟେ ଓ ଏଠାରେ ସ୍ଥାନୀୟ ପରମ୍ପରାର ଚିହ୍ନ ବର୍ତ୍ତ ନଥାଏ। ହାଟ ସାମୁହିକତା ଏବଂ ମଲ ବ୍ୟକ୍ତିଗତତାର ଭାବ ପ୍ରଦର୍ଶନ କରିଥାଏ। ମଲରେ ମୂଲଚାଲର ସ୍ଥାନ ନାହିଁ। ହାଟରେ ଆତ୍ମିୟତା ଥାଏ କିନ୍ତୁ ମଲ୍ ଦୃତ ଗତିରେ ଭୌତିକତା ପ୍ରଦର୍ଶନ କରିଥାଏ। ହାଟ ଯୋଗୁଁ ସ୍ଥାନୀୟ କାରିଗର, କୃଷକ ଓ ବ୍ୟବସାୟୀଙ୍କ ପରିବାର ପୋଷଣ ହୋଇଥାଏ। କିନ୍ତୁ ମଲ୍ କର୍ପୋରେଟ ନିଯୁକ୍ତି ସୃଷ୍ଟି କରିଥାଏ ହେଲେ

ସ୍ଥାନୀୟତା କମ୍‌ଥାଏ। ହାଟ ଏବଂ ମଲ୍ ମଧ୍ୟରେ ପାର୍ଥକ୍ୟ ସାଂସ୍କୃତିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଆଧୁନିକତା ଏବଂ ପରମ୍ପରା ମଧ୍ୟରେ ସ୍ଥାପିତ ଦ୍ୱନ୍ଦ୍ୱକୁ ବୁଝିବା ପାଇଁ ହାଟ ଏବଂ ମଲ୍ ମଧ୍ୟରେ ଯେଉଁ ଅଦୃଷ୍ୟ ସାମଞ୍ଜସ୍ୟ ରହିଛି ତାକୁ ମଧ୍ୟ ଜାଣିବା ଦରକାର। ହାଟ ଏବଂ ମଲ୍ ଉଭୟ ଆମ ସମାଜର ଦୁଇ ପାର୍ଶ୍ୱକୁ ଭିନ୍ନ ଭିନ୍ନ ଭାବରେ ଦର୍ଶାଇଥାଏ। ହାଟ ଆମର ସଂସ୍କୃତିକ ମୂଲ୍ୟ ଏବଂ ସାମୁହିକତାର ପ୍ରତୀକ। ଅନ୍ୟ ପକ୍ଷରେ ମଲ୍ ଆଧୁନିକତା, ସୁବିଧା ଏବଂ ଉପଭୋକ୍ତାବାଦର ପ୍ରତୀକ। ଉଭୟରେ ଥିବା ଦ୍ୱନ୍ଦ୍ୱ ଆମ ସମାଜର ପରିବର୍ତ୍ତିତ ସ୍ୱରୂପକୁ ଦର୍ଶାଇଥାଏ। ଆଜିର ଆବଶ୍ୟକତା ହେଉଛି ଆମେ ଏଭଳି ସାମାଜିକ ମାନସିକତାର ବିକାଶ କରିବା ଯାହା ପରମ୍ପରା

ଏବଂ ଆଧୁନିକତା ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରି ଏକ ସମୃଦ୍ଧ ସମାଜ ଗଠନ ଦିଗରେ ସହାୟକ ହେବ।

ରାମଚନ୍ଦ୍ରପୁର
ରଣପୁର
ମୋ: ୯୪୩୮୪୮୫୦୯୪

# ଦାଣ୍ଡ ଭାଗବତ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅତିବଡ଼ି ଜଗନ୍ନାଥ ଦାଶ ଶ୍ରୀକ୍ଷେତ୍ର ପୁରୀର ୧୬ଶାସନ ମଧ୍ୟରୁ ଏକ ଶାସନର ବ୍ରାହ୍ମଣ। ବ୍ରାହ୍ମଣମାନେ ସଂସ୍କାରିତ ଜାତି। ଅନେକ ଜାଣନ୍ତି ପୂର୍ବେ କେବଳ ସଂସ୍କୃତ ଭାଷାରେ ପୁରାଣ ଶାସ୍ତ୍ର କର୍ମକାଣ୍ଡ ଲେଖା ରହିଥିଲା। ଏହାର ତତ୍ସମ ବା ଠିକ ତଦଭବରେ ସଂସ୍କୃତ ଶବ୍ଦ ବାକ୍ୟ ଗୁଡ଼ିକୁ ଓଡ଼ିଆରେ ସଠିକ ଅର୍ଥ କରିବାରେ ଭ୍ରମ କରନ୍ତି ବା ବାଣିଜିକକୁ ବୁଦ୍ଧି ପ୍ରୟୋଗ କରି ଶ୍ରୋତାକୁ ଲିଖିତ ସୂତ୍ରର ଭିନ୍ନ ବ୍ୟାଖ୍ୟା କରି ଅର୍ଥ ଅର୍ଜନ କରୁଥିଲେ। ଏତଦ୍ୱାରା ସଦା ଧର୍ମ ଗ୍ରନ୍ଥ, ଧର୍ମଶାସ୍ତ୍ର, ବିକ ବଣିକ ବୃତ୍ତିର ଧନ୍ଦା ଦିଗକୁ ବଢ଼ୁଥିଲା। ଅନେକ ବିଧର୍ମୀ ଏହାର ସୁଯୋଗ ହାସଲ କରିବା ମଧ୍ୟ ଉଙ୍କି ମାରିଲା, ଏହି ସମସ୍ୟା ଅନେକ ବିଦ୍ୱାନ ଉପଲବ୍ଧି କଲେ, ସେହି ସମୟରେ ଯେତେ ଜଣ ପରିସ୍ଥିତିର ସୁଧାର ନିମିତ୍ତ ଚେଷ୍ଟା ଆରମ୍ଭ କଲେ, ଏହା ମଧ୍ୟରେ ଚୈତନ୍ୟ ଦେବ ଆଦ୍ୟ ବଙ୍ଗରୁ ଉତ୍କଳ ହରି ନାମ ସଂକୀର୍ତ୍ତନ ଧାରା ସ୍ୱ ପାରିଷଦଙ୍କ ସହ ଲୋକରେ ପ୍ରସାର କରାଇ କରାଇ ଆସିଗଲେ। ସେ ଏପରି ଦକ୍ଷିଣ ରାଜ୍ୟରେ ଏହି ନାମର ଧାରା ପ୍ରସାରରେ ଯାଇ ପରେ ପୁରୀ ଶ୍ରୀକ୍ଷେତ୍ରରେ ସ୍ୱ ପାରିଷଦଙ୍କ ସହ ଦୀର୍ଘକାଳ ରହଣୀରେ ଅନେକ ଅନେକ ପରିବର୍ତ୍ତନ ପୁରୀ ବାସୀଜନଙ୍କ ମଧ୍ୟରେ ଆସିବାକୁ ଲାଗିଲା।

ହରିନାମ କୀର୍ତ୍ତନର ମୋହ ବାରମ୍ବାର ଲୋକଙ୍କୁ ଆକର୍ଷଣ କଲା। ରାଜା ପ୍ରତାପରୁଦ୍ର ଦେବ ଚୈତନ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ ରାଜାନୁଗତ ବୈଷ୍ଣବ ଧର୍ମ ତତ୍କାଳ ଓଡ଼ିଶାରେ ପ୍ରଚାର ହୋଇ ଚାଲିଲା। ରାଜାଙ୍କ ଆନୁଗତ୍ୟ ଜମିଦାର ସର୍ବରାକାର, ସବୁଗ୍ରାମ ମୁରବୀ, ରାଜାଙ୍କ ଆନୁଗତ୍ୟ ପାଇକ ଖଣ୍ଡାୟତ ସେନାମାନେ ଚୈତନ୍ୟ ଦେବଙ୍କ ନାମକୀର୍ତ୍ତନ ଖୋଳ କରତାଳରେ ମଜିବାକୁ ଲାଗିଲେ। ଠିକ ଏହି ସମୟରେ ଜଗନ୍ନାଥ ଦାଶଙ୍କ ସ୍ୱ ରଚିତ ଓଡ଼ିଆରେ ଭାଗବତ ପାଠର ଶ୍ରୀମନ୍ଦିର କଳ୍ପବଟତଳରେ ବହୁଶ୍ରୋତା ନିତ୍ୟ ପାଠ ଶ୍ରବଣ କରିବା ଆରମ୍ଭ ହୋଇଥିଲା। ଦିନେ ଚୈତନ୍ୟ ଦେବଙ୍କ ବେଢ଼ାରେ କୀର୍ତ୍ତନ କାଳରେ ଜଗନ୍ନାଥ ଦାଶଙ୍କ ଭାଗବତ ଚର୍ଚ୍ଚାରେ ବହୁ ଶ୍ରୋତା ତନ୍ମୟ କରି ରହିବା ଦେଖି ଶ୍ରୀଚୈତନ୍ୟ ସେଠାରେ ପହଞ୍ଚି ନାମ ମୁଖରେ ଦାଶଙ୍କୁ କୋଳାଗ୍ରତ କରି ଆବେଗରେ କହିଥିଲେ ତୁମେ 'ଅତିବଡ଼' ଏହା ବଙ୍ଗଳା ଭାଷାରେ ଅତିବଡ଼ୀ। ଏଇଟାରୁ ଅତିବଡ଼ି ବୈଷ୍ଣବ ସମ୍ପ୍ରଦାୟର ଭିତ୍ତି ଭୂମି, ଏହା ନାମକୀର୍ତ୍ତନ ସହ ଭାଗବତର ନିବିଡ଼ ସମ୍ପର୍କ। ଏହାପରେ ସର୍ବତ୍ର ବ୍ୟାପିଲା ବିଶେଷ କରି ତତ୍କାଳ ଅଭଙ୍ଗ ପୁରୀ କଟକ ବାଲେଶ୍ୱର ଅଞ୍ଚଳ। ଆମ ଜଗତସିଂହପୁରରୁ ସେତେବେଳେ ପୁରୀକୁ ଚାଲି ଚାଲି ଗ୍ରାମରୁ ସାଙ୍ଗ ମେଳି ହୋଇ ସାଧାରଣ ଲୋକେ ଓ ଜମିଦାରମାନେ ତାଙ୍କ ଥାଟପ୍ରଜାଙ୍କ ଗହଣରେ ସବାରୀ ପାନିକିରେ କାନ୍ଧିଆଙ୍କ କାନ୍ଧ ବୁହାରେ ବା ଶଗଡ଼ରେ ଯାଉଥିଲେ। ଏମିତି ଆମଗ୍ରାମର ଜଣେ ଜମିଦାର ରାମକୃଷ୍ଣ ମହାନ୍ତି, ଥିଲେ ସେ ବୈଷ୍ଣବ ଧର୍ମ ଦୀକ୍ଷିତ ଥିଲେ ସେ ଘୋଡ଼ାପାଳି ଥିଲେ ହୁଏତ ସେ ଘୋଡ଼ାରେ ବା ଘୋଡ଼ାଗାଡ଼ିରେ ଯାଇ ପାରିଥିବା ରାମକୃଷ୍ଣ ବାବୁଙ୍କ ପରିବାରରେ ସବୁ ପୁଅଙ୍କ ନାମରେ ନିଶ୍ଚେ 'କୃଷ୍ଣ' ଲାଗି ରହିଆସିଛି। ଆମ ଗ୍ରାମରେ ଏବେ ବି ଅଛି ପୁରାତନ ନୃସିଂନାଥଙ୍କ ଠାକୁରବାଡ଼ି। ଏହାର ତତ୍ତ୍ୱନେଉଥିବା ବିଖ୍ୟାତ ହରିଚନ୍ଦନ, ଶ୍ରୀଚନ୍ଦନ ମଙ୍ଗରାଜ ପରିବାରର ଅତୀତ ସମୟର ପୁରୁଷମାନେ ରାଜବଂଶ, ରାଜକର୍ମଚାରୀ ଥିବା ଓ ଏମାନେ ଖୁରଧାରୁ ଆସିଥିବା ପ୍ରମାଣ ଅଛି ଓ ଏମାନଙ୍କ ମଧ୍ୟରୁ କେହି କୁଜଙ୍ଗ ରାଜଦରବାରରେ ଉଚ୍ଚ ପଦବୀରେ ଥିଲେ।

ଆମ ଗ୍ରାମରେ ଭାଗବତ ପାଠ ପାଇଁ ଅନେକ ଭାଗବତ ଘର ବା ଗାଦୀ ଥିଲା। ମୋର ହେତୁ ପାଇଲା ବେଳକୁ ମୁଁ ଦେଖିଛି ଆମ ଗ୍ରାମର ଭାଗବତ ବଡ଼ାର ଭଲ ଭୋଜିରେ ଗ୍ରାମଲୋକଙ୍କୁ ଆପ୍ୟାୟିତ କରାଯାଉଥିଲା। ରାମକୃଷ୍ଣ ମହାନ୍ତିଙ୍କ ସୁଯୋଗ୍ୟ ପୁତ୍ର ବାଳକୃଷ୍ଣ ବାବୁଙ୍କ ଭାଗବତ ବଡ଼ା ଭୋଜି ତାଙ୍କର ଅନେକ ଜମି ପ୍ରଜାମାନେ ଚାଷ କରୁଥିବାରୁ ସେ ସମସ୍ତ ପ୍ରଜା ତାଙ୍କ ପରିବାରର ପିଲାମାନେ ଓ ଅନ୍ୟ ଗ୍ରାମବାସୀ ତାଙ୍କ ବାସଭବନ ପ୍ରାଙ୍ଗଣରେ ବହୁଥର ସେପରି ଭୋଜି ଖାଇବା ଅନେକଙ୍କୁ ଜଣା ଥିବ। ନୃସିଂହନାଥଙ୍କ ଠାକୁର ବାଡ଼ିରେ ବର୍ଷକୁ ଅନେକଥର ପ୍ରାସାଦ ଲୋକେ ପାଉଥିଲେ। ପଟନାୟକ ସାହିରେ ପ୍ରଭୁ ଚରଣ (ଗେଣ୍ଡୁ) ବାବୁ ତାଙ୍କ ପିତୃ ପରମ୍ପରା ରକ୍ଷାକରି ଅନେକଥର ବହୁମୁଖୀ ଭାଗବତ (ହରିହାଟ) ତାଙ୍କ ଘର ପ୍ରାଙ୍ଗଣରେ କରୁଥିଲେ। ଏହାବାଦ କୃଷ୍ଣଚନ୍ଦ୍ର ମିଶ୍ର, ପୁରସ୍ତମ ସାହୁ, ଭାଗବତ ସାହୁ, କୁମ୍ଭାର ସାହିର ମିଳିତ ପରିବାରଙ୍କ ଏପରିକି ନାରାୟଣୀ ପୀଠରେ ଭାଗବତ ପାଠର ସ୍ଥଳୀ ଥିଲା, ମୋର ପିଲା ବେଳେ ଲୋକେ ଭାଗବତ ପୁରାଣ ଶୁଣିବାକୁ ସେଠାକୁ ପ୍ରତି ସନ୍ଧ୍ୟାରେ ଯାଉଥିଲେ। କାଳକ୍ରମେ ଜମିଦାରୀ ଚାଲଗଲା ଲୋକେ ଅଭିନ୍ନ ପରିବାର ଭିନ୍ନ ଭିନ୍ନ ହୋଇଗଲେ। କନ୍ୟା ବିବାହ ପାଇଁ ଖର୍ଚ୍ଚାର ଆବଶ୍ୟକ ପାଇଁ ଜମିବାଡ଼ି ବିକ୍ରୟ ହୋଇଗଲା, ଭାଗ ଚାଷ ଆଇନରେ ଧୂଳି ଭାଗରେ ଅନେକଙ୍କ ଜମି ରଇତମାନେ ଦାଖଲ ସରକାରୀ କାନୁନରେ ପାଇଗଲେ। ଫଳରେ ଭାଗବତ ପୂଜା ପାଠ ଚଳିବା ଏକ ସମସ୍ୟା ହୋଇ ଗଲା। ଶୁକ୍ଳ ଖଇ ଦିଟା କିଛି ଦିନ ଭୋଗକୁ ବି କେହି କରିବା ଏପରିକି ପାଠକାରୀ ପାଠକ ଅଭାବ ପଡ଼ିଲେ ବା ତାଙ୍କ ଦକ୍ଷିଣା ଦୁର୍ମୂଲ୍ୟ ହେଲା, ଏହାପରେ ତତ୍କାଳ ହାତ ଲେଖା ତାଳପାତ୍ର ପୋଥି ଗୁଡ଼ିକର କରଣୀ ଛଟା ଅକ୍ଷର ପାଠକ ଅଭାବ ହେଲେ। ସେତେବେଳେ ଲୋକେ ଏକ ତାଳପାତ୍ର ପୋଥିରୁ ଅନ୍ୟ ପୋଥି ତାଳପାତ୍ରରେ ଲୁହା ଲେଖନରେ ଲେଖାଇ ବିମାନ ଆସ୍ଥାନରେ ରଖି ପୂଜା କରୁଥିଲେ। କାଳକ୍ରମେ କାଗଜ ବହି ଛପା ବହୁ ଉପଲବ୍ଧ ହେବାରୁ ପୋଥିପରି ଲୋକେ ତାକୁ ସମ୍ମାନ କଲେନାହିଁ। ତେବେ କେବେ ଗ୍ରାମରେ ବସନ୍ତ, ହଇଜା ଆଦି ଦେଖାଦେଲେ ଦାଣ୍ଡ ଭାଗବତ କରାଯାଉଥିବା ମୁଁ ଦେଖିଛି। ହରିଚନ୍ଦନ ସାହିରୁ ଚଣ୍ଡୀସାହି ସେଠାରୁ ବାଳକୃଷ୍ଣବାବୁଙ୍କ ଘର, ଦେଇ ପଟ୍ଟନାୟକ ସାହରୁ ହରବାବୁଙ୍କ ଘର, ତାପରେ ସବୁ ଘରର ଦାଣ୍ଡେ ଦାଣ୍ଡେ ୫, ୧୦ ପଦ ଭାଗବତ ପାଠ କରି କରି, କୀର୍ତ୍ତନ ହରିବୋଲ ସହ କୁମ୍ଭାର ସାହ ଯାଏ ଯାଉଥିଲେ। ଭାଗବତ ଖଟୁଲି ଜଗୁ ମହାରଣା ମୁଣ୍ଡେଇ ଚଳିବା, ବଟକୃଷ୍ଣ ପଟ୍ଟନାୟକ ଦାଣ୍ଡେ ଦାଣ୍ଡେ ରହି ରହି ପାଠ କରିଯିବା ଓ କୀର୍ତ୍ତନ କରି ଦାଣ୍ଡ ମାନଙ୍କରେ ଯିବା ପୁଣି ଉଚ୍ଚସ୍ୱରରେ ହରିଧ୍ୱନ କରିବା ଲୋକଙ୍କ ମନରେ ଏକ ଦୈବୀ ସାହସ ଦେବା ଅନୁଭବ ହେଉଥିଲା। ପରୋକ୍ଷରେ ଏପରି ଦାଣ୍ଡ ଭାଗବତ ଗମନ ପଥ ପରିଷ୍କାର ପରିଚ୍ଛନ୍ନ କରାଯାଉଥିଲା। ଏକ ଧାର୍ମିକ ଭାବ ଗ୍ରାମରେ ଉଦିତ ହେଉଥିଲା। ଏଥିରେ ଥିବା ନାମର ବ୍ୟକ୍ତିମାନେ ଚାଲିଗଲେଣି ହେଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ବିପଦ ବେଳେ ଭାଗବତ ଓ ଦିବ୍ୟ ହରିନାମ ସ୍ମରଣ କରିବା ଅନୁଷ୍ଠାନ ନିହାତି ଆବଶ୍ୟକ ଦର୍ଶାଇ ଯାଇଛି।

ସମ୍ପାଦକ 'ନିୟତି' ଅରୁଣୋଦୟ
ନଗର, କଟକ, ଦୂରଭାଷ :
୯୪୩୭୧୦୩୧୨୫୩

# ପରଦାରେ ମହିଳାଙ୍କ ନ୍ୟାୟର ଲଢ଼େଇ



ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ବିଶ୍ୱ ଇତିହାସରେ ମହିଳାମାନେ ଅଧିକାର ଓ ନ୍ୟାୟ ପାଇବା ପାଇଁ ଅନେକ ସଂଘର୍ଷ କରିଛନ୍ତି। କିଛି କ୍ଷେତ୍ରରେ ସେମାନଙ୍କୁ ଆଇନ ସୂତ୍ରରେ ସମାନତା ଓ ନ୍ୟାୟର କିଛିଟା ଅଧିକାର ମିଳିଛି ସତ କିନ୍ତୁ ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଏବଂ ନ୍ୟାୟକୁ ପ୍ରକୃତ ଅର୍ଥରେ ହାସଲ କରିବା ପାଇଁ ମହିଳାମାନଙ୍କୁ ହିଁ ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ପଡ଼ିଛି। ଏହି ପ୍ରକ୍ରିୟାରେ କେବଳ ଆଇନର ଧାରା ବଦଳିନାହିଁ, ଏହା ସହିତ ବଦଳିଛି ସାମାଜିକ ବ୍ୟବସ୍ଥା ଓ ଧାର୍ମିକ ପ୍ରଥା ପ୍ରତି ଦୃଷ୍ଟିଭଙ୍ଗୀ, ବଢ଼ିଛି ସରକାରୀ ସକ୍ରିୟତା। ନ୍ୟାୟର ଯୁଦ୍ଧରେ ଏକୁଟିଆ ପଡ଼ିଯାଇ ବି ନିଜର ଆତ୍ମବିଶ୍ୱାସ ହରାଇ ନଥିବା ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।ସେଭଳି ଜଣେ ମହିଳାଙ୍କ ଲଢ଼େଇକୁ ଖୁବ ମର୍ମସ୍ପର୍ଶ ଢ଼ଙ୍ଗରେ ଉପସ୍ଥାପନ କରାଯାଇଛି 'ହକ୍' ଚଳଚ୍ଚିତ୍ରରେ। ବହୁ ଚର୍ଚ୍ଚିତ ଶାହ ବାନୋ ମାମଲାର କାହାଣୀକୁ ନେଇ ନିର୍ମିତ ହକ୍ ଚଳଚ୍ଚିତ୍ର ଦେଖିବା ପରେ ଯେ କୌଣସି ମହିଳା ଅନୁଭବ କରିପାରିବେ ଯେ ଜଣେ ନାରୀ ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ବାହାରିଲେ ତାଙ୍କ ସାଇପଡ଼ିଶାରୁ ଆରମ୍ଭ କରି ଧର୍ମଗୁରୁ ଓ କ୍ଷମତାଶାଳୀ ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରତିରୋଧ, ବିରୋଧ, ଏପରିକି ଆକ୍ରମଣ ମଧ୍ୟ କରିପାରନ୍ତି। କୋର୍ଟରେ ଆଇନଗତ ଲଢ଼େଇ କରିବା ସହିତ ସମଗ୍ର ବ୍ୟବସ୍ଥାର ଏହି ପ୍ରତିକୂଳ ସ୍ରୋତ କାହାରି ବି ମନୋବଳ ଦୁର୍ବଳ କରିଦେଇପାରେ। ହେଲେ ଅନ୍ୟାୟ ଦ୍ୱାରା ପରାସ୍ତ ନ ହେବାକୁ ଯିଏ ଦୃଢ଼ ପ୍ରତିଜ୍ଞ, ସେ ଦିନେ ନା ଦିନେ ନ୍ୟାୟ ହାସଲ କରେ ଏବଂ ସମଗ୍ର ନାରୀ ସମାଜ ପାଇଁ ଆଲୋକବର୍ତ୍ତିକା ପାଲଟେ।'ମିସେସ୍ ଚାଟାର୍ଜୀ ନରୱେ' ଆଉ ଏକ ବାସ୍ତବ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର। ନରୱେରେ ରହୁଥିବା ଭାରତୀୟ ମୂଳର ପ୍ରବାସୀ ଦେବିକା ଓ ଅନିରୁଦ୍ଧଙ୍କ ପୁଅଝିଅଙ୍କୁ ସେ ଦେଶର ପ୍ରଶାସନ ସେମାନଙ୍କ ଠାରୁ ଛଡ଼ାଇ ନିଅନ୍ତି। ଏହାର କାରଣ ହେଲା ସେମାନଙ୍କ ପଡ଼ୋଶୀମାନେ ଅଭିଯୋଗ କରିଥିଲେ ଯେ ଦେବିକା ପିଲାମାନଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରନ୍ତି। ଭାରତୀୟ ପରମ୍ପରାକୁ ନେଇ ସେଠାକାର ଲୋକଙ୍କ ଭୁଲ ବୁଝାମରାରୁ ଏହା ଆରମ୍ଭ ହୋଇଥାଏ। କିନ୍ତୁ ବର୍ଣ୍ଣ ବୈଶମ୍ୟ ମାନସିକତା ଯୋଗୁଁ କୋର୍ଟ ମଧ୍ୟ ଦୁଇ ସନ୍ତାନଙ୍କୁ ପିତାମାତାଙ୍କ ଠାରୁ ଦୂରେଇ ରଖିବାକୁ ରାୟ ଦିଅନ୍ତି। ଦେବିକା ମିସେସ ଚାଟାର୍ଜୀ ନିଜ ସନ୍ତାନଙ୍କୁ ଫେରି ପାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରନ୍ତି। ଏହି ପ୍ରକ୍ରିୟାରେ ତାଙ୍କୁ ତାଙ୍କ ସ୍ୱାମୀ ଛାଡ଼ପତ୍ର ଦେଇ ଦିଅନ୍ତି। ସେ ଭାରତ ଆସି କୂଟନୈତିକ ସହାୟତା ନେଇ ନରୱେ ସରକାରଙ୍କ ବିରୋଧରେ ମାନବାଧିକାର ଉଲ୍ଲଂଘନର ମାମଲା ରୁଜୁ କରିଦିଅନ୍ତି। କୋର୍ଟ ଶୁଣାଣିରେ ନିଜ ସନ୍ତାନଙ୍କ ପ୍ରତି ଅନାବିଳ ସ୍ନେହର ପ୍ରମାଣ ଦେଇ ସେ ଉକ୍ତ ମାମଲା ଜିଣିଯାଆନ୍ତି ଓ ପୁଅଝିଅଙ୍କ ସହିତ ସୁଖଦ ଜୀବନ କାଟନ୍ତି।ଏସିଡ଼ ମାଡ଼ ପରି ଚରମ ନିଷ୍ଠୁରତାର ସମ୍ମୁଖୀନ ହୋଇଥିବା ଲକ୍ଷ୍ମୀ ଅଗ୍ରୱାଲ, ଏସିଡ଼ ଆକ୍ରମଣର ଶିକାର ମହିଳାଙ୍କ ଅଧିକାର ପାଇଁ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଲଢ଼େଇ କରି ଆସିଛନ୍ତି। ଏସିଡ଼ ମାଡ଼ ସମ୍ପର୍କିତ ଆଇନକୁ କଠୋର କରିବା ପାଇଁ ତାଙ୍କର ଆବେଦନ ଯୋଗୁଁ ସୁପ୍ରିମକୋର୍ଟ ଏସିଡ଼ ବିକ୍ରି ଉପରେ କଟକଣା ଜାରି କରିବା ସହିତ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରିଥିଲେ। ଲକ୍ଷ୍ମୀଙ୍କ କାହାଣୀକୁ ନେଇ ୨୦୨୦ରେ ମୁକ୍ତିଲାଭ କରିଥିଲା 'ଛପାକ୍' ସିନେମା। ମେଘନା ଗୁଲକାରଙ୍କ ନିର୍ଦ୍ଦେଶନା ଓ ଦୀପିକା ପାଦୁକୋଣଙ୍କ ଅଭିନୟରେ ସମୃଦ୍ଧ ଏହି ଚଳଚ୍ଚିତ୍ରରେ ଏସିଡ଼ ମାଡ଼ ବିରୋଧରେ ଲକ୍ଷ୍ମୀଙ୍କ ଲଢ଼େଇକୁ ଖୁବ ପ୍ରଭାବଶାଳୀ ଢ଼ଙ୍ଗରେ ପ୍ରଦର୍ଶିତ କରାଯାଇଛି। ସେହି ୨୦୨୦ରେ ମୁକ୍ତିଲାଭ କରିଥିବା 'ଥପ୍ପଡ଼' ଏକ କାଳ୍ପନିକ କାହାଣୀ, କିନ୍ତୁ ଏହାର ବାର୍ତ୍ତା ଖୁବ ବାସ୍ତବ। ଅମୃତାଙ୍କୁ ତାଙ୍କ ସ୍ୱାମୀ ସର୍ବସମ୍ମୁଖରେ ଚାପୁଡ଼ା ମାରିବା ପରେ ସେ ଅନୁଭବ କରୁଛନ୍ତି ଯେ ତାଙ୍କୁ ସେ ବିବାହରୁ ନା ସମ୍ମାନ ମିଳୁଛି ନା ଖୁସି। ଛୋଟ କଥା ବୋଲି କହି ସମସ୍ତେ ଘଟଣାକୁ ଭୁଲିଯିବାକୁ କହିଲେ ବି ଅମୃତା ନିଜ ବାପଘରକୁ ଚାଲିଯାଇ ଛାଡ଼ପତ୍ର ପାଇଁ ଆବେଦନ କରୁଛନ୍ତି। କୋର୍ଟରେ ମାମଲାର ଫଇସଲା ଭିତରେ ଭାରତୀୟ ପରିବାର ବ୍ୟବସ୍ଥାର ଅନେକ ନାରୀବିଦ୍ୱେଷମୂଳକ ଦିଗ ଉଜାଗର ହେଉଛି। ଶେଷରେ ସ୍ୱାମୀ ଓ ଶାଶୁ ଅମୃତାଙ୍କ କ୍ଷମା ମାଗୁଛନ୍ତି କିନ୍ତୁ ଛାଡ଼ପତ୍ର ନିଷ୍ପତ୍ତିରୁ ଅମୃତା ଓହରି ନାହାନ୍ତି। 'ନୋ ୱାନ କିଲଡ଼ ଜେସିକା'ରେ ବହୁ ଚର୍ଚ୍ଚିତ ଜେସିକା ଲାଲ ହତ୍ୟା ମାମଲାରେ ନ୍ୟାୟ ପାଇଁ ତାଙ୍କ ଭଉଣୀ ସବ୍ରିନାଙ୍କ ସଂଘର୍ଷକୁ ପ୍ରଦର୍ଶିତ କରାଯାଇଛି। ୨୦୧୧ରେ ଏହି ସିନେମାରେ ଦେଖାଯାଇଛି ରାଜନୈତିକ ପ୍ରଭାବ ଯୋଗୁଁ କିଭଳି ଜେସିକାଙ୍କ ହତ୍ୟାର ଅଭିଯୁକ୍ତମାନେ କୋର୍ଟରେ ଦୋଷମୁକ୍ତ ହୋଇଯାଉଛନ୍ତି। ସାମ୍ବାଦିକ ମୀରା ଏ ବାବଦରେ ଜାଣିବା ପରେ ସବ୍ରିନାଙ୍କ ସହ ମିଶି ଯାବତୀୟ ପ୍ରମାଣ ପତ୍ର ଯୋଗାଡ଼ କରୁଛନ୍ତି ଏବଂ ଶେଷରେ ସୁପ୍ରମି କୋର୍ଟରେ ଜେସିକାଙ୍କ ହତ୍ୟାର ଦୋଷୀମାନେ ଦଣ୍ଡିତ ହେଉଛନ୍ତି। ଏହିସବୁ ଚଳଚ୍ଚିତ୍ରର ବାର୍ତ୍ତା ହେଉଛି ମହିଳାଙ୍କ ନ୍ୟାୟ ଓ ଅଧିକାରର ଲଢ଼େଇ ଭୁକ୍ତଭୋଗୀ ମହିଳାମାନେ ହିଁ ଲଢ଼ିଆସିଛନ୍ତି ଏବଂ ଆଗକୁ ମଧ୍ୟ ଲଢ଼ିବେ। ଅନ୍ୟାୟର ସମ୍ମୁଖୀନ ହେଲେ ମହିଳାକୁ ନିଜେ ହିଁ ସଂଘର୍ଷ କରି ନ୍ୟାୟର ଚକକୁ ଆଗକୁ ଗଡ଼ାଇବାକୁ ପଡ଼ିବ। ପୁରୁଷମାନେ ଅତି ବେଶୀରେ ସମର୍ଥକର ଭୂମିକା ତୁଲାଇପାରିବେ।

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, ଚହଟା ନଗର, ଲେନ୍-
୬, କଟକ-୧୪, ଦୂରଭାଷ :
୭୦୦୮୪୭୮୯୮୬
E-mail :
nibeditabehera08021985
@gmail.com



# ଜମିବାଡ଼ି ବିବାଦ ନେଇ ପିଉସାକୁ ହତ୍ୟା,ନିଆଁ ଲଗାଇଦେଲେ ଦୁଇ ପୁତୁରା

**ଫୁଲବାଣୀ (ଅମୃତ ମିଡିଆ) :** ଜମି ବାଡ଼ି ବିବାଦ କୁ ନେଇ ସମ୍ପର୍କୀୟ ପିଉସା କୁ ହତ୍ୟା କରି ଜଙ୍ଗଲରେ ନିଆଁ ଲଗାଇ ଦୁଇ ପୁତୁରା ପୋଡ଼ି ଦେଇଥିବା ଅଭାବନୀୟ ଘଟଣା କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ଥାନା ଅଞ୍ଚଳ ସିକନବାଡ଼ି ଗ୍ରାମରେ ଘଟିଥିବା ଜଣା ପଡ଼ିଛି। ସୂଚନାଯୋଗ୍ୟ ଦାରିଙ୍ଗିବାଡି ଥାନା ଅଞ୍ଚଳ ସିକନ୍ ବାଡ଼ି ଗ୍ରାମର ପିଉସା ମିଶ୍ର ପ୍ରଧାନ ଓ ପୁତୁରା ସଞ୍ଜୟ ଦିଗାଲ ଏବଂ ସିଦ୍ଧାନ୍ତ ଦିଗାଲ ଙ୍କ ମଧ୍ୟରେ ଜମି ବାଡ଼ି କୁ ନେଇ ବିବାଦ ଲାଗି ରହିଥିଲା । ତା ୧୩/୮/୨୦୨୬ ରିଖ ଦିନ ପୁତୁରା ସଞ୍ଜୟ ଓ ସିଦ୍ଧାନ୍ତ ଦୁଇ ଭାଇ ସେହି ବିବାଦୀୟ ଜମିରେ ଚାଷ କରୁଥିବା ହେତୁ ପିଉସା ମିଶ୍ର ପ୍ରଧାନ ଗାଁ ରେ ସେମାନଙ୍କ ସହ ଗୋଣ୍ଡ ଗୋଳ କରିଥିଲେ। ସଞ୍ଜୟ ଓ ସିଦ୍ଧାନ୍ତ କାଠ ଆଣିବାକୁ ନିକଟସ୍ଥ ଜଙ୍ଗଲ କୁ ଯିବାରୁ ସେମାନଙ୍କୁ ଗଣ୍ଡଗୋଳ କରିବା ପାଇଁ ପିଉସା ମିଶ୍ର ପ୍ରଧାନ ମଧ ଜଙ୍ଗଲ କୁ ଯାଇଥିଲେ। ସେଠାରେ ପୁଣି ଥରେ ମିଶ୍ର ପ୍ରଧାନ ସାନ ଭାଇ କୁ ମାଡ଼ ମାରି ଥିଲା ବଡ ଭାଇ ସାନ ଭାଇ କୁ ମାରିବାର ଦେଖି ସଂଗ୍ରହ କରି ଥିବା କାଠ ଫାଳିଆ ରେ ପିଉସା ମିଶ୍ର ପ୍ରଧାନ ମୁଣ୍ଡ କୁ ପିଟି ଦେଇଥିଲା। ଅତ୍ୟଧିକ ରକ୍ତ ସ୍ରାବ ହୋଇ ସେଠାରେ ମିଶ୍ର ପ୍ରଧାନ ର ମୃତ୍ୟୁ ଘଟିଥିଲା। ଶବ କୁ ପୋଡ଼ି ଦେବାର ଯୋଜନା କରି ସେହି ଦୁଇ ପୁତୁରା ସନ୍ଧ୍ୟା ସମୟରେ ଯାଇ ସେହି ଜଙ୍ଗଲରେ ମିଶ୍ର ପ୍ରଧାନ ର ଶବ କୁ ପୋଡ଼ି ଦେଇଥିଲେ। ଘଟଣା ସମ୍ପର୍କରେ ଗାଁ ଲୋକ ଜାଣିବା ପରେ ଦାରିଙ୍ଗିବାଡି ଥାନା ପୋଲିସ କୁ ଖବର ଦେଇଥିଲେ। ତା ୧୫/୮/ ୨୦୨୬ ରିଖ ଦିନ ୪.୧୫ ସମୟରେ ଦାରିଙ୍ଗିବାଡ଼ି ଥାନା ଇନିନିସ୍ପେକ୍ଟର ଦୀପକ କୁମାର ଦଳେଇ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ନେଇ କେସ୍ ନଂ ୨୧୨/୨୦୨୬ ରେ ଏକ ହତ୍ୟା ଜନିତ ମାମଲା ରୁଜୁ କରି ଅଭିଯୁକ୍ତ ସଞ୍ଜୟ ଦିଗାଲ,ସିଦ୍ଧାନ୍ତ ଦିଗାଲ ଦୁଇ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଦାରିଙ୍ଗିବାଡି ଥାନା ଅଧିକାରୀ ସଂଗ୍ରାମ କୁମାର ଜେନା ଙ୍କ ଠାରୁ ପ୍ରକାଶ ପାଇଥିବା ବେଳେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।




# ରାଲିରେ ତ୍ରିରଙ୍ଗା ପତାକାକୁ ଅବମାନନା ଘଟଣା,ଥାନାରେ ମାମଲା

**ଟାଙ୍ଗୀ -ଚୌଦ୍ୱାର (ଅମୃତ ମିଡ଼ିଆ) :** ସ୍ୱାଧୀନତା ଦିବସରେ ସାରା ଓଡିଶାରେ ତ୍ରିରଙ୍ଗା ଯାତ୍ରା କରାଯାଉଥିବା ବେଳେ ଏବେ କଟକ ଜିଲ୍ଲା ଟାଙ୍ଗୀରେ ଏହାକୁ ନେଇ ହରଡ଼ଘଣାରେ ପଡିଛନ୍ତି ଟେଟ୍ରାହେଡ୍ରନର ଅଧକ୍ଷ ତ୍ରିଦେବ ବେହେରା । କଲେଜ କ୍ୟାମ୍ପସ ରେ ଏକ ତିନି ଶହ ମିଟର ତ୍ରିରଙ୍ଗା ଯାତ୍ରା କରି ଏକ ଐତିହାସିକ ପଦକ୍ଷେପ ନେଇଥିଲା ବେଳେ ଏହାର ପରବର୍ତୀ ଏକ ବିରାଟ ବାଇକ ରାଲି କରି ଏକ ନିର୍ଦ୍ଦିଷ୍ଟ ଦଳ ର ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଚହଳ ସୃଷ୍ଟି କରିଥିଲେ । ଫଳରେ ଟାଙ୍ଗୀ ରୁ ସଫା ପର୍ଯ୍ୟନ୍ତ କରାଯାଇଥିବା ବାଇକ ରାଲି ରେ ତ୍ରିଦେବ ବେହେରା ସଫଳ ହୋଇଥିଲା ବେଳେ ଏହାର ପରବର୍ତୀ କିଛି ଘଟଣା ତାଙ୍କୁ ଅସ୍ତବ୍ୟସ୍ତ କରିଦେଇଛି । ଦିନ ୨ ଟା ରେ ୧୫୦୦ ରୁ ଉର୍ଦ୍ଧ ବାଇକ ରେ ବିଜେପି ର ବିଭିନ୍ନ ନେତାଙ୍କର ପୋଷ୍ଟର ଓ ଫ୍ଲାଗ କାର୍ଡ ସହ ତ୍ରିରଙ୍ଗା ପତାକା ଗାଡି ରେ ଲଗାଇ ହାତ ରେ ଧରି ଯାଉଥିବାର ଦୃଶ୍ୟ ଦେଖାଯାଇଥିଲା । କିନ୍ତୁ ରାଲି ପରଦିନ ସ୍କୁଲ ପଡିଆରେ ବହୁ ପୋଷ୍ଟର ଓ ତ୍ରିରଙ୍ଗା ପତାକା ପଡିଥିବାର ଚିତ୍ର ସାମାଜିକ ଗଣ ମାଧ୍ୟମରେ ପ୍ରଚାର ହେବା ସହ ଏହା ଜାତୀୟ ପତାକା କୁ ଅପମାନ ବୋଲି ବିଭିନ୍ନ ମତାମତ ଆସିଥିଲା । ଟାଙ୍ଗୀ ବିଜେପି ରେ ଏକ ନିର୍ଦ୍ଦିଷ୍ଟ ପ୍ରଭାବ ବିସ୍ତାର ତ୍ରିଦେବ ବେହେରା ଆରମ୍ଭ କରିଥିଲା ବେଳେ ପୂର୍ବରୁ ଏଠାରେ କିଛି ବିଧାୟକ ପ୍ରାର୍ଥୀ ଆଶାୟୀ ଙ୍କ ମନରେ ଛନକା ପଶିଥିଲା । ଫଳରେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ଙ୍କ ନିର୍ଦ୍ଦେଶ ରେ ତାଙ୍କ ର କିଛି ଦଳୀୟ କର୍ମୀ ଟାଙ୍ଗୀ ଥାନାରେ ଶ୍ରୀ ବେହେରା ଙ୍କ ନାମରେ ଜାତୀୟ ପତାକା କୁ ଅପମାନ ଘଟଣା ରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ । ପରେ ଗତ କାଲି କଟକ ଜିଲ୍ଲା ଗ୍ରାମୀଣ ଉପସଭାପତି ଡ଼ ହିମାଂଶୁ ମହାନ୍ତି ଟାଙ୍ଗୀ ଥାନାରେ ଧାରଣା ଦେଇ ତ୍ରିଦେବ ବେହେରାଙ୍କୁ ଏହା ଘଟଣା ରେ ଗିରଫ କରିବା ପାଇଁ ଦାବୀ କରି ଅଭିଯୋଗ କରିଥିଲେ । ଯାହାକି ଅଭିଯୋଗ କୁ ମାମଲା ରୁଜୁ କରାଯାଇଛି । ଏହା ପରେ ତ୍ରିଦେବ ବେହେରା ଙ୍କ ତରଫରୁ ଏହାକୁ ଖଣ୍ଡନ କରାଯାଇ ଏକ ପାଲଟା ଅଭିଯୋଗ ତ୍ରିଦେବ ସାର ଙ୍କ ତିନି ଶହରୁ ଉର୍ଦ୍ଧ ସମର୍ଥକ ମାନେ ଦେଇଥିଲେ ।



# ଠାକୁରାଣୀଙ୍କ ହୁଣ୍ଡି ନେଇଗଲେ ଦୁର୍ବୃତ୍ତ

ବାଲିଅନ୍ତା (ଅମୃତ ମିଡିଆ) : ବାଲିଅନ୍ତା ବ୍ଲକ ଝିଙ୍କିଶାସନ ପଞ୍ଚାୟତ ଅଧିନ ପାଟଣା ଗ୍ରାମର ଆରାଧ୍ୟ ମା'ଗଭୀବୁଢ଼ୀ ଠାକୁରାଣୀଙ୍କ ହୁଣ୍ଡିକୁ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଅଭିଯୋଗ ହୋଇଛି । ଖବରନେବାରେ ଜଣାପଡିଛି ପ୍ରତିଦିନ ଭଳି ଆଜି ପୂଜକ ଉକ୍ତ ମନ୍ଦିରକୁ ଆସିବା ବେଳେ ହୁଣ୍ଡି ବାକ୍ସ ସେଠାରେ ନଥିବାର ଦେଖିବାକୁ ପାଇଲେ । ପରେ ଗ୍ରାମବାସୀଙ୍କୁ ଜଣାଇଥିଲେ । ସମସ୍ତେ ବହୁ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ । ସେହିପରି ନିକଟରେ ଲାଗିଥିବା ସିସିଟିଭି ଚାଞ୍ଚ କରିଥିଲେ । ସେଥିରେ ରାତି ସାଢେ ୧ ଟାରେ ୨ ଜଣ ଯୁବକ ଏକ ମୋଟର ସାଇକଲରେ ଆସି ଗାଁ ଶେଷରେ ମୋଟର ସାଇକଲ ରଖିଥିଲେ । ପ୍ରଥମେ ଜଣେ ଗାମୁଛା ଘୋଡାଇ ହୋଇ ଆସିଥିବା ବେଳେ ପରେ ଅନ୍ୟ ଜଣେ ମୋବାଇଲ ଫୋନରେ କଥାହୋଇ ମନ୍ଦିରକୁ ଯାଇଥିଲେ । ୫ ମିନିଟ ପରେ ସେମାନେ ଫେରିଥିଲେ । ଉକ୍ତ ୨ ଯୁବକ ଏହି ଚୋରିରେ ସମ୍ପୃକ୍ତ ଥିବା ଗ୍ରାମବାସୀ ଅନୁମାନ କରିଛନ୍ତି । ସିସିଟିଭିରେ କଏଦ ହୋଇଥିବା ଯୁବକଙ୍କ ପରିଚୟ ମିଳିପାରିନାହିଁ କ୍ଷ ଏନେଇ ଗ୍ରାମବାସୀ ବାଲିପାଟଣା ଥାନାରେ ଅଭିଯୋଗ କରିଥିବା ବେଳେ ଉକ୍ତ ହୁଣ୍ଡିରେ ୧୦ ରୁ ୧୫ ହଜାର ଦାନଟଙ୍କା ଥିଲା ବୋଲି ଗ୍ରାମବାସୀ ଉଲ୍ଲେଖ କରିଛନ୍ତି । ସେହିପରି ଗତ ୨ ଦିନ ତଳେ ବିଶୁନିଆପଡା ମହାନ୍ତିସାହି ଗ୍ରାମର ମା' ମାନେଶ୍ୱରୀ ମନ୍ଦିରରୁ କେହି ଦୁର୍ବୃତ୍ତ ମଧ ଅନୁରୂପ ଭାବେ ହୁଣ୍ଡି ଭାଙ୍ଗି ଦାନଅର୍ଥ ଚୋରି କରିଥିବା ଅଭିଯୋଗ ହୋଇଥିଲା ।

# ଶୁଣିଲାନି ପ୍ରଶାସନ, ରାସ୍ତାରେ ଧାନ ରୋଇଲେ

**ନୀଳଗିରି (ଅମୃତ ମିଡିଆ) :** ରାସ୍ତା ପାଇଁ ନିଆରା ଢଙ୍ଗରେ ପ୍ରତିବାଦ କଲେ ଗ୍ରାମବାସୀ।ଶୁଣିଲାନି ସ୍ଥାନୀୟ ପ୍ରଶାସନ ବାଧ ହୋଇ ରାସ୍ତାରେ ଧାନ ଗଛ ରୋଇଲେ ଗ୍ରାମବାସୀ।ଏ ଭଳି ଘଟଣା ଦେଖିବାପାଇଁ ମିଳିଛି ନୀଳଗିରି ବ୍ଲକ ବେଗୁନିଆ ପଂଚାୟତ ନିଶଙ୍କପୁର ଗାଁରେ।ଗାଁର ବେହେରା ସାହି ରାସ୍ତା ଦୀର୍ଘଦିନ ଧରି ପାଣି କାଦୁଅରେ ଥିବା ବେଳେ ସାମାନ୍ୟ ବର୍ଷାରେ ରାସ୍ତା ଯାତାୟତ ବାଧାପ୍ରାପ୍ତ ହେଉଥିଲା। ଲୋକେ ନାନା ଅସୁବିଧାରେ ସମୁଖୀନ ହେଉଥିଲେ। ଏହା ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ସ୍କୁଲ ଯାତାୟତ କରିବା ସହ ଜରୁରୀକାଳୀନ ସେବା ଆବଶ୍ୟକ ପଡିଲେ ତିନି କିଲୋମିଟର ବୁଲି ଗାଡି ଗାଁରେ ପହଞ୍ଚିଥାଏ।ଏ ନେଇ ଗ୍ରାମବାସୀ ମାନେ ଅନେକ ସମୟରେ ରାଜନେତାଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ଅଭଯୋଗ କରିଥିଲେ ବି କେହି ଶୁଣି ନଥିଲେ ଫଳରେ ବାଧ ହୋଇ ଲୋକେ ରାସ୍ତାରେ ଧାନ ରୋଇ ପ୍ରତିବାଦ କରିବା ସହ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି ।



# ଇଫ୍‌କୋ ପାରାଦୀପ ୟୁନିଟ ପରିସରରେ ଅନ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ

**ପାରାଦୀପ (ଅମୃତ ମିଡିଆ) :** ଜଗତସିଂହପୁର ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ଜିଲ୍ଲା କ୍ରାଇସିସ୍ ଗ୍ରୁପ୍ (ଡିସିଜି) ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁଯାୟୀ,ଇଫକୋ ପାରାଦୀପ ୟୁନିଟ୍ ପରିସରରେ ବୁଧବାର ଦିନ ଏକ ଅନ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଏହି ମକ୍ ଡ୍ରିଲରେ ଏନଏଚ-୩ ନିକଟସ୍ଥ ଷ୍ଟୋରେଜ୍ ଅଞ୍ଚଳରୁ ଡିଏପି ପ୍ଲାଣ୍ଟକୁ ସଂଯୋଗ କରୁଥିବା ୮ ଇଞ୍ଚ ବ୍ୟାସର ଟ୍ରାନ୍ସଫର୍ ପାଇପଲାଇନ୍‌ରୁ ତରଳ ଆମୋନିଆ ଲିକ୍ ହେବାର ଏକ କଳ୍ପିତ ପରିସ୍ଥିତିକୁ ଆଧାର କରାଯାଇ ମକ୍ ଡ୍ରିଲ୍ ପୂର୍ବରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଳ୍ପିତ ଜରୁରୀକାଳୀନ ପରିସ୍ଥିତି,ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗ ଓ ଅଂଶଗ୍ରହଣକାରୀ ସଂସ୍ଥାଗୁଡ଼ିକର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଜରୁରୀକାଳୀନ ପରିସ୍ଥିତି ସମୟରେ ଇଫକୋର ଫାୟାର୍ ଆଣ୍ଡ ସେଫ୍ଟି ବିଭାଗ ପ୍ରଭାବିତ ଅଞ୍ଚଳକୁ ଖାଲି କରିବା ସହ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିଲା। ପାଣି ସିଞ୍ଚନ ଏବଂ କଳ୍ପିତ ଲିକେଜ୍ ସ୍ଥାନ ଚାରିପାଖରେ ୱାଟର୍ କର୍ଟେନ୍ ସୃଷ୍ଟି କରି ଲିକେଜ୍‌କୁ ନିୟନ୍ତ୍ରଣ କରାଯାଇଥିଲା। ଫାୟାର୍ ଆଣ୍ଡ ସେଫ୍ଟି, ମେଡିକାଲ୍, ମେଣ୍ଟେନାନ୍ସ, ପ୍ରଡକ୍ସନ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର କର୍ମଚାରୀମାନେ ତତ୍ପରତାର ସହ ପ୍ରତିକ୍ରିୟା ଜଣାଇ ଜରୁରୀକାଳୀନ ପରିସ୍ଥିତି ମୁକାବିଲାରେ ସମନ୍ୱିତ କ୍ଷମତାର ପ୍ରଦର୍ଶନ କରିଥିଲେ। ମକ୍ ଡ୍ରିଲରେ ମ୍ୟୁଚୁଆଲ୍ ଏଡ୍ ସ୍କିମ୍ର ମଧ୍ୟ ଏକ ପ୍ରଭାବଶାଳୀ ପ୍ରଦର୍ଶନ କରାଯାଇଥିଲା। ଏହା ଅନ୍ତର୍ଗତ ଆଇଓସିଏଲ ପାରାଦୀପ ରିଫାଇନେରୀ, ପିପିଏଲ, ସିଆଇଏସଏଫ ଫାୟାର୍ ୱିଙ୍ଗ୍,ପାରାଦୀପ ପୋର୍ଟ ଅଥରିଟି ଏବଂ ଏଏମ/ଏନଏସ ପକ୍ଷରୁ ଫାୟାର୍ ଟେଣ୍ଡର୍ ଓ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଘଟଣାସ୍ଥଳରେ ପହଞ୍ଚି ଜରୁରୀକାଳୀନ ପରିସ୍ଥିତି ନିୟନ୍ତ୍ରଣରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମକ୍ ଡ୍ରିଲ୍‌ର ସଫଳ ଆୟୋଜନକୁ ପ୍ରଶଂସା କରିବା ସହ ଏଭଳି ଅଭ୍ୟାସରେ ସମସ୍ତ ଡିସିଜି ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ମାଧ୍ୟମରେ ପରସ୍ପରଠାରୁ ଶିକ୍ଷା ଗ୍ରହଣ କରିବା ସହ ଜରୁରୀକାଳୀନ ପରିସ୍ଥିତି ମୁକାବିଲାର ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରାଯାଇପାରିବ ବୋଲି ସେ କହିଥିଲେ। ଏଥିସହ ଟାଉନସିପ୍ ବାସିନ୍ଦା ଓ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଶିଳ୍ପ ଜରୁରୀକାଳୀନ ପରିସ୍ଥିତି ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ପାରାଦୀପ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ସି.ଏସ.ବେହେରା ଠିକା ସଂସ୍ଥା ଏବଂ ସେମାନଙ୍କ କର୍ମଚାରୀମାନଙ୍କୁ ନିୟମିତ ଜରୁରୀକାଳୀନ ସଚେତନତା ଓ ପ୍ରଶିକ୍ଷଣ ପ୍ରଦାନ କରିବା ଆବଶ୍ୟକ ବୋଲି କହିଥିଲେ। ଯାହା ଦ୍ୱାରା ଜରୁରୀ ପରିସ୍ଥିତିରେ ସେମାନେ ପ୍ରଭାବଶାଳୀ ଭାବେ ପ୍ରତିକ୍ରିୟା ଜଣାଇପାରିବେ। ସେହିପରି ପାରାଦୀପ ପୋର୍ଟ ଡକ୍ ସେଫ୍ଟି ଅତିରିକ୍ତ ସହକାରୀ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର କୁମାର ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଶିକ୍ଷଣ ଦେବା ସହ ଆମୋନିଆ ସୁରକ୍ଷା ଏବଂ ଜରୁରୀକାଳୀନ ସମୟରେ ଉପଯୁକ୍ତ ପ୍ରତିକ୍ରିୟା ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି କରିବାର ଗୁରୁତ୍ୱ ଦେଇଥିଲେ। ଆର.ଏନ.ମୂର୍ତ୍ତି, ବରିଷ୍ଠ ମହାପ୍ରବନ୍ଧକ(ପ୍ରଡକ୍ସନ୍), ଇଫକୋ, ସରକାରୀ କର୍ତ୍ତୃପକ୍ଷ ଏବଂ ପଡ଼ୋଶୀ ଶିଳ୍ପ ସଂସ୍ଥାଗୁଡ଼ିକର ଉତ୍ସାହଜନକ ଅଂଶଗ୍ରହଣ ପାଇଁ ପ୍ରଶଂସା କରିଥିଲେ। ଇଫକୋ ଓ ପାରାଦୀପର ପଡ଼ୋଶୀ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ନିରନ୍ତର ସହଯୋଗ ଓ ସମନ୍ୱୟ ପାରାଦୀପ ଶିଳ୍ପାଞ୍ଚଳର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସହ ଭବିଷ୍ୟତରେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିକୁ ଦକ୍ଷତାର ସହ ମୁକାବିଲା କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋ ମେଣ୍ଟେନାନ୍ସ ବିଭାଗର ମହାପ୍ରବନ୍ଧକ ଏ.ଏନ. ଓଝା, ଫାୟାର ଆଣ୍ଡ ସେଫଟି ମହାପ୍ରବନ୍ଧକ ଆର.କେ.ସ୍ୱାଇଁ, କୁଜଙ୍ଗ ଫାୟାର ଷ୍ଟେସନ ଅଧିକାରୀ ବିଶ୍ୱଜିତ ରାଉତ,ପିପିଏଲ, ପାରାଦୀପ ବନ୍ଦର, ସିଆଇଏସଏଫ, ଜିଏଆଇଏଲ, ବିପିସିଏଲ, ଆଇଓଲ, ଓଡିଶା ଫାୟାର ସର୍ଭିସ,ଗୋଆ କାର୍ବନଙ୍କ ସମେତ ବିଭିନ୍ନ ମ୍ୟୁଚୁଆଲ୍ ଏଡ୍ ଶିଳ୍ପ ସଂସ୍ଥାର ଅଧିକାରୀ ଓ ଶିଳ୍ପ ସଂସ୍ଥାର ସୁରକ୍ଷା ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




# ସ୍ନେହମୟୀଙ୍କ ଦ୍ୱାରା ନିର୍ଯ୍ୟାତିତ ବୃଦ୍ଧାଉଦ୍ଧାର

**ପାରାଦୀପ (ଅମୃତ ମିଡିଆ) :** ବରିଷ୍ଠ ନାଗରିକ ମାନଙ୍କର ସ୍ୱାର୍ଥ ଓ ସୁରକ୍ଷା କୁ ଦୃଷ୍ଟିରେ ରଖି ଯେତେ ଆଇନ୍ ପ୍ରଣୟନ କରାଗଲେ ମଧ୍ୟ, ଦିନକୁ ଦିନ ବରିଷ୍ଠ ନାଗରିକଙ୍କ ପ୍ରତି ପୁଅ ବୋହୂଙ୍କ ନିର୍ଯାତନା ଓ ଅତ୍ୟାଚାର ବଢ଼ିବାରେ ଲାଗିଛି। ଏମିତି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗ ଅଞ୍ଚଳର ସମଗୋଳ ଗ୍ରାମରେ। ବାପା ଶଙ୍କର ନନ୍ଦ ବଞ୍ଚିଥିବା ସମୟରେ ପୁତ୍ର ମୋହରେ ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ନିଜ ପିଲା ମାନଙ୍କ ନାମରେ କରି ଦେଇଥିଲେ। କିନ୍ତୁ ସେ ଜାଣି ନଥିଲେ କି ତାଙ୍କ ଅବର୍ତ୍ତମାନରେ ତାଙ୍କ ପତ୍ନୀ ନିଜ ପିଲାମାନଙ୍କ ଦ୍ୱାରା ଏତେ ନିର୍ଯାତନାର ଶିକାର ହେବେ ବୋଲି। ଶଙ୍କର ନନ୍ଦଙ୍କ ବିୟୋଗ ପରେ ପତ୍ନୀ ସୁଧାଂଶୁ ବାଳା ନନ୍ଦ (୭୭) ଙ୍କୁ ତିନି ପୁଅ ଓ ତିନି ବୋହୂ ଅକଥନୀୟ ଅତ୍ୟାଚାର କରି ଆସୁଛନ୍ତି। ଏ ସମ୍ପର୍କରେ ଅନେକ ଥର କୁଜଙ୍ଗ ଥାନାର ଦ୍ୱାରସ୍ଥ ହେବା ସଙ୍ଗେ ସଙ୍ଗେ ପେଟକୁ ଗଣ୍ଡେ ଦାନା ଏବଂ ଜିବନ ବଞ୍ଚାଇବା ପାଇଁ ଆଜକୁ ବାର ଦୁଆର ସୁଣ୍ଢି ପିଣ୍ଡା ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକ ବରିଷ୍ଠ ନାଗରିକ ମାନଙ୍କ ସ୍ୱତନ୍ତ୍ର ସଭ୍ୟା ତଥା ଜଣାଶୁଣା ସମାଜସେବୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ସହ ଯୋଗାଯୋଗ କରିଥିଲେ। ସୁଧାଂଶୁ ବାଳା କୁଜଙ୍ଗ ପୋଲିସ ଓ ଲୁଥେରାନ୍ ମହିଳା ସମିତିର ସଭାପତି ପ୍ରମିଳା ତ୍ରିପାଠୀ, ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଲୁଥେରାନ୍ ମହିଳା ସମିତିର ସମ୍ପାଦିକା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଏକ ଲିଖିତ ରାଜିନାମା କରି, ପୁଅ ବୋହୁ ନାତି ନାତୁଣୀ ଙ୍କ ସହ ମୋହ ତୁଟାଇ ଅବଶିଷ୍ଟ ଜୀବନ ଜରାଶ୍ରମରେ କଟାଇବା ପାଇଁ ଇଚ୍ଛା ପୋଷଣ କରିଥିଲେ।



# ବନ୍ୟାପୀଡ଼ିତଙ୍କୁ ସହଯୋଗର ହାତ ବଢାଇଲେ କ୍ୟାପଟେନ ରାଜନାରାୟଣ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆ,ବରଦା, ପଲାଇ, ବିକ୍ରମତିରଣ, ଭରତପୁର ପଞ୍ଚାୟତରେ ଗୋବରୀ ନଦୀର ବନ୍ୟା ଯୋଗୁ ଶହ ଶହ ଏକର ଚାଷ ଜମି ଜଳ ମଗ୍ନ ହେବା ସହ ନଦୀକୁଳିଆ ପରିବା ଫସଲ ବ୍ୟାପକ କ୍ଷତି ଘଟିଛି, ଚାଷୀ ମାନଙ୍କର ପ୍ରଥମ ବନ୍ୟାର ଦୁଖଃ ଦୁର୍ଦ୍ଦଶା କମିନଥିବା ବେଳେ ପୁନଶ୍ଚ ଗୋବରୀ ନଦୀରେ ବନ୍ୟା ଆସିବା ଓ ଲଗାଣ ବର୍ଷା ଦ୍ୱାରା ଚାଷ ଜମି ଗୁଡ଼ିକରେ ଦୁଇଫୁଟ ରୁ ଉର୍ଦ୍ଧ ପାଣି ଜମି ରହିଥିବା ବେଳେ ରୁଆ ଯାଇଥିବ ଧାନ, ତଳି ଘେରା, ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି ତେବେ ପରିତାପର ବିଷୟ ଏହିକି ଯେ ଗୋବରୀ ନଦୀ ସରକାରୀ ସ୍ତରରେ ନଦୀ ର ମାନ୍ୟତା ପାଇନଥିବାରୁ ଚାଷୀ ମାନେ କୌଣସି ପ୍ରକାର ପ୍ରଶାସନିକ ସହଯୋଗ ପାଇପାରୁ ନାହାନ୍ତି, ଗୃହ ପାଳିତ ପଶୁମାନେ ମଧ ଚରିବାକୁ ଯାଇପାରୁ ନ ଥିବାରୁ ଭୋକ କଷ୍ଟ ଭୋଗୁଛନ୍ତି, ଏହି ପରିପ୍ରେକ୍ଷୀରେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ସମାଜ ସେବୀ ଜ୍ଞାନରଞ୍ଜନ ସାହୁ, ଦିଲୀପ କୁମାର ସାମଲ, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି,ସଂଜୀବ ସାମଲ ପ୍ରମୂଖ ଏହି ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକ ବୁଲି ଦେଖିବା ସହ ଗୃହ ପାଳିତ ପଶୁମାନଙ୍କ ପାଇଁ ଗୋ ଖାଦ୍ୟ ଓ ରିଲିଫ ଯୋଗାଇଦେବା ପାଇଁ ଦର୍ପଣ ତହସିଲଦାର ଓ ଅନ୍ୟାନ୍ୟ ପ୍ରସାଶନିକ ଅଧିକାରୀଙ୍କ ସହିତ ଆଲୋଚନ କରିଥିଲେ, ବାଲିପଡିଆ ଓ ଭରତପୁର ଅଞ୍ଚଳର କିଛି ଲୋକଙ୍କର ପରିସ୍ଥିତି ଅନୁଭବ କରି ପ୍ରାୟ ୩୦୦ରୁ ଉର୍ଦ୍ଧ ପରିବାରର ଲୋକଙ୍କୁ ନିଜସ୍ୱ ଖର୍ଚ୍ଚରେ ଅଟା, ଚୁଡା, ବିସ୍କୁଟ, ଚିନି ଆଦି ରିଲିଫ୍ ସମାଗ୍ରୀ ଯୋଗାଇ ଦେଇଥିଲେ, ବାଲିପଡିଆ ପଞ୍ଚାୟତର ପ୍ରବାସ କୁମାର ଦାସ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ଗଗନବିହାରୀ ସ୍ୱାଇଁ, ଧନଞ୍ଜୟ ବାରିକ, ପବିତ୍ର କୁମାର ବେହୁରା, ହରିହର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲିକ,ବାବୁରାମ ମଲିକ, ବିପିନ ମଲିକ, ପ୍ରତାପ ମଲିକ ପ୍ରମୁଖ ଘରେ ଘରେ ବୁଲି ଏହି ରିଲିଫ ସମାଗ୍ରୀ ବନ୍ୟା ପୀଡିତ ପରିବାର ପାଖରେ ପହଞ୍ଚାଇ ଥିଲେ।





ଷଷ୍ଠ ଶ୍ରାଦ୍ଧବାର୍ଷିକୀ
ଶ୍ରୀମତୀ ସୌମ୍ୟା ମିଶ୍ର
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୧୧.୦୮.୧୯୭୫
ତିରୋଧାନ : ୨୦.୦୮.୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ମାତା-ଶ୍ରୀମତୀ ଗାୟତ୍ରୀ ମିଶ୍ର ଏବଂ ଶ୍ରୀମତୀ ଶାନ୍ତା ମିଶ୍ର

# ପ୍ରଶାସନକୁ କଂଗ୍ରେସର ଦାବିପତ୍ର

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ଚଳିତ ବନ୍ୟାରେ ବଡଚଣା ର ବ୍ୟାପକ ଅଞ୍ଚଳ ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ର ସମ୍ମୁଖୀନ ହୋଇଛନ୍ତି,ପ୍ରଶାସନ ବନ୍ୟା ମୁକାବିଲା ରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ବଡଚଣା କଂଗ୍ରେସ ଦଳ ଅଭିଯୋଗ କରିଛି, ଯାତାୟାତ ର ସୁବିଧା ନିମନ୍ତେ ଡଙ୍ଗା ର ବ୍ୟବସ୍ଥା ନାହିଁ, ପାଣି ଘେରରେ ରହିଥିବା ଲୋକ ମାନଙ୍କୁ ରିଲିଫ ଚାଉଳ କିମ୍ବା ଗୋଖାଦ୍ୟ ପ୍ରଦାନ କରାଯାଇ ନାହିଁ, ପଲିଥିନ ପ୍ରଦାନ ରେ ପାତରଅନ୍ତର ନୀତି ଦୁର୍ଭାଗ୍ୟଜନକ, ଏ ସମସ୍ତ ସମସ୍ୟାର ସମାଧାନ ସହ ଚାଷୀ ମାନଙ୍କୁ ତୁରନ୍ତ ପ୍ରଦାନ ନିମନ୍ତେ କଂଗ୍ରେସ ର ଏକ ପ୍ରତିନିଧି ଦଳ ବଡଚଣା ବିଡିଓ ଓ ଦର୍ପଣ ତହସିଲଦାରଙ୍କୁ ସାକ୍ଷାତ କରି ଦାବି କରିଛନ୍ତି, ନଚେତ୍ କଂଗ୍ରେସ୍ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଚେତାବନୀ ରଖିଛି, ଅଜୟ କୁମାର ସାମଲ ଙ୍କ ନେତୃତ୍ୱ ରେ ବିଳାସ ଚନ୍ଦ୍ର ବାରିକ, ମହନି ମହାନ୍ତି, ସଞ୍ଜୟ କର , ବଟକୃଷ୍ଣ ଦାସ , ନାରାୟଣ ଦାସ, ସନ୍ତୋଷ ପରିଡ଼ା, ସେଖ ଏଜାଜ୍ ପ୍ରତିନିଧି ମଣ୍ଡଳୀ ରେ ସାମିଲ ଥିଲେ





# ଖାଲ ଖମାରେ ଭର୍ତ୍ତି ଗ୍ରାମ୍ୟରାସ୍ତା ଲୋକେ ହେଉଛନ୍ତି ଦୁର୍ଘଟଣାର ଶିକାର

## ବଡ଼ ଦୁର୍ଘଟଣା ପୂର୍ବରୁ ତୁରନ୍ତ ମରାମତି ଦାବି



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଦୀର୍ଘ ବର୍ଷଧରି ଅବହେଳିତ ଅବସ୍ଥାରେ ପଡ଼ିରହିଛି ଡୋକ୍ରିପଡା-ଆଟିଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମିତ ରାସ୍ତା । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହେବା ସହ ଅନେକ ସ୍ଥାନରେ ପିଚୁ ଉଠିଯାଇଛି। ଫଳରେ ଏହି ରାସ୍ତା ଦେଇ ଦୈନିକ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଦୁର୍ଘଟଣାର ଶିକାର ହେଉଥିଲେ ମଧ୍ୟ ବାଧ୍ୟ ହୋଇ ଯାତାୟାତ କରୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ରାସ୍ତାର ଏଭଳି ଦୂରବସ୍ଥା ଯୋଗୁଁ ଏହା ଏବେ ମରଣଯନ୍ତାରେ ପରିଣତ ହୋଇଛି ।ବର୍ଷା ଦିନରେ ସମସ୍ୟା ଆହୁରି ଗମ୍ଭୀର ହୋଇପଡୁଛି। ରାସ୍ତାର ଖାଲଖମାରେ ବର୍ଷାଜଳ ଜମି ରହିବା ଯୋଗୁଁ ଖାଲର ଗଭୀରତା ଜଣାପଡୁନାହିଁ। ଏହା ଫଳରେ ଦୁଇଚକିଆ ଯାନ ଚାଳକମାନେ ବିଶେଷ ଭାବେ ବିପଦରେ ପଡୁଛନ୍ତି। ରାତି ସମୟରେ ରାସ୍ତାର ଖାଲଖମା ଠିକ୍ ଭାବେ ଦେଖାଯାଉନଥିବାରୁ ଦୁର୍ଘଟଣାର ଆଶଙ୍କା ଆହୁରି ବଢୁଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଡୋକ୍ରିପଡା-ଆଟିଗାଁ ରାସ୍ତା ଦେଇ ପ୍ରତିଦିନ ବାଲି ବୋଝେଇ ଟ୍ରକ, ଟ୍ରାକ୍ଟର, ହାଇୱା ସମେତ ତ ବିଭିନ୍ନ ଭାରୀ ଯାନ ଚଳାଚଳ କରୁଛି। ବିଶେଷକରି ବେଆଇନ ଭାବେ ବାଲି ପରିବହନ ହେଉଥ ?ିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲଗାତାର ଭାରୀ ଯାନ ଚଳାଚଳ ଯୋଗୁଁ ରାସ୍ତାର ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେଉଥିବା ସେମାନେ କହିଛନ୍ତି। ବାଲି ବୋଝେଇ ଭାରୀ ଯାନ ନିରନ୍ତର ଚଳାଚଳ କରୁଥିବାରୁ ଯାନଗୁଡ଼ିକ ରାସ୍ତା ଉପରେ ଅନେକ ସ୍ଥାନରେ ପିଚୁ ଉଠିଯିବା ସହ ଫାଟ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ରାସ୍ତାର ଦୁଇପାର୍ଶ୍ୱ ମଧ୍ୟ ଭାଙ୍ଗି ଯାଇଥିବା ଦେଖ ?ିବାକୁ ମିଳୁଛି। ଭାରୀ ଯାନ ଚଳାଚଳ ଉପରେ ନିୟନ୍ତ୍ରଣ ନ ରହିଲେ ଆଗାମୀ ଦିନରେ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିବ ବୋଲି ଲୋକେ ଆଶଙ୍କା କରିଛନ୍ତି ।ଏହି ରାସ୍ତା ଉପରେ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ, ଚାଷୀ,ସରକାରୀ କର୍ମଚାରି ଓ ସାଧାରଣ ଲୋକଙ୍କ ଯାତାୟାତ ନିର୍ଭରଶୀଳ। ରୋଗୀଙ୍କୁ ଡାକ୍ତରଖାନାକୁ ନେବା ସମୟରେ ମଧ୍ୟ ରାସ୍ତାର ଅ୍ୟବସ୍ଥା ଯୋଗୁଁ ଅନେକ ସମସ୍ୟା ହେଉଥ ?ିବା ଲୋକେ କହିଛନ୍ତି। ଖାଲଖମା ଯୋଗୁଁ ଯାନବାହନ ଧୀର ଗତିରେ ଚଳାଇବାକୁ ପଡୁଛି। ଗୋଟିଏ ପଟେ ଖାଲକୁ ଏଡ଼ାଇ ଯିବା ଏବଂ ଅନ୍ୟପଟେ ସାମ୍ନାରୁ ଭାରୀ ଯାନ ଆସିବା ଫଳରେ ଚାଳକମାନେ ବିପଜ୍ଜନକ ପରିସ୍ଥିତିରେ ପଡୁଛନ୍ତି। ଏହା ଯୋଗୁଁ ରାସ୍ତାରେ ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ରାସ୍ତାର ଅ୍ୟ ବସ୍ଥା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯାଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଏଭଳି ଦୁର୍ଦଶା ସମ୍ପର୍କରେ ପ୍ରଶାସନ ଅବଗତ ଥ ?ିବା ସତ୍ତ୍ୱେ କାହିଁକି ନିରବ ରହୁଛି, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବାଲି ପରିବହନ ସମ୍ପର୍କରେ ଉଠୁଥ ?ିବା ଅଭିଯୋଗର ସତ୍ୟତା ଯାଞ୍ଚ କରିବା ସହ ବାଲି ବୋଝେଇ ଯାନଗୁଡ଼ିକର କାଗଜପତ୍ର, ଅନୁମତି ଓ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ପରିବହନ ହେଉଛି କି ନାହିଁ, ସେନେଇ ସମ୍ପୃକ୍ତ ବିଭାଗ ଯାଞ୍ଚ କରିବାକୁ ଦାବି ହୋଇଛି । ଅଞ୍ଚଳବାସୀ ଗ୍ରାମୀଣ ଉନ୍ନୟନ ବିଭାଗର ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଡୋକ୍ରିପଡା-ଆଟିଗାଁ ରାସ୍ତାର ସ୍ଥିତି ତୁରନ୍ତ ଯାଞ୍ଚ କରିବାକୁ ଦାବି କରିଛନ୍ତି। ରାସ୍ତାର ଖାଲଖମା ପୂରଣ, ଭାଙ୍ଗିଯାଇଥିବା ସ୍ଥାନର ମରାମତି ଓ ଆବଶ୍ୟକ ସ୍ଥାନରେ ନୂତନ ଭାବେ ପିଚୁ ପକାଇ ରାସ୍ତାକୁ ଯାତାୟାତ ଉପ ?ଯୋଗୀ କରିବାକୁ ଦାବି ହେଉଛି । ଏଥିସହ ବାଲି ପରିବହନ ନେଇ ହୋଇଥିବା ଅଭିଯୋଗର ନିରପେକ୍ଷ ଯାଞ୍ଚ କରିବା, ଯଦି ବେଆଇନ ପରିବହନ ପ୍ରମାଣିତ ହୁଏ ତେବେ ସମ୍ପୃକ୍ତଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନେବା ଏବଂ ରାସ୍ତାରେ ଭାରୀ ଯାନ ଚଳାଚଳ ଉପରେ ଆବଶ୍ୟକ ନିୟନ୍ତ୍ରଣ ଲଗାଇବାକୁ ଲୋକେ ଦାବି କରିଛନ୍ତି । ଦୀର୍ଘଦିନ ଧରି ରାସ୍ତାର ଏଭଳି ଦୁରବସ୍ଥା ଲୋକଙ୍କ ଯାତାୟାତକୁ ପ୍ରଭାବିତ କରୁଥିବାରୁ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ପଡ଼ାକୁ ଗଲାନି ଆମ୍ବୁଲାନ୍ସ: ଖଟିଆରେ ବୁହାହେଲେ ପ୍ରସୂତି



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଦେଶ ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ଆଦିବାସୀ ଅଧୁଷିତ ଅଞ୍ଚଳରେ ଆଜିର ଯୁଗରେ ବଦଳିନି ଚିତ୍ର । ଭଲ ରାସ୍ତା ଖଣ୍ଡିଏ ନଥିବାରୁ ଆଜିବି ଜରୁରୀ ସମୟରେ ଗାଁକୁ ପହଞ୍ଚିପାରୁନି ଆମ୍ବୁଲାନ୍ସ । ଫଳରେ ଗର୍ଭବତୀ ମହିଳାଙ୍କୁ ପ୍ରସବ ସମୟରେ ଭୋଗିବାକୁ ପଡୁଛି ଅସହ୍ୟ ଯନ୍ତ୍ରଣା ।ଏହା ହେଉଛି ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବାତେରପଡ଼ା ଗାଁର ମାଝୀ ପଡାର ବାସ୍ତବ ଚିତ୍ର । ସୂଚନା ଅନୁସାରେ ବାତେରପଡା ଗାଁର ମାଝୀ ପଡାର ଧନସିଂ ମାଝୀ ଙ୍କ ସ୍ତ୍ରୀ ଆଲିଙ୍ଗ ଓଦେଇ ମାଝୀ ଙ୍କୁ ବଡି ଭୋରରୁ ପ୍ରସବ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା ।ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଆଲିଙ୍ଗ ମାଝୀ ଘରେ ଏକ କନ୍ୟା ଜନ୍ମ ଦେଇଥିଲେ ଓ ସକାଳେ ଗାଁ ଆଶାକର୍ମୀ ସତ୍ୟଭାମା ବିଶୋଇ ଆଲିଙ୍ଗ ମାଝୀ ଙ୍କ ଘରକୁ ଯାଇ ମା ଓ ଶିଶୁ ର ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ ଏବଂ ଅଲିଙ୍ଗ ଦେଇ ଅସୁସ୍ଥ ଅନୁଭବ କରିବାରୁ ଲାଞ୍ଜିଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିଥିଲା ହେଲେ ଗାଁର ମାଝୀ ପଡାକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପାରିଲା ନାହିଁ ।ଯାହାଫଳରେ ବାତେରପଡା ଗାଁ ମାଝୀ ପଡାରୁ ହାରାହାରି ୪ଶହ ମିଟର ସାହୁପଡା ପର୍ଯ୍ୟନ୍ତ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିବା ବେଳେ ସେହି ଠାରୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ଏହି ଘଟଣା ଲାଞ୍ଜିଗଡ ଉପାନ୍ତ ଅଞ୍ଚଳ ପାଇଁ ନୂଆଁ ନୁହେଁ ବରଂ ଅନେକ ଥର ଗର୍ଭବତୀ ମହିଳା କିମ୍ବା ଗୁରୁତର ରୋଗୀଙ୍କୁ ଖଟିଆରେ ବୋହିନେବା ଚିତ୍ର ସାମ୍ନାକୁ ଆସୁଛି କିନ୍ତୁ ଏବେ ଉକ୍ତ ଅଞ୍ଚଳର ଚିତ୍ର ଆଜି ପର୍ଯ୍ୟନ୍ତ ବଦଳି ପାରୁନି । ତେବେ ଗାଁକୁ ଯିବା ପାଇଁ ଥିବା ରାସ୍ତା ଅବସ୍ଥା ଏତେ ଦୟନୀୟ ଯେ ଜରୁରୀ ସମୟରେ ଆମ୍ବୁଲାନ୍ସ ଗାଁ ଭିତରକୁ ଯିବାସମ୍ଭବ ହେଉନାହିଁ । ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟ ନେବା ପାଇଁ ପରିବାର ଲୋକଙ୍କୁ ଅନେକ ସମୟରେ ଖଟିଆ, ଦୋଲି କିମ୍ବା ଅନ୍ୟ ଉପାୟରେ ରାସ୍ତା ପର୍ଯ୍ୟନ୍ତ ବୋହି ଆଣିବାକୁ ପଡୁଛି। ଏଭଳି ପରିସ୍ଥିତିରେ ଜଣେ ଜନନୀଙ୍କ ଜୀବନ କେତେ ବିପଦପୂର୍ଣ୍ଣ ତାହା ସହଜରେ ଅନୁମାନ କରାଯାଇପାରେ । ସରକାରଙ୍କ ପକ୍ଷରୁ ଗର୍ଭବତୀ ମହିଳା ଓ ନବଜାତ ଶିଶୁଙ୍କ ପାଇଁ ବିଭିନ୍ନ ଯୋଜନା ରହିଛି ଏବଂ ଆମ୍ବୁଲାନ୍ସ ସେବା ମଧ୍ୟ ଉପଲବ୍ଧ ରହିଛି। କିନ୍ତୁ ରାସ୍ତା ଯଦି ଗାଁ ପର୍ଯ୍ୟନ୍ତ ଯାଇପାରୁନି, ତେବେ ଏହି ସେବାର ସୁଫଳ ଲୋକଙ୍କ ପାଖରେ କିପରି ପହଞ୍ଚିବ ସେନେଇ ବଡ଼ ପ୍ରଶ୍ନ ଉଠିଛି । ବାତେରପଡ଼ା ଗାଁର ଲୋକେ ଦୀର୍ଘଦିନ ଧରି ଭଲ ରାସ୍ତା ପାଇଁ ଦାବି କରିଆସୁଥିବା କହିଛନ୍ତି ଓ ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି । ବର୍ଷା ଦିନରେ ସ୍ଥିତି ଆହୁରି ଗମ୍ଭୀର ହୋଇପଡୁଥିବା ବେଳେ ଗର୍ଭବତୀ ମହିଳା, ବୃଦ୍ଧ ଓ ଗୁରୁତର ରୋଗୀଙ୍କ ପାଇଁ ଚିକିତ୍ସାଳୟ ପହଞ୍ଚିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ସରକାର ସ୍ୱାସ୍ଥ୍ୟ ସେବା ପାଇଁ ଯେତେ ଯୋଜନା କରନ୍ତୁ ନା କାହିଁକି, ଯଦି ଗାଁକୁ ଯିବା ପାଇଁ ରାସ୍ତା ନଥାଏ, ତେବେ ଜରୁରୀ ସ୍ୱାସ୍ଥ୍ୟ ସେବା ଲୋକଙ୍କ ପାଖରେ ପହଞ୍ଚିବ କିପରି ? ତେବେ ଉପାନ୍ତ ଅଞ୍ଚଳର ଲୋକଙ୍କ ଜୀବନ ସହ ଜଡ଼ିତ ଏହି ସମସ୍ୟାକୁ ପ୍ରଶାସନ ଗୁରୁତ୍ୱର ସହ ନେଇ ତୁରନ୍ତ ରାସ୍ତା ନିର୍ମାଣ ସହ ନିରବଚ୍ଛିନ୍ନ ଆମ୍ବୁଲାନ୍ସ ସେବା ସୁନିଶ୍ଚିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଛତାମଖନାରେ ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ପାଳିତ



**ବଲାଙ୍ଗିର (ଅମୃତ ମିଡିଆ) :** ନିଜ ଜନ୍ମମାଟି ଛତାମଖନାରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରଜା ଆନ୍ଦୋଳନର ପୁରୋଧା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ସମାରୋହ ନରସିଂହ ସେନା ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ଯୁଧିଷ୍ଠିର ମିଶ୍ରଙ୍କ ସ୍ୱାଧିନତା ସଂଗ୍ରାମୀ ଅବଦାନ ଓ ସାଧାରଣ ଲୋକଙ୍କ ଅଧିକାର ଓ ସାମାଜିକ ନ୍ୟାୟ ପାଇଁ ତାଙ୍କ ସଂଘର୍ଷକୁ ସ୍ମରଣ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ନରସିଂହ ସେନା ସଭାପତି ଶୁଭ୍ରାଂଶୁ ପଣ୍ଡା କହିଥିଲେ ଯୁଧିଷ୍ଠିର ମିଶ୍ର କେବଳ ଜଣେ ସ୍ୱାଧିନତା ସଂଗ୍ରାମୀ ନୁହନ୍ତି ସେ ଥିଲେ ନିଜର ମାଟି ଓ ମାଟିର ମଣିଷମାନଙ୍କ ପାଇଁ ସମର୍ପିତ ଜନନେତା । ତାଙ୍କ ଦେଶପ୍ରେମ, ତ୍ୟାଗ ଓ ନ୍ୟାୟ ପାଇଁ ସଂଘର୍ଷ ସଦାବେଳେ ଅଭିସ୍ମରଣୀୟ । ଜନ୍ମ ମାଟିରେ ତାଙ୍କ ଜୟନ୍ତୀ ପାଳନ କରିବା କେବଳ ଏକ ସ୍ମୃତି ଚାରଣ ନୁହେଁ ତାଙ୍କ ସ୍ୱପ୍ନର ସାମାଜିକ ଚିନ୍ତାଧାରା ଓ ଜନସେବାର ଆଦର୍ଶକୁ ଆଗକୁ ନେଇବାର ଏକ ସଂକଳ୍ପ । ନରସିଂହ ସେନାର କର୍ମକ ର୍ତ୍ତା ଓ ସଦସ୍ୟମାନେ ଯୁଧିଷ୍ଠିର ମିଶ୍ରଙ୍କ ସ୍ମୃତିଚାରଣ କରି ତାଙ୍କ ଆଦର୍ଶକୁ ଆଗେଇ ନେବା ସହ ସମାଜର ଅବହେଳିତ ନିଷ୍ପେଷିତ ବର୍ଗଙ୍କ ଅଧିକାର ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମ ରେ ଛତାମଖନା ତଥା ଆଖପାଖ ର ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜିବୀ, ଯୁବକ ଓ ସ୍ଥାନୀୟ ବାସିନ୍ଦା ଯୋଗ ଦେଇ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଆଟଗାଁ ବାଲ୍ୟବିବାହ ମୁକ୍ତ ଗ୍ରାମପଂଚାୟତ




**ବଲାଙ୍ଗିର (ଅମୃତ ମିଡିଆ) :** ଆଟଗାଁ ପଂଚାୟତ ର କଲ୍ୟାଣ ମଣ୍ଡପରେ ଆଇ.ସି.ଡି.ଏସ୍ ଏବଂ ୱା.ସି.ଡି.ଏ. ର ମିଳିତ ଉଦ୍ୟମରେ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଂଚାୟତ ଘୋଷଣା କରାଗଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ଜିଲ୍ଲା ସଂଯୋଜକ ସରୋଜ ନାଏକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଷମା ତ୍ରିପାଠୀ, ଅଙ୍ଗନୱାଡି ସୁପର ଭାଇଜର ସଂଯୁକ୍ତା ବାବୁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରୁ ଅରୁଣ କୁମାର ଖୁଆସ, ଆଟଗାଁ ସରପଂଚ ଶାଳିନୀ ସେଠ, ଆଟଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ଷଡଙ୍ଗୀ, ୱା.ସି.ଡି.ଏ ର ଟି.ଏଫ୍.ଟି ପ୍ରୋଗ୍ରାମ ମ୍ୟାନେଜର ଜେୟାତି କୁମାର ରଥ ଅତିଥି ଭାବରେ ଯୋଗଦାନ କରିଥିଲେ । ୱ.ସି.ଡି.ଏ. ର ଜିଲ୍ଲା ସଂଯୋଜିକା ଆନନ୍ଦିନି ରଥ କାର୍ଯ୍ୟକ୍ରମକୁ ପରିଚାଳନା କରରିଥିଲେ । ଆଟଗାଁ ପଂଚାୟତର ଆଠଟି ଗ୍ରାମ୍ୟର ଗ୍ରାମ୍ୟ ଶିଶୁ ସୁରକ୍ଷା କମିଟିମାନଙ୍କୁ ବାଲ୍ୟ ବିବାହ ବନ୍ଦ କରିବା ଦିଗରେ ତାଙ୍କର ପ୍ରଚେଷ୍ଟା ପାଇଁ ସମ୍ମାନିତ କରାଗଲା । ଏହା ସହିତ ସରପଂଚ ଙ୍କୁ ସମ୍ମାନିତ କରାଗଲା । ବାଲ୍ୟ ବିବାହ ର ବିଭିନ୍ନ ଏବଂ ସରକାରୀ ନିୟମ ବିଷୟରେ ଆଲୋଚନା କରାଗଲା । ଏହା ପରେ ଶପଥ ପାଠ କରି ୱା.ସି.ଡି.ଏ ର ବ୍ଲକ ସଂଯୋଜିକା ନିକିତା ଦାଶ କାର୍ଯ୍ୟକ୍ରମରେ ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ । ଆଇ.ସି.ଡି.ଏସ୍ ତରଫରୁ ୱା.ସି.ଡି.ଏ. ର ଏପରି ପ୍ରଶଂସନୀୟ କାର୍ଯ୍ୟକ୍ରମ ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# ଘରେ ପଶିଲା ବନ୍ୟାପାଣି, ଅନ୍ୟ ଘରେ ଆଶ୍ରୟ ନେଲେ ଲୋକେ

## ଗଛକୁଧରି ଅଟକିଥିବା ବୃଦ୍ଧଙ୍କୁ ଉଦ୍ଧାରକଲେ ଯୁବକ



**ଧାମୁରୀ (ଅମୃତ ମିଡିଆ) :** ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତରେ ବନ୍ୟା ପରିସ୍ଥିତି ମଙ୍ଗଳବାର ଗମ୍ଭୀର ରୂପ ନେଇଛି । ବୋଡ଼କ, ସାଠିବାଙ୍କୁଡ଼ା, ଅମୃତମଣୋହି, ଖଟୁଆପାଟଣା, ପାରଡ଼ିଆ, ଚମ୍ପାସାହି, କୁଳେଇପଦା, ପହଣା, ବର୍ତ୍ତଳ, ବାଙ୍କମୁହାଁ, ନାନ୍ଦପୁର, କୋଇଲଖା, ଭୂଇଁପୁର, ପାଲଟପୁର, ଆରଡ଼ି, ଶୀତଳପୁର, ମୁଆଁ ଓ ସନ୍ତରା ଆଦି ୧୮ଟି ଗାଁ ବନ୍ୟାଜଳ ଘେରରେ ରହିଛି। ଶତାଧିକ ଘରେ ପାଣି ପଶିଯିବାରୁ ଲୋକେ ଘରଦ୍ୱାର ଛାଡ଼ି ନିକଟସ୍ଥ ଉଚ୍ଚସ୍ଥାନ ଓ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଗୃହପାଳିତ ପଶୁଙ୍କୁ ମଧ୍ୟ ଲୋକେ ସୁରକ୍ଷିତ ସ୍ଥାନକୁ ନେଇଯାଇଛନ୍ତି। ଏନ୍ ?ଏଚ୍ ?-୨୦ର ବୋଡ଼କ ନିକଟରେ ପ୍ରାୟ ୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଣେ ବୃଦ୍ଧ ବନ୍ୟାଜଳରେ ଭାସିଯାଉଥିବାବେଳେ ବିଲ ମଝିରେ ଏକ ଗଛକୁ ଧରି ଅଟକି ରହିଥିଲେ। ବୋଡ଼କ ଗାଁର କିଛି ଯୁବକ ଡଙ୍ଗା ଯୋଗେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ଭଦ୍ରକ-ଆରଡ଼ି ରାସ୍ତାର କୁଳେଇପଦାଠାରୁ ଆରଡ଼ି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଛି। ଯାତାୟାତ ବ୍ୟାହତ ହେବାରୁ ଜରୁରୀ ଆବଶ୍ୟକତା ଥିବା ରୋଗୀଙ୍କୁ ଟ୍ରାକ୍ଟର ଯୋଗେ ଡାକ୍ତରଖାନା ପଠାଯାଉଛି। ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରଶାସନ ପକ୍ଷରୁ ରିଲିଫ୍ ? ବ୍ୟବସ୍ଥା ଜାରି ରହିଛି। କୁଳେଇପଦାଠାରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମେସିନ୍‌ମାଧ୍ୟମରେ ପାଣି ବିଶୋଧନ କରାଯାଇ ପଲିଥିନ୍ ? ପ୍ୟାକେଟ୍ ?ରେ ପାନୀୟଜଳ ଯୋଗାଯାଉଛି। ଟ୍ରାକ୍ଟର ଯୋଗେ ଏହା ବିଭିନ୍ନ ବନ୍ୟାପ୍ରଭାବିତ ଗାଁରେ ବଣ୍ଟନ କରାଯାଉଛି। ବୋଡ଼କ, ଖଟୁଆପାଟଣା, ପାରଡ଼ିଆ ଓ କୁଳେଇପଦାରେ ଦିନବେଳା ମାଗଣା ରନ୍ଧାଖାଦ୍ୟ ବ୍ୟବସ୍ଥା ହୋଇଛି।

# ମାଁ ମାହେଶ୍ୱରୀ ସେନାର ନୂଆଖାଇ ଉପଲକ୍ଷେ ଖାଦ୍ୟ ବଣ୍ଟନ ପ୍ରସ୍ତୁତି ବୈଠକ

**ବଲାଙ୍ଗିର (ଅମୃତ ମିଡିଆ) :** ସାମାଜିକ ସଂଗଠନ ମାଁ ମାହେଶ୍ୱରୀ ସେନା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ବଲାଙ୍ଗିର ସହର ଲାଲଟିକ୍ରା ସ୍ଥିତ ତୁମାଲ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଗଠନର ଆଗାମୀ ନୂଆଁଖାଇ ଉପଲକ୍ଷେ ଖାଦ୍ୟ ବ ନ କାର୍ଯ୍ୟକ୍ରମ ତଥା ସାମାଜିକ ସେବା, ଜନସଚେତନତା ଏବଂ ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ସଂଗଠନକୁ ଆହୁରି ସୁଦୃଢ କରିବା ସହିତ ଯୁବକମାନଙ୍କୁ ସାମାଜିକ କାର୍ଯ୍ୟରେ ଅଧିକ ଯୋଡିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥି ସହ ଗରିବ ଓ ଅସହାୟଙ୍କ ସହାୟତା, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସଚେତନତା, ଶିକ୍ଷା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆଗାମୀ ଦିନରେ ଆୟୋଜନ କରିବା ନେଇ ନିଷ୍ପ ି ନିଆଯାଇଥିଲା । ବୈଠକରେ ସଂଗଠନର ସଦସ୍ୟ ନନ୍ଦଲାଲ ମେର୍ଲୀ, ସୁରେଶ କମ୍ପ, ମନୋଜ ଖମାରୀ, ବଳିଆର ସିଂହ ବସ୍ତିଆ, ପାର୍ଥ କର୍ଣ୍ଣ, ତପନ ନାଏକ, ସୁରେଶ ପଧାନ, ମନୋଜ କରନ, ଅରୁଣ ପଲତା, ରମାକାନ୍ତ ମେଶ୍ୱା ଯୋଗଦେଇ ନିଜ ନିଜ ମତାମତ ପ୍ରଦାନ କରିଥିଲେ । ଶେଷରେ ସମାଜର ହିତ ଓ ଲୋକଙ୍କ ସେବା ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ ।

# ଜୁଲାଇରେ ୮,୦୦୦ରୁ ଅଧିକ ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ

## ଶୂନ୍ୟ ୟୁନିଟ୍ ବିଜୁଳିବିଲ୍, ନୂଆପଡ଼ା ଜିଲ୍ଲା ଶୀର୍ଷରେ



**ବୁର୍ଲା (ଅମୃତ ମିଡିଆ) :** ୧୯ ଅଗଷ୍ଟ ୨୦୨୬:ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ପଶ୍ଚିମ ଓଡ଼ିଶାରେ ସବୁଜ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଫଳରେ କମ୍ପାନୀ ଏକ ବଡ଼ ସଫଳତା ହାସଲ କରିପାରିଛି । କମ୍ପାନୀ ପକ୍ଷରୁ ଗତ ଜୁଲାଇ ମାସରେ ସର୍ବାଧିକ ୮,୨୯୮ଟି ରୁଫ୍ ?ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇ ଏକ ନୂଆ ରେକର୍ଡ ସୃଷ୍ଟି କରାଯାଇ ପାରିଛି । ଏହି ସଫଳତାରେ ‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା’ ଅଧୀନରେ ୩,୩୯୫ଟି ଏବଂ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଚଳିତ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲ୍ଏ) ମଡେଲ୍ ଜରିଆରେ ୪,୯୦୩ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ସାମିଲ ରହିଛି । ଏହା ପୂର୍ବରୁ ମେ ୨୦୨୬ରେ ମୋଟ ୫,୩୭୩ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ହୋଇଥିଲା । କେବଳ ୟୁଏଲ୍ଏ ମଡେଲ୍ ଅଧୀନରେ ଜୁଲାଇ ମାସରେ ୪,୯୦୩ଟି ରୁଫ୍‌ଟପ୍ ସୋଲାର ସଂଯୋଗ କରାଯାଇଛି, ଯାହା ମେ ମାସର ୩,୫୧୮ ରେକର୍ଡକୁ ପଛରେ ପକାଇ ଏହି ମଡେଲର ସଫଳତା ପ୍ରମାଣିତ କରିଛି । ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି ଯେ, ଗୋଟିଏ ମାସରେ ୮,୨୯୮ଟି ରୁଫ୍‌ଟପ୍ ସୋଲାର ସଂଯୋଗ ସ୍ଥାପନ କରିବା ଆମ ପାଇଁ ଏକ ମାଇଲଖୁଣ୍ଟ । ଏହା ରୁଫ୍‌ଟପ୍ ସୋଲାର ପ୍ରତି ଉପଭୋକ୍ତାଙ୍କ ବଢୁଥିବା ବିଶ୍ୱାସର ପ୍ରତୀକ । ଉପଭୋକ୍ତାଙ୍କ ସକ୍ରିୟ ଅଂଶଗ୍ରହଣ, ଆମ ଫିଲ୍ଡ ଟିମ୍, ସବୁଜ ଶକ୍ତି ଅଧିକାରୀ ଏବଂ ସହଯୋଗୀମାନଙ୍କ ନିରନ୍ତର ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ବିଶେଷ କରି ଅଧିକ ସଂଖ୍ୟକ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ ହେବା ପ୍ରମାଣ କରୁଛି ଯେ, ରୁଫ୍‌ଟପ୍ ସୋଲାର ସାଧାରଣ ଘରୋଇ ଖର୍ଚ୍ଚ କମାଇବାରେ କେତେ ପ୍ରଭାବଶାଳୀ । ଆମେ ପଶ୍ଚିମ ଓଡ଼ିଶାରେ ସୌରଶକ୍ତି ଆପଣାଇବା ପ୍ରକ୍ରିୟାକୁ ଆହୁରି ସହଜ କରି ଭାରତର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଅଧିକରୁ ଅଧିକ ଘରକୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରଖିବୁ ।”ଜିଲ୍ଲାସ୍ତରୀୟ ପ୍ରଦର୍ଶନରେ ନୂଆପଡ଼ା ଜିଲ୍ଲା ଶୀର୍ଷରେ ରହିଛି । ଜୁଲାଇ ମାସରେ ନୂଆପଡ଼ାରେ ୧,୫୦୯ଟି ରୁଫ୍‌ଟପ୍ ସୋଲାର ସଂଯୋଗ ହୋଇଛି, ଯାହା ମେ ମାସର ୧,୪୮୯ ରେକର୍ଡକୁ ଅତିକ୍ରମ କରିଛି । ଜୁଲାଇ ୨୦୨୬ ସୁଦ୍ଧା ନୂଆପଡ଼ା ଜିଲ୍ଲାରେ ମୋଟ ୭,୬୪୩ ଉପଭୋକ୍ତା ରହିଥିବା ବେଳେ ସେଥିମଧ୍ୟରୁ ୟୁଏଲ୍ଏ ମଡେଲ୍ ଅଧୀନରେ ୫,୫୧୯ଟି ସଂଯୋଗ ହୋଇ ଏହା ସମଗ୍ର ପଶ୍ଚିମ ଓଡ଼ିଶାରେ ଅଗ୍ରଣୀ ଜିଲ୍ଲା ପାଲଟିଛି । ଜୁଲାଇର ଉଲ୍ଲେଖନୀୟ ସଫଳତା ପଶ୍ଚିମ ଓଡ଼ିଶାରେ ଟିପିଡବ୍ଲୁଓଡିଏଲ୍‌ର ରୁଫ୍‌ଟପ୍ ସୋଲାର ସଂଯୋଗକୁ ଏକ ନୂଆ ଗତି ଦେଇଛି । ଜୁଲାଇ ୨୦୨୬ ସୁଦ୍ଧା ସମଗ୍ର ବିତରଣ କ୍ଷେତରେ ମୋଟ ରୁଫ୍‌ଟପ୍ ସୋଲାର ଉପଭୋକ୍ତାଙ୍କ ସଂଖ୍ୟା ୪୫,୧୦୩କୁ ବୃଦ୍ଧି ପାଇଛି, ଯେଉଁଥିରେ କେବଳ ୟୁଏଲ୍ଏ ମଡେଲ୍ ମାଧ୍ୟମରେ ୧୭,୦୬୩ଟି ସ୍ଥାପନ ହୋଇଛି । ମୋଟ ରୁଫ୍ ?ଟପ୍ ସୋଲାର ଉପଭୋକ୍ତାଙ୍କ ସଂଖ୍ୟା କ୍ଷେତ୍ରରେ ବରଗଡ଼ (୭,୮୨୩) ଆଗରେ ରହିଥିବା ବେଳେ ଏହା ପଛକୁ ନୂଆପଡ଼ା (୭,୬୪୩) ଏବଂ ସୁନ୍ଦରଗଡ଼ (୬,୬୫୧) ରହିଛି । ରୁଫ୍‌ଟପ୍ ସୋଲାର ଆପଣାଇବା ଦ୍ୱାରା ଉପଭୋକ୍ତାମାନେ ସିଧାସଳଖ ଆର୍ଥିକ ଲାଭ ପାଉଛନ୍ତି । ଏପର୍ଯ୍ୟନ୍ତ ‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା’ରେ ୮,୨୫୭ ଜଣ ଏବଂ ୟୁଏଲ୍ଏ ମଡେଲ୍ ମାଧ୍ୟମରେ ୨,୯୭୯ ଜଣ ଉପଭୋକ୍ତାଙ୍କ ବିଜୁଳି ବିଲ୍ ଶୂନ ହୋଇପାରିଛି । ଏହିପରି ମୋଟ ୧୧,୦୦୦ରୁ ଅଧିକ ପରିବାର ଶୂନ ବିଲ୍‌ର ସୁବିଧା ପାଇଛନ୍ତି, ଯାହା ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ସହ ଘରୋଇ ବିଜୁଳି ଖର୍ଚ୍ଚ କମାଇବାରେ ସୌରଶକ୍ତିର ବଡ଼ ସାମର୍ଥ୍ୟକୁ ପ୍ରତିଫଳିତ କରୁଛି ।ଜୁଲାଇ ମାସର ଏହି ଐତିହାସିକ ସଫଳତା ରୁଫ୍‌ଟପ୍ ସୋଲାର ର ପ୍ରସାର ପାଇଁ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟକୁ ସାକାର କରିବାରେ ଟିପିଡବ୍ଲୁଓଡିଏଲ୍‌ର ଭୂମିକାକୁ ଆହୁରି ମଜଭୁତ କରିଛି। ଏହାଦ୍ୱାରା ସାଧାରଣ ପରିବାରଗୁଡ଼ିକ ଦେଶର ସ୍ୱଚ୍ଛ ଶକ୍ତି ଯାତ୍ରାରେ ସିଧାସଳଖ ଭାଗିଦାର ହୋଇପାରୁଛନ୍ତି । ଉପଭୋକ୍ତାଙ୍କ ବର୍ଦ୍ଧିତ ସଚେତନତା, ସରଳ ପଞ୍ଜୀକରଣ ପ୍ରକ୍ରିୟା ଏବଂ ତୃଣମୂଳ ସ୍ତରରେ ସୁପରିଚାଳନା ଯୋଗୁଁ ଟିପିଡବ୍ଲୁଓଡିଏଲ୍ ‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା’ ଓ ୟୁଏଲ୍ଏ ମଡେଲ୍ ଜରିଆରେ ପଶ୍ଚିମ ଓଡ଼ିଶାରେ ରୁଫ୍‌ଟପ୍ ସୋଲାର ସଂଯୋଗକୁ ଆହୁରି ବ୍ୟାପକ କରି ଚାଲିଛି । ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର





## ବଦଳିବ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର କାୟାକଳ୍ପ

# ନଗର ଉନ୍ନୟନ ମନ୍ତ୍ରୀଙ୍କ ହସ୍ପିଟାଲ ପରିଦର୍ଶନ ଏବଂ ସମୀକ୍ଷା

**ବାରିପଦା (ଅମୃତମିଡିଆ):** ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସ୍ଥିତିରେ ଆସିବ



ବଡ଼ ଧରଣର ପରିବର୍ତ୍ତନ । ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ) ମେଡିକାଲ କଲେଜ ଓ ହସ୍ପିଟାଲ,ନୂତନ କ୍ୟାମ୍ପସକୁ ଅଳ୍ପ ଦିନତଳେ ସ୍ଥାନାନ୍ତରିତ ହୋଇଯିବା ପରେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀସେବା ଏବଂ ଭିତ୍ତିଭୂମିର ଉନ୍ନତିକରଣ କରାଯିବ । ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରି ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିବା ସହ ଏହି ସୂଚନା ଦେଇଛନ୍ତି । ଡାକ୍ତରଖାନା ପରିଦର୍ଶନ ଅବସରରେ ମନ୍ତ୍ରୀ,ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ, ଡାକ୍ତର ଓ ଆର୍କିଟେକ୍ଟ ମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ମେଡିକାଲ କଲେଜ ଉଠିଯିବା ପରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ଗୁଡ଼ିକରେ ଛାତରୁ ପାଣି ଗଳିବା ସହ ସ୍ୱଚ୍ଛତା ଓ ହାଇଜେନିକ ସମସ୍ୟା ଦେଖାଦେଇଛି । ଏହି ପୁରୁଣା କୋଠା ଗୁଡ଼ିକର ପୁନରୁଦ୍ଧାର କରି ଏକ ସୁନ୍ଦର ତଥା ଉନ୍ନତ ପରିବେଶ ସୃଷ୍ଟି କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି । ସେହିପରି ବର୍ତ୍ତମାନ ରୋଗୀ ମାନଙ୍କୁ ଏକ୍ସ-ରେ, ଇସିଜି ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ରାସ୍ତା ଆରପାଖକୁ ଯିବାକୁ ପଡୁଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହାକୁ ଦୃଷ୍ଟିରେ ରଖି ଗୋଟିଏ କୋଠା ଭିତରେ ସମସ୍ତ ପାଥୋଲୋଜି, ଏକ୍ସ-ରେ, ଇସିଜି, ସିଟି ସ୍କାନ ଏବଂ ଏମଆରଆଇ ଭଳି ସମସ୍ତ ଆଧୁନିକ ଡାଇଗ୍ନୋଷ୍ଟିକ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି । ମେଡିକାଲ କଲେଜ ସ୍ଥାନାନ୍ତର ପରେ ଏଠାକୁ କେତେ ସଂଖ୍ୟକ ରୋଗୀ ଆସୁଛନ୍ତି ଏବଂ ସେମାନଙ୍କର କେଉଁ କେଉଁ ସ୍ୱାସ୍ଥ୍ୟସେବା ଆବଶ୍ୟକ ରହିଛି, ତାହାର ସଠିକ ଅନୁଧ୍ୟାନ କରି ଖୁବ ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ଉତ୍ତମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ପ୍ରକଳ୍ପକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଡା. ମହାପାତ୍ର ପ୍ରକାଶ କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ପଦାଧିକାରୀ, ଡାକ୍ତରୀ ଟିମ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ବସ୍‌ଷ୍ଟାଣ୍ଡରେ ମହିଳାଙ୍କଠାରୁ ଟଙ୍କା ଲୁଟ୍ ମାମଲାରେ ୩ ଗିରଫ

**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁର ବସ୍ ଷ୍ଟାଣ୍ଡରେ ସୋମବାର ସକାଳେ ଜଣେ ବୟସ୍କା ମହିଳାଙ୍କଠାରୁ ୩ ଲୁଟେରା ଜବରଦସ୍ତି ୩,୬୦୦ ଟଙ୍କା ଲୁଟ୍ ଅଭିଯୋଗରେ ରାଇରଙ୍ଗପୁର ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ ଯଶିପୁର ଥାନା ଅଞ୍ଚଳର ପାର୍ବତୀ ସାହୁ(୫୦) ଗତକାଲି ସକାଳେ କୌଣସି କାମରେ ରାଇରଙ୍ଗପୁର ଆସି ବସଷ୍ଟାଣ୍ଡ ରେ ଏକୁଟିଆ ଚା ପିଉଥିବା ସମୟରେ ୩ ଜଣ ଯୁବକ ତାଙ୍କଠାରୁ ଜବରଦସ୍ତି ୩୬୦୦ ଟଙ୍କା ଛଡେଇ ନେଇଥିଲେ । ୩ ଦୁର୍ବୃତଙ୍କୁ ସ୍ଥାନୀୟ ଲୋକେ ଦେଖିଥିବା ଓ ଚିହ୍ନି ଥିବା ର ସୂଚନା ମିଳିଥିଲା ।ମହିଳା ଜଣକ କାନ୍ଦି କାନ୍ଦି ରାଇରଙ୍ଗପୁର ଟାଉନଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଟାଉନ ଥାନାରେ ଏକ କେଶ ନଂ ୨୬୨/୨୬ ମୂଳେ ଏକ ରୁଜୁ କରିବା ସହ ତଦନ୍ତ କରି ୩



ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୩୦୦୦ ଟଙ୍କା ଉଦ୍ଧାର କରିଛନ୍ତି ।ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଆଜି ରାଇରଙ୍ଗପୁର ଏସଡିପିଓ ବୀରେନ୍ଦ୍ର ସେନାପତି ଖବରଦାତା ସମ୍ମିଳନୀରେ ଲୁଟ୍ ଘଟଣାରେ ୩ ଦୁର୍ବୃତଙ୍କୁ ଗିରଫ ବିଷୟରେ ସୂଚନା ଦେଇଥିଲେ । ସେହି ୩ ଦୁର୍ବୃତ୍ତ ହେଲେ ରାଇରଙ୍ଗପୁର ଟାଉନା ଥାନା ଅଞ୍ଚଳର ୩ ନମ୍ବର ୱାର୍ଡ ମନ୍ଦିରସାହିର ରୋହିତ ମୁଖୀ(୨୬), ମନ୍ଦିର ସାହିର ପେଣ୍ଡ୍ରା ଅ ରାଜେଶଅ ର । ହୁଲ ବେହେରା(୨୦) ଏବଂ ଝାଡ଼ଖଣ୍ଡ ରାଜ୍ୟର ପୂର୍ବସିଂହ ଭୂମ ଜିଲ୍ଲାର ଡୁମାରିଆ ଥାନା ଅଞ୍ଚଳର ରବି ବେହେରା(୨୦) ।ସାମ୍ବାଦିକ ସମ୍ମିଳନୀରେ ଏସଡିପିଓଙ୍କ ସହିତ ଥାନାଧିକାରୀ ରଞ୍ଜନ ସେଠୀ, ଏଏସଆଇ ଗଙ୍ଗାଧର ବେହେରାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ସମ୍ମିଳନୀ ରେ ଅସାମାଜିକ, ଲୁଟେରା, ଛିନତାଇ କରୁଥିବା ଲୋକଙ୍କୁ କୌଣସି ପ୍ରକାର ଛଡାଯିବ ନାହିଁ ବୋଲି ଏସଡିପିଓ ସୂଚନା ଦେଇଥିଲେ ।

# ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମରେ ସ୍ୱାଧୀନତା ଦିବସ ପାଳନ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମରେ ୮୦ତମ



ସ୍ୱାଧୀନତା ଦିବସ ସାଧାରଣ ସମ୍ପାଦକ ଡ.ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ଫୋରମର ସ୍ଥାୟୀ ସଭାଗୃହ ପରିସରରେରେ ପାଳିତ ହୋଇଯାଇଛି ଓ ସଦସ୍ୟ ମାନଙ୍କ ଉପସ୍ଥିତରେ ବନ୍ଦେ ମାତରମ ସମୂହ ଗାନ ପରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧ ନଂ ୱାର୍ଡର କାଉନସିଲର ସୁକେଶିନୀ ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ଅମର କୁମାର ସେଠୀ ଉଦ୍‌ବୋଧନ ଦେଇ ଫରମର ସକ୍ରିୟ ଗଠନମୂଳକ କାର୍ଯ୍ୟ ଗୁଡିକର ଭୂୟସୀ ପ୍ରଶଂସା କରିଥିଲେ । ପତାକା ଉତ୍ତୋଳନ ପରେ ଏକ ବିଶେଷ ସଭାରେ ମୟୂରଭଞ୍ଜର ବରପୁତ୍ରମାନଙ୍କର ସ୍ମୃତିଚାରଣ କରାଯାଇଥିଲା । କାଉନସିଲର, ଛଉପଡିଆ ସମ୍ମୁଖଠାରୁ ଜିଲ୍ଲା ପ୍ଲାନିଙ୍ଗ ଅଫିସ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନଷ୍ଟ ହେବା ହେତୁ ପାଣି ଜମି ପରିବେଶ ଖରାପ ହୋଇଥିବା ହୃଦୟଙ୍ଗମ କରି ପୌର ପରିଷଦକୁ ଅବଗତ କରାଇବାର ପ୍ରତିଶୃତି ଦେଇଥିଲେ । ଡ଼ ସୁଶାନ୍ତ ପାତ୍ର, ସରୋଜ ମିଶ୍ର, କୈବଲ୍ୟ ମହାପାତ୍ର, ବାସନ୍ତୀ ମହାପାତ୍ର, ଡାକ୍ତର ରାଜକୁମାର ମିଶ୍ର, ଦେବାଶିଷ ଦାସ, ସ୍ୱରୂପ କୁମାର ମିଶ୍ର, ବରେନ୍ଦ୍ର ମହାନ୍ତି, ମୁରଲୀ ଧର ବେହେରା, କୋମଳ ଲୋଚନ ମହାକୁଡ଼, ସୁଧାମୟୀ ଦାସ, ପ୍ରଦୀପ ଦାସ, ସବିତକ୍ଷ ମିଶ୍ର, ସନ୍ତୋଷ କୁମାର ପଟ୍ଟନାୟକ, ଉର୍ମିଳା କମିଳା, ରତ୍ନପ୍ରଭା ବେହେରା, ଅନନ୍ତ କୃଷ୍ଣ ବେହେରା, ନରେନ୍ଦ୍ର ମୋହନ ସେନାପତି, ମଞ୍ଜୁଳି ଦେ, ଜ୍ୟୋସ୍ନାମଣି ଜେନା, ରବୀନ୍ଦ୍ରନାଥ ମହାପାତ୍ର, ହାରଚନ୍ଦ ଗିରି, ଡ଼ ଶଶିଧର ବିଶ୍ୱାଳ, ସ୍ୱରୂପ ବଶା ଓ ତକ୍ଷରକ୍ଷମଣୀ ଦାସ ପ୍ରମୁଖ ଉତ୍ସାହର ସହିତ ସ୍ୱାଧୀନତା ଦିବସ ପାଳନ ସଭାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। । ପରିଶେଷରେ କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଆପାଳ-ବିଜୟୱାଡ଼ା ନୂତନ ରେଳପଥ ନିର୍ମାଣ ପାଇଁ ମନ୍ତ୍ରୀଙ୍କୁ ଦିଆଗଲା ଦାବିପତ୍ର

**ବାରିପଦା /ଉଦଳା(ଅମୃତମିଡିଆ):** ବାଲିଆପାଳ ଠାରୁ ବିଜୟୱାଡ଼ା ପର୍ଯ୍ୟନ୍ତ ୧୦୫୦ କିଲୋମିଟର ନୂତନ ରେଳପଥ ନିର୍ମାଣ ପାଇଁ ଦାବି ଜଣାଉଥିବା କ୍ରିୟାନୁଷ୍ଠାନ କମିଟି ତାର ଉଦ୍ୟମ ଜାରି ରଖିଥିବାର ଖବର ଆମର ହସ୍ତଗତ ହୋଇଛି । ଏହି ରେଳପଥ ଭାୟା ବସ୍ତା, ହରିପୁର, ମେର୍ଦା, ବେତନଟୀ, ବଡ଼ସାହି, ଉଦଳା, କପ୍ତିପଦା, ଶରତ, ଦଇତାରି, ଘଟଗାଁ, ବୌଦ୍ଧ, ସୁବର୍ଣ୍ଣପୁର, ଭବାନିପାଟଣା, ନବରଙ୍ଗପୁର, ବାଲିମେଳା, ମାଲକାନାଗିରି, ଭେଲାରପଡୁ, ଟି.ନରସାପୁରମ ଓ ଓଜନଭିଡ଼ ଦେଇ ବିଜୟୱାଡ଼ାକୁ ଛୁଇଁବ ବୋଲି କୁହାଯାଉଛି । ଉକ୍ତ ରେଳପଥ ନିର୍ମାଣ ହେଲେ ଓଡ଼ିଶାର



ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ବହୁଲୋକ ମତ ଦେଇଛନ୍ତି । ଇତି ମଧ୍ୟରେ ଗଢ଼ି ଉଠିଥିବା କେନ୍ଦ୍ରୀୟ ଓଡ଼ିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ଭାରତ ସରକାରଙ୍କର ରେଳବାଇ ବିଭାଗ ମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ସାକ୍ଷାତ କରିବା ସହ ଏ ବାବଦରେ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ତେବେ କ୍ରିୟାନୁଷ୍ଠାନ କମିଟିର ସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଚଳିତ ଅଗଷ୍ଟ ୧୬ ତାରିଖ ରବିବାର ଦିନ ଉଦଳାସ୍ଥିତ ବିଜୁ ଜନତାଦଳ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନି ଡ଼ାକି ଏ ସମ୍ପର୍କରେ ଅବଗତ କରାଇଛନ୍ତି । ଏହି ସମ୍ମିଳନିରେ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ଉପସଭାପତି ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ପାଦକ କମଳଲୋଚନ ବାରିକ ଓ ଆବାହକ ଜୟକିଶୋର ପାଣି ପ୍ରମୁଖ ଉପସ୍ଥିତ ଥିଲେ । କ୍ରିୟାନୁଷ୍ଠାନ କମିଟି ଚଳାଇଥିବା ତାର ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହାଦ୍ୱାରା ଓଡ଼ିଶାର ପ୍ରତ୍ୟେକଟି କୋଣ ଅନୁକୋଣର ବ୍ୟକ୍ତିଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବ ବୋଲି ବହୁ ଜ୍ଞାନିଗୁଣି ଲୋକ ମତ ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନିର ପ୍ରାରମ୍ଭରେ ବିଜୁ ଜନତାଦଳର ଉଦଳା ନଗର ସଭାପତି ବନମାଳି ବେହେରା ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଅମୀୟବଳ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ନୂତନ ରେଳପଥ ନିର୍ମାଣ ହେଲେ ବାହାନଗା, କୋରେଇ ଭଳି ମର୍ମନ୍ତୁଦ ରେଳଦୁର୍ଘଟଣା, ରେଳଭିତରେ ଭିଡ଼ ଓ ଦଳାଚକଟା ଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକୁ ବହୁମାତ୍ରାରେ ଏଡ଼ାଯାଇପାରିବ ବୋଲି କୁହଯାଉଛି ।

## ବାଦାମ ପାହାଡ଼ ଥାନାରେ ସ୍ୱାଧୀନତା ଦିବସ ପାଳିତ

**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ବାଦାମ ପାହାଡ଼ ଥାନା ପରିସରରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବାଦାମ ପାହାଡ଼ ଥାନାଧିକାରୀ କାମାକ୍ଷା କମଳେଶ୍ୱର ହେମ୍ବ୍ରମ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମରେ ଏଏସଆଇ ସଞ୍ଜୟ ସୁବୁଦ୍ଧି, ହାବିଲଦାର ସଞ୍ଜୟ ଗିରି, ଅନ୍ୟ ପୋଲିସ କର୍ମଚାରୀ ଏବଂ ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।



## ଜବରଦଖଲରେ ଖେଳପଡ଼ିଆ

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ଶ୍ୟାମାଖୁଣ୍ଟା ବ୍ଲକ, କେନ୍ଦୁଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶରତଚନ୍ଦ୍ରପୁର ଠାରେ ଏକ ଖେଳପଡ଼ିଆ ଜବରଦଖଲ ହୋଇଥିବା ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଶତାଧିକ ଗ୍ରାମବାସୀ । ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଶରତଚନ୍ଦ୍ରପୁର ଅଞ୍ଚଳର ଅନେକ ବର୍ଷ ଧରି ତିନୋଟି ଗ୍ରାମର ଲୋକମାନଙ୍କ ଦ୍ୱାରା ବ୍ୟବହୃତ ଏକ ଖେଳପଡ଼ିଆକୁ କେତେକ ବ୍ୟକ୍ତି ଗଛ ଲଗାଇବା ସହ ବାଡଘେରି ଜବର ଦଖଲ କରୁଥିବାରୁ ଯୁବକ ଓ ଛାତ୍ରଛାତ୍ରୀଙ୍କ ଖେଳକୁଦ ପାଇଁ ସମସ୍ୟା ସୃଷ୍ଟି ହେଉଛି । ଏହାଦ୍ୱାରା ଅଞ୍ଚଳର ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତିଭା ବିକାଶ ବାଧାପ୍ରାପ୍ତ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ଏଣୁ ଘଟଣାର ତଦନ୍ତ କରି ଖେଳପଡ଼ିଆକୁ ଜବରଦଖଲ ମୁକ୍ତ କରିବା ସହ ଏହାକୁ ଖେଳ ଉପଯୋଗୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ବିପିନ ଚନ୍ଦ୍ର ସିଂ, ଦୀପ୍ତିମୟୀ ସିଂ ପ୍ରମୁଖ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି । ଜିଲ୍ଲା ପାଳ ଘଟଣାର ତଦନ୍ତ କରି ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି ।

# ପଲିଥିନ ତଳେ ବିପଦସଂକୁଳ ଅବସ୍ଥାରେ କାଟୁଛନ୍ତି ଦିନ

**ବାରିପଦା /ଉଦଳା(ଅମୃତମିଡିଆ):** ମୟୂରଭଂଜ ଜିଲ୍ଲାରେ କିଛିଦିନ ଧରି ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା କେତେଗୁଡ଼ିଏ ପରିବାର କିପରି ପଲିଥିନ ତଳେ ଆଶ୍ରୟ ନେଇଛନ୍ତି ଏହାର ଦୁଃଖ ଓ ଯନ୍ତ୍ରଣାଦାୟକ ଚିତ୍ର ଦେଖିବାକୁ ମିଳିଛି । ସ୍ୱାଧୀନତାର ଦୀର୍ଘ ୮୦ ବର୍ଷ ପରେ ଏପରି ଚିତ୍ର ଦେଖିବାକୁ ମିଳିବ ଏହା ଆଶା କରାଯାଇନଥିଲା ବୋଲି କେତେକ ମତ ଦେଇଛନ୍ତି । କୃଷିକ୍ଷେତରେ କାମ କରି ଦେଶକୁ ଆହାର ଯୋଗାଉଥିବା ଓ ଦେହ ଲଗାଇ ନିର୍ମାଣ କାମରେ ନିଜକୁ ସାମିଲ କରୁଥିବା ଶ୍ରମିକମାନେ ଏଭଳି ଅବସ୍ଥାରେ ଦିନ ବିତାଇବାର ଦୃଶ୍ୟ ଆମ ସମସ୍ତଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣାଦାୟକ ବୋଲି ବହୁ ଲୋକ ମତ ଦେଇଛନ୍ତି । ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଅଣ୍ଡିଆମୁଣ୍ଡ ଗ୍ରାମରେ ବସବାସ କରୁଥିବା ସ୍ୱର୍ଗତ ଭୁତାଳ ମୁର୍ମୁଙ୍କ ପୁତ୍ର ବନମାଳି ମୁର୍ମୁଙ୍କ ବାସଗୃହଟି ଲଗାଣବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପଲିଥିନ ପକାଇ ପରିବାରର ୫ଜଣ ସଦସ୍ୟ ଦିନ ବିତାଇବାକୁ ବାଧ ହୋଇଛନ୍ତି । ଆବାସ ଯୋଜନାରେ ସରକାର ଘର ପାଇଁ ୱାର୍କ ଅଡ଼ର ଦେଇଥିଲେ ମଧ ପାଖରେ ପଇସା ନଥିବାରୁ ସେ ଘରକାମ ଆରମ୍ଭ କରିପାରୁନଥିବାର ଜଣାଇଛନ୍ତି । ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚଡ଼ଦା ଗ୍ରାମର ବାସିନ୍ଦା ସ୍ୱର୍ଗତ ଦୁଲା ହେମ୍ବ୍ରମଙ୍କର ପୁତ୍ର ଲଛମନ ହେମ୍ବ୍ରମ ମାଟିକାନ୍ଥ ଉପରେ ପଲିଥିନ ପକାଇ ଆଶ୍ରୟ ନେଇଛନ୍ତି, କାନ୍ଥ ଗୁଡ଼ିକ ଗଡ଼ିପଡ଼ିବାର ସମ୍ଭାବନା ଥିବାରୁ ସେ ପ୍ରତି ମୁହୂର୍ତ୍ତରେ ବିପଦକୁ ସାମନା କରୁଛନ୍ତି । ଆଶ୍ରୟ



ନେବାକୁ ଆଉ ଅନ୍ୟ କୌଣସି ସ୍ଥାନ ନଥିବାରୁ ସେ ଏଠାରେ ବାଧ ହୋଇ ପଡ଼ିରହିଥିବାର କଥା କହିଛନ୍ତି । ପରିବାରର ୨ ଜଣ ସଦସ୍ୟ ଏହି ଘରେ ବର୍ତମାନ ରହୁଛନ୍ତି । ଆବାସ ଯୋଜନାରେ ସରକାର ତାଙ୍କୁ ଘର ଯୋଗାଇ ଦେଇନଥିବାର ଜଣାଇଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ସେହିପରି ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ବଡ଼ବିଲା ଗ୍ରାମର ବାସିନ୍ଦା ସାନ କାର୍ଜି ସିଂଙ୍କର ପୁତ୍ର ଗୁରୁଭା ସିଂ ମାଟିକାନ୍ଥ ଓ ନଡ଼ାଛପର ଘରେ ଆଶ୍ରୟ ନେଇଛନ୍ତି । କାନ୍ଥ ଗୁଡ଼ିକ ଗଡ଼ିପଡ଼ିବାର ସମ୍ଭାବନା ଥିବା ବେଳେ ଘର ଭିତରେ ସବୁଠି ପାଣି ଗଳୁଛି । ଏହିଭଳି ବିପଦସଂକୁଳ ଘରେ ପରିବାରର ୭ ଜଣ ସଦସ୍ୟ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ଆବାସ ଯୋଜନାରେ ସେ ଏପର୍ଯ୍ୟନ୍ତ ଘର ପାଇପାରିନଥିବାର କହିଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେମଧ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସେଚ୍ଛାସେବୀମାନେ ଅନୁରୋଧ ଜଣାଇଛନ୍ତି ।

# ବାରିପଦା ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ଓ ସକାଳ ୯ଟା ରେ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ସହ ସମ୍ପାଦକ ଅଶୋକ ପଟ୍ଟନାୟକ, ବୈଦ୍ୟନାଥ ରଥ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ସମେତ ସଦସ୍ୟ ମାନେ ଉପସ୍ଥିତ ଥିଲେ ଓ ଅପରାହ୍ନ ୩ଟା ରେ ଜିଲ୍ଲା ପ୍ରଶାସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ମଧ୍ୟରେ ଏକ ବନ୍ଧୂତପୂର୍ଣ୍ଣ



ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଖେଳ ସମାପ୍ତି ବେଳକୁ ୧/୧ ଗୋଲ୍ ସ୍କୋର କରି ଡ୍ର ହେବାରୁ ଟ୍ରାଇବ୍ରେକର ଦ୍ୱାରା ୩-୨ ଗୋଲରେ ମୟୂରଭଞ୍ଜ ଏଥଲେଟିକ୍ ଏସୋସିଏସନ୍ ଜିଲ୍ଲା ପ୍ରଶାସନକୁ ପରାସ୍ତ କରିଥିଲେ ଓ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଅଧିନାୟକ ଥିବା ବେଳେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ୍ର ଅଧିନାୟକ ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା ଥିଲେ ଓ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ହେମକାନ୍ତ ସୟ , ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି , ଶିମିଳିପାଳ ଦକ୍ଷିଣର ଉପ ନିର୍ଦ୍ଦେଶକ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ୍, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ ପ୍ରମୁଖ ଖେଳିଥିବା ବେଳେ ଏସୋସିଏସନ୍ ତରଫରୁ ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, ସହ ସମ୍ପାଦକ ଅମ୍ବିକା ରାଉତ, ପୂର୍ବତନ କ୍ରୀଡ଼ାବିତ୍ ଯଦୁନାଥ ମାଝୀ, ଯୋଗେଶ୍ୱର୍ ପାଲବାବୁ, କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ ପ୍ରମୁଖ ଖେଳିଥିଲେ ଓ କୈଳାଶ ଚନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ ଓ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ବାରିପଦା ତହସିଲଦାର ସୁମନ ସାହୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ସଧିକାରୀ ଶିଶିର କୁମାର ମୁଣ୍ଡୟା ପୁରସ୍କାର ବିତରଣ କରିଥିଲେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ପୋଲିସ ଦଳ ଚାମ୍ପିଅନ

**ବାରିପଦା(ଅମୃତମିଡିଆ):** ସ୍ଥାନୀୟ ପୋଲିସ ପଡିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଓ ପୋଲିସ ଆରଆଇ ଆଲୋକ କୁମାର କାନୁନ୍‌ଗୋଙ୍କ ସହଯୋଗରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପୋଲିସ ଦଳ ୨-୦ ସେଟରେ ଜିଲ୍ଲା ହୋମଗାର୍ଡ ଦଳକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ ଓ ଶ୍ରେଷ୍ଠ ଖେଳାଳି ଭାବେ ସଞ୍ଜୟ ମହାନ୍ତ, ଜଗତ ଜୀବନ ସେଠି, ପୁନିତ ପାଲ, ସୌରଭ ପ୍ରଧାନ, ଅଜିତ ମହାନ୍ତି, ବାଦଲ ବିନ୍ଧାଣୀ, ବସନ୍ତ ନାଏକ ପୁରସ୍କୃତ ହୋଇଥିଲେ ଓ ରାଜେଶ ଦାସ, ଗୌରାଙ୍ଗ



ମହାନ୍ତ, ନିରଞ୍ଜନ ନାଏକ, ଚନ୍ଦ୍ରମୋହନ ଦଳେଇ, ରାଜେନ୍ଦ୍ର ନାଥ ନାଏକ ଓ ଏନ ଆଇ ଏସ କୋଚ ମନୋରଞ୍ଜନ ଜୀଉ ଖେଳ ପରିଚାଳନା କରିଥିଲେ ଓ ଅତିଥି ଭାବେ ଯୋଗଦେଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ସହ ସମ୍ପାଦକ ଅମ୍ବିକା ରାଉତ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସରଜେଣ୍ଟ ଗୌତମ ପ୍ରଧାନ, ହୋମଗାର୍ଡ ଆର ଆଇ ସରୋଜ କୁମାର ବେହେରା, ହାବିଲଦାର ଓ କନଷ୍ଟେବଳ ସଙ୍ଘ ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସ୍ୱରାଜ କୁମାର ରାଜ, ଜିଲ୍ଲା କ୍ରୀଡା ଅଧିକାରୀ ଡ଼ ସୁଭାଶିଷ ନାୟକ, ପୂର୍ବତନ କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ଓ ଭାନୁପ୍ରତାପ ଭଞ୍ଜଦେଓ, କ୍ରୀଡା ଶିକ୍ଷକ ନାରାୟଣ ପୋଦାର, ପ୍ରଭାସ ସାହୁ, ଶାନ୍ତିଲତା ଜୀଉ, ହିମାଂଶୁ ରାଜ ଓ ଦୀପକ ମୁଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଦ ମାଫିଆଙ୍କ ସହ ସଂପର୍କ ରଖି ଫାଣ୍ଡି ବାବୁ ନିଲମ୍ବିତ

**ବାରିପଦା(ଅମୃତମିଡିଆ):** ମଦ ମାଫିଆଙ୍କ ସହ ମଧୁଚନ୍ଦ୍ରିକା ଅଭିଯୋଗ ଫାଣ୍ଡି ଅଧିକାରୀଙ୍କୁ



ମହଙ୍ଗା ପଡ଼ିଛି । କାର୍ଯ୍ୟରେ ଅବହେଳା ଓ ନିଜ ଦାୟିତ୍ୱ ପାଳନରେ ଅନିୟମିତତା । ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଧୀନରେ ଥିବା ଚିତ୍ରଡା ଫାଣ୍ଡିରେ କାର୍ଯ୍ୟରତ ଇଝଓ ଭୀମସେନ ମଲ୍ଲିକଙ୍କୁ ନିଲମ୍ବିତ କରାଯାଇଛି। ସୂଚନା ଅନୁଯାୟୀ, ଚିତ୍ରଡା ଅଞ୍ଚଳରେ ମଦ ମାଫିଆଙ୍କ ସହ ଫାଣ୍ଡି ଅଧିକାରୀଙ୍କ ସମ୍ପର୍କକୁ ନେଇ ଏକ ଅଡିଓ ଭାଇରାଲ ହୋଇଥିଲା। ଏହି ଅଡିଓ ଭାଇରାଲ ହେବା ପରେ ଘଟଣାଟି ପୋଲିସ ବିଭାଗର ନଜରକୁ ଆସିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଚ୍ଚ ଅଧିକାରୀଙ୍କ ପକ୍ଷରୁ ଏହାର ତଦନ୍ତ କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପରେ କାର୍ଯ୍ୟରେ ଅବହେଳା ଓ ଦାୟିତ୍ୱ ପାଳନରେ ତ୍ରୁଟି ଥିବା ଅଭିଯୋଗରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏ ଏସ ଆଇ ଭୀମସେନ ମଲ୍ଲିକଙ୍କୁ ନିଲମ୍ବନ କରିଥିବାର ସୂଚନା ମିଳିଛି। ଏହି ଘଟଣା ପରେ ପୋଲିସ ବିଭାଗରେ ଚର୍ଚ୍ଚା ଜୋର ଧରିଛି। ଆଇନ ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଜଣେ ପୋଲିସ ଅଧିକାରୀଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ଘଟଣାକୁ ନେଇ ସାଧାରଣରେ ମଧ ପ୍ରଶ୍ନ ଉଠିଛି। ତେବେ ଭାଇରାଲ ହୋଇଥିବା ଅଡିଓର ସମ୍ପୂର୍ଣ୍ଣ ସତ୍ୟତା ଏବଂ ଏହା ପଛରେ ଥିବା ସମସ୍ତ ତଥ୍ୟ ସମ୍ପର୍କରେ ଅଧିକାରିକ ତଦନ୍ତର ଫଳାଫଳ ହିଁ ଅନ୍ତିମ ସତ୍ୟ ସ୍ପଷ୍ଟ କରିବ। ନିଲମ୍ବନ ପରେ ମାମଲାରେ ଆଗକୁ କଣ କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଉପରେ ଏବେ ନଜର ରହିଛି।

# ଜାଗରଣ ମଞ୍ଚ ଏବଂ ଘନଶ୍ୟାମ ମିଶ୍ର ଏଣ୍ଡ ସନ୍ସ ପ୍ରା.ଲିଃ. ପକ୍ଷରୁ ସ୍ୱାଧୀନତା ଦିବସ ପାଳନ

**ବାରିପଦା (ଅମୃତମିଡିଆ):** ଗୋରୁମହିଷାଣୀ ରେ ଜାଗରଣ ମଞ୍ଚ



ସଭାପତି ସୁବ୍ରତ ମହାନ୍ତି ଏବଂ ଘନଶ୍ୟାମ ମିଶ୍ର ଏଣ୍ଡ ସନ୍ସ ପ୍ରାଇଭେଟ୍ ଲିମିଟେଡ ମେନେଜର ବିକାଶ ରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସ୍ଥାନୀୟ ପିଏନ ବୋଷ ଖେଳପଡିଆରେ ୮୦ ମ ସ୍ୱାଧୀନତା ଦ୍ଵିସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଶାସ୍ତ୍ରଜ୍ଞ ସାୱାନାର ଶାସ୍ତ୍ରୀ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମ, ଲୋକସଭା ସାଂସଦ ପ୍ରତିନିଧି ଅଶୋକ ମହାନ୍ତ, ଗୋରୁମହିଷାଣି ସିଟି ସ୍କୁଲ୍ ଅଧକ୍ଷା ସରସ୍ୱତୀ ସୋରେନ, ଆଇରନ କଲେଜର କାର୍ଯ୍ୟରତ ଅଧକ୍ଷ ଡ଼ଃ ଦିଗମ୍ବର ଗିରି,, କୁଲେଇଶିଳା ପ୍ରାକ୍ତନ ସରପଞ୍ଚ ରାମଚନ୍ଦ୍ର ନାୟକ, ସାମ୍ବାଦିକ ତୁଷାର କାନ୍ତ ମହାନ୍ତ, ସାମ୍ବାଦିକ ରାମକୃଷ୍ଣ ଦେ,



ସମାଜସେବୀ ବିମଳ ସାହୁ, କୁଶ ମୁଦୁଲି ପ୍ରମୁଖ ଯୋଗଦେଇ ପତାକା ଉତୋଳନ କରିଥିଲେ। ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ମାନେ ପ୍ୟାରେଡରେ ଅଂଶ ଗ୍ରହଣ କରିଥିଲେ ।ପରେ ଆନ୍ତଃ ବିଦ୍ୟାଳୟ ଛାତ୍ର ଫୁଟବଲ ମ୍ୟାଚ ରେ ଗୋରୁମହିଷାଣୀ ଡିଗ୍ରୀ କଲେଜ ଚମ୍ପିୟାନ ହୋଇଥିବାବେଳେ ସିଟି ସ୍କୁଲ୍ ରନର୍ସ ଅପ୍ ହୋଇଥିଲା । ଅନୁଷ୍ଠାନ ତରଫରୁ ଚଳିତବର୍ଷ ନିଟ୍ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ମେଧାବୀ ଛାତ୍ର ଶିବବ୍ରତ ଗିରି ଏବଂ ସୁମିତ କୁମାର ହେମ୍ବ୍ରମ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।





# ବାଘଶାଳା ରାଧାବଲ୍ଲଭ ମଠର ନୂତନ ମହନ୍ତ : ଗୋପାଳକୃଷ୍ଣ ଦାସ

**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁରତା ପାରଳାଖେମୁଣ୍ଡି ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବାଘଶାଳା ଗ୍ରାମରେ ଅବସ୍ଥିତ ଅତି ପୁରାତନ ପ୍ରସିଦ୍ଧ ରାଧା ବଲଭ ମଠର ନୂତନ ମହନ୍ତ ଭାବେ ଗୋପାଳ କୃଷ୍ଣ ଦାସ ଶୁକ୍ରବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାରଳା ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ମଠର ମହନ୍ତ ମହାରାଜମାନଙ୍କ ଉପସ୍ଥିତିରେ ଏହି ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ପୂର୍ବତନ ମହନ୍ତ ରାଧାଚରଣ ଦାସଙ୍କ ବିୟୋଗ ପରେ ଦୀର୍ଘଦିନ ଧରି ରାଧା ବଲଭ ମଠରେ ସ୍ଥାୟୀ ମହନ୍ତ ନଥିବାରୁ ମଠର ପରିଚାଳନାକୁ ନେଇ ଅନିଶ୍ଚିତତା ରହିଥିଲା। ମଠ ପରିଚାଳିତ ବିଦ୍ୟାଳୟର କର୍ମକର୍ତ୍ତା, ସ୍ଥାନୀୟ ଲୋକଙ୍କ ସହଯୋଗ ଏବଂ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ଉପସ୍ଥିତିରେ ପୂର୍ବରୁ କାଶୀନଗର ମହନ୍ତ ମହାରାଜଙ୍କୁ ଉତ୍ତରାଧିକାରୀ ତଥା ଶିଷ୍ୟ ଭାବେ ଦାୟିତ୍ୱ ଦିଆଯାଇଥିଲା। ତେବେ ସ୍ଥାୟୀ ଭାବେ ମହନ୍ତ ଦାୟିତ୍ୱ ଗ୍ରହଣ ହୋଇନଥିଲା। ଏହି ପରିପ୍ରେକ୍ଷୀରେ ଆଜି ଏକ ବିଶେଷ ଧାର୍ମିକ ଓ ପରମ୍ପରାଗତ ପ୍ରକ୍ରିୟା



ମଧ୍ୟରେ ଗୋପାଳ କୃଷ୍ଣ ଦାସଙ୍କୁ ରାଧା ବଲଭ ମଠର ମହନ୍ତ ମହାରାଜ ଭାବେ ଉତ୍ତରାଧିକାରୀ ତଥା ଶିଷ୍ୟ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ସହ ପୁରୀ ରାଧା ବଲଭ ମଠର ମହନ୍ତ ମହାରାଜ, ପାରଳାଖେମୁଣ୍ଡି ମହନ୍ତ ମହାରାଜ, ଟେକିଲି ମହନ୍ତ, ଶ୍ରୀକାକୁଲମ ମହନ୍ତ, ଚାଙ୍ଗୁଡ଼ି ମହନ୍ତଙ୍କ ସମେତ ବିଭିନ୍ନ ମଠର ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଗୋପାଳ ଦାସ ମହନ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମଠର ଧାର୍ମିକ ପରମ୍ପରା, ପୂଜାପାଠ ଓ ସାମାଜିକ କାର୍ଯ୍ୟକ୍ରମକୁ ଆଗକୁ ନେବା ସହ ମଠ ପରିଚାଳିତ ବିଦ୍ୟାଳୟର କାର୍ଯ୍ୟକୁ ସୁଚାରୁ ଭାବେ ଚଳାଇବା ନେଇ ଆଶା ପ୍ରକାଶ ପାଇଛି। ଗୋପାଳ କୃଷ୍ଣ ଦାସଙ୍କ ଦାୟିତ୍ୱ ଗ୍ରହଣକୁ ନେଇ ସ୍ଥାନୀୟ ଭକ୍ତ ଓ ଅଂଚଳ ବାସୀଙ୍କ ମଧ୍ୟରେ ମଧ ଆନନ୍ଦ ପ୍ରକାଶ ପାଇଛି ।

# ହାତୀ ଆକ୍ରମଣରେ ଜଣେ ଗୁରୁତର

## ଖାଦ୍ୟ ଅନ୍ୱେଷଣରେ ହାତୀ ଗାଁମୁହାଁ

**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ବଡମହୁଲଡିହା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ହେଲେ ଗ୍ରାମର ବିଡିଓ ନାଏକ।

ସୂଚନା ଅନୁଯାୟୀ, ବଡମହୁଲଡିହା ଗ୍ରାମ ନିକଟରେ ପ୍ରାୟ ୨୦ଟି ହାତୀଙ୍କୁ ନେଇ ଏକ ହାତୀପଲ ଡେରା ପକାଇଥିଲା। ଏହି ସମୟରେ ହାତୀପଲ ବିଡିଓ ନାଏକଙ୍କ ଧାନ କ୍ଷେତକୁ ପଶି ଆସିଥିଲେ।



ହାତୀପଲକୁ ଘଉଡ଼ାଇବା ସମୟରେ ଏକ ହାତୀ ତାଙ୍କୁ ଶୁଣ୍ଢରେ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ଥିବା ବନବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଗାଁ ରେଞ୍ଜର ବାବୁବାହାନ ସାହୁ, ଫରେଷ୍ଟର ଶରତ ପଟ୍ଟନାୟକ ଅନ୍ୟ କର୍ମଚାରି ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚି ଗୁରୁତର ବିଡିଓ ନାଏକଙ୍କୁ ପ୍ରାଥମିକ ଚିକିତ୍ସା କରାଇବା ପରେ ଅଧିକ ଚିକିତ୍ସା ପାଇଁ କେନ୍ଦୁଝରକୁ ସ୍ଥାନାନ୍ତର ବ୍ୟବସ୍ଥା କରାଇଥିଲେ । ଏହି ଘଟଣା ପରେ ବନବିଭାଗ ପକ୍ଷରୁ ହାତୀପଲର ଗତିବିଧି ଉପରେ ନଜର ରଖାଯାଇଛି।

# ସ୍ୱାୟତ୍ତ ଶାସନ ଲାଗି ସଙ୍ଗୀତ ପ୍ରତିଯୋଗିତା



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅଗଷ୍ଟ ୩୧ ତାରିଖ ରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ । ଏହି ପରିପେକ୍ଷୀରେ ମହାନ୍ଗରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବହୁ ପ୍ରତି ଯୋଗିତା ଆୟୋଜିତ୍ ହେଉଅଛି । ନିଗମ ସମ୍ମିଳନୀ କକ୍ଷରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏଥିରେ ବିଚାରକ ରୂପେ ସଙ୍ଗୀତ ନିର୍ଦ୍ଦେଶକ ଅଶ୍ୱିନୀ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ତଥା କଣ୍ଠ ଶିଳ୍ପୀ ସୁଦୀପ କୁମାର୍ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଡେପୁଟୀ ମେୟର ଇ ବିବେକ ରେଡ୍ଡୀ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ସହକାରୀ କମିଶନର ବିଶାଲ ଗୌରବ ମଲିକ୍ ଙ୍କ ସମେତ ଜୟଶ୍ରୀ ପାଣିଗ୍ରାହୀ, କବିତା ରାଣୀ ପାତ୍ର, ଗୀତାଞ୍ଜଳି ସାମନ୍ତରାୟ, ସ୍ମିତା ଦାସ,ସୋନମ ମାଝୀ, ସ୍ନେହଲତା ମହାରଣା,ସୁଶ୍ରୀ ରଣା ଓ ଦ୍ୱାରିକାନାଥ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଜୁନିଅର ଓ ସିନିୟର୍ ବିଭାଗ ରେ ଏପରି ସଙ୍ଗୀତ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ପ୍ରତିଯୋଗିତାର କୃତୀ ପ୍ରତି ଯୋଗୀ ମାନଙ୍କ ନାମ ଶେଷରେ ଘୋଷଣା କରାଯାଇଥିଲା । ଆଗାମୀ ସ୍ୱାୟତ୍ତ ଶାସନ ଦିବସରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାନଗର ନିଗମ ତରଫରୁ ସୂଚନା ଦିଆଯାଇଛି ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସହର ନିକଟ ବାଗଦେବୀ ରୋଡ୍ ରେ ଘଟିଛି ଏଭଳି ଘଟଣା । ମୃତ ଯୁବକ ଜଣକ ନିକଟସ୍ଥ କୁଲାଡ଼ ଗ୍ରାମର ବିଶ୍ୱଜିତ ପାତ୍ର । ନିଜର ଏକ ହୋଟେଲ ଖୋଲିବା ପାଇଁ, ସମସ୍ତ ପ୍ରସ୍ତୁତି କାର୍ଯ୍ୟ କରୁଥିଲେ । ଏହି ସମୟରେ କୌଣସି କାରଣ ବଶତଃ, ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ । ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ, ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବିଜ୍ଞାନ ମହାବିଦ୍ୟାଳୟରେ ୪୮ ତମ ପ୍ରତିଷ୍ଠା ଦିବସ ପାଳିତ

**ପୋଲସରା (ଅମୃତ ମିଡିଆ):** ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଭଗବାନ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ୪୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂଜ୍ୟ ପୂଜା ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି, ଓଡ଼ିଶା ହାଇକୋର୍ଟର ଆଇନଜୀବି ତଥା ଇଂରାଜୀ ଭାଷା ସାହିତ୍ୟର ପ୍ରବୀଣ ବ୍ୟକ୍ତିତ୍ୱ ଡ଼ଃ ଜ୍ୟୋତିର୍ମୟ ପଟ୍ଟନାୟକ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ପଟ୍ଟନାୟକ ନିଜ ବକ୍ତବ୍ୟରେ ମହାବିଦ୍ୟାଳୟ ସ୍ଥାପନ ଚିନ୍ତାର ମଞ୍ଜି କିଭଳି କଳମ୍ବ ଅଞ୍ଚଳର କାଳୁ ମିସ୍ତ୍ରୀ ନାମକ ଜଣେ ବ୍ୟକ୍ତି ପକାଇଥିଲେ ସେ ସମ୍ପର୍କରେ ସୂଚନା ଦେଇଥିଲେ, ଯାହାକି ବହୁଲୋକଙ୍କ ଅଜ୍ଞାତରେ ରହିଯାଇଛି । ୧୯୭୮ ମସିହା ପୋଲସରା ଗୌରିଆମା ଯାତ୍ରା ପରେ ସେହି କାଳୁ ବାବୁ ଯାତ୍ରା କମିଟିର ସଭାପତି ତଥା ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ କୋଦଣ୍ଡପାଣି ପଟ୍ଟନାୟକ(କୋଦଣ୍ଡ ମାଷ୍ଟ୍ରେ)ଙ୍କୁ ଭେଟି କହିଥିଲେ ଯେ ଯାତ୍ରାରେ ଏତେ ପଇସା ଖର୍ଚ୍ଚ କରୁଛନ୍ତି, ପୋଲସରାରେ କଲେଜଟିଏ ସ୍ଥାପନ ପାଇଁ କାହିଁକି ଚେଷ୍ଟା କରୁନାହାନ୍ତି ।ଏହି କଥାଟି କୋଦଣ୍ଡ ମାଷ୍ଟ୍ରଙ୍କ ମନକୁ ଛୁଇଁଯାଇଥିଲା।ଏହା ପରେ କୋଦଣ୍ଡ ମାଷ୍ଟ୍ରେ ପୋଲସରାର ଅନ୍ୟତମ ଲୋକପ୍ରିୟ ଶିକ୍ଷକ ଶ୍ରୀ ରମେଶ ଚନ୍ଦ୍ର ଦାସଙ୍କୁ ସାଥିରେ ନେଇ କଲେଜ ସ୍ଥାପନର ରୂପରେଖ ପ୍ରସ୍ତୁତି କରିଥିଲେ। କୋଦଣ୍ଡ ମାଷ୍ଟ୍ରଙ୍କ ଘର ଆଗରେ ଥିବା ବଜାର ସାହି ଚହୁଁରା ଉପରେ ପୋଲସରାର ମାନ୍ୟଗଣ୍ୟବ୍ୟକ୍ତିଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭିନ୍ନ ବ୍ୟକ୍ତି କିଏ କେତେ ଅର୍ଥ କଲେଜ ଲାଗି ଦେବେ ତାହା ଘୋଷଣା କରିଥିଲେ । ରୂପରେଖ ମୁତାବକ ୧୯୭୯ ମସିହା ଅଗଷ୍ଟ ୧୫ ତାରିଖ ଦିନ ପୋଲସରା ବେଦ ମନ୍ଦିରରେ କଲେଜ ଉଦ୍‌ଘାଟିତ ହୋଇଥିଲା। ଏହା ପରେ ମୁଖ୍ୟ ଅତିଥି ପଟ୍ଟନାୟକ ସେ ନିଜେ କିଭଳି ଅନ୍ୟ ସ୍କୁଲ୍ ପିଲାଙ୍କ ସହ ମିଶି 'ପୋଲସରାରେ କଲେଜ୍ ହେଲେ ପଖାଳ ଖାଇ ପଢ଼ିବେ ପିଲେ' ସ୍ଲୋଗାନ ଦେଇ ଗାଁ ପରିକ୍ରମା କରୁଥିଲେ ତାହା କହିଥିଲେ





। ଏତଦ୍ ବ୍ୟତୀତ କାଠ ମେଣ୍ଟୁରେ କାଠ ବିକିବା, ଜଗନ୍ନାଥ ରଙ୍ଗମଞ୍ଚରେ ଅସ୍ଥାୟୀ ଚଳଚ୍ଚିତ୍ର ପ୍ରଦର୍ଶନରେ ଟିକଟ ବିକିବା, ରଜ ସଂକ୍ରାନ୍ତି ବେଳେ ମା ସିଂହାସନି ପୀଠକୁ ଯାଉଥିବା ଟ୍ରକ ଓ ବସରୁ ଟଙ୍କାଏ ଲେଖାଏଁ ଆଦାୟ କରିବା ଭଳି କଲେଜ୍ ଲାଗି ଅର୍ଥ ଆଦାୟ କାର୍ଯ୍ୟରେ ସେ ନିଜେ ଓ ତାଙ୍କର ସ୍କୁଲ୍ ସାଙ୍ଗସାଥୀ କିଭଳି ଗୁଣ୍ଡୁଚି ମୂଷା ଭଳି ଯୋଗଦାନ ଦେଇଥିଲେ ତାହାର ଅବତାରଣା କରିଥିଲେ।ଏହି ସବୁ କାର୍ଯ୍ୟ ପଛରେ କୋଦଣ୍ଡ ମାଷ୍ଟ୍ରେ ଓ ରମେଶ ମାଷ୍ଟ୍ରେଙ୍କ ପ୍ରେରଣା ରହିଥିଲା । ଏହା ବ୍ୟତୀତ ପୋଲସରା କଲେଜରେ ପ୍ରଥମ କରି ୧୯୮୩ ମସିହାରେ ଖୋଲିଥିବା ବିଜ୍ଞାନ ବିଭାଗରେ ନାମଲେଖାଇବା ପରେ ଆଫିଲିଏସନ ନ ମିଳିବା ହେତୁ ତାଙ୍କର ଓ ତାଙ୍କ ସହ ନମଲେଖାଇଥିବା ଅନେକ ଛାତ୍ରଛାତ୍ରୀଙ୍କ କ୍ୟାରିୟରରୁ ବର୍ଷେ ଦୁଇ ବର୍ଷ ନଷ୍ଟ ହୋଇଯାଇଥିଲା ତାହା ସୂଚାଇଥିଲେ ।ତେବେ ସେ କହିଥିଲେ ଯେ ୪୦ ବର୍ଷ ପରେ ପଛକୁ ଫେରି ଚାହିଁ ସେ କିମ୍ବା ତାଙ୍କର କୌଣସି ସାଙ୍ଗସାଥୀ ଦୁଃଖିତ ନୁହଁନ୍ତି ବରଂ ଏହାକୁ ସେମାନେ କଲେଜ୍ ଲାଗି ନିଜ ଯୋଗଦାନ ବୋଲି ବିବେଚନା କରୁଛନ୍ତି । ଏହା ପରେ ସେ କଲେଜ୍ ସ୍ଥାପନର ବିଭିନ୍ନ ଉଦ୍ୟୋକ୍ତା, ପ୍ରଥମେ ଅଧ୍ୟାପକ ଭାବେ ଯୋଗ ଦେଇଥିବା ବିଭିନ୍ନ ବ୍ୟକ୍ତିଙ୍କ ନାମ ପ୍ରକାଶ କରିବା ସହ କଲେଜ୍ କୋଣାର୍କର ଧରମା ଭାବେ ସ୍ୱର୍ଗତ କାହ୍ନୁ ଚରଣ ନାୟକଙ୍କୁ ଅଭିହିତ କରି ତାଙ୍କର ସ୍ମୃତିଚାରଣ କରିଥିଲେ ।ମହାବିଦ୍ୟାଳୟର ସଂଘର୍ଷ ପୂର୍ଣ୍ଣ ଯାତ୍ରାର ଏହା ଏକ ଛୋଟିଆ ବିବରଣୀ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ରୁଦ୍ର ପ୍ରସାଦ ଗୌଡ଼, ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ସାହୁ,ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ପ୍ରତିଷ୍ଠା ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ଼ଃ ବିରଞ୍ଚି ନାରାୟଣ ରଥ, ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପିକା ଲେଫ୍ଟନାଣ୍ଟ ବିନତା କୁମାରୀ ଦାଶ, ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଦେବାଶିଷ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଦିଗଦର୍ଶନ ପ୍ରଦାନ କରିଥିଲେ । ପ୍ରତିଷ୍ଠା ଦିବସ ଅବକାଶରେ ସଂଗୀତ, ଏକକ ନୃତ୍ୟ, ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଙ୍କ ସହ ବେଷ୍ଟ ଘଉଡ କ୍ୟାଡେଟ ଓ ଘଝଝ ସ୍ୱେଚ୍ଛାସେବୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଯୋଜନା ଦାୟିତ୍ୱ ଅଧ୍ୟାପକ ଦେବାଶିଷ ସ୍ୱାଇଁ ନିର୍ବାହ କରିଥିବା ବେଳେ ଅଧ୍ୟାପକ ସେକ ଫରିଦ, ଡ଼ଃ ହରିଶ୍ଚନ୍ଦ୍ର ପାଇକ, ବସନ୍ତ କୁମାର ପାଣି, ମିଡ଼ିଆ ସଂଯୋଜିକା ପିଙ୍କି ପ୍ରଧାନ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇବା ସହ ବିଶେଷ ସହଯୋଗ କରିଥିଲେ ।ଶେଷରେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତିନିଦିନିଆ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ ଶୁଭାରମ୍ଭ

## ବିରାଟ କଳାକାର ଶୋଭାଯାତ୍ରା

**ବ୍ରହ୍ମପୁର (ଅମୃତ ମିଡିଆ):** ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ,ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ 'ଲୋକରଞ୍ଜନୀ' ଓଡ଼ିଶା ସରକାରଙ୍କ ତରଫରୁ ' ବିଜୁ ପଟ୍ଟନାୟକ ସଂସ୍କୃତି ଭବନ' ,ବ୍ରହ୍ମପୁର ଠାରେ ଶୁଭାରମ୍ଭ ହୋଇଛି । ଏକାଡ଼େମୀ ତରଫରୁ ସଂସ୍କାର ଭାରତୀ ଓ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁର ଦ୍ୱାରା ଆୟୋଜିତ ଏହି ଲୋକ ନାଟକ ମହୋତ୍ସବ ଶୁଭାରମ୍ଭ ପୂର୍ବରୁ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଙ୍ଘ ସହୋଜଗରେ ବିରାଟ କଳାକାର ଶୋଭାଯାତ୍ରା ଆୟୋଜିତ ହୋଇଥିଲା ।ଶୋଭାଯାତ୍ରାରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଯୋଗ ଦେଇଥିଲେ, ନାଟ୍ୟକାର ତିରୁପତି ସାହୁ ଶୁଭାରମ୍ଭ କରିଥିଲେ ସନ୍ଧ୍ୟାରେ ସଚ୍ଚିଵ ଡକ୍ଟ ଚନ୍ଦ୍ର ଶେଖର ହୋତା ଲୋକନାଟକ ଉତ୍ସବକୁ ଉଦଘାଟନ କରି ସରକାର ଲୋକ କଳା ର ବିକାଶ ଓ ଉନ୍ନତି ନେଇ ସର୍ବଦା ସହଯୋଗ କରୁଥିବା କହିଥିଲେ । ସମ୍ମାନିତ ଅତିଥି ଭାବେ , ବିଶିଷ୍ଟ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର, ନାଟ୍ୟଶ୍ରୀ





ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର , ସଂସ୍କାର ଭାରତୀ ର ରାଜ୍ୟ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଜଗଦୀଶ ପାଣିଗ୍ରାହି ପ୍ରମୁଖ ଯୋଗ ଦେଇ ବ୍ରହ୍ମପୁର ରେ ପ୍ରଥମ ଥର ଲାଗି ଏପରି ଲୋକ କଳା ମହୋତ୍ସବ ଆୟୋଜନ କରାଯାଉଥିବାରୁ ଖୁସି ପ୍ରକଟ କରିଥିଲେ । ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର ସାଧାରଣ ସଂପାଦକ ନାରାୟଣ ମହାକୁଡ଼ , କଳାପ୍ରେମୀ ଆଲକ ବିଶୋଇ ସହଯୋଗ କରିଥିଲେ । ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ର କାର୍ଯ୍ୟକାରି ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ସଂସ୍କାର ଭାରତୀ ର ଅଜିତ୍ କୁମାର ମୁନୀ ସମେତ ବହୁ କର୍ମକର୍ତ୍ତା ଏହି ଅବସରରେ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳକ କାର୍ତ୍ତିକ ପାଣିଗ୍ରାହି ଓ ଶୁଶ୍ରୀ ସାଗରିକା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଚାଳକ କରିଥିବା ବେଳେ ବୈଠକରେ କୈଳାଶ ପାଣିଗ୍ରାହୀ, ଆରତୀ ପାତ୍ର, କୁନି ପଣ୍ଡା, ହରିଶ୍ଚନ୍ଦ୍ର ବରାଡ , ସୁଦାମ ପଟନାୟକ,କୃଷ୍ଣ ପଣ୍ଡା , ଅଭିରାମ ରାଉଳ , ବଳଦେବ ସାହୁ, ମୃତଞ୍ଜୟ ତ୍ରିପାଠୀ, ସରୋଜ ପଣ୍ଡା, ଅଶକ ପାତ୍ର,ଗୋପାଳ ପଟ୍ଟନାୟକ,ସୁନୀଲ ସ୍ୱାଇଁ, ସୁଦୀପ କୁମାର୍ ସାହୁଙ୍କ ସମେତ ବହୁ କଳାପ୍ରେମୀ ଏଠାରେ ଉପସ୍ଥିତ ଥିଲେ । ପ୍ରଥମ ଦିବସରେ ଗୋକୁଳାନନ୍ଦ ପ୍ରଧାନ ଓ ସେଥି ,ଗଞ୍ଜାମଙ୍କ ଦ୍ୱାରା ପ୍ରହ୍ଲାଦ ନାଟକ, ପ୍ରଶାନ୍ତ ପ୍ରଧାନ ଓ ସାଥୀ ଙ୍କ ଦ୍ୱାରା କୃଷ୍ଣ ଲୀଳା, ନବରଙ୍ଗପୁର ସାଇମନ ବିଡିକା ଓ ସାଥୀଙ୍କ ଦ୍ୱାରା ଦେଶିଆ ନାଟକ ପରିବେଷଣ ହୋଇଥିଲା । ସମସ୍ତ ଅତିଥି ଓ କଳାକାର ମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା । ୧୯ ତାରିଖରେ ବୌଦ୍ଧ ର ଶ୍ରୀ ରାମଲୀଳା ନାଟ୍ୟ ସଂସଦ ତରଫରୁ ରାମଲୀଳା, ଛତ୍ରପୁର ମା ସନ୍ତୋଷୀ ଲୋକ ନାଟ୍ୟ ସଂସଦ ତରଫରୁ ରାଧା ପ୍ରେମ ଲୀଳା, ଭଦ୍ରକ ସଙ୍କେତ କଲ୍ଲରାଲ ଆସୋସିଏସନ୍ ତରଫରୁ ମୋଗଲ ତାମସା, ଏବଂ ଅନ୍ତିମ ଦିବସ ୨୦ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ବାଣୀ କ୍ଷେତ୍ର ନାଟ୍ୟ ପରିଷଦ ତରଫରୁ ଗୀତି ନାଟ୍ୟ, ଗଞ୍ଜାମ ଶ୍ରୀ ଶ୍ରୀ ମା ଦେବୀ ନାଟ୍ୟ କଳା ସାଂସଦ ତରଫରୁ ଭାରତ ଲୀଳା ଓ ଗଜପତି ସଙ୍କଟ ତାରିଣୀ ନାଟ୍ୟ କଳା ସଂସଦ ତରଫରୁ ଭୂତକେଳି ପରିବେଶଣ କରାଯିବ ବୋଲି ଏଠାରେ କୁହାଯାଇଥିଲା ।

# କାର୍ ସହ ୩୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ



**ଭଞ୍ଜନଗର (ଅମୃତ ମିଡିଆ):** କନ୍ଧମାଳରୁ ମହାରାଷ୍ଟ୍ର ଅଭିମୁଖେ କାରରେ ଗଞ୍ଜେଇ ଚାଲାଣ ।ଅବକାରୀ ସୁପରେଣ୍ଟେଣ୍ଡ ନିର୍ଦ୍ଦେଶ ଭଞ୍ଜନଗର ଓଆଇସି ବିଭୁପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅବକାରୀ ପୋଲିସ ହାତରେ ଧରାପଡ଼ିଛନ୍ତି, ସଂପୃକ୍ତ ଚାଲାଣକାରୀ ମାନେ । ଘଟଣା ପ୍ରକାରେ ଅଭିଯୁକ୍ତ ମାନେ ଏକ କାର୍ ରେ ଗଞ୍ଜେଇ ଧରି କନ୍ଧମାଳରୁ ଆସୁଥିବା ବେଳେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିକଟସ୍ଥ ଶ୍ରୀରାମ ନଗର ବ୍ରିଜ ନିକଟରେ ଗାଡ଼ିକୁ ଯାଞ୍ଚ କରିଥିଲା ଭଂଜନଗର ଅବକାରୀ ପୋଲିସ। ଘଟଣାସ୍ଥଳରୁ କାର୍ ଭିତରୁ ଦୁଇଟି ବସ୍ତାରେ ଥିବା ୩୦ କିଲୋ ଗଞ୍ଜେଇ ଜବତ କରିଥିଲା ଅବକାରୀ ପୋଲିସ । ଏହା ସହ କାର୍‌କୁ ମଧ୍ୟ ଜବତ କରିବା ସହ, ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ଅବକାରୀ ପୋଲିସ । ଗିରଫ ଅଭିଯୁକ୍ତ ମାନେ ମହାରାଷ୍ଟ୍ର ଅଞ୍ଚଳର ହୋଇଥିବା ବେଳେ, ସେମାନେ ସେହି ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବାର ସୂଚନା ଦେଇଛନ୍ତି ଭଞ୍ଜନଗର ଅବକାରୀ ଓଆଇସି ଶ୍ରୀ ସାହୁ ଚଢାଉରେ ଭଞ୍ଜନଗର ଅବକାରୀ ଥାନାର ଏଏସଆଇ ବହୁମୂଲ୍ୟ ପରିଚ୍ଛା, ମନୋରଞ୍ଜନ ସେଠୀ ଏବଂ ନରେନ୍ଦ୍ର ଶବର ପ୍ରମୁଖ ସାମିଲ ଥିଲେ।

# ଟିପିଏସ୍‌ଓଡିଏଲ୍ ତରଫରୁ ଭୂତଳ ବିଦ୍ୟୁତ୍ ସଂଯୋଗ

**ବ୍ରହ୍ମପୁର (ଅମୃତ ମିଡିଆ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତରଫରୁ ଛତ୍ରପୁରରେ ୩.୪କିମି ଭୂତଳ ବିଦ୍ୟୁତ ସଂଯୋଗ ହୋଇଛି । ଏହି ପ୍ରକଳ୍ପ ଜିଲ୍ଲା ମୁଖ୍ୟାଳୟ ପାଇଁ ଭରସାଯୋଗ୍ୟ ଏବଂ ଗୁଣାତ୍ମକ ବିଜୁଳି ସଂଯୋଗ ସୁନିଶ୍ଚିତ କରେ ।

ନୂତନ ୧୧ କେଭି ଭୂତଳ ବିଦ୍ୟୁତ ନେଟୱର୍କ ପ୍ରମୁଖ ସରକାରୀ ଏବଂ ପ୍ରାଶାସନିକ କାର୍ଯ୍ୟାଳୟ ପାଇଁ ଭରସାଯୋଗ୍ୟ, ନିରବଚ୍ଛିନ୍ନ ଏବଂ ଝଡ଼ ତୋଫାନ ସମୟରେ ବିଦ୍ୟୁତ ସେବା ସୁନିଶ୍ଚିତ କରେ । ଏଥିରେ ସଂଯୁକ୍ତ ହୋଇଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସ୍ ପି ଅଫିସ ଏବଂ ଛତ୍ରପୁରର ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଅନ୍ତର୍ଭୁକ୍ତ । ସାଧାରଣ ପ୍ରଶାସନ କାର୍ଯ୍ୟାଳୟରେ ସେବା ପ୍ରଦାନ କରିବା ବ୍ୟତୀତ, ନୂତନ ଭୂତଳ ନେଟୱର୍କ ଛତ୍ରପୁରର ପ୍ରାୟ ୧,୦୦୦ ବାସିନ୍ଦାଙ୍କୁ



ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଇଥାଏ । ଏହା ସହରର ପ୍ରମୁଖ ବାଣିଜ୍ୟିକ ହବ୍ ପାଇଁ ବିଦ୍ୟୁତ ଯୋଗାଣକୁ ମଧ୍ୟ ସୁନିଶ୍ଚିତ କରିଥାଏ । ଏହି ପ୍ରକଳ୍ପରୁ ଉପକୃତ ହେଉଥିବା ପ୍ରମୁଖ ଅଞ୍ଚଳଗୁଡ଼ିକ ହେଉଛି ହାଇସ୍କୁଲ ରୋଡ୍, କାରିଣୀ ସାହି, ମାଛ ବଜାର ରାସ୍ତା, ଛତ୍ରପୁର ମେନ୍ ରୋଡ୍, ନୀଳକଣ୍ଠ ସାହି, କପିଳା ସାହି ଏବଂ ପାତ୍ର ସାହି। ଏହି ପ୍ରକଳ୍ପର ଏକ ପ୍ରମୁଖ ବୈଷୟିକ ବିଶେଷତ୍ୱ ହେଉଛି ତଳ ବସଷ୍ଟାଣ୍ଡ ଫିଡର ଏବଂ ଉପର ବସଷ୍ଟାଣ୍ଡ ଫିଡର ମଧ୍ୟରେ ଏକ ଉନ୍ନତ ଆନ୍ତଃସଂଯୋଗ । ଉଭୟ ଫିଡର୍ ଛତ୍ରପୁର ପ୍ରାଥମିକ ସବଷ୍ଟେସନ୍ ଦ୍ୱାରା ଚାଳିତ।

ଭୂତଳ କେବଲିଂ ମାଧ୍ୟମରେ ଏହି ଦୁଇଟି ଫିଡରକୁ ସଂଯୋଗ କରି, ଟିପିଏସ୍‌ଓଡିଏଲ୍ ବର୍ତ୍ତମାନ ବିଦ୍ୟୁତକୁ ଅଧିକ ଦକ୍ଷତାର ସହିତ ପୁନଃମାର୍ଗ କରିପାରିବ । ଏଥିସହିତ ଜରୁରୀକାଳୀନ ପରିସ୍ଥିତିରେ ବ୍ୟାକଅପ୍ ବ୍ୟବସ୍ଥା କରାଯାଇପାରିବ। ରକ୍ଷଣାବେକ୍ଷଣ କିମ୍ବା ଜରୁରୀକାଳୀନ ବ୍ରେକଡାଉନ୍ ସମୟରେ ଏହା ବିଦ୍ୟୁତ ପରିଚାଳନାକୁ ଅଧିକ ସହଜ କରିଥାଏ। ଏହାଦ୍ୱାରା ସମଗ୍ର ସହରକୁ ବିନା ବାଧାରେ ନିରନ୍ତର ବିଜୁଳି ସୁନିଶ୍ଚିତ ହୋଇପାରିବ । ଏ ସମ୍ପର୍କରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, "ଆମର ବିତରଣ ନେଟୱର୍କକୁ ସୁଦୃଢ଼ ଏବଂ ସୁରକ୍ଷିତ ଭୂତଳ ଭିତ୍ତିଭୂମି ସହିତ ଆଧୁନିକୀକରଣ କରିବା ଟିପିଏସ୍‌ଓଡିଏଲର ଏକ ପ୍ରମୁଖ ଲକ୍ଷ୍ୟ । ଛତ୍ରପୁର ହେଉଛି ଗଞ୍ଜାମ ଜିଲ୍ଲାର ପ୍ରାଶାସନିକ କେନ୍ଦ୍ର । ଏଥିସହିତ ସୁଗମ ଜନସେବା ଓ ଜରୁରୀକାଳୀନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସପି ଅଫିସ ଏବଂ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଭଳି ପ୍ରମୁଖ ଅନୁଷ୍ଠାନ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଜରୁରୀ । ଏହି ୩.୪ କିଲୋମିଟର ଭୂତଳ କେବଲିଂ ପ୍ରକଳ୍ପ କେବଳ ଆମର ବିଦ୍ୟୁତ ନେଟୱାର୍କକୁ ପ୍ରତିକୂଳ ପାଣିପାଗ ସମୟରେ ସୁରକ୍ଷିତ କରେ ନାହିଁ ବରଂ ବ୍ୟସ୍ତବହୁଳ ବାଣିଜ୍ୟିକ ରାସ୍ତାରେ ୧,୦୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଏବଂ ଦୋକାନୀଙ୍କ ପାଇଁ ସୁରକ୍ଷା ଏବଂ ବିଶ୍ୱସନୀୟତା ବୃଦ୍ଧି କରେ" ।

ଟିପିଏସ୍‌ଓଡିଏଲ୍ ଏହାର ସମସ୍ତ ଗ୍ରାହକଙ୍କୁ ନିରବଚ୍ଛିନ୍ନ, ସୁରକ୍ଷିତ ଏବଂ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ତଥା ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ପ୍ରତିବଦ୍ଧ ରହିଛି ।

## ୧୪୧ ଦିନରେ ସଚେତନତା ସତ୍ୟାଗ୍ରହ ପଦଯାତ୍ରା

# ଆଧାରକାର୍ଡ ଦେଖାଇ ପଶ୍ଚିମଦ୍ୱାରରେ ପ୍ରବେଶ, ଘଣ୍ଟିଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ





**ପୁରୀ (ବ୍ୟୁରୋ):** ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ଦାବିରେ ଚାଲିଥିବା ଅହିଂସାମୂଳକ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୪୧ ତମ ଦିନରେ ପହଞ୍ଚିଛି। ଏପ୍ରିଲ ୧, ଉତ୍କଳ ଦିବସଠାରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରତିଦିନ ଏହି ପଦଯାତ୍ରା ଜାରି ରହିଛି। ଆଜି ସତ୍ୟାଗ୍ରହୀ ପଦଯାତ୍ରୀମାନେ ହାତରେ ଆଧାର କାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ପଶ୍ଚିମ ଦ୍ୱାରରେ ପହଞ୍ଚିଥିଲେ। ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ ଘଣ୍ଟି ଦ୍ୱାର ଦେଇ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଆଜି ଆଧାର କାର୍ଡ ଦେଖାଇ ପ୍ରବେଶର ସୁଯୋଗ ମିଳିଥିଲେ ମଧ୍ୟ ଅନ୍ୟ ସମୟରେ ପୁରୀବାସୀ ଆଧାର କାର୍ଡ ଦେଖାଇଲେ ମଧ୍ୟ ସେମାନଙ୍କୁ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବାକୁ ଦିଆଯାଉନାହିଁ। ତେଣୁ ଗୋଟିଏ କିମ୍ବା ଦୁଇ ଦିନର ସୁବିଧା ନୁହେଁ, ପୁରୀ ସହରବାସୀଙ୍କ ପାଇଁ ଆଧାର କାର୍ଡକୁ ପରିଚୟର ପ୍ରମାଣ ଭାବେ ଗ୍ରହଣ କରି ନିୟମିତ, ସ୍ପଷ୍ଟ ଓ ସ୍ଥାୟୀ ପ୍ରବେଶ-ଦର୍ଶନ ବ୍ୟବସ୍ଥା କରାଯିବା ଦରକାର। ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "ଶ୍ରୀମନ୍ଦିରର ନୀତିକାନ୍ତି, ପରମ୍ପରା ଓ ଧାର୍ମିକ ବ୍ୟବସ୍ଥା ପ୍ରତି ଆମର ସମ୍ପୂର୍ଣ୍ଣ ସମ୍ମାନ ରହିଛି। ଆମର ଲଢ଼େଇ ସତ୍ୟ ଓ ଅହିଂସାର ପଥରେ। ଆଜିର ପ୍ରବେଶ ଆମ ପାଇଁ ଆଶାର ସଙ୍କେତ, କିନ୍ତୁ ଆମ ଲକ୍ଷ୍ୟ ସ୍ଥାୟୀ ସମାଧାନ। ସରକାରୀ ସ୍ତରରେ ସ୍ପଷ୍ଟ ବ୍ୟବସ୍ଥା ଘୋଷଣା ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବ।" ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଯାଦବାନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ନୃସିଂହନାଥ ନାୟକ, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ମିନାକ୍ଷୀ ଦାସ, ବନିତା ଦିକ୍ଷୀତ, ମନୀଷା ପାତ୍ର, ଚିକି ସାହୁ, ବର୍ଷା ପଣ୍ଡା, ସୌମ୍ୟା ସାହୁ, ବୈଶାଳୀ ପ୍ରଧାନ, ସ୍ନେହା ଦାସ, ମମତା ସ୍ୱାଇଁ, ଅଭିମନ୍ୟୁ ରାୟଗୁରୁ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ରମେଶ ଚନ୍ଦ୍ର ମହାନ୍ତି, ଯୁପିଟର ଦାସ, କିଶୋର ଚନ୍ଦ୍ର ଦାସ, ଅଭିମନ୍ୟୁ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ସନ୍ତୋଷ ସେନାପତି, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। ୧୪୧ ଦିନ ଧରି ଅହିଂସାର ପଥରେ ଚାଲିଥିବା ଏହି ପଦଯାତ୍ରା ମାଧ୍ୟମରେ ପୁରୀବାସୀ ସ୍ଥାୟୀ ଓ ସମ୍ମାନଜନକ ଦର୍ଶନ ବ୍ୟବସ୍ଥା ପାଇଁ ନିଜ ଦାବି ଉପସ୍ଥାପନ କରିଆସୁଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

ପାଦ ଚାଲିବ—ଅହିଂସାର ପଥରେ।

ଦାବି ରହିବ—ସ୍ଥାୟୀ ନ୍ୟାୟ ପାଇଁ।

■ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ

# ଗୁରୁଦିବସରେ ସମ୍ବର୍ଦ୍ଧିତ ହେବେ ୧୧ ଶିକ୍ଷକ-ଶିକ୍ଷୟିତ୍ରୀ




**ପୁରୀ (ବ୍ୟୁରୋ):** ଜିଲ୍ଲା ଅବସର ପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସଂଗଠନର ବାର୍ଷିକ ଉତ୍ସବ ଓ ଗୁରୁଦିବସ ସମାରୋହ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇ କହିଛନ୍ତି, ସଂଗଠନର ବାର୍ଷିକୋତ୍ସବ ଓ ଗୁରୁଦିବସ ସମାରୋହ ଆସନ୍ତା ୫ ତାରିଖ (ଶନିବାର) ଯୁଥ୍ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ହେବ। ଚଳିତବର୍ଷ ୧୧ଜଣ କୃତୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଜିଲାର ୧୧ ବ୍ଲକ୍‌ରେ ୨୦୨୬ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୨ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା, ରବୀନ୍ଦ୍ର କୁମାର ରାଉତରାୟ, ନିରଞ୍ଜନ ପତି, ବିଜୟ କୁମାର ପଣ୍ଡା, କୁସୁମ କୁମାରୀ ରଥ, ନିରଞ୍ଜନ ପାତ୍ର, ନାରାୟଣ ପୃଷ୍ଟିଙ୍କୁ ସମ୍ମାନିତ କରାଯିବ। ଏଥିସହିତ 'ଲକ୍ଷ୍ମୀଧର କର ସ୍ମୃତି ସମ୍ମାନ', 'ସ୍ୱପ୍ନେଶ୍ୱର ପ୍ରଧାନ ସ୍ମୃତି ସମ୍ମାନ', 'ସତ୍ୟବାଦୀ ହୋତା ସ୍ମୃତି ସମ୍ମାନ' ଓ 'ଲକ୍ଷ୍ମୀଧର ତ୍ରିପାଠୀ ସ୍ମୃତି ସମ୍ମାନ'ରେ ଯଥାକ୍ରମେ ନରସିଂହ ମିଶ୍ର, ଶଶିରେଖା କବି, ବ୍ରହ୍ମାନନ୍ଦ ଦାଶ ଓ ବିଜୟ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ଏହି ଅବସରରେ ଛାତ୍ରଗୌରବ ସମ୍ମାନରେ ସମ୍ମାନିତ ହେବାକୁଥିବା ୧୨ଜଣ ମେଧାବୀ ଛାତ୍ରୀଛାତ୍ରଙ୍କ ପ୍ରଧାନଶିକ୍ଷକ ଓ ସେମାନଙ୍କ ଅଭିଭାବକଙ୍କୁ ଜଣାଇ ଦିଆଯାଇଛି ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ବୈଠକରେ ସୂଚନା ଦେଇଛନ୍ତି। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଲକ୍ଷ୍ମୀଧର ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ପ୍ୟାରୀମୋହନ ପଟ୍ଟନାୟକ, ମନୋଜ ସାମନ୍ତରାୟ, ବ୍ରହ୍ମାନନ୍ଦ ଦାସ, ସୁରେନ୍ଦ୍ର ଜେନା, ବ୍ରହ୍ମାନନ୍ଦ ସାହୁ, ରମେଶ ଚନ୍ଦ୍ର ପଣ୍ଡା, ଆଶାଲତା ପ୍ରଧାନ, ମିନତି ହୋତା, ଅଞ୍ଜଳି ରଥ, ଦୁର୍ଗାବତୀ ପ୍ରଧାନ, ବିଜୟ କୁମାର ପଣ୍ଡା ଓ ବାଇଧର ଜେନା ଅଂଶଗ୍ରହଣ କରିଥିଲେ। ରମେଶ ଚନ୍ଦ୍ର ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

# ଲୋକନାଥ ମନ୍ଦିର କୋଠଭୋଗ ପାଇଁ ସ୍ଥାୟୀ ବ୍ୟବସ୍ଥା ଓ କରିଡର୍‌ରେ ଆଲୋକ ଲଗାଇବାକୁ ଆପ୍‌ର ଦାବି




**ପୁରୀ (ବ୍ୟୁରୋ):** ପୁରୀର ପ୍ରସିଦ୍ଧ ତଥା ବହୁ ପୁରାତନ ଐତିହାସିକ ଶ୍ରୀ ଲୋକନାଥ ମହାଦେବ ମନ୍ଦିରର କୋଠ ଭୋଗ ବ୍ୟବସ୍ଥାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି ପୁରୀ ଜିଲ୍ଲା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ବର୍ତ୍ତମାନ ଭକ୍ତ ଓ ସ୍ଥାନୀୟ ଦୋକାନୀମାନେ ପ୍ରତିଦିନ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଦାନ କରିବା ଦ୍ୱାରା ଲୋକନାଥଙ୍କ କୋଠ ଭୋଗ ପ୍ରସ୍ତୁତ ହେଉଥିବା ଜଣାପଡୁଛି। ଏଭଳି ଦାନ ଉପରେ ନିର୍ଭର କରି ଏକ ପ୍ରମୁଖ ଐତିହାସିକ ମନ୍ଦିରର ନିତ୍ୟ କୋଠ ଭୋଗ ଚାଲିବା ଗ୍ରହଣୀୟ ନୁହେଁ। ମନ୍ଦିରର ପରମ୍ପରା ଓ ନିତ୍ୟନୀତିକୁ ସୂଚାରୁ ଭାବେ ଜାରି ରଖିବା ପାଇଁ ସରକାରଙ୍କ ତରଫରୁ ତୁରନ୍ତ ସ୍ଥାୟୀ କୋଠ ଭୋଗ ଖଞ୍ଜା ବ୍ୟବସ୍ଥା କରାଯିବା ଆବଶ୍ୟକ। ସେହିପରି ଲୋକନାଥ ମନ୍ଦିରର କରିଡ଼ର ନିର୍ମାଣ ହୋଇଥିଲେ ମଧ୍ୟ ସେଠାରେ ଆବଶ୍ୟକ ଗେଟ୍ ନଥିବା ସହିତ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନଥିବାରୁ ରାତି ସମୟରେ ସମ୍ପୂର୍ଣ୍ଣ ଅନ୍ଧାର ରହୁଛି। ଏହା ଫଳରେ ଭକ୍ତମାନେ ଦର୍ଶନ ଓ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେବା ସହିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହୁଛି। ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ଦାବିରେ ଆମ୍ ଆଦ୍‌ମୀ ପାର୍ଟି, ପୁରୀ ଜିଲ୍ଲା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆପ୍‌ର ଜିଲ୍ଲା ସମ୍ପାଦକ କହିଛନ୍ତି ଯେ, "ଲୋକନାଥ ମନ୍ଦିର ପୁରୀର ଏକ ଐତିହାସିକ ଓ ଆଧ୍ୟାତ୍ମିକ ପରିଚୟ। ଏଭଳି ଏକ ପ୍ରାଚୀନ ମନ୍ଦିରର କୋଠ ଭୋଗ ପାଇଁ ପ୍ରତିଦିନ ଭକ୍ତ ଓ ଦୋକାନୀଙ୍କ ଦାନ ଉପରେ ନିର୍ଭର କରିବା ଦୁଃଖଦ। ସରକାର ତୁରନ୍ତ ସ୍ଥାୟୀ କୋଠ ଭୋଗ ବ୍ୟବସ୍ଥା କରିବା ସହିତ କରିଡ଼ରରେ ଆଲୋକ, ସିକ୍ୟୁରିଟୀ ଓ ଗେଟ୍‌ର ବ୍ୟବସ୍ଥା କରନ୍ତୁ।" ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏହି ଦାବିଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ନେଇ ଲୋକନାଥ ମନ୍ଦିରର ଭକ୍ତମାନଙ୍କ ସୁବିଧା ଓ ମନ୍ଦିରର ପରମ୍ପରାକୁ ସୁରକ୍ଷିତ କରିବାକୁ ଦାବି କରିଛି।

# ଆଇନ ସଚେତନତା ଶିବିର



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଶ୍ରୀଯୁକ୍ତ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ତା ୧୯.୮.୨୦୨୬ ରିଖରେ ଦିବା ୧୧. ୩୦ ଘଟିକା ସମୟରେ ସଦର ବ୍ଲକ ଅଧୀନରେ ଥିବା ପଂଚାୟତ ହଲ , ବାଲିଗୁଆଳି ଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜନମଙ୍ଗଳକାରୀ ଯୋଜନା ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି ଓ ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ , ୧୫୧୦୦, କର୍ମକ୍ଷେତ୍ରରେ ମହିଳା ମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନର ପ୍ରତିରୋଧ ଓ ପ୍ରତିକାର ଅଧିନିୟମ ସମ୍ପର୍କିତ ଏବଂ ସମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବାପାଇଁ କେଉଁ କେଉଁମାନେ ଯୋଗ୍ୟ ଏବଂ ହିତାଧିକାରି ସେ ବିଷୟରେ ଆଲୋଚନା କରିଥିଲେ ଏବଂ ସେମାନେ କିପରି ଟୋଲ ଫ୍ରୀ ନମ୍ବର ୧୫୧୦୦ ମାଧ୍ୟମରେ ନିଜର ବିଭିର୍ନ ସମସ୍ୟାର ଉପଯୁକ୍ତ ପରାମର୍ଶ ପାଇପାରିବେ ସେ ବିଷୟରେ ଆଲୋଚନା କରିବା ସହ ନିଜ ବକ୍ତବ୍ୟରେ ସୀମାନ୍ତିକୃତ ଅସୁରକ୍ଷିତ ଆଦିବାସୀ ଏବଂ ବିମୁକ୍ତ / ଘୁମନ୍ତୁ ଜାତିମାନଙ୍କୁ ନ୍ୟାୟ ଯୋଗାଇଦେବା ପାଇଁ ପ୍ରୟାସ, ଭରଣପୋଷଣ ଆଇନ ଏବଂ ଦାରିଦ୍ର୍ୟ ଦୂରୀକରଣର ସମ୍ପର୍କିତ ଥିବା NALSA Scheme ବିଷୟରେ ଆଲୋକପାତ କରିଥିଲେ। ଆଜିର ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ବ୍ଲକ ଉର୍ନୟନ ଅଧିକାରୀ ଶ୍ରୀଯୁକ୍ତ ମନୋଜ୍ କୁମାର ବେହେରା , ପୁରୀ ସଦର ବ୍ଲକ୍ (Puri Sadar Block) ଅଧୀନରେ ଥିବା ଗ୍ରାମ ପଞ୍ଚାୟତ ସମ୍ପାଦକ ଶ୍ରୀମତୀ ସରସ୍ୱତୀ ପ୍ରଧାନ , ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ରଞ୍ଜିତ ମହାନ୍ତି, ଯୋଗ ଦେବାସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜନମଙ୍ଗଳକାରି ଯୋଜନା ସମ୍ପର୍କିତ ବିଭିର୍ନ ଆଇନ ବିଷୟରେ ସଚେତନ କରାଇବା ସହ ଏହା କିପରି ଜନସାଧାରଣ ମାନଙ୍କୁ ସଚେତନ କରାଇବା ସେ ବିଷୟରେ ପରାମର୍ଶ ଦେଇଥିଲେ। ଏହି କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

# ସି' ବିଚ୍ ଫଟୋଗ୍ରାଫର ମହାସଂଘ ପକ୍ଷରୁ ସଚେତନତା ଶୋଭାଯାତ୍ରା

**ପୁରୀ (ବ୍ୟୁରୋ):** ପୁରୀ ସି ବିଚ୍ ଫଟୋଗ୍ରାଫର ମହାସଂଘ ତରଫରୁ ସମୁଦ୍ର ବେଳାଭୂମିରେ ଥିବା ୯ଗୋଟି ସଂଘରୁ ସଭ୍ୟ ମାନଙ୍କୁ ନେଇ ଆଜି ସକାଳ ୯ଘଟିକା ସମୟରେ ପୁରୀ ସମୁଦ୍ର ବେଳାଭୂମିରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଡ଼ଃ ଭୀମଲ କୁମାର ସାହୁ ,ମହାସଂଘ ଉପଦେଷ୍ଟା ସିଦ୍ଧାର୍ଥ ରାୟ ଓ



ଶ୍ରୀକାନ୍ତ ପରିଜା ସି'ବିଚ୍ ଥାନାଧିକାରୀ ମାନସ ଚକ୍ର ଏବଂ ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ ସାହୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ମହାସଂଘ ସଭାପତି ରଞ୍ଜନ କୁମାର ଦାସ, ଉପସଭାପତି ଶ୍ରୀଧର ପଣ୍ଡା ,ସମ୍ପାଦକ ସିଙ୍ଗିଲ ଶିବା, ସହ ସମ୍ପାଦକ ଡି. ଲୋକନାଥ ବେହେରା ,ଯୁଗ୍ମ ସମ୍ପାଦକ ମାର୍କଣ୍ଡ ମିଶ୍ର, କୋଷାଧ୍ୟକ୍ଷ ପ୍ରଭାତ ସେଠି ଓ କାର୍ଯ୍ୟ ନିରୀକ୍ଷକ ଜି.ମୋହନ ଙ୍କ ସହିତ ମହାସଂଘ ରେ ଜଡିତ ସଂଘ ମାନଙ୍କର ମୁଖ୍ୟ ପ୍ରତିନିଧିମାନେ ପରିଚାଳନା କରିଥିଲେ। ଏହି ଶୋଭାଯାତ୍ରା ଦିଗବାରେଣୀ ଖୁଣ୍ଟି ଠାରୁ ଆରମ୍ଭ ହୋଇ ଲାଇଟ ହାଉସ ଠାରେ ସମ୍ପନ୍ନ ହୋଇଥିଲା । ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ଏବଂ ପଲିଥିନ ମୁକ୍ତ ବେଳାଭୂମିର ବାର୍ତ୍ତାଦେଇ ହଜାର ହଜାର ଫଟୋଗ୍ରାଫର ସମୁଦ୍ରକୂଳ ସଫେଇ ସହିତ ପଦଯାତ୍ରା କରିଥିଲେ ।

# ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାରେ ବାରମ୍ବାର ତ୍ରୁଟି

## କଡ଼ାକଡ଼ି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି



**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ । ଗତ ଦୁଇ ଦିନ ତଳେ ଛତିଶଗଡ଼ର ଜଣେ ଯୁବକ ଶ୍ରୀମନ୍ଦିର ଉପରେ ଚଢ଼ି ଅଁଳାବେଢ଼ା ପର୍ଯ୍ୟନ୍ତ ପହଞ୍ଚିବା ସହ ଦୀର୍ଘ ସମୟ ଧରି ମନ୍ଦିର ଉପରେ ରହିଥିଲେ । ପରେ ଓହ୍ଲାଇ ଭୋଗମଣ୍ଡପ ଓ ଗୁମୁଟ ଉପରେ ମଧ୍ୟ ଚାଲିଥିଲେ । ଏହି ଘଟଣା ପରେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । ବାରମ୍ବାର ଏଭଳି ଘଟୁଥିଲେ ସୁଦ୍ଧା ଶ୍ରୀମନ୍ଦିର ସୁରକ୍ଷା ବଳ କରୁଛି କ'ଣ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ପୁଲିସ ସହ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ରହିଛି । ଏହାସହ ନୀତିକାନ୍ତି ଓ ମନ୍ଦିରର ଆଭ୍ୟନ୍ତରୀଣ ବ୍ୟବସ୍ଥା ପାଇଁ ଜଗନ୍ନାଥ ମନ୍ଦିର ପୁଲିସ ବା ଜେଟିପି ମଧ୍ୟ ନିୟୋଜିତ ଅଛନ୍ତି । ମନ୍ଦିର ଭିତର ଓ ବାହାର ସୁରକ୍ଷା ସହ ଶୃଙ୍ଖଳିତ ଦର୍ଶନ ପାଇଁ ସୁରକ୍ଷାକର୍ମୀମାନେ ୨୪ ଘଣ୍ଟା ସଜାଗ ରହୁଛନ୍ତି । ତଥାପି ବାରମ୍ବାର ଶ୍ରୀମନ୍ଦିର ଉପରକୁ ବାହାର ଲୋକ ଚଢ଼ିଯିବା ଘଟଣା ସୁରକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ନେଇ ପ୍ରଶ୍ନ ଛିଡ଼ା କରିଛି । ବୁଦ୍ଧିଜୀବୀମାନେ ମଧ୍ୟ ଏହାକୁ ଗୁରୁତର ବିଷୟ ବୋଲି କହିବା ସହ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବାକୁ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଦାବି କରିଛନ୍ତି । ତେବେ ଶ୍ରୀମନ୍ଦିରରେ ଏପରି ଘଟଣା ନୂଆ ନୁହେଁ।

ସେପ୍ଟେମ୍ବର ୨୦୨୪: ଛତ୍ରପୁରର ବଳରାମ ମହାରଣା ଶ୍ରୀମନ୍ଦିରର ଦଧିନଉତି ଉପରକୁ ଚଢ଼ିଯାଇଥିଲେ । ରାତି ପ୍ରାୟ ୧୦ଟାରେ ସେ ଶ୍ରୀମନ୍ଦିର ଉପରେ ଥିବା ଦେଖି ସେବାୟତମାନେ ପୁଲିସକୁ ଖବର ଦେଇଥିଲେ ।

ଅଗଷ୍ଟ ୨୦୨୫: ଉତ୍ତରପ୍ରଦେଶ ଆଜମଗଡ଼ର ମନୋଜ ସିଂ ଶ୍ରୀମନ୍ଦିର ଉପରକୁ ଚଢ଼ିଥିଲେ। ଏହା ପୂର୍ବରୁ ଝାଡ଼ଖଣ୍ଡ ରାଞ୍ଚିର ପଞ୍ଚମ ମାହୋତ ବେହରଣ ଦ୍ୱାର ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ। ଗତ ଦୁଇ ଦିନ ତଳେ ଛତିଶଗଡ଼ର ମାଧବ ଗୋପୀନାଥ ଶ୍ରୀମନ୍ଦିର ଉପରକୁ ଚଢ଼ି ଅଁଳାବେଢ଼ା ଉପରେ ପହଞ୍ଚିଥିଲେ। ପରେ ସେ ଭୋଗମଣ୍ଡପ ଓ ଗୁମୁଟ ଉପରେ ମଧ୍ୟ ଚାଲିଥିଲେ । ଦୀର୍ଘ ସମୟ ଧରି ସେ ମନ୍ଦିର ଉପରେ ରହିଥିବା ଜଣାପଡ଼ିଥିଲା । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା କେତେ କଡ଼ାକଡ଼ି, ତାହାକୁ ନେଇ ଏବେ ବଡ଼ ପ୍ରଶ୍ନ ଛିଡ଼ା ହୋଇଛି । ଶ୍ରୀମନ୍ଦିର ସୁରକ୍ଷା ପାଇଁ ପୁଲିସ ଅଛନ୍ତି । ସ୍ୱତନ୍ତ୍ର ସୁରକ୍ଷା ବାହିନୀ ସହ ନୀତିକାନ୍ତି ପାଇଁ ଜଗନ୍ନାଥ ମନ୍ଦିର ପୁଲିସ (ଜେଟିପି)ବି ଅଛନ୍ତି । କେବଳ ସେତିକି ନୁହେଁ, ଶ୍ରୀମନ୍ଦିର ସାରା ଖଞ୍ଜାଯାଇଥିବା ସିସିଟିଭି କ୍ୟାମେରାରେ ଆସୁଥିବା ଚିତ୍ରକୁ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ଅଧିକାରୀମାନେ ବସି ତନଖି କରୁଛନ୍ତି । କିନ୍ତୁ ପୂର୍ବରୁ ସିଂହଦ୍ୱାର ଗୁମୁଟ, ଜଗମୋହନ ଗୁମୁଟ ଉପରେ ଭକ୍ତ ଚଢ଼ି ଯାଉଥିବା ଘଟଣା ନଜରକୁ ଆସିଥିବା ବେଳେ ଏବେ ନୀଳଚକ୍ର ଉପରେ ବିନା ଭାରାରେ ଏପରି ବାରମ୍ବାର ଭକ୍ତ ଚଢ଼ିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି, ଯାହା ସୁରକ୍ଷା କର୍ମୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି ।

# ପାଣି ପଞ୍ଚାୟତ ସମ୍ପାଦିକାଙ୍କୁ ହତ୍ୟା ଧମକ

**ପୁରୀ (ବ୍ୟୁରୋ):** ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ସାଦେରିଆ ପାଣି ପଞ୍ଚାୟତର ସମ୍ପାଦିକାଙ୍କୁ ୨ଜଣ ବ୍ୟକ୍ତି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଭୂତପଦା ଗ୍ରାମର ସୁବାସ ବେହେରାଙ୍କ ସ୍ତ୍ରୀ ବନିତା ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ବନିତା ସାଦେରିଆ ପାଣି ପଞ୍ଚାୟତର ସମ୍ପାଦିକା ରହିଛନ୍ତି। ଚଳିତ ବର୍ଷ ତାଙ୍କ ଦିଅର ମେଶିନ ଆଣି କେନାଲ ସଫା କରୁଥିଲେ। ମେସିନ ଅପରେଟର ଗ୍ରାମ କୋଠଘରେ ରହୁଥିଲାବେଳେ କିଛିଦିନ ତଳେ ଗ୍ରାମର ରଘୁନାଥ ମଲ୍ଲିକ ଓ ବ୍ରହ୍ମାନନ୍ଦ ବେହେରା କୋଠ ଘରେ ପହଞ୍ଚି ଅପରେଟରଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରି ମେସିନରେ ପେଟ୍ରୋଲ ପକାଇ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବନିତା ଓ ଗ୍ରାମର ଅନ୍ୟ ୩ଜଣ ବ୍ୟକ୍ତି ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ପଳାଇଥିଲେ। ପରେ ଏହି ଘଟଣା ଭଦ୍ରଲୋକଙ୍କ ମାଧ୍ୟମରେ ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଅଭିଯୁକ୍ତମାନେ ଧରାଛୁଆଁ ଦେଇ ନ ଥିଲେ। ତେବେ ସୋମବାର ମଧ୍ୟାହ୍ନରେ ବନିତା ଦାଣ୍ଡରେ ଠିଆ ହୋଇଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ନେଇ ବନିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଚୋରି ନଡ଼ିଆ ବିକ୍ରି କରିବାକୁ ରଖିଥିବାବେଳେ ଧରାପଡ଼ିଲେ ଅଭିଯୁକ୍ତ

**ପୁରୀ (ବ୍ୟୁରୋ):** ସାକ୍ଷୀଗୋପାଳର ପ୍ରଶାନ୍ତ କୁମାର ବାରିକ ଓ କିଶୋର ମହାପାତ୍ର ଘର ପଛପଟ ବାଡ଼ ଭାଙ୍ଗି ରାତିଅଧରେ ଘରୁ ଲୁଟିନେଲେ ୩୫୦ ନଡ଼ିଆ ସହ ନଗଦ ୨୫ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ। ତେବେ ଚୋରି ନଡ଼ିଆ ବିକ୍ରି କରିବାକୁ ରଖି ଅଭିଯୁକ୍ତ ପୋଲିସ ହାତରେ ଧରାପଡ଼ିଛନ୍ତି । ସତ୍ୟବାଦୀ ଥାନା ପୋଲିସ ଏହି ଘଟଣାରେ ମଝିକେରା ଗ୍ରାମର ଅଭିଯୁକ୍ତ ସରୋଜ ବରାଳ ଓରଫ୍ ସୁଟୁ (୨୨)ଙ୍କୁ ଗିରଫ କରିଛି। ତାଙ୍କଠାରୁ ନଗଦ ୨୫ ହଜାର ଟଙ୍କା, ୨୮୦ଟି ନଡ଼ିଆ, ଗ୍ୟାସ୍‌ଲା ଓ ଆଲୁମିନିୟମ ହଣ୍ଡା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ୧୫ ତାରିଖ ରାତିରେ ଉତ୍ତରପଡ଼ା ସାମିଲ ପୁରୁଣା ସୋମେଶ୍ୱରପୁର ଗ୍ରାମର ନୀଳକଣ୍ଠ ବାରିକ ଓ ତାଙ୍କ ପରିବାର ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘର ପଛପଟ କବାଟ ଭାଙ୍ଗି ଭିତରେ ପଶିଥିଲେ। ଘରୁ ୩୫୦ଟି ନଡ଼ିଆ, ବଡ଼ ରୁପା ଟୋପ, ଦୁଇଟି ଗ୍ୟାସ୍‌ଲା ଓ ୨୫ ହଜାର ଟଙ୍କା ଚୋରିକରି ନେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଚୋରି ପରଦିନ ନୀଳକଣ୍ଠ ନଡ଼ିଆ ବ୍ୟବସାୟୀ ଜଗା ସାହୁଙ୍କ ପାଖରେ ଖୋଜଖବର ନେଇଥିଲେ। ଦୋକାନରେ ଥିବା ନଡ଼ିଆ ବସ୍ତା ଦେଖି ନୀଳକଣ୍ଠ ନିଜ ନଡ଼ିଆକୁ ଚିହ୍ନିଥିଲେ। ଏହି ଘଟଣା ପୋଲିସ ତଦନ୍ତକୁ ନୂଆ ଦିଗ ଦେଇଥିଲା। ନଡ଼ିଆ ବିକ୍ରି ପାଇଁ ରଖୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ମିଳିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ଅଗଷ୍ଟ ୧୭ ରାତିରେ ଏନେଇ ସତ୍ୟବାଦୀ ଥାନାରେ ଏତଲା ଦିଆଯିବା ପରେ ଏକ କେସ୍ (ନଂ.୩୩୨/୨୬) ରୁଜୁ ହୋଇଥିଲା।

# ନିଶାମୁକ୍ତ ଭାରତ ଅଭିଯାନ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ



**ପୁରୀ (ବ୍ୟୁରୋ):** ନିଶାମୁକ୍ତ ଭାରତ ଗଠନ ଏବଂ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କୁପ୍ରଭାବରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ (ସି.ପି.ଏସ୍), ପୁରୀ ପରିସରରେ ପୁରୀ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ସହଯୋଗୀତାରେ " ନିଶାମୁକ୍ତ ଭାରତ ଅଭିଯାନ" ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ ସଚେତନତା ସଭା କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷ ପ୍ରଫେସର (ଡଃ) ଅମୀୟକାନ୍ତ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଆରମ୍ଭକରାଯାଇଥିଲା ଏବଂ ଏଥିସହିତ ଓଡିଶା ସରକାରଙ୍କ ଜିଲ୍ଲା ମତ୍ସ୍ୟଚାଷ ବିଭାଗର ଅବସରପ୍ରାପ୍ତ ଅଧିକାରୀ ତଥା ବ୍ରହ୍ମାକୁମାର ରବିନାରାୟଣ, ମୁଖ୍ୟ ଅତିଥି, ମୃର୍ତ୍ତିକା ସଂରକ୍ଷଣ ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ତଥା ବ୍ରହ୍ମାକୁମାର ବଂଶୀଧର, ମୁଖ୍ୟବକ୍ତା, ଅନୁଷ୍ଠାନର ଚେୟାରପରସନ୍ ଶ୍ରୀମତୀ ଅନିମା ଦାସ, ସମ୍ମାନୀତ ଅତିଥି ଏବଂ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ତଥା ସି.ପି.ଏସ୍, ପୁରୀର ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର (ଡଃ) ସନ୍ତୋଷ କୁମାର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବାକୁ ଉପଦେଶ ଦେବା ସହିତ ନିଶାଦ୍ରବ୍ୟ ସେବନ ଦ୍ୱାରା ଶାରୀରିକ, ମାନସିକ, ସାମାଜିକ ଓ ଆର୍ଥିକ କୁପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜେ ନିଶାମୁକ୍ତ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶାରୁ ଦୂରେଇ ରଖିବାକୁ ସଂକଳ୍ପ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କଲେଜର ଅଧ୍ୟାପିକା ରୋଜି ପ୍ରିୟଦର୍ଶିନୀ, ସୁନୀତା ମିଶ୍ର, ବିଦୁସ୍ମିତା ପ୍ରଧାନ ଓ ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଇଯୋଶୀ ପରିଚାଳନା କରିଥିଲେ।

# ପର୍ଯ୍ୟଟକଙ୍କୁ ଲୁଟୁଛି ଟ୍ରାଭେଲ୍ ଏଜେନ୍ସୀ

**ପୁରୀ (ବ୍ୟୁରୋ):** ପୁଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ଯୋଗୁ ସହରରେ ବନ୍ଦ ରହିଥିବା ବେଆଇନ ଟ୍ରାଭେଲ ସଂସ୍ଥା ଏବେ ପୁଣି ସକ୍ରିୟ ହୋଇପଡିଥିବା ଦେଖିବାକୁ ମିଳିଛି। ଦେଶ ବିଦେଶର ଆସୁଥିବା ପର୍ଯ୍ୟଟକ ଏହି ନକଲି ଟ୍ରାଭେଲ ସଂସ୍ଥା ଦ୍ୱାରା ଶୋଷିତ ହେଉଥିବା ଅଭିଯୋଗ ହେଉଛି। ବର୍ଷକ ତଳେ ଏଭଳି ଅଭିଯୋଗ ମିଳିବା ପରେ ସମୁଦ୍ରକୂଳ ଥାନା ପୁଲିସ ୩୧, ବଳିଆପଣ୍ଡା ଥାନା ୧୬, ଟାଉନଥାନା ୭ ଓ କୁମ୍ଭାରପଡା ଥାନା ପୁଲିସ ୯ଟି ବେଆଇନ ଟ୍ରାଭେଲ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେଗୁଡ଼ିକୁ ବନ୍ଦ କରିଥିଲେ। ଚଢଉ ବେଳେ ପୁଲିସ ଏହି ଟ୍ରାଭେଲ ସଂସ୍ଥାଗୁଡିକ ଓଡିଶା ପର୍ଯ୍ୟଟନ ବିଭାଗର ଅନୁମତି, ପୌରସଂସ୍ଥାର ଟ୍ରେଡ ଲାଇସେନ୍ସ, ଜିଏସ୍‌ଟି ପଞ୍ଜୀକରଣ ପ୍ରମାଣପତ୍ର ଯାଞ୍ଚ କରିଥିଲା। ମାତ୍ର ପୁରୀ ସହରରେ ହାତଗଣତି କେତେକ ଟ୍ରାଭେଲ ସଂସ୍ଥା ପଞ୍ଜିକୃତ ହୋଇଥିବାବେଳେ ଏବେ ଛତୁ ଫଟିଲା ଭଳି ବେଆଇନ ଟ୍ରାଭେଲ ସଂସ୍ଥା ଖୋଲାଖୋଲି ଦୋକାନ ଖୋଲି ବ୍ୟବସାୟ ଚଳାଇଛନ୍ତି । ପୁଲିସ ବିନା ପଞ୍ଜୀକରଣରେ ଚାଲିଥିବା କେତେକ ଟ୍ରାଭେଲ ସଂସ୍ଥାକୁ ବନ୍ଦ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ କେତେକ ଏଜେଣ୍ଟ ବିନା ସାଇନବୋର୍ଡରେ ଏହି ସଂସ୍ଥା ଚଳାଉଥିବା ଦେଖାଯାଇଛି। ସମୁଦ୍ରକୂଳ ସ୍ଥିତ ଦିଗବାରେଣୀ ଛକ, ସ୍ୱର୍ଗଦ୍ୱାର ଛକ, ଲାଇଟହାଉସ ଛକ, ବିଧବା ଆଶ୍ରମ ଛକ, ଚକ୍ରତୀର୍ଥ ରୋଡ, ସୁଭାଷ ବୋଷ ଛକ, ପେଣ୍ଠକଟା, ଶ୍ରୀମନ୍ଦିର ନିକଟ ଦୋଳମଣ୍ଡପ ସାହି, ସାହି, ଶ୍ରୀକୃଷ୍ଣ ଶ୍ରୀକୃଷ୍ଣ ସିନେମା ଗଳି, ମାର୍କେଟ ଛକ, ମରିଚିକୋଟ ଛକ, ବସଷ୍ଟାଣ୍ଡ, ଷ୍ଟେସନ ନିକଟରେ ଏବେ ପୂର୍ବପରି ବିନା ପଞ୍ଜୀକରଣରେ ଟ୍ରାଭେଲ ସଂସ୍ଥା ଚାଲିଛି । ଟୁର୍ ଅପରେଟରମାନେ ଅନ୍ୟ ବ୍ୟବସାୟିକ ସଂସ୍ଥାମାନଙ୍କର ବୋର୍ଡ ମାରି ଏହି ସଂସ୍ଥା ଚଳାଉଥିବା ଏବେ ନଜରକୁ ଆସିଛି। ସହରର କେତେକ ହୋଟେଲ ମଧ୍ୟ ବିନା ପଞ୍ଜୀକରଣରେ ନିଜସ୍ୱ ଟ୍ରାଭେଲ ସଂସ୍ଥା ଖୋଲିଛନ୍ତି। ଲଜିଂ ଓ ଘରୋଇ ସଂସ୍ଥାରେ ରହୁଥିବା ଯାତ୍ରୀମାନେ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ପାଇଁ ଏବେ ଦଲାଲଙ୍କ ହାବୁଡ଼ରେ ପଡୁଛନ୍ତି । ଏହାଦ୍ୱାରା ପର୍ଯ୍ୟଟକଙ୍କୁ ଅଧିକ ବ୍ୟୟ କରିବାକୁ ପଡୁଛି । ପୁଲିସ ଭୟରେ କେତେକ ଟୁର ଅପରେଟର ଯାତ୍ରୀ ରହୁଥିବା ହୋଟେଲ ଓ ଲଜିଂ ବୁଲିବୁଲି ସେମାନଙ୍କ ବ୍ୟବସାୟ ଚଳାଉଥିବା ଦେଖାଯାଇଛି। ପୁରୀର ଦର୍ଶନୀୟ ସ୍ଥାନ ବ୍ୟତୀତ ଟ୍ରାଭେଲ ସଂସ୍ଥାଗୁଡିକ ଚିଲିକା, ସାତପଡା, କୋଣାର୍କ, ଧଉଳି, ଖଣ୍ଡଗିରି ଓ ଲିଙ୍ଗରାଜ ମନ୍ଦିର ଆଦି ଦର୍ଶନ କରାଇଦେବା ବାହାନାରେ ପର୍ଯ୍ୟଟକଙ୍କ ନିକଟରୁ ଅଧିକ ଅର୍ଥ ଦାବି କରୁଛନ୍ତି। କେତେକ ସ୍ଥାନରେ ପର୍ଯ୍ୟଟକଙ୍କୁ ଦର୍ଶନୀୟ ସ୍ଥାନ ବୁଲାଇବା ପାଇଁ ବ୍ୟବସାୟିକ ଗାଡି ଚାଳକମାନେ ସେମାନଙ୍କ ଠାରୁ ଜୋରଜବରଦସ୍ତ ଅଧିକ ଭଡା ଆଦାୟ କରୁଥିବା ଅଭିଯୋଗ ହେଉଛି।

# ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠ



**ପ୍ରାଚୀନ ନୀଳକଣ୍ଠ ଧାମ ଶିବ ଭକ୍ତ ମାନଙ୍କ ଏକ ପ୍ରମୁଖ ସ୍ଥାନ ପାଲଟିଛି । ଶ୍ରାବଣ ମାସରେ ଏଠାରେ ହେଉଥିବା କାଉଡ଼ି ଯାତ୍ରା (ବୋଲବମ୍)ରେ ଏଠାରେ ବହୁ ଦେଶରୁ ଲକ୍ଷଲକ୍ଷ ଲୋକଙ୍କର ସମାଗମ ହୋଇଥାଏ । ଏଠାକୁ ପାଣି ନେଇ ଯାଇ ବହୁ ଭକ୍ତ ଭଗବାନ ଶିବଙ୍କ ଠାରେ ଜଳାଭିଷେକ କରିଥାଆନ୍ତି ।**

ସମୁଦ୍ର ମନ୍ଥନ ସମୟରେ ରତ୍ନ ସହ ବିଷ ମଧ୍ୟ ବାହାରିଥିଲା । ଏହି ବିଷ ହେତୁ ସମସ୍ତ ଦେବଦେବୀ ଓ ପ୍ରାଣୀ ଜଗତ ବ୍ୟାକୁଳ ହୋଇଉଠିଥିଲେ । ଏହି ସମୟରେ ପ୍ରଭୁ ମହାଦେବ ଏହି ବିଷକୁ ପାନ କରି ସମସ୍ତଙ୍କୁ ଉଦ୍ଧାର କରିଥିଲେ । ସେହି ବିଷ ପାନ କରିବା ଦ୍ୱାରା ଭୋଳାନାଥଙ୍କର କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା । ଏହି ବିଷର ଜ୍ୱାଳାକୁ ଶାନ୍ତ କରିବା ନିମନ୍ତେ ପ୍ରଭୁ ମହେଶ୍ୱର କୈଳାସ ପର୍ବତ ଛାଡ଼ି ଏକ ଶୀତଳ ସ୍ଥାନ ଅନ୍ୱେଷଣରେ ଯାଇଥିଲେ । ହିମାଳୟରେ ବିଚରଣ କରୁଥିବା ବେଳେ ସେ ମଣିକୁଟ ପର୍ବତରେ ପହଞ୍ଚିଥିଲେ । ଏଠାରେ ପ୍ରଭୁ ଶିବଶଙ୍କର ମଧୁମତୀ ଓ ପଙ୍କଜା ଜଳ ଧାରାର ସଙ୍ଗମରେ ଅଜ୍ଞାତ ବାସରେ ସମାଧିସ୍ଥ ହୋଇ ବିଷ ଜ୍ୱାଳାକୁ ଶାନ୍ତି କରିଥିଲେ । ସମୟକ୍ରମେ ଏହି ସ୍ଥାନ ଶ୍ରୀନୀଳକଣ୍ଠ ମହାଦେବ ନାମରେ ଖ୍ୟାତି ଲାଭ କଲା । ସ୍କନ୍ଦପୁରାଣ, କେଦାରଖଣ୍ଡ ଓ ଶିବ ପୁରାଣରେ ଏହାର ଉଲ୍ଲେଖ ରହିଛି । ପ୍ରାଚୀନ ନୀଳକଣ୍ଠ ଧାମ ଶିବ ଭକ୍ତ ମାନଙ୍କ ଏକ ପ୍ରମୁଖ ସ୍ଥାନ ପାଲଟିଛି । ଶ୍ରାବଣ ମାସରେ ଏଠାରେ ହେଉଥିବା କାଉଡ଼ି ଯାତ୍ରା (ବୋଲବମ୍)ରେ ଏଠାରେ ବହୁ ଦେଶରୁ ଲକ୍ଷଲକ୍ଷ ଲୋକଙ୍କର ସମାଗମ ହୋଇଥାଏ । ଏଠାକୁ ପାଣି ନେଇ ଯାଇ ବହୁ ଭକ୍ତ ଭଗବାନ ଶିବଙ୍କ ଠାରେ ଜଳାଭିଷେକ କରିଥାଆନ୍ତି । ଦିଲ୍ଲୀ ଠାରୁ ଏହି ନୀଳକଣ୍ଠ ମନ୍ଦିର ପାଖାପାଖି ୨୫୦ କିଲୋମିଟର ଦୂରରେ ଅବସ୍ଥିତ । ଦିଲ୍ଲୀ ଠାରୁ ତୀର୍ଥନଗରୀ ଋଷିକେଶ ପର୍ଯ୍ୟନ୍ତ ଯିବାକୁ ବସ୍, ଟ୍ରେନ, ଉଡ଼ାଜାହାଜ ଆଦିର ସୁବିଧା ରହିଛି । ବହୁ ପ୍ରସିଦ୍ଧ ଏହି ଶୈବ ପୀଠରେ ସହସ୍ରାଧିକ ଭକ୍ତଙ୍କ ଭିଡ଼ ଜମୁଛି । ଶ୍ରାବଣରେ ଜଳାଭିଷେକ ନିମନ୍ତେ ବହୁ ଭକ୍ତଙ୍କ ସୁଅ ଏଠାକୁ ଛୁଟିଥାଏ ।

# ଚକାଆଖି ଲୁଚିଥିଲେ ଚକାନାସିରେ

୧୬୧୧ ଖ୍ରୀଷ୍ଟାବ୍ଦ ମଇ ମାସରୁ ଜୁନ୍ ମାସ ମଧ୍ୟରେ କଲ୍ୟାଣ ମଲ୍ଲର ବର୍ବର ଆକ୍ରମଣରେ ଶ୍ରୀମନ୍ଦିରରେ ଅଧିଷ୍ଠିତ ଶ୍ରୀବିଗ୍ରହମାନଙ୍କ ଉପରେ ବିପଦର ଆଶଙ୍କା କରାଯାଇ ଭାର୍ଗବୀ ନଦୀ ଯୋଗେ ଚିଲିକାରେ ଚକାନାସି ଠାରେ ଦିଅଁମାନଙ୍କୁ ବିଜେ କରାଯାଇଥିଲା । ଚତୁର୍ଦ୍ଧା ବିଗ୍ରହ ୧୬୧୧ ମସିହା ଜୁନ୍ ମାସ ଠାରୁ ୧୬୧୨ ମସିହା ଜୁନ୍-ଜୁଲାଇ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଚକାନାସିରେ ଅବସ୍ଥାନ କରିଥିଲେ । ୧୬୧୨ ଖ୍ରୀଷ୍ଟାବ୍ଦରେ କଲ୍ୟାଣ ମଲ୍ଲର ଦ୍ୱିତୀୟବାର ଆକ୍ରମଣ ସମୟରେ ଶ୍ରୀବିଗ୍ରହମାନଙ୍କୁ ଚକାନାସିରୁ ସିପିନାସିକୁ ସ୍ଥାନାନ୍ତର କରାଯାଇଥିଲା । ସେତେବେଳେ ମହାପ୍ରଭୁଙ୍କର ରଥଯାତ୍ରା ପଡ଼ିଥିଲା । ସ୍ଥାନୀୟ ଲୋକଶ୍ରୁତି ଅନୁଯାୟୀ ଚକାନାସିରୁ ରଥାକୃତି ଶଗଡ଼ରେ ଦିଅଁମାନଙ୍କୁ ତିନି କିଲୋମିଟର ଦୂର ସିପିନାସି (ମହିଷାନାସି)କୁ ବିଜେ କରାଯାଇଥିଲା । ଏବେ ବି ଏହି ଘଟଣା ସଂପର୍କରେ ସ୍ଥାନୀୟ ଲୋକଶ୍ରୁତିରେ ସଂଜୀବିତ ଥିବା ଗୀତଟି ହେଲା- ''ଚକାନାସିରୁ ସିପିନାସି, ଦିଅଁ ପଳାଇଲେ ରଥରେ ବସି ।'' ସ୍ଥାନୀୟ ଅଧିବାସୀମାନଙ୍କ ମତରେ ସେତେବେଳେ ନିରାଡ଼ମ୍ବର ତଥା ଗୋପନୀୟ ଭାବରେ ମହାପ୍ରଭୁଙ୍କ ରଥଯାତ୍ରା ପାଳିତ ହୋଇଥିଲା । ଗବେଷକ ଓ ପ୍ରାବନ୍ଧିକମାନେ ଲୋକଗୀତ, ଜନଶ୍ରୁତିକୁ ପାଥେୟ କରି ରଥାକୃତି ଶଗଡ଼ରେ ମହାପ୍ରଭୁଙ୍କୁ ବିଜେ କରାଯାଇ ରଥଯାତ୍ରା ହୋଇଥିବା ଅନୁମାନ କରନ୍ତି ।

**ଚତୁର୍ଦ୍ଧା ବିଗ୍ରହ ୧୬୧୧ ମସିହା ଜୁନ୍ ମାସ ଠାରୁ ୧୬୧୨ ମସିହା ଜୁନ୍-ଜୁଲାଇ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଚକାନାସିରେ ଅବସ୍ଥାନ କରିଥିଲେ । ୧୬୧୨ ଖ୍ରୀଷ୍ଟାବ୍ଦରେ କଲ୍ୟାଣ ମଲ୍ଲର ଦ୍ୱିତୀୟବାର ଆକ୍ରମଣ ସମୟରେ ଶ୍ରୀବିଗ୍ରହମାନଙ୍କୁ ଚକାନାସିରୁ ସିପିନାସିକୁ ସ୍ଥାନାନ୍ତର କରାଯାଇଥିଲା ।**





**ଭାରତରେ ହନୁମାନଙ୍କର ଅନେକ ଚମତ୍କାରୀ ମନ୍ଦିର ରହିଛି । ହିନ୍ଦୁ ଧର୍ମରେ ହନୁମାନଜୀ ଙ୍କର ଖୁବ ମହତ୍ତ୍ୱ ରହିଛି । ତାଙ୍କର ପୂଜା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଜାଣନ୍ତି କି ଭାରତରେ ହନୁମାନଙ୍କର ଏପରି ଏକ ମନ୍ଦିର ଅଛି, ଯେଉଁଠାରେ ପୂଜା କରନ୍ତି ମୁସଲମାନ ।**

# ହନୁମାନଙ୍କର ଏପରି ଏକ ମନ୍ଦିର

ଭାରତରେ ହନୁମାନଙ୍କର ଅନେକ ଚମତ୍କାରୀ ମନ୍ଦିର ରହିଛି । ହିନ୍ଦୁ ଧର୍ମରେ ହନୁମାନଜୀ ଙ୍କର ଖୁବ ମହତ୍ତ୍ୱ ରହିଛି । ତାଙ୍କର ପୂଜା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଜାଣନ୍ତି କି ଭାରତରେ ହନୁମାନଙ୍କର ଏପରି ଏକ ମନ୍ଦିର ଅଛି, ଯେଉଁଠାରେ ପୂଜା କରନ୍ତି ମୁସଲମାନ । ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା, କିନ୍ତୁ ଏହା ସତ । ମନ୍ଦିରଟି କର୍ଣ୍ଣାଟକର ଗଡଗ ଜିଲ୍ଲାର କୋରିକୋପ୍ପା ଗାଁରେ ରହିଛି । ଏହା ହେଉଛି ଦେଶର ଏକମାତ୍ର ମନ୍ଦିର ଯେଉଁଠାରେ ବଜରଙ୍ଗବାଲୀ ମୁସଲିମଙ୍କ ଦ୍ୱାରା ପୂଜା ପାଉଛନ୍ତି । ତେବେ ଏହା ପଛର କାରଣ ମଧ୍ୟ ଖୁବ୍ ରୋଚକ ମଧ୍ୟ । କୁହାଯାଏ ଯେ କର୍ଣ୍ଣାଟକର ଏହି ଗାଁରେ ବହୁ ବର୍ଷ ପୂର୍ବରୁ ହଇଜା ବ୍ୟାପିଥିଲା ।

**ଏଠାରେ ପୂଜା କରନ୍ତି ମୁସଲମାନ**

ସେଥିପାଇଁ ଗାଁରେ ରହୁଥିବା ସମସ୍ତ ଲୋକ ଗାଁରୁ ପଳାୟନ କରିଥିଲେ । ଖାସ୍ କରି ଗାଁକୁ ଛାଡି ଚାଲିଯାଇଥିଲେ ହିନ୍ଦୁ ଧର୍ମର ସମସ୍ତ ବ୍ୟକ୍ତି ରହି ନ ଥିଲେ । ଗାଁର ସମସ୍ତ ମୁସଲମାନ ମଧ୍ୟ ଗାଁ ଛାଡିଥିଲେ । କିନ୍ତୁ ଗାଁରେ ଥିବା ହନୁମାନଙ୍କ ମନ୍ଦିର ବହୁତ ପ୍ରସିଦ୍ଧ ଥିଲା । ଏହି କାରଣରୁ ନିକଟସ୍ଥ ବଦନୀ ଗାଁର କିଛି ମୁସଲମାନ ପରିବାର ଏହି ମନ୍ଦିରରେ ପୂଜାପାଠ କରିଥିଲେ । ସେବେଠାରୁ ବର୍ତ୍ତମାନ ଯାଏଁ ହନୁମାନଙ୍କୁ ପୂଜା କରିବାର ଦାୟିତ୍ୱ ମୁସଲମାନ ସମ୍ପ୍ରଦାୟ ଉପରେ ରହିଛି । ଆଉ ଏହାକୁ ଅନୁସରଣ କରିଆସୁଛନ୍ତି ସମସ୍ତେ ।



# ଭଗବାନ ନରସିଂହଙ୍କ ପବିତ୍ର ମନ୍ଦିର

**ଭଗବାନ ବିଷ୍ଣୁଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରର କଥା ମହାନ । ଧର୍ମ ସ୍ଥାପନା ଏବଂ ଭକ୍ତର ରକ୍ଷା ନିମନ୍ତେ ଭଗବାନ ବିଷ୍ଣୁ ଏହି ଅବତାର ଧାରଣ କରିଥିଲେ । ନୃସିଂହ ବା ନରସିଂହ ଅବତାରରେ ଭଗବାନ ବିଷ୍ଣୁଙ୍କ ଶରୀରରେ ମୁଣ୍ଡ ସିଂହ ଭଳି ହୋଇଥିବା**

ଆନ୍ଧ୍ରପ୍ରଦେଶର ଖମ୍ମାମ ଜିଲ୍ଲାରେ ରହିଥିବା ଲକ୍ଷ୍ମୀ ନୃସିଂହ ମନ୍ଦିର ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ଦୃଷ୍ଟିକୋଣରୁ ସର୍ବଦା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜି ଆସିଛି । ସହରର ଭିଡ଼ ଠାରୁ ଦୂର ଏହି ସ୍ଥାନଟି ଚତୁର୍ଦ୍ଦିଗରୁ ପର୍ବତ ପରିବେଷ୍ଟିତ । ଏହି ମନ୍ଦିର ପ୍ରତ୍ୟେକ ସମୟରେ ଭକ୍ତଙ୍କ ପାଇଁ ଖୋଲା ରହିଥାଏ । ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ଏହି ପୀଠର ମହତ୍ତ୍ୱକୁ ଅନୁଭବ କରି ବହୁ ସଂଖ୍ୟାରେ ଭକ୍ତ ଏହି ସ୍ଥାନକୁ ଧାଇଁ ଆସିଥାନ୍ତି । ଏହି ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଅବତାର ନୃସିଂହଙ୍କୁ ପୂଜା କରାଯାଇଥାଏ । ଭଗବାନ ବିଷ୍ଣୁଙ୍କ ଭିନ୍ନ ଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରର କଥା ମହାନ । ଧର୍ମ ସ୍ଥାପନା ଏବଂ ଭକ୍ତର ରକ୍ଷା ନିମନ୍ତେ ଭଗବାନ ବିଷ୍ଣୁ ଏହି ଅବତାର ଧାରଣ କରିଥିଲେ । ନୃସିଂହ ବା ନରସିଂହ ଅବତାରରେ ଭଗବାନ ବିଷ୍ଣୁଙ୍କ ଶରୀରରେ ମୁଣ୍ଡ ସିଂହ ଭଳି ହୋଇଥିବା ବେଳେ ନିମ୍ନଭାଗ ନର ବା ମନୁଷ୍ୟ ଭଳି ହୋଇଥିଲା । ଏହି ସ୍ୱରୂପରେ ସେ ରାକ୍ଷସ ହିରଣ୍ୟକଶ୍ୟପର ବଧ କରିଥିଲେ । ଖମ୍ମାମରେ ଥିବା ଲକ୍ଷ୍ମୀ ନୃସିଂହ ମନ୍ଦିରରେ ସ୍ଥାପନା କରାଯାଇଥିବା ନୃସିଂହ ମୂର୍ତ୍ତିର ଶ୍ରୀସ୍ୱରୂପ ପଞ୍ଚ ନୃସିଂହ ମୂର୍ତ୍ତି ରୂପରେ ପୂଜା କରାଯାଇଥାଏ । ମନ୍ଦିର ବାହାରେ ଭଗବାନ ବିଷ୍ଣୁଙ୍କ ଆଉ ଏକ ମୂର୍ତ୍ତି ରହିଛି । ଯେଉଁଥିରେ ଭଗବାନ ବିଷ୍ଣୁ ଯୋଗ ମୁଦ୍ରାରେ ଭକ୍ତଗଣଙ୍କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥାଏ ।



## ହଜାର ହଜାର ବର୍ଷ ଧରି

# ଝରଣା ଭିତରେ ଜଳୁଛି ନିଆଁ

**ଆମେରିକା ନ୍ୟୁୟର୍କର ଚେଷ୍ଟନଟ୍ ରିଜ୍‌ରେ ରହିଛି ଏକ ପାର୍କ । ଆଉ ଏହି ପାର୍କରେ ହିଁ ରହିଛି ଏକ ଛୋଟ ଝରଣା । ଝରଣାଟି ୩୫ ଫୁଟ୍ ଉଚ୍ଚରେ ବହିଥାଏ । ଝରଣା ତଳେ ଥିବା ଗୁମ୍ଫା ମଧ୍ୟରେ ୮ ଇଞ୍ଚ ଉଚ୍ଚାର ନିଆଁ ଜଳୁଛି । ସବୁଠାରୁ ଖାସ୍ କଥା ହେଉଛି ଏହି ଝରଣା ତଳେ ହଜାର ହଜାର ବର୍ଷ ଧରି ନିଆଁ ଜଳୁଛି ।**



ସାଧାରଣତଃ ନିଆଁ ପାଖରେ ପାଣି ରହିପାରେନି । କାରଣ ନିଆଁରେ ପାଣି ପଡିଲେ ଏହା ଲିଭିଯାଏ । କିନ୍ତୁ ଏପରି ଏକ ଝରଣା ରହିଛି ଯାହା ଭିତରେ ଦୀର୍ଘ ବର୍ଷ ଧରି ଜଳୁଛି ନିଆଁ । ଆଗରେ ଝରଣା ବୋହୁଛି ଆଉ ଭିତରେ ହୁତୁହୁତୁ ହୋଇ ଜଳୁଛି ନିଆଁ । ଏହା କୌଣସି ଚମତ୍କାର ଠାରୁ କମ୍ ନୁହେଁ । ଏହାକୁ ଅନେକ ଚମତ୍କାର କହୁଥିବା ବେଳେ ବୈଜ୍ଞାନିକଙ୍କ ମତ କିନ୍ତୁ ଭିନ୍ନ । ତେବେ ଏହି ଝରଣାଟିର ନାଁ ହେଉଛି ଏଟର୍ନାଲ୍ ଫ୍ଲେମ୍ ଫଲ୍ସ । ଆମେରିକା ନ୍ୟୁୟର୍କର ଚେଷ୍ଟନଟ୍ ରିଜ୍‌ରେ ରହିଛି ଏକ ପାର୍କ । ଆଉ ଏହି ପାର୍କରେ ହିଁ ରହିଛି ଏକ ଛୋଟ ଝରଣା । ଝରଣାଟି ୩୫ ଫୁଟ୍ ଉଚ୍ଚରେ ବହିଥାଏ । ଝରଣା ତଳେ ଥିବା ଗୁମ୍ଫା ମଧ୍ୟରେ ୮ ଇଞ୍ଚ ଉଚ୍ଚାର ନିଆଁ ଜଳୁଛି । ସବୁଠାରୁ ଖାସ୍ କଥା ହେଉଛି ଏହି ଝରଣା ତଳେ ହଜାର ହଜାର ବର୍ଷ ଧରି ନିଆଁ ଜଳୁଛି । ଏତେ ବର୍ଷ ଧରି କ୍ରମାଗତ ଭାବେ ନିଆଁ ଜଳିବା କୌଣସି ଚମତ୍କାରଠାରୁ କମ୍ ନୁହେଁ । ଯେତେବେଳେ ଲୋକମାନେ ଏହାକୁ ଦେଖନ୍ତି ସେତେବେଳେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ଆଉ କିଛି ଲୋକ ଏହାକୁ ଜାଦୁଇ ମଧ୍ୟ କହିଥାନ୍ତି । ଏହି ରହସ୍ୟକୁ ନେଇ ଅନେକଙ୍କର ଭିନ୍ନ ମତ ରହିଛି । କିଛି ବୈଜ୍ଞାନିକ ଅନୁଯାୟୀ ଏଠାରେ ଏପରି ବିଚିତ୍ର ହେବାର କାରଣ ହେଉଛି ମିଥେନ ଗ୍ୟାସ । ଝରଣାର ତଳେ ଥିବା ଗୁମ୍ଫାରେ ମିଥେନ ଗ୍ୟାସ ନିର୍ଗତ ହୁଏ । ଆଉ ଏହି କାରଣରୁ ହିଁ ଏହି ନିଆଁ ଜଳୁଛି । କୁହାଯାଏ ଯେ ସେହି ସମୟରେ କେହି ଏହି ଗ୍ୟାସରେ ନିଆଁ ଲଗାଇ ଦେଇଥିଲେ । ସେହି ଦିନଠାରୁ ହିଁ ଏଠାରେ ନିଆଁ ଜଳୁଛି । ଏହା ଦଶନ୍ଧି ପୂର୍ବରୁ କରାଯାଇଥିଲା । କୁହାଯାଏ କି ଏହି ନିଆଁ ଲିଭା ଯାଇପାରେ, କିନ୍ତୁ ଗ୍ୟାସ ନିର୍ଗମନ ହେତୁ ନିଆଁ ପୁନଃ ଜଳିବାର ସମ୍ଭାବନା ଅଧିକ ରହିଛି । କିନ୍ତୁ ଏହି ରହସ୍ୟର ସଠିକ୍ କାରଣ କେହି ବି ଜାଣିପାରି ନାହାନ୍ତି । ଏହି କାରଣରୁ ଝରଣା ତଳେ ଜଳୁଥିବା ନିଆଁର ରହସ୍ୟ ଏବେ ଅସ୍ପଷ୍ଟ ।






# ପ୍ରତିଶୋଧ ଓ ସହାୟତା ଲୋଭରେ ଏତଲା ଦେଉଛନ୍ତି ଯୁବତୀ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଛି ଦୁଷ୍କର୍ମ। ପୁଲିସ୍ ରିପୋର୍ଟ କହୁଛି ଗତ ୩ ବର୍ଷରେ ରାଜ୍ୟରେ ମୋଟ୍ ୮ ହଜାର ୮୭୩ ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା । ସେଥିରୁ ୭୦୯ଟି ଦୁଷ୍କର୍ମ ମାମଲା ସମ୍ପୂର୍ଣ୍ଣ ମିଛ ବୋଲି ଜଣାପଡିଛି । ସବୁଠାରୁ ବଡ଼ କଥା ହେଲା ଏହି ମିଛ ଦୁଷ୍କର୍ମ ମାମଲାରୁ ପୁଲିସ୍ ଏକାଧିକ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାର ନଜିର ରହିଛି । ୨୦୨୩ରୁ ୨୦୨୫ରେ ରାଜ୍ୟରେ ମୋଟ୍ ୮ ହାଜର ୮୭୩ ଦୁଷ୍କର୍ମ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିଲା । ୨୦୨୩ରେ ୨୮୨୬ଟି, ୨୦୨୪ରେ ୩୦୫୪ ଓ ୨୦୨୫ରେ ୨୯୯୪ ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା । ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଚାର୍ଜସିଟ୍ ଦେବା ସମୟରେ ପୁଲିସ୍ ଝୁଣ୍ଟିଥିଲା । ଏହି ୩ ବର୍ଷରେ ୭୦୯ ଟି ଦୁଷ୍କର୍ମ ମିଛ ବୋଲି ପୁଲିସ୍ ଜାଣିବାକୁ ପାଇଥିଲା । ୨୦୨୩ରେ ମସିହାରେ ୧୪୧ଟି, ୨୦୨୪ରେ ୨୫୯ ଓ ୨୦୨୫ରେ ୩୦୬ ଟି ଦୁଷ୍କର୍ମ ମିଥ୍ୟା ବୋଲି ଜଣାପଡ଼ିଲା। ତେବେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ମିଥ୍ୟା ଦୁଷ୍କର୍ମ ଅଭିଯୋଗ ଥାନାକୁ ଆସିଛି । ପ୍ରତିଶୋଧ ନେବାକୁ ଯାଇ ଅନେକ ମହିଳା ଓ ଯୁବତୀ ଥାନାରେ ଏତଲା ଦେଉଛନ୍ତି । ତା'ଛଡା ଦୁଷ୍କର୍ମ ମାମଲା ରୁଜୁ ହେଲେ ଆର୍ଥିକ ଅନୁକମ୍ପାର ବ୍ୟବସ୍ଥା ରହିଛି । ତେଣୁ ଟଙ୍କା ପାଇବା




ଲୋଭରେ ଥାନାରେ ଏତଲା ଦେଉଥିବା ଜଣାପଡ଼ିଛି । ଯଦି କୌଣସ ମହିଳା ଦୁଷ୍କର୍ମ ଅଭିଯୋଗ ଆଣୁଛି ପୁଲିସ୍ ତୁରନ୍ତ ମାମଲା ରୁଜୁ କରି ଆରମ୍ଭ କରୁଛି ତନାଘନା । ବିଭିନ୍ନ ପ୍ରତିଶ୍ରୁତି ଦେଇ ଯଦି କୌଣସି ବ୍ୟକ୍ତି ସହମତିରେ ଶାରିରୀର ସମ୍ପର୍କ ରଖୁଛି ତା'ହେଲେ ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। କିଛି ଘଟଣାରେ ସହମତିରେ ଶାରିରୀର ସମ୍ପର୍କ ରଖି ସ୍ୱାର୍ଥ ହାସଲ କରିବାକୁ ମହିଳା ଓ ଯୁବତୀମାନେ ଦୁଷ୍କର୍ମ ଅଭିଯୋଗ କରୁଛନ୍ତି। ପୁଲିସ୍ ତଦନ୍ତ ବେଳେ ଜାଣିବାକୁ ପାଉଛି ଏହା ଦୁଷ୍କର୍ମ ନୁହେଁ। ହେଲେ ଯଦି ଅଭିଯୁକ୍ତ ସପକ୍ଷରେ ପୁଲିସ୍ କିଛି କୁହେ କି ଗିରଫ କରେନାହିଁ, ତେବେ ସମାଲୋଚନାର ଶିକାର ହେବାକୁ ପଡୁଛି। ବଦନାମ ଭୟରେ ପୁଲିସ୍ ସଠିକ୍ ତଦନ୍ତ ନକରି ଅଭିଯୋଗ ପାଇବା ମାତ୍ରେ ଗିରଫ କରି କୋର୍ଟ ଚାଲାଣ କରୁଛି। ପରେ ସାକ୍ଷପ୍ରମାଣ ଅଭାବରୁ ଅଭିଯୁକ୍ତ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେଉଛି।

### ଟ୍ୱିନ୍ ସିଟି ଟ୍ରାଫିକ୍ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ପୁରୀ ଯାତ୍ରୀଙ୍କ ପାଇଁ ବିକଳ୍ପ ୮-ଲେନ୍ ରାସ୍ତା ନିର୍ମାଣକୁ ଗୁରୁତ୍ୱ

**ଭୁବନେଶ୍ୱର(ବ୍ୟୁରୋ):** ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ଦିନକୁ ଦିନ ବୃଦ୍ଧି ପାଉଥିବା ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସହରଦ୍ୱୟର ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଟ୍ୱିନ୍ ସିଟିର ଟ୍ରାଫିକ୍ ଡିକଞ୍ଜେସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି । ରାଜଧାନୀ ଭୁବନେଶ୍ୱର ସହିତ ଆମର ଐତିହାସିକ ଓ ପୁରାତନ ସହର କଟକର ଯୋଗାଯୋଗ ସଡକ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ସୁସଂଗଠିତ କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଟ୍ୱିନ୍ ସିଟିର ଯେଉଁ ସବୁ ପ୍ରମୁଖ ରାସ୍ତା ଓ ଟ୍ରାଫିକ୍ ଜଙ୍କସନ୍ଗୁଡ଼ିକ ଖରାପ ଅବସ୍ଥାରେ ଅଛି, ସେଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ



ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଯାତାୟାତକୁ ଅଧିକ ସୁଗମ କରିବା ପାଇଁ ୮-ଲେନ୍ ବିଶିଷ୍ଟ ପ୍ରଶସ୍ତ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ଉପରେ ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ୱ ଦେଇଛନ୍ତି। କଟକରୁ ଭୁବନେଶ୍ୱର ଦେଇ ପୁରୀ ଅଭିମୁଖେ ଯାଉଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଯେପରି ବିନା କୌଣସି ଟ୍ରାଫିକ୍ ସମସ୍ୟାରେ ସହଜ ଓ ସୁବିଧାରେ ଯାତାୟାତ କରିପାରିବେ, ସେଥିପାଇଁ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ପ୍ରମୁଖ ଜଙ୍କସନ୍ଗୁଡ଼ିକର ବିକାଶ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଫ୍ଲାଏଓଭର, ଓଭରବ୍ରିଜ୍, ସ୍ମାର୍ଟ ଟ୍ରାଫିକ୍ ସିଗନାଲ୍ ସିଷ୍ଟମ୍, ସିସିଟିଭି ବ୍ୟବସ୍ଥା ଏବଂ ବେଆଇନ୍ ପାର୍କିଂ ଉଚ୍ଛେଦ ଭଳି ପଦକ୍ଷେପକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦିଆଯାଇଛି। ନଗରବାସୀଙ୍କୁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇଦେବା ସହ ଟ୍ୱିନ୍ ସିଟିର ନବକଳେବର ପାଇଁ ପୋଲିସ କମିଶନରେଟ୍, ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଟ୍ୱିନ୍ ସିଟି ପୋଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବେଆଇନ ନିଶା କାରବାର ରୋକିବା ଦିଗରେ ଅବକାରୀ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ



**ଭୁବନେଶ୍ୱର(ବ୍ୟୁରୋ):** ବେଆଇନ ନିଶା ଓ ମାଦକ ଦ୍ରବ୍ୟ ଯୋଗୁଁ ଅନେକ ଧନଜୀବନ ହାନି ଘଟୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଶାମୁକ୍ତ ଭାରତ ଅଭିଯାନକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଏହି କ୍ଷେତ୍ରରେ ଅବକାରୀ ବିଭାଗର ଦାୟିତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ। ବେଆଇନ ନିଶା ଓ ମାଦକ କାରବାରକୁ ରୋକିବା ଏବଂ ନିୟମିତ ଚଢ଼ାଉ କରିବା ଦିଗରେ ଅବକାରୀ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଗତ ଦୁଇବର୍ଷ ମଧ୍ୟରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ତେବେ ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଅଧିକ ବ୍ୟାପକ କରି ଓଡ଼ିଶାକୁ ବେଆଇନ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଆଜି ବିଭାଗ ପକ୍ଷରୁ ଆୟୋଜିତ ଅବକାରୀ କନଷ୍ଟେବଲମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଚାକିରି ଜୀବନରେ ପ୍ରଶିକ୍ଷଣ କେବଳ ଔପଚାରିକତା ନୁହେଁ। ଏହା କାର୍ଯ୍ୟ ଦକ୍ଷତା, ଆଚରଣ, ସଚ୍ଚୋଟତା, ଶୃଙ୍ଖଳା ଜ୍ଞାନକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରେ। ତେଣୁ ଏହି ତାଲିମରୁ ଜ୍ଞାନ ଅର୍ଜନ କରି ବିଭାଗର କାର୍ଯ୍ୟକୁ ସଫଳତାର ସହ ଆଗକୁ ନେବା ପାଇଁ ଅବକାରୀ କନଷ୍ଟେବଲମାନଙ୍କୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଅବକାରୀ କମିଶ୍ୱନର ପି. ଅନ୍ୱେଷା ରେଡ୍ଡୀ ତାଲିମ କାର୍ଯ୍ୟକ୍ରମର ବିସ୍ତୃତ ରୂପରେଖ ଏବଂ ଏହି ତାଲିମ କର୍ମଚାରୀମାନଙ୍କ ଲାଗି କେତେ ଉପଯୋଗୀ ହୋଇପାରିବେ ତାହା ବର୍ଣ୍ଣନା କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ମୋଟ ୪୪୬ ଜଣ କନଷ୍ଟେବଲଙ୍କୁ ତାଲିମ ଦିଆଯିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୫୦ ଜଣ ତାଲିମ ଗ୍ରହଣ କରିବେ। ଏହି ୪୦ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅବକାରୀ ଆଇନ ଓ ନିୟମ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ, ଏନ୍‌ଡିପିଏସ୍ ଆକ୍ଟ ଓ ସରକାରୀ କର୍ମଚାରୀ ଆଚରଣ ନିୟମ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବ।

# କେନ୍ଦ୍ରର ଦୟା ଉପରେ ନିର୍ଭର କରିବ ଓଡ଼ିଶା : ନବୀନ

**ଭୁବନେଶ୍ୱର(ବ୍ୟୁରୋ):** ଏମଏମଡିଆର ସଂଶୋଧିତ ବିଲକୁ ବିରୋଧ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି ବିଲ୍ ସଂସଦରେ ପାରିତ ହୋଇଛି । ଏହା ଓଡ଼ିଶାର ଅର୍ଥନୀତିକୁ ବିପଦକୁ ଠେଲିଛି । ଆଗକୁ ଓଡ଼ିଶା କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ବାଧ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଏଥିପାଇଁ ବିଜେଡି ଲଢ଼େଇ ଜାରି ରଖିବ । ଓଡ଼ଶାବାସୀ ଏ ଲଢ଼େଇରେ ସାମିଲ ହେବାକୁ ନବୀନ ଆହ୍ୱାନ ଦେଇଛନ୍ତି । ଏକ ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି, ୨୦୦୦ ମସିହାରେ ଯେତେବେଳେ ଆମେ ଓଡିଶା ଶାସନ ଦାୟିତ୍ୱ ନେଲୁ, ସେତେବେଳେ ଓଡିଶାର ଅର୍ଥନୀତି ବହୁତ ଖରାପ ଅବସ୍ଥାରେ ଥିଲା । ଆମକୁ ଓଭରଡ୍ରାଫ୍ଟ ଉପରେ ନିର୍ଭର କରିବାକୁ ପଡୁଥିଲା । ୨୦୨୪ରେ ଯେତେବେଳେ ସରକାର ପରିବର୍ତ୍ତନ ହେଲା, ସେତେବେଳେ ୫୦ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଆମେ ଛାଡି ଯାଇଥିଲୁ । ଆମର ବିତ୍ତୀୟ ପରିଚାଳନାରୁ ଏହା ସମ୍ଭବ ହୋଇ ପାରିଥିଲା । ରାଜସ୍ୱ ବଳକା ରାଜ୍ୟ ଭାବେ ଆମେ ପରିଚିତ ହେଉଥିଲୁ । ଗରିବୀ କମିଥିଲା । ଭିତ୍ତିଭୂମୀର ବିକାଶ ହୋଇଥିଲା ଓ ଅନେକ ଜନ କଲ୍ୟାଣ କାମ କରିଥିଲୁ । ଏହି ଦ୍ରୁତ ବିକାଶରେ ଖଣି ଟିକସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଆପଣମାନେ ଜାଣନ୍ତି, ନିକଟରେ ପାର୍ଲିଆମେଣ୍ଟରେ, Mines and minerals Development and Regulation Act (MMDR )ର ସଂଶୋଧଓନ ବିଲ୍



ପାସ ହୋଇଛି । ଏହା ଓଡିଶା ଓ ଓଡିଶାବାସୀଙ୍କର ବହୁତ କ୍ଷତି କରିବାକୁ ଯାଉଛି । ଏତେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲ୍ କିନ୍ତୁ ବିନା ଆଲୋଚନାରେ କେନ୍ଦ୍ର ସରକାର ପାରିତ କରାଇ ଦେଲେ । କେବଳ ବିଜେଡି ସାଂସଦମାନେ ଏହାକୁ ରାଜ୍ୟ ସଭାରେ ବିରୋଧ କରିଥିଲେ । ଏହି ବିଲକୁ ବିରୋଧ କରି ମୁଁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି । ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚିଠିରେ ଅନୁରୋଧ ମଧ କରିଛି । ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେହି ବଡ଼ ନୁହେଁ । ପାର୍ଟି ନୁହେଁ ମାଟିର ସ୍ୱାର୍ଥ ପାଇଁ ଆମକୁ ଆଜି ଏକାଠି ହେବାକୁ ପଡିବ । ଏମଏମଡିଆର ସଂଶୋଧିତ ବିଲ ଆମ ଖଣି ଉପରେ ଆମ ଅଧିକାର ଶେଷ କରି ଦେଇଛି । ଆପଣ ଜାଣନ୍ତି ଓଡ଼ିଶାରେ କ୍ରୋମାଇଟ୍, ବକ୍ସାଇଟ୍, ଲୁହାପଥର, କୋଇଲା ଓ ମାଙ୍ଗାନିଜର ସର୍ବାଧିକ ଖଣିଜ ଓଡ଼ିଶାରେ ଅଛି । କିନ୍ତୁ ଏ ବିଲ୍ ଏ ସବୁ ଉପରୁ ଆମ ଅଧିକାର ଛଡେଇ ନେଇଛି । ଆମ ଲୋକଙ୍କ କଲ୍ୟାଣ ପାଇଁ ଆମ ଖଣିରୁ ଆମେ କାହିଁକି ଟିକସ ଆଦାୟ କରିପାରିବୁନି ? ଆମ ଲୋକ ଧୂଳି, ଧୂଆଁ ସହିବେ । କିନ୍ତୁ ଦିଲ୍ଲୀ ଦରବାର ଆମ ସମ୍ପଦରେ ସମୃଦ୍ଧ ହେବ । ଏହା ଆମେ ହେବାକୁ ଦେବାନି । ଚବିଶ ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥ କୁ ଜଗିଥିଲି । କେନ୍ଦ୍ରରେ ବିଭିନ୍ନ ଦଳର ସରକାର ଥିଲେ ମଧ ଓଡ଼ିଶାର ଅଧିକାରରେ କ୍ଷତି ଆଣିବାକୁ କେହି ସାହସ କରି ନ ଥିଲେ । ଆପଣମାନେ ୨୦୨୪ରେ ପରିବର୍ତ୍ତନ କରି ନୂଆ ବିଜେପି ସରକାର ଆଣିଲେ । ମାତ୍ର ଦୁଇ ବର୍ଷ ଭିତରେ ସବୁ ବଦଳିଗଲା । ବିଜୁ ବାବୁ ସବୁବେଳେ ରାଜ୍ୟର ରାଜ୍ୟର ବିକାଶ ପାଇଁ ଆର୍ଥିକ ସ୍ୱାଧୀନତା ଉପରେ ଜୋର ଦେଉଥିଲେ । ଏ ବିଲ ଦ୍ୱାରା ଓଡ଼ିଶାର ରାଜସ୍ୱ ବହୁତ କମିଯିବ । ପ୍ରତି ବର୍ଷ ଆମେ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବା । ଏହି ଟଙ୍କାରେ ରାଜ୍ୟରେ ଅନେକ ସ୍କୁଲ, କଲେଜ, ହସପିଟାଲ ହୋଇଥାନ୍ତା । ରାସ୍ତାଘାଟ, ଭିତ୍ତିଭୂମି ସହ ନୂଆ କଲ୍ୟାଣମୂଳକ କାମ ହୋଇଥାନ୍ତା । ଚାଷୀ ଓ ଗରିବ ଲୋକ ଉପକାର ପାଇଥାନ୍ତେ । ଏତେବଡ଼ କ୍ଷତି ଓଡ଼ିଶା ସହି ପାରିବ ତ ? ଆମ ପିଲାମାନଙ୍କୁ, ଆମ ଭବିଷ୍ୟତ ପୀଢ଼ିକୁ ଆମେ କଣ ଜବାବ ଦେବା ? ଓଡ଼ିଶା ଦୁର୍ବଳ କରିବାକୁ ଚାଲିଥିବା ଏହି ଭୟଙ୍କର ଚକ୍ରାନ୍ତକୁ ଓଡ଼ିଶାବାସୀ କେବେ ବରଦାସ୍ତ କରିବେନି। ନବୀନ କହିଛନ୍ତି, ଏ ମାଟି ଆମର। ଏ ଖଣି ଆମର। ଆମ ଅଧିକାରର ସୁରକ୍ଷା ପାଇଁ ମୁଁ ଲଢ଼ିବି। ଏହି ଲଢେଇରେ ଓଡିଶାବାସୀ ସାମିଲ ହେବାକୁ ସେ ନିବେଦନ କରିଛନ୍ତି।

### ଡ୍ରାଇଭରଙ୍କ ଆନ୍ଦୋଳନରେ ରଣକ୍ଷେତ୍ର ରାଜଧାନୀ

# ପୋଲିସ-ଡ୍ରାଇଭର ଧସ୍ତାଧସ୍ତି, ଲୋୟର ପିଏମଜିରେ ଲାଠିଚାର୍ଜ



**ଭୁବନେଶ୍ୱର(ବ୍ୟୁରୋ):** ତୃତୀୟ ଦିନରେ ଅଲ୍ ଓଡ଼ିଶା ଗିଗ୍ସ ୟୁନିଅନ ଷ୍ଟ୍ରାଇକ୍ । ରାଜଧାନୀ ଭୁବନେଶ୍ୱରରେ ଅନଲାଇନ୍ ଅଟୋ ସଂଘର ତୀବ୍ର ଆନ୍ଦୋଳନ। ପ୍ରୋଟେଷ୍ଟ ବେଳେ ଓଲା, ଉବେର, ରାପିଡୋ, ଓଡ଼ିଶା ଯାତ୍ରୀ ଡ୍ରାଇଭରମାନଙ୍କ ସହିତ ପୁଲିସର ଧସ୍ତାଧସ୍ତି । ପୁଲିସ ଗାଡ଼ି ଏବଂ ଆମ ବସକୁ ଢେଲା ପଥର ମାଡ଼ କରିଛନ୍ତି ଅନଲାଇନ୍ ଡ୍ରାଇଭର । ଫଳରେ ସରକାରୀ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି । ଅପରପକ୍ଷେ ହିଂସାତ୍ମକ ଆନ୍ଦୋଳନକୁ ନିୟନ୍ତ୍ରଣ କରିବାକୁ ଲୋୟର ପିଏମଜି ଅଞ୍ଚଳରେ ଲାଠିଚାର୍ଜ କରିଛି କମିଶନରେଟ୍ ପୁଲିସ। ଏହା ସହିତ ଡ୍ରାଇଭରଙ୍କ ଉପରକୁ ପାଣିମାଡ଼ି ହୋଇଛି । ହିଂସା ସୃଷ୍ଟି କରିଥିବା କିଛି ଡ୍ରାଇଭରଙ୍କୁ ପୁଲିସ ଅଟକ ରଖିଛି । ୩୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅନଲାଇନ୍ ଅଟୋ ଚାଳକ । ଓଲା, ଉବର ସମେତ ପ୍ରାୟ ୨୦ଟି ଅଟୋ ସଂଗଠନ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଅଟୋ ଚାଳକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ଭଡ଼ା ଓ କମିଶନ୍ ସମ୍ବନ୍ଧୀୟ ଦାବି ସହ ଅନ୍ୟାନ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି । ଅଟୋ ଚଳାଚଳ ବନ୍ଦ ଥିବାରୁ ଗଡୁନି ଅନଲାଇନ ଅଟୋ । ଫଳରେ ରାଜଧାନୀରେ ପ୍ରଭାବିତ ହୋଇଛି ଜନଜୀବନ । ବିଶେଷକରି ରେଳ ଷ୍ଟେସନ୍, ବିମାନବନ୍ଦର ଓ ଅନ୍ୟ ପ୍ରମୁଖ ସ୍ଥାନକୁ ଯିବା ପାଇଁ ଯାତ୍ରୀମାନେ ହନ୍ତସନ୍ତ ହୋଉଛନ୍ତି ।

# 'ସିଇଇଡବ୍ଲୁ ପକ୍ଷରୁ ଜଳବାୟୁ ସହନଶୀଳତା ସୁଦୃଢ଼ କରିବା' ଶୀର୍ଷକ ବୈଠକ

**ଭୁବେନଶ୍ୱର(ବ୍ୟୁରୋ):** ନୂଆଦିଲ୍ଲୀସ୍ଥିତ ଭାରତୀୟ ସଂସ୍ଥା ତଥା ବିଶ୍ୱର ଅଗ୍ରଣୀ ଜଳବାୟୁ ଚିନ୍ତନ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରୁ ଅନ୍ୟତମ କାଉନସିଲ୍ ଅନ୍ ଏନର୍ଜି, ଏନଭାଇରନେମଂ ଆଣ୍ଡ ୱାଟର (ସିଇଇଡବ୍ଲୁ) ପକ୍ଷରୁ ବୁଧବାର ଭୁବନେଶ୍ୱରରେ "ଏଆଇ-ଚାଳିତ ଜଳବାୟୁ ନିଷ୍ପତ୍ତି ଓ କାର୍ଯ୍ୟଦକ୍ଷତା ମାଧ୍ୟମରେ ଜଳବାୟୁ ସହନଶୀଳତା ସୁଦୃଢ଼ କରିବା" ଶୀର୍ଷକ ଏକ ଜ୍ଞାନ ଆଦାନପ୍ରଦାନ ଗୋଲଟେବୁଲ୍ ବୈଠକ ଆୟୋଜିତ ହୋଇଯାଇଛି। ସିଇଡବ୍ଲୁର ଗବେଷକ ମାନେ କହିଛନ୍ତି ଯେ, ଭାରତର ୨୦୨୬ ମୌସୁମୀ ଋତୁ ଦୁଇଟି ବିପରୀତ ବାସ୍ତବତାକୁ ପ୍ରତିଫଳିତ କରୁଛି। ଗୋଟିଏ ପେଟ କେତେକ ରାଜ୍ୟ ବିନାଶକାରୀ ବନ୍ୟାର ସମ୍ମୁଖୀନ ହେଉଥିବା ବେଳେ, ଅନ୍ୟପଟେ କେତେକ ରାଜ୍ୟେର ଗୁରୁତର ବର୍ଷା ଅଭାବ ଦେଖାଦେଇଛି। ଫଳରେ ଦେଶର ଅର୍ଦ୍ଧାଧିକ ଜିଲ୍ଲାରେ ବର୍ଷାର ଅଭାବ ରହିଛି। ସିଇଡବ୍ଲୁର ଗବେଷକମାନେ ଏହି ଅବସରରେ ଜଳବାୟୁ ସ୍ଥିରତା ବିଶ୍ଳେଷଣ ଏବଂ ଭିଜୁଆଲାଇଜେସନ୍ ଇଂଟେଲିଜେନ୍ସ




ସିଷ୍ଟମ୍ (କ୍ରାଭିସ) ପ୍ରଦର୍ଶନ କରିଥିଲେ। ସିଇଇଡବ୍ଲୁ ଦ୍ୱାରା ବିକଶିତ ଏହି ପ୍ରଥମ ଧରଣର ଏଆଇ-ଭିତ୍ତିକ ଜଳବାୟୁ ଇଂଟେଲିଜେନ୍ସ ପ୍ଲାଟଫର୍ମ ୪୦ରୁ ଅଧିକ ବର୍ଷର ଐତିହାସିକ ଜଳବାୟୁ ତଥ୍ୟ ସହ ୨୦୩୦-୨୦୫୦ ଏବଂ ୨୦୫୧-୨୦୭୦ ପର୍ଯ୍ୟନ୍ତର ଆକଳନକୁ ଏକତ୍ର କରିଛି। ବିଭିନ୍ନ ନିର୍ଗମନ ଓ ବିଶ୍ୱ ଉଷ୍ମାୟନ ପରିସ୍ଥିତି ଅନୁଯାୟୀ ୨୭୯ଟି ସୂଚକ ମାଧ୍ୟମେର ଜିଲ୍ଲାସ୍ତରୀୟ ବିଶ୍ଳେଷଣ କରିବାର ସୁବିଧା ଏଥିରେ ରହିଛି। ଓଡ଼ିଶାରେ ହାରାହାରି ମୌସୁମୀ ବର୍ଷାର ପରିମାଣ ବୃଦ୍ଧି ପାଇଛି। ୧୯୮୧-୨୦୧୦ ମଧ୍ୟରେ ରାଜ୍ୟର ହାରାହାରି ମୌସୁମୀ ବର୍ଷା ୧,୦୫୨ ମିମି ଥିବାବେଳେ ୨୦୧୧-୨୦୨୪ ମଧ୍ୟରେ ଏହା ବୃଦ୍ଧି ପାଇ ୧,୧୫୯ ମିମିରେ ପହଂଚିଛି। ଆକଳନ ଅନୁଯାୟୀ, ୨୦୩୧-୨୦୫୦ ମଧ୍ୟରେ ଏହା ମଧ୍ୟମ ଭାବେ ବୃଦ୍ଧି ପାଇ ୧,୨୧୧ ମିମି ଏବଂ ୨୦୫୧-୨୦୭୦ ମଧେର ୧,୩୦୯ ମିମିରେ ପହଂଚିପାରେ। ତେବେ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି ଯୋଗୁ ଓଡ଼ିଶାର ମୌସୁମୀ ବର୍ଷାର ସାମଗ୍ରିକ ଧାରାରେ ବ୍ୟାଘାତ ଦେଖାଦେଇ ପାରେ। କେତେକ ଜିଲ୍ଲାରେ ମୌସୁମୀ ବର୍ଷା ଅନିୟମିତ ହୋଇପାରେ, ଅନ୍ୟ କେତେକ ଜିଲ୍ଲାରେ ତୁଳନାତ୍ମକ ଭାବେ ଅଧିକ ବର୍ଷା ଜାରି ରହିପାରେ। ଆଉ କେତେକ ଅଂଚଳେର ଜଳବାୟୁର ମୂଳ ଅବସ୍ଥା (କ୍ଲାଇମେଟ୍ ବେସ୍ଲାଇନ୍) ତୁଳନାରେ ବର୍ଷା ପରିମାଣରେ ଅପେକ୍ଷାକୃତ ସ୍ଥିର ରହିପାରେ। ଏହି ପ୍ଲାଟଫର୍ମରେ ଜଳବାୟୁ ତଥ୍ୟକୁ ବିଦ୍ୟୁତ ଭିତିଭୂମି, କୃଷି, ଭୂମି ବ୍ୟବହାର, ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଜନସଂଖ୍ୟା ଭଳି ବିଭିନ୍ନ କ୍ଷେତ୍ରର ତଥ୍ୟ ସହ ଯୋଡ଼ି ସମନ୍ୱିତ ବିପଦ ବିଶ୍ଳେଷଣ କରାଯାଇପାରିବ। କ୍ରାଭିସକୁ ଏକ ସହଯୋଗୀ ଡାଟା କମନ୍ସ ଭାବେ ବିକଶିତ କରାଯାଇଛି, ଯେଉଁଥିରେ ସଂଗଠନ ଓ ଅଂଶୀଦାରମାନେ ନିଜସ୍ୱ ତଥ୍ୟ ଓ ବିଶ୍ଳେଷଣ ଯୋଡ଼ି ଏହାର ତଥ୍ୟଭଣ୍ଡାରକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିପାରିବେ।

# ରାଜଧାନୀର ୨୩ଟି ପ୍ରମୁଖ ଛକର ପୁନଃ ଡିଜାଇନ୍‌କୁ ମଞ୍ଜୁରି

**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନର ୨୩ଟି ପ୍ରମୁଖ ଛକର ଡିଜାଇନ୍‌ରେ ପରିବର୍ତ୍ତନ କରି ପୁନଃ ବିକାଶ କରାଯିବ । ଏଥିପାଇଁ ପ୍ରସ୍ତୁତ ହୋଇଥିବା ମାଷ୍ଟରପ୍ଲାନ୍‌କୁ ମୁଖ୍ୟମନ୍ତ୍ରୀ ମଞ୍ଜୁରି ଦେଇଛନ୍ତି । ଛକଗୁଡ଼ିକରେ କିଭଳି ସୁବିଧାରେ ଗାଡ଼ି ଯାତାୟତ କରିବ, ଲୋକେ ସୁରକ୍ଷିତ ଭାବେ ଯିବେ ଓ ଟ୍ରାଫିକ ଭିଡ଼ ହେବନି, ତାକୁ ଦୃଷ୍ଟିରେ ରଖି ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇଛି । ପୂର୍ତ୍ତ ବିଭାଗ, କମିଶନରେଟ ପୁଲିସ, ବିଏମସି, ୱାଟ୍‌କୋ ଓ ଟିପିସିଓଡିଏଲ୍ ପକ୍ଷରୁ ଗଠିତ ମିଳିତ ସବ୍ କମିଟି ବିଭିନ୍ନ ଛକ ପରିଦର୍ଶନ କରି ଏବେକାର ଡିଜାଇନ୍‌କୁ ସାମାନ୍ୟ ବଦଳାଇଛନ୍ତି । ସବୁ ଛକର ବାମପାଶ୍ୱର୍ ଟର୍ଣ୍ଣିଂକୁ ଚଉଡ଼ା କରିବାକୁ ନିଷ୍ପତ୍ତି ହୋଇଛି । ଛକକୁ ଲାଗି ରହିଥିବା ଉଠାଦୋକାନୀ ଓ ଅନ୍ୟ ବେଆଇନ ନିର୍ମାଣକୁ ଉଚ୍ଛେଦ କରି ରାସ୍ତା ଚଉଡ଼ା କରିବାକୁ ନିଷ୍ପତ୍ତି ହୋଇଛି । ଖୁବଶୀଘ୍ର ମାଷ୍ଟରପ୍ଲାନ୍ ଅନୁସାରେ କାମ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି । ପର୍ଯ୍ୟାୟକ୍ରମେ ୨୩ଟି ଛକର




ପୁନଃବିକାଶ ହେବ । ଛକକୁ ଲାଗି କୌଣସି ବସ୍ ଷ୍ଟପ୍ ରହିବନି । କିଛି ଜାଗାରେ ଛକକୁ ଗୋଲେଇ ଛକ କରାଯିବ । ୨୩ଟି ଛକରୁ ୧୦ଟି ଛକର ପୁନଃ ବିକାଶ କରିବ ଓବିସିସି । ବାକି ୧୩ଟି ଛକକୁ ପୂର୍ତ୍ତ ବିଭାଗ ହାତକୁ ନେବ ବୋଲି ସୂଚନା ମିଳିଛି । ତେବେ ପୁନଃବିକାଶ ପରେ ଛକରେ ଟ୍ରାଫିକ ଭିଡ଼ କମୁଛି, ନା ପୂର୍ବଭଳି ଯନ୍ତ୍ରଣା ଦେବ, ତାହା ଦେଖିବାକୁ ବାକି ରହିଲା । ଆଚାର୍ଯ୍ୟବିହାର ଛକରୁ ନିକୋ ପାର୍କ ଛକ ଯାଏ ମେଡିଆନ ଲମ୍ବିବ । ଛକ ପାଖରେ ଥିବା ଏକ ଭେଣ୍ଡିଂ ଜୋନ୍‌ର ବେଆଇନ ଅଂଶକୁ ଭାଙ୍ଗିବାକୁ ଯୋଜନା ହୋଇଛି । ଶିଶୁଭବନର ପାଚେରୀକୁ ଭାଙ୍ଗି ଭିତରକୁ ନିଆଯିବ । ଶିଶୁଭବନ ଛକ ପାଖରେ ଥିବା ବସ୍‌ଷ୍ଟପକୁ ସାମାନ୍ୟ ଦୂରକୁ ଘୁଞ୍ଚାଯିବ । କଳ୍ପନା ଛକ ପାଖରେ ଥିବା ଫଳ ଦୋକାନ ଓ ଓମଫେଡ ପାର୍ଲରକୁ ହଟାଯିବ । ଏହି ପାଶ୍ୱର୍କୁ ଚଉଡ଼ା କରାଯିବ । ବାମପାଶ୍ୱର୍ ଟର୍ଣ୍ଣ ବା ଲକ୍ଷ୍ମୀସାଗର ଆଡକୁ ଯିବାକୁ ଥିବା ରାସ୍ତାକୁ ସାମାନ୍ୟ ପ୍ରଶସ୍ତ କରାଯିବ । ଛକ ପାଖରେ ଥିବା ସବୁ ବସ୍ ଷ୍ଟପ୍‌କୁ ଦୂରକୁ ନିଆଯିବ ।

### ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ

# ପ୍ରାଣ ହରାଇଲେ ୯ ବାଂଲାଦେଶୀ



**କୋଲକାତା,୧୯।୮:** କୋଲକାତାର ଗୋଟିଏ ବଡ଼ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ। ଏଥିରେ ୯ ଜଣ ବାଂଲାଦେଶୀ ପ୍ରାଣ ହରାଇଛନ୍ତି ଓ ୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୬ ଜଣ ପୁରୁଷ, ୨ ଜଣ ମହିଳା ଓ ଜଣେ ଛୋଟ ପିଲା ରହିଛନ୍ତି। ଏମାନେ ଚିକିତ୍ସା ପାଇଁ ବାଂଲାଦେଶରୁ କୋଲକାତା ଆସିଥିଲେ। କିନ୍ତୁ ହୋଟେଲ ଅଗ୍ନିକାଣ୍ଡରେ ୯ ଜଣ ବାଂଲାଦେଶ ଆଖି ବୁଜିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗର ସୂଚନା ଅନୁସାରେ, ରାତି ପ୍ରାୟ ୨ଟା ବେଳେ ହୋଟେଲରେ ଅଗ୍ନିକାଣ୍ଡ ଘଟିଥିଲା। ଖବର ମିଳିବା ମାତ୍ରେ ଅଗ୍ନିଶମ ଓ ଜରୁରୀ ସେବାର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ହୋଟେଲ ଭିତରୁ ୬୦ ଜଣଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡ ଯୋଗୁ ପୂରା ଅଞ୍ଚଳ ଧୂଆଁମୟ ହୋଇ ଯାଇଥିଲା। ଏହି ବିଷାକ୍ତ ଧୂଆଁରେ ଅନେକ ଲୋକ ଚେତା ହରାଇଥିଲେ। ସେମାନଙ୍କୁ ହୋଟେଲ ଭିତରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ଅନ୍ୟ ୬ ବାଂଲାଦେଶୀ ମଧ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏପଟେ ପୋଲିସ୍ ହୋଟେଲର ୨ ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ୍ କହିଛି ଯେ ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଛି। ତେବେ ଅଗ୍ନିକାଣ୍ଡର କାରଣ ଏଯାଏ ଜଣାପଡ଼ିନି। ହୋଟେଲଟି ଗୋଟିଏ ପୁରୁଣା ବିଲଡିଂରେ ଚାଲିଥିଲା ବୋଲି ପୋଲିସ୍ ସ୍ପଷ୍ଟ କରିଛି।

ପଶ୍ଚିମବଙ୍ଗର ଅଗ୍ନିଶମ ବିଭାଗ ମନ୍ତ୍ରୀ କୌଶିକ ଚୌଧୁରୀ କହିଛନ୍ତି ଯେ "ଆମେ ମୃତାହତଙ୍କ ପରିଚୟ ଖୋଜୁଛୁ। ବିଲଡିଂ ଭିତରର ଦୃଶ୍ୟ ଅତ୍ୟନ୍ତ ଖରାପ। ବିଲଡିଂରେ ଏକାଧିକ ହୋଟେଲ ରହିଛି। ଏଠାରେ ବାସ୍ତବରେ କ'ଣ ସବୁ ଚାଲିଥିଲା, ତା'କୁ ଦେଖି ମୁଁ ସ୍ତବ୍ଧ। ବିଲଡିଂ ମ୍ୟାନେଜମେଣ୍ଟ ସୁରକ୍ଷା ଓ ନିର୍ମାଣ ନିୟମକୁ ଆଦୌ ପାଳନ କରି ନାହାନ୍ତି। ଏଠାରେ ହୋଟେଲ ପରିଚାଳନା ପଛରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡୁଛି।

# ରାଜଭବନ ପଦଯାତ୍ରା ପାଲଟିଲା ରଣକ୍ଷେତ୍ର

### ଭାଙ୍ଗିଲେ ବ୍ୟାରିକେଡ୍ / ଚାଲିଲା ୱାଟର କ୍ୟାନନ / ପୋଲିସ କଷ୍ଟଡିରେ ତେଜସ୍ୱୀ

**ପାଟନା,୧୯।୮:** ବିହାର ରାଜନୀତିରେ ଆଜି ଦେଖିବାକୁ ମିଳିଛି ହାଇଭୋଲଟେଜ୍ ଡ୍ରାମା। ରାଜଭବନ ଅଭିମୁଖେ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆରଜେଡିର ପଦଯାତ୍ରା ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ବ୍ୟାରିକେଡ୍ ଭାଙ୍ଗିବାକୁ ନେଇ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ହୋଇଥିଲା ଧସ୍ତାଧସ୍ତି। ପରେ ପୋଲିସ ୱାଟର କ୍ୟାନନ ବ୍ୟବହାର କରିଥିଲା। ବିହାରରେ ପେପର ଲିକ୍, ଛାତ୍ର ଆନ୍ଦୋଳନ ଏବଂ ବେକାରୀ ପ୍ରସଙ୍ଗରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ଆରମ୍ଭ କରିଥିଲେ ଏହି ପଦଯାତ୍ରା। ଜେପି ଗୋଲମ୍ବରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ହଜାର ହଜାର କର୍ମୀ ତେଜସ୍ୱୀ ଯାଦବଙ୍କ ସହ ଯୋଗ ଦେଇଥିଲେ। ପଦଯାତ୍ରାକୁ ରୋକିବା ପାଇଁ ପୋଲିସ ଡାକବଙ୍ଗଳା ଛକରେ ବ୍ୟାରିକେଡ୍ ନିର୍ମାଣ କରିଥିଲା, କିନ୍ତୁ ତେଜସ୍ୱୀ ତାଙ୍କ ସମର୍ଥକଙ୍କ ସହିତ ବ୍ୟାରିକେଡ୍ ପାର ହୋଇ ଆଗକୁ ବଢ଼ିଥିଲେ। ଏହା ପରେ, ପୋଲିସ ଆୟକର ଛକରେ ଭିଡ଼କୁ ରୋକିବା ପାଇଁ ୱାଟର କ୍ୟାନନ୍ ବ୍ୟବହାର କରିଥିଲା। ଏଥିରେ ତେଜସ୍ୱୀ ଯାଦବଙ୍କ ସମର୍ଥକମାନେ ଉତ୍ତେଜିତ ହୋଇ ଆୟକର ଛକରେ ପୋଲିସ ଦ୍ୱାରା ଲଗାଯାଇଥିବା ବିଶାଳ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଛି ଏବଂ ପୋଲିସ ପ୍ରଦର୍ଶନକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଜାରି ରଖିଛି। ଏହି ଘଟଣା ପରେ ତେଜସ୍ୱୀ ଯାଦବଙ୍କୁ ପୋଲିସ କଷ୍ଟଡିରେ ନେଇଛି।

ପୋଲିସ କଷ୍ଟଡିରେ ନେବା ପରେ ତେଜସ୍ୱୀ କହିଛନ୍ତି, ମୁଁ ଜେଲ ଯିବାକୁ ଭୟ କରୁନି। ଆମର ଭଗବାନ କୃଷ୍ଣ ମଧ୍ୟ ଜେଲରେ ଜନ୍ମଗ୍ରହଣ କରିଥିଲେ। ଏ ସବୁକିଛି ସବୁକିଛି ସମ୍ରାଟ ଚୌଧୁରୀଙ୍କ ନିର୍ଦ୍ଦେଶରେ ଘଟିଛି। ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡିବ। ଏଭଳି କାମ ଚାଲିବନି। ସରକାର ଭୟଭୀତ। କାରଣ



ଆମେ ତ୍ରିରଙ୍ଗା ଧରି ଛାତ୍ର ସମସ୍ୟା ଉଠାଇବା ପାଇଁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାର ନେତୃତ୍ୱ ନେଉଥିଲୁ। ଆମେ ଆମର ଲଢ଼େଇ ଜାରି ରଖିବୁ। ଆମେ ଜେଲ ଯିବାକୁ ଭୟ କରୁନାହୁଁ। ଆମେ ଛାତ୍ର ଅଧିକାର, ବେକାରୀ ଦୂର କରିବା, ପେପର ଲିକ୍ ବନ୍ଦ କରିବା ଏବଂ ପରୀକ୍ଷାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ଆମର ସ୍ୱର ଉଠାଇବା ଜାରି ରଖିବୁ।'

ତେଜସ୍ୱୀଙ୍କୁ ପୋଲିସ ଅଟକ ରଖିବା ସହ ତାଙ୍କ ବଡ ଭଉଣୀ ତଥା ଆରଜେଡି ସାଂସଦ ମୀସା ଭାରତୀଙ୍କୁ କଷ୍ଟଡିରେ ନେଇଛି। ମୀସା କହିଛନ୍ତି, ବିହାରର ଛାତ୍ରଙ୍କ ପାଇଁ ଜେଲ୍ ଯିବାକୁ ପ୍ରସ୍ତୁତ, କିନ୍ତୁ ନିଜ ଦାବିରୁ ସେ ପଛକୁ ହଟିବୁନି। ଯେଉଁ ଯାଏଁ ସିଭାନ ଜିଲ୍ଲାପାଳଙ୍କୁ ନିଲମ୍ବିତ କରାଯାଇନି, ସେ ଯାଏଁ ଲଢେଇ ଜାରି ରହିବ। ଆରଜେଡି ଓ ବିହାରର ଜନତା ମଧ୍ୟ ପଛକୁ ହଟିବେନି।

## ଚୁଟ୍‌କୀରେ...

### ନିଟ୍ ପରୀକ୍ଷା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ

**ନୂଆଦିଲ୍ଲୀ,୧୯।୮:** କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ନିଟ୍-ୟୁଜି ପରୀକ୍ଷା ପରିଚାଳନା ପାଇଁ ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ସୁରକ୍ଷିତ। ଏଥିରେ ହେରଫେର୍ କରିବା କଷ୍ଟକର। ତେବେ ସରକାର ଏହା ସ୍ୱୀକାର କରିଛନ୍ତି ଯେ ଏହି ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ ମଧ୍ୟ ଜଡିତ। ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ପ୍ରଶ୍ନପତ୍ର କିପରି ଚୟନ କରାଯାଏ ତାହା ବୁଝାଇଥିଲେ। ୧୦୦ଟି ପ୍ରଶ୍ନ ସହିତ ଏକ ପଦାର୍ଥ ବିଜ୍ଞାନ ପତ୍ରର ଉଦାହରଣ ଦେଇ, ମେହେଟ୍ଟା ପ୍ରକ୍ରିୟା ବ୍ୟାଖ୍ୟା କରିଥିଲେ। ଅନେକ ମୋଡରେଟର ଗୋଷ୍ଠୀ ପ୍ରଥମେ ୫୦୦ଟି ପ୍ରଶ୍ନର ଏକ ବ୍ୟାଙ୍କ ତିଆରି କରନ୍ତି। ବ୍ୟାଙ୍କରୁ, ଅନ୍ୟ ମୋଡରେଟରମାନେ ପ୍ରତ୍ୟେକ ୧୦୦ ଟି ପ୍ରଶ୍ନ ଚୟନ କରନ୍ତି ଏବଂ ୪ ଟି ଭିନ୍ନ ଭିନ୍ନ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି। ଏହା ପରେ, ଏନଟିଏର ମହାନିର୍ଦ୍ଦେଶକ ସେହି ଚାରୋଟି ପେପରରୁ ଦୁଇଟି ପେପର ଚୟନ କରନ୍ତି। ତା'ପରେ ପେପରକୁ ସିଲଡ୍ ବାକ୍ସରେ ସିସିଟିଭି ଏବଂ ସିଆଇଏସଏଫ ସୁରକ୍ଷାରେ ଦୁଇଟି ଭିନ୍ନ ପ୍ରିଣ୍ଟିଂ ପ୍ରେସ୍‌କୁ ପଠାଯାଏ। ବାକ୍ସର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ପାଖରେ ଏକ ଡିଜିଟାଲ୍ ଚାବି ଥାଏ। ପ୍ରିଣ୍ଟିଂ ପ୍ରେସ୍ ମାଲିକ ଏନଟିଏ ମହାନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରି କୋଡ୍ ପାଇଲେ ହିଁ ବାକ୍ସଟି ଖୋଲାଯାଇପାରିଥାଏ।

### ସୁନାଖଣି ଭୁଶୁଡ଼ି ୩୦ ଶ୍ରମିକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୧୯।୮:** ପଶ୍ଚିମ କେନ୍ଦ୍ରୀୟ ଆଫ୍ରିକୀୟ ଗଣରାଜ୍ୟରେ ବଡ଼ ଅଘଟଣ ଘଟିଛି । ହଠାତ୍ ଏକ ସୁନା ଖଣି ଭୁଶୁଡ଼ି ପଡ଼ିବାରୁ ୩୦ ଜଣଙ୍କର ମୃତ୍ୟୁ ହୋଇଛି । ଅନେକ ଲୋକ ଫସି ରହିଛନ୍ତି । ସେମାନଙ୍କୁ ଖୋଜା ଚାଲିଛି । ନାନା-ମାମ୍ବେରେ ଅଞ୍ଚଳର ଆବା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ଅଧିକାରୀ ଏବଂ ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଅଧିକାରୀ ଏବଂ ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଖଣିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମାଟି ତଳେ ପୋତି ହୋଇ ରହିଥିବା ଲୋକଙ୍କ ବଞ୍ଚିବା ସମ୍ଭାବନା ବହୁତ କମ୍ ବୋଲି କୁହାଯାଉଛି । ସମୟ ବିତିବା ସହିତ ସେମାନଙ୍କୁ ଜୀବିତ ପାଇବାର ସମ୍ଭାବନା କ୍ଷୀଣ ହେବାରେ ଲାଗିଛି । ଆବା ଉପ-ପ୍ରାନ୍ତର ଡେପୁଟି ମେୟର ସୁଲେମାନ ବି କହିଛନ୍ତି ଯେ, ସ୍ଥାନୀୟ ବାସିନ୍ଦା ଏବଂ ଉଦ୍ଧାରକାରୀ ଦଳ ଧସିଯାଇଥିବା ଖଣିରୁ ୩୦ ଜଣଙ୍କ ମୃତଦେହ ବାହାର କରିଛନ୍ତି । ଦୁର୍ଘଟଣାରେ ଆହତ ହୋଇଥିବା କିଛି ଖଣି ଶ୍ରମିକଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କେନ୍ଦ୍ରୀୟ ଆଫ୍ରିକୀୟ ଗଣରାଜ୍ୟର ଛୋଟ ସୁନା ଖଣିରେ ପ୍ରାୟତଃ ଦୁର୍ଘଟଣା ଘଟିଥାଏ । ଖଣିଗୁଡ଼ିକରେ ପର୍ଯ୍ୟାପ୍ତ ସୁରକ୍ଷା ଉପକରଣ ଏବଂ ଆଧୁନିକ ସୁବିଧାର ଅଭାବ ରହିଥାଏ । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଭଗ୍ନାବଶେଷରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି । ଅଘଟଣକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ଜଣେ ସରକାରୀ ଅଧିକାରୀ । ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଏବଂ ଆହତମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ପାଇଁ ପ୍ରୟାସ ଜାରି ରହିଥିବା କହିଛନ୍ତି ।

### ଯୁବପିଢ଼ିଙ୍କୁ ରାଜନୈତିକ ପ୍ରଦର୍ଶନରୁ ଦୂରେଇବା ନିର୍ଦ୍ଦେଶ ପ୍ରତ୍ୟାହାର କଲେ ମୁଖ୍ୟମନ୍ତ୍ରୀ ବିଜୟ

**ଚେନ୍ନାଇ,୧୯।୮:** ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ସରକାର ଛାତ୍ରୀଛାତ୍ର ଓ ଯୁବପିଢ଼ିଙ୍କୁ ରାଜନୈତିକ ପ୍ରଦର୍ଶନରୁ ଦୂରେଇ ରଖିବା ନେଇ ଜାରି କରିଥିବା ବିବାଦୀୟ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନେଇଛି। ସରକାରଙ୍କ ଏହି ନିଷ୍ପତ୍ତି ପରେ ଉକ୍ତ ଆଦେଶକୁ ନେଇ ଉଠିଥିବା ରାଜନୈତିକ ଏବଂ ନାଗରିକ ଅଧିକାର ସମ୍ପର୍କିତ ପ୍ରଶ୍ନ ଉପରେ ଏବେ ଅସ୍ଥାୟୀ ଭାବେ ବିରାମ ଲାଗିଛି। ବାସ୍ତବରେ, ତାମିଲନାଡୁର କଲେଜିଏଟ ଏଜୁକେସନ ବିଭାଗ ଅଗଷ୍ଟ ୧୭ ତାରିଖରେ ଏକ ଚିଠି ଜାରି କରି ସରକାରୀ କଳା ଏବଂ ବିଜ୍ଞାନ ମହାବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ର ଓ ଯୁବକ-ଯୁବତୀମାନେ ବାମପନ୍ଥୀ ଦଳ ଏବଂ ସିଜେପି ପକ୍ଷରୁ ଆୟୋଜିତ ବିରୋଧ ପ୍ରଦର୍ଶନ ଓ ଆନ୍ଦୋଳନରେ ସାମିଲ ନହେବା ପାଇଁ ସମନ୍ୱିତ ଭାବେ ପଦକ୍ଷେପ ନେବାକୁ କହିଥିଲା। ଏହି ନିର୍ଦ୍ଦେଶରେ ସ୍କୁଲ ଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ପୋଲିସ ଏବଂ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହି ଆଦେଶକୁ 'Most Urgent' ଶ୍ରେଣୀରେ ଜାରି କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପ୍ରଦର୍ଶନରୁ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପର ସୂଚନା ତୁରନ୍ତ କଲେଜିଏଟ ଏଜୁକେସନ ନିର୍ଦ୍ଦେଶାଳୟକୁ ପଠାଇବାକୁ କଲେଜର ପ୍ରିନ୍ସିପାଲମାନଙ୍କୁ କୁହାଯାଇଥିଲା। ଅନ୍ୟ ଏକ ନିର୍ଦ୍ଦେଶ ଅନୁସାରେ, ନିଆଯାଇଥିବା ପଦକ୍ଷେପ ସମ୍ପର୍କିତ ରିପୋର୍ଟ ମଧ୍ୟ ସରକାରଙ୍କୁ ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ରାଜ୍ୟରେ ଛାତ୍ରୀଛାତ୍ର ଏବଂ ଯୁବପିଢ଼ି ପରୀକ୍ଷା ବ୍ୟବସ୍ଥା, ବିଶେଷକରି ନିଟ୍ ସମ୍ପର୍କିତ ପ୍ରସଙ୍ଗକୁ ନେଇ ବିରୋଧ ପ୍ରଦର୍ଶନ କରୁଥିବା ସମୟରେ ଏହି ମାମଲା ସାମ୍ନାକୁ ଆସିଥିଲା।

# ସ୍କୁଲ ମିଶ୍ରଣକୁ ଜୋର୍‌ଦାର ବିରୋଧ

### ଆନ୍ଦୋଳନକୁ ଓହ୍ଲାଇଲେ ଜେନ୍ ଆଲ୍‌ଫା



**ନୂଆଦିଲ୍ଲୀ,୧୯।୮:** ସ୍କୁଲ ମିଶ୍ରଣକୁ ଜେନ ଆଲଫାର ଜୋରଦାର ବିରୋଧ। ଆଞ୍ଚଳିକ ସ୍କୁଲକୁ କେନ୍ଦ୍ରୀୟ ବିଦ୍ୟାଳୟରେ ମିଶ୍ରଣ କରିବାକୁ ଚାଲିଥିବା ପ୍ରୟାସ ବିରୋଧରେ ତାତିଛନ୍ତି ଜେନ ଆଲଫାର ଶିକ୍ଷାର୍ଥୀ। ମଧ୍ୟପ୍ରଦେଶର ଭୋପାଲରେ ଜେନ ଆଲଫା ପକ୍ଷରୁ ପ୍ରଦର୍ଶନ କରାଯାଇଛି ଶକ୍ତି। ଆଞ୍ଚଳିକ ସ୍କୁଲର ଶତାଧିକ ପିଲା ରାଜରାସ୍ତାକୁ ଓହ୍ଲାଇ କେନ୍ଦ୍ର ବିଦ୍ୟାଳୟ ସଂଗଠନ(କେଭିଏସ୍)ରେ ମିଶ୍ରଣକୁ ବିରୋଧ କରିଛନ୍ତି। ଡେମୋନଷ୍ଟ୍ରେସନ୍ ମଲ୍ଟିପର୍ପସ୍ ସ୍କୁଲ୍ ବା ଡିଏମଏସ୍‌କୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ସହ ମିଶ୍ରଣ ପ୍ରସ୍ତାବ ବିରୋଧରେ ସେମାନେ ସ୍ୱର ଉଠାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଶିକ୍ଷା କ୍ଷେତ୍ରରେ ନୂଆ ପରୀକ୍ଷାନିରୀକ୍ଷା ପ୍ରତିଷ୍ଠାନର ମୂଳ ଉଦ୍ଦେଶ୍ୟକୁ ପ୍ରଭାବିତ କରିପାରେ ବୋଲି ଶିକ୍ଷାର୍ଥୀମାନେ ଆଶଙ୍କା କରିଛନ୍ତି। ବିକ୍ଷୋଭରେ ସାମିଲ ଥିବା ଜେନ ଆଲଫା ଶିକ୍ଷାର୍ଥୀମାନେ କହିଛନ୍ତି ଯେ ଡେମୋନଷ୍ଟ୍ରେସନ୍ ମଲ୍ଟିପର୍ପସ୍ ସ୍କୁଲ୍‌କୁ ସମସ୍ତେ ଆଞ୍ଚଳିକ ସ୍କୁଲ୍ ଭାବେ ଜାଣିଛନ୍ତି। ଏହା ୧୯୬୫ ମସିହା ଡିସେମ୍ବରରୁ ନ୍ୟାସନାଲ କାଉନସିଲ୍ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ବା ଏନସିଇଆରଟି ଅଧୀନରେ ପରିଚାଳିତ। ଏଭଳି ପରୀକ୍ଷାମୂଳକ ସ୍କୁଲ୍ ଭୋପାଲ, ଆଜମେର, ମହୀଶୂର ଓ ଭୁବନେଶ୍ୱର ଭଳି ୪ଟି ସହରରେ ପ୍ରତିଷ୍ଠା କରାଯାଇଥିଲା। ଶିକ୍ଷାଦାନର ନୂଆ ପଦ୍ଧତିକୁ ବିକଶିତ କରିବା ଓ ଶିକ୍ଷା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବା ଏଭଳି ଶିକ୍ଷାନୁଷ୍ଠାନର ଉଦ୍ଦେଶ୍ୟ ଥିଲା। ଏବେ ଏହି ପ୍ରତିଷ୍ଠାନଗୁଡ଼ିକୁ କେଭିଏସ୍ ସହ ମିଶ୍ରଣ କରିବାକୁ ଯୋଜନା ଚାଲିଛି। କିନ୍ତୁ ଛାତ୍ରଛାତ୍ରୀ ଏବଂ ସ୍କୁଲ୍ ସହ ଜଡ଼ିତ ସଦସ୍ୟମାନେ ଏହାକୁ ଜୋରଦାର ବିରୋଧ କରିଛନ୍ତି। ସେମାନଙ୍କ କହିବା କଥା ଯେ ସ୍କୁଲ ଗୁଡ଼ିକ ଅନ୍ୟ ଏକ ପ୍ରଶାସନିକ ବ୍ୟବସ୍ଥା ଅଧୀନକୁ ଆସିଲେ ସ୍କୁଲଗୁଡ଼ିକ ନିଜର ସ୍ୱତନ୍ତ୍ର ପରିଚୟ ହରାଇବେ। ସେହିପରି ଯେଉଁ ଶିକ୍ଷାଗତ ପରୀକ୍ଷାନିରୀକ୍ଷା ପାଇଁ ଏଗୁଡ଼ିକ ପ୍ରତିଷ୍ଠା କରାଯାଇଥିଲା, ତାହା ମଧ୍ୟ ପ୍ରଭାବିତ ହେବ।

# ସିଏନ୍‌ଜି ପମ୍ପରେ ବିସ୍ଫୋରଣ: ୩ ମୃତ, ୩ ଗୁରୁତର



**ନୂଆଦିଲ୍ଲୀ, ୧୯।୮:** ଦିଲ୍ଲୀର ଏକ ସିଏନଜି ପମ୍ପରେ ବିସ୍ଫୋରଣ ଘଟିଛି। ଏହି ଘଟଣା ଟିକ୍ରି କଲାନରେ ଘଟିଛି। ରିପୋର୍ଟ ଅନୁଯାୟୀ, ସିଏନଜି ଭର୍ତ୍ତି କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ତିନି ଜଣ ଆହତ ହୋଇଛନ୍ତି। ଦିଲ୍ଲୀ ଅଗ୍ନିଶମ ସେବା ରିପୋର୍ଟ କରିଛି ଯେ, ବୁଧବାର ଦିନ ଦିଲ୍ଲୀର ଟିକ୍ରି କଲାନରେ ଏକ ଉଘଏ ଷ୍ଟେସନରେ ଏକ ଟ୍ରକରେ ଗ୍ୟାସ ଭର୍ତ୍ତି କରିବା ସମୟରେ ଏହାର ଟ୍ୟାଙ୍କ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ଅତି କମରେ ୬ ଜଣ ଆହତ ହୋଇଥିଲେ ଏବଂ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ପରେ, ଏହା ଜଣାପଡିଥିଲା ଯେ ଏହି ଲୋକଙ୍କ ମଧ୍ୟରୁ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ଦିଲ୍ଲୀ ଅଗ୍ନିଶମ ସେବା ଅପରାହ୍ନ ୩.୩୭ ରେ ଘଟଣା ବିଷୟରେ ସୂଚନା ପାଇଥିଲା, ତାପରେ ଘଟଣାସ୍ଥଳକୁ ୬ଟି ଅଗ୍ନିଶମ ଗାଡ଼ି ପଠାଯାଇଥିଲା। ଅଧିକାରୀ କହିଛନ୍ତି ଯେ ଆହତ ମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି, ଯେଉଁଠାରେ ସେମାନେ ଚିକିତ୍ସା ପାଉଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିସ୍ଫୋରଣର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ ଏବଂ ତଦନ୍ତ ଚାଲିଛି। ଏହି ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଅଧିକାରୀ କହିଛନ୍ତି ଯେ ଅଗ୍ନିଶମ ସେବା କର୍ମଚାରୀ ମାନେ ଘଟଣାସ୍ଥଳରେ ଆବଶ୍ୟକ ସତର୍କତା ଅବଲମ୍ବନ କରିଥିଲେ ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# କୋର୍ଟ ନିର୍ଦ୍ଦେଶ ପରେ ପତ୍ନୀ ଓ ଭଉଣୀଙ୍କୁ ଭେଟିଲେ ଇମ୍ରାନ ଖାନ୍



**ନୂଆଦିଲ୍ଲୀ,୧୯।୮:** ଅପେକ୍ଷାର ଅନ୍ତ ଘଟିଛି। ଦୀର୍ଘ ୩ ବର୍ଷ ହେଲା ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଶେଷରେ ଭେଟିବାକୁ ସକ୍ଷମ ହୋଇଛନ୍ତି ତାଙ୍କ ପତ୍ନୀ ଓ ଭଉଣୀ। ୯ ମାସ ପରେ ଇମ୍ରାନ ଖାନ ରାୱଲପିଣ୍ଡିର ଆଦିଆଲା ଜେଲରେ ପ୍ରଥମଥର ପାଇଁ ପତ୍ନୀ ଓ ଭଉଣୀଙ୍କୁ ଭେଟିଛନ୍ତି। ଦିନକ ତଳେ ପାକିସ୍ତାନ ସୁପ୍ରିମକୋର୍ଟ ଏଥିପାଇଁ ଅନୁମତି ଦେଇଥିଲେ। ସପ୍ତାହରେ ଗୋଟିଏ ଥର ଇମ୍ରାନଙ୍କୁ ପରିବାର ଲୋକଙ୍କ ସହ ସାକ୍ଷାତ କରିବାରୁ ଅନୁମତି ମିଳିଛି। ଏଥିସହ ୪୮ ଘଣ୍ଟା ମଧ୍ୟରେ ତାଙ୍କୁ ଇସଲାମାବାଦ ସ୍ଥିତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାକିସ୍ତାନ ତେହରିକ-ଇ-ଇନସାଫର ପ୍ରତିଷ୍ଠାତା ଇମ୍ରାନ ଖାନ ୨୦୨୩ରୁ ଏକାଧିକ ମାମଲାରେ ଫସି ଆଦିଆଲା ଜେଲରେ ରହିଛନ୍ତି। ଅଲ କାଦିର ଟ୍ରଷ୍ଟ ଦୁର୍ନୀତି ମାମଲାରେ ତାଙ୍କୁ ୧୪ ବର୍ଷର ଜେଲଦଣ୍ଡ ବି ମିଳିଛି। ଏବେ ତାଙ୍କୁ ୧୫ ମିନିଟ ପାଇଁ ତାଙ୍କ ଭଉଣୀ ନୁରିନ ନୈଜି ଜେଲ ଭିତରେ ଭେଟିଥିବା ଜଣାପଡ଼ିଛି। ଚଳିତ ବର୍ଷ ପ୍ରଥମଥର ପାଇଁ ଭାଇ-ଭଉଣୀଙ୍କ ଭେଟଘାଟ ହୋଇଛି। ଉଭୟ ପରସ୍ପରକୁ ଜେଲର କନଫରେନ୍ସ ରୁମରେ ଭେଟିଥିଲେ। ଏହି ସମୟରେ ନୈଜି ଭାବବିହ୍ୱଳ ହେବା ସହ ଭାଇ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ସୁପ୍ରିମକୋର୍ଟ ଇମ୍ରାନ ଖାନଙ୍କୁ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ ପାଇଁ ଶିଫା ଅନ୍ତର୍ଜାତୀୟ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଗତକାଲି ନିର୍ଦ୍ଦେଶ ଦେଇଥିଲେ। ଏକଥା ମଧ୍ୟ ନୈଜି ଭେଟଘାଟ ସମୟରେ ଅବଗତ କରାଇଛନ୍ତି। ତେବେ ଏହା ଛଡ଼ା ଆଉ କୌଣସି ତଥ୍ୟ ସାମ୍ନାକୁ ଆସି ନାହିଁ। ଇମ୍ରାନ ଖାନଙ୍କୁ ଭେଟିବା ପାଇଁ କେବଳ ନୈଜିକୁ ହିଁ ଅନୁମତି ମିଳିଥିଲା। ଇମ୍ରାନଙ୍କ ଅନ୍ୟତମ ଭଉଣୀ ଅଲୀମ ଖାନ, ଉଜମା ଖାନ ଓ ସମ୍ପର୍କୀୟ କ୍ୱାସିମ ଜମାନଙ୍କୁ କର୍ତ୍ତୃପକ୍ଷ ଜେଲ ଭିତରେ ଭେଟିବାକୁ ଅନୁମତି ଦେଇ ନଥିବା ଜଣାପଡ଼ିଛି।

### ଆମେରିକା ରାଷ୍ଟ୍ରଦୂତଙ୍କ ବଡ଼ ବୟାନ

# ଜମ୍ମୁ-କାଶ୍ମୀର ଭାରତର ଗୁରୁତ୍ୱପୂର୍ଣ୍ଣ ଅଂଶ



**ନୂଆଦିଲ୍ଲୀ, ୧୯।୮:** ଭାରତର ଜମ୍ମୁ-କଶ୍ମୀରକୁ ନିଜର କହୁଥିବା ପାକିସ୍ତାନ ଗାଲରେ ଆମେରିକାର ଶକ୍ତ ଚାପୁଡ଼ା। ଭାରତର ଜମ୍ମୁ-କଶ୍ମୀର ଆଭିମୁଖ୍ୟକୁ ଦୃଢ଼ ଭାବେ ସମର୍ଥନ କରିଛି ଆମେରିକା। କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଭାରତର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର। ପ୍ରଥମଥର ଶ୍ରୀନଗର ଗସ୍ତ କରିଥିବା ଗୋର ଆଜି ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କୁ ଭେଟିଥିଲେ। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଓ ପହଲଗାମ ନରସଂହାର ପରେ ସେ ଆମେରିକାର ପ୍ରଥମ ରାଷ୍ଟ୍ରଦୂତ ଭାବେ ସେଠାକୁ ଯାଇଛନ୍ତି। ଏହି ସମୟରେ ସେ ଜମ୍ମୁ-କଶ୍ମୀର ଭାରତର ପ୍ରମୁଖ ଅଂଶ ବୋଲି କହିଛନ୍ତି। ସେ କହିଛନ୍ତି, "ଏଠାକୁ ଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ଏହା ଭାରତରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରମୁଖ ଅଂଶ। ମୁଁ ଏଠାକୁ ପ୍ରଥମଥର ପାଇଁ ଆସିଛି। ଏହା ଗୋଟିଏ ଅବିଶ୍ୱସନୀୟ ସୁନ୍ଦର ସ୍ଥାନ।" ପାକିସ୍ତାନ ବାରମ୍ବାର ଜମ୍ମୁ-କଶ୍ମୀରକୁ ନେଇ ଦୁଃସାହାସ କରୁଥିବା ବେଳେ ଭାରତ ଏହାକୁ ନିଜର ଆଭ୍ୟନ୍ତରଣ ଅଂଶ ବୋଲି କହି ଆସୁଛି। ଏବେ ଗୋରଙ୍କ ବୟାନ ପାକିସ୍ତାନର ଦାବି ଉପରେ ଶକ୍ତ ଚାପୁଡ଼ା ଭାବେ ବିବେଚନା କରାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଭାବେ ଗୋର ବେଶ ପରିଚିତ। ସେ ଜମ୍ମୁ-କଶ୍ମୀର ମାଟିରେ ଛିଡ଼ା ହୋଇ ଆମେରିକା ଏହି ଅଞ୍ଚଳକୁ ଗସ୍ତ କରିବା ପାଇଁ ଜାରି କରିଥିବା କଠୋର ସତର୍କ ଚେତାବାନୀକୁ ହ୍ରାସ କରାଯିବ ବୋଲି ମଧ୍ୟ କହିଛନ୍ତି। ବର୍ତ୍ତମାନ ଜମ୍ମୁ-କଶ୍ମୀର ପାଇଁ ଆମେରିକା ଲେଭଲ ୪ ସତର୍କ ସୂଚନା ଜାରି କରିଛି। ଏହାର ଅର୍ଥ ନିଜ ଦେଶର ଲୋକଙ୍କୁ ଆମେରିକା ଜମ୍ମୁ-କଶ୍ମୀର ଗସ୍ତ ନ କରିବାକୁ ପରାମର୍ଶ ଦେଇଛି। ଗୋର ଏ ସମ୍ପର୍କରେ କହିଛନ୍ତି, "ଆମେରିକା ପକ୍ଷରୁ ଜାରି ହୋଇଥିବା ଯାତ୍ରା ସତର୍କତାକୁ କମାଇବା ଉଚିତ କି ନୁହେଁ, ସେନେଇ ବିଚାର କରାଯିବ। ଏହି ଅଞ୍ଚଳକୁ ଅଧିକ ସୁରକ୍ଷିତ କରିବା ଦିଗରେ ଏଠାକାର ପ୍ରଶାସନ ଅଭୁତପୂର୍ବ ପଦକ୍ଷେପ ନେଇଛି।"

### ଟ୍ରମ୍ପଙ୍କ ଦାବି

# ହର୍ମୁଜ ଏବେ ଆମେରିକାର ନୂଆ ଇଲାକା

### ■ ଭୁଲ୍ ଧାରଣା ଶୀଘ୍ର ଦୂରକରିଦେବୁ : ତେହେରାନ




**ନୂଆଦିଲ୍ଲୀ,୧୯।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ଆମେରିକାର ଅଂଶ ଦର୍ଶାଇ ସୋସିଆଲ ମିଡିଆରେ ଏକ ମାନଚିତ୍ର ପୋଷ୍ଟ କରିଛନ୍ତି । ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଏକ ଗ୍ରାଫିକ୍ କରି ସେଥିରେ 'ଆମେରିକାର ନୂଆ କ୍ଷେତ୍ର' ଲେଖିଥିଲେ । ଏହି ମ୍ୟାପ୍‌ରେ ହର୍ମୁଜ ପ୍ରଣାଳୀ ଏବଂ ତାହାର ଆଖପାଖ ଅଞ୍ଚଳ ରହିଥିଲା । ସେଥିରେ ଇରାନ, ଓମାନ ଏବଂ ୟୁଏଇର ଅଂଶ ମଧ୍ୟ ଦେଖିବାକୁ ମିଳିଛି । ଇରାନ ଦେଲା ଜବାବ- ଟ୍ରମ୍ପଙ୍କ ଏହି ପୋଷ୍ଟ ପରେ ଇରାନ କଡ଼ା ପ୍ରତିକ୍ରିୟା ରଖିଛି । ଇରାନ ଉପବିଦେଶ ମନ୍ତ୍ରୀ କାଜେମ ଗରିବାବାଦି କହିଛନ୍ତି, ହୋର୍ମୁଜ ଷ୍ଟ୍ରେଟ୍‌କୁ ଆମେରିକାର ଅଂଶ ବୋଲି ଦାବି କରିବା କେବଳ ଏକ ଭୁଲଧାରଣା । ଟ୍ରମ୍ପ ଖୁବ୍‌ଶୀଘ୍ର ବୁଝିଯିବେ ଯେ ଏହି ସାମୁଦ୍ରିକ ରାସ୍ତାରେ ଆମେରିକାର କୌଣସି ଅଧିକାର ନାହିଁ । ଗତ ସପ୍ତାହରେ ମଧ୍ୟ ଟ୍ରମ୍ପ ଏଭଳି ଦାବି କରିଥିଲେ । ସେ କହିଥିଲେ, ଖୁବଶୀଘ୍ର ହୋର୍ମୁଜ ପ୍ରଭାଣୀକୁ ଆମେରିକାର ଏକ ଅଞ୍ଚଳ ଭାବେ ଘୋଷଣା କରାଯିବ । ଅନ୍ୟପକ୍ଷରେ, ଇରାନ ବାଚସ୍ପତି ମହମ୍ମଦ ବାଘେଇ କହିଛନ୍ତି, ଆମେରିକା ସହ ସ୍ୱାକ୍ଷରିତ ହୋଇଥିବା ୧୪ ଦଫା ବୁଝାମଣାପତ୍ର ଅନୁସାରେ ଇରାନର ସମସ୍ତ ସର୍ତ୍ତ ପୂରଣ ନ ହେବା ପର୍ଯ୍ୟନ୍ତ ହୋର୍ମୁଜ ପ୍ରଣାଳୀ ସାମୁଦ୍ରିକ ଯାତାୟତ ଲାଗି ବନ୍ଦ ରହିବ । ଇରାନ କହିଲା - ହୋର୍ମୁଜ ବନ୍ଦ ରହିବ- ଇରାନ ଏହି ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଉପରେ ନିଷେଧ ଜାରି ରଖିଛି । ଟ୍ରମ୍ପଙ୍କ ପୋଷ୍ଟର କିଛି ସମୟ ପରେ, ଇରାନର ଶୀର୍ଷ ଆଲୋଚନାକାରୀ ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ, ଆମେରିକା ତେହେରାନର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ହୋର୍ମୁଜ ପ୍ରଣାଳୀ ବନ୍ଦ ରହିବ । ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ଏକ ଭାଷଣରେ ଗାଲିବାଫ କହିଛନ୍ତି, 'ମୁଁ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ ବୁଝାମଣାପତ୍ରରେ ଆମେରିକା ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ହୋର୍ମୁଜ ପ୍ରଣାଳୀ ଖୋଲାଯିବ ନାହିଁ। ' ସେ ଆହୁରି କହିଛନ୍ତି, ଇରାନ ଅବରୋଧ ହଟାଇବା, ତୈଳ କଟକଣା ଉଠାଇବା ଏବଂ ବିଦେଶରେ ରଖାଯାଇଥିବା ଇରାନୀ ସମ୍ପତ୍ତି ମୁକ୍ତ କରିବା ପାଇଁ ଦାବି କରୁଛି । ଜୁନ୍ ମାସରେ ହୋଇଥିବା ଆମେରିକା-ଇରାନ ଯୁଦ୍ଧବିରତିରେ ଏହି ଦାବିଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା, କିନ୍ତୁ ପରେ ଚୁକ୍ତି ଭାଙ୍ଗିଗଲା । ହୋର୍ମୁଜ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ମାର୍ଗ ମଧ୍ୟରୁ ଗୋଟିଏ । ଏହା ପାରସ୍ୟ ଉପସାଗରକୁ ଓମାନ ଉପସାଗର ଏବଂ ଆରବ ସାଗର ସହିତ ସଂଯୋଗ କରେ ।



# ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ



**ଯାଜପୁର (ଅମୃତ ମିଡିଆ):** ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ରୋ ଓ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ତରପଦା ଓ ଜୟନ୍ତରା ପଂଚାୟତ ର ବିଭିନ୍ନ ବନ୍ୟା ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ କଥାହୋଇଥିଲେ। ଉକ୍ତ ପରିଦର୍ଶନ ସମୟରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଦିବ୍ୟଭୂଷଣ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସିଡିପିଓ ଶାନ୍ତିଲତା ସେଠୀ ଉପସ୍ଥିତ ଥିଲେ ।

ଏହାସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍, ରନ୍ଧା ଖାଦ୍ୟର ମାନ ଓ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ କରିଥିଲେ। ଅପରାହ୍ନରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶିଶୁ ଓ ପରିବାରଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବନ୍ୟାପାଣିରୁ କୁଶାସନଙ୍କୁ ଉଦ୍ଧାର କଲେ ସାଇନି ଫାଉଣ୍ଡେସନ ଟ୍ରଷ୍ଟ ସଦସ୍ୟ

**ରାଜନଗର (ଅମୃତ ମିଡିଆ):** ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା ଆସିବା ଫଳରେ ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଂଚଳରରେ ଲୋକଙ୍କ ମନରେ ଭୟର ବାତାବାରଣ ଦେଖାଦେଇଛି । ସୋମବାର ବଳଭଦ୍ରପୁର ଗ୍ରାମର କୁଶାସନ ମହାନ୍ତି ଶ୍ରୀରାମପୁର ଗ୍ରାମରୁ ସନ୍ଧ୍ୟା ସମୟରେ ନିଜ ଗାଁକୁ ପାଣିରେ ପଶି ଆସିବା ବେଳେ ବନ୍ୟା ସ୍ରୋତରେ ଭାସି ଯାଇଥିଲେ । ଖବର ପାଇ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସାଇନି ଫାଉଣ୍ଡେସନ ଟ୍ରଷ୍ଟ ସଦସ୍ୟମାନେ ଭାସି ଯାଉଥିବା କୁଶାସନକୁ ଉଦ୍ଧାର କରି ନୂଆ ଜୀବନ ଦେଇଛନ୍ତି । ଯଦି ଦେଖିବା ଏକ ପ୍ରକାର ମରଣ ମୁହଁରୁ ଫେରି ଆସିଛନ୍ତି କୁଶାସନ ।

# ନକଲି ଜାତି ଓ ଜମିପଟ୍ଟା ପ୍ରମାଣପତ୍ର ମାମଲା ତଦନ୍ତ ଆରମ୍ଭ କଲା ଯୁଗ୍ମ କମିଟି



**ମହକାଳପଡା (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବୃଦ୍ଧି ପାଉଛି ନକଲି ଜାତି ଓ ଜମି ପଟ୍ଟା ପ୍ରମାଣପତ୍ର । କେତେଜଣ ମଧ୍ୟସ୍ଥ ସରକାରୀ ଅଧିକାରୀଙ୍କୁ ମୋଟାଅଙ୍କର ଅର୍ଥ ଦେଇ ପ୍ରମାଣପତ୍ର ହାସଲ କରୁଛନ୍ତି। ଜମିବାଡ଼ି କିଣାବିକା ସମୟରେ ସାଧାରଣ ବର୍ଗର ଜାତିରୁ ତଫସିଲ ଜାତିକୁ ଉଲ୍ଲେଖ କରି ପରବର୍ତ୍ତୀ ସମୟରେ ଜମିପଟ୍ଟା, ପ୍ରମାଣପତ୍ର ହାସଲ କରିଥିବା ବହୁ ନଜିର ରହିଛି। ନକଲି ଜାତି ପ୍ରମାଣପତ୍ର ବଳରେ କେତେଜଣ ଶିକ୍ଷକତା କରୁଥିବା ଅଭିଯୋଗ ହେଉଛି। ରାମନଗର ଅଞ୍ଚଳର ଏକ ବିତ୍ତଶାଳୀ ପରିବାର ନକଲି ଜାତି ପ୍ରମାଣପତ୍ର ହାସଲକରି ସରକାରୀ ଚାକିରି କରିଥିବା ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କୋର୍ଟରେ ଜଣେ ସୂଚନା ଅଧିକାର କର୍ମୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆୟର ଏକ ଯୁଗ୍ମ କମିଟି ଗଠନ କରିଛନ୍ତି। କେନ୍ଦ୍ରାପଡ଼ା ଏସ୍ ?ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ମହାକାଳପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗଠିତ କମିଟିରେ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଓ ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରା ମିଳିତଭାବେ ରାମନଗର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସୋମବାର ପହଞ୍ଚି ସମ୍ପୃକ୍ତ ବିତ୍ତଶାଳୀ ପରିବାର ଲୋକଙ୍କ ଜାତି ପ୍ରମାଣପତ୍ରର ରେକର୍ଡ ଯାଞ୍ଚ କରିଥିଲେ। ଏହିପରି ଅନେକ ପରିବାର ନକଲି ଜାତିଗତ ପ୍ରମାଣପତ୍ର ହାସଲ କରିଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ତହସିଲଦାର ଆଚାର୍ଯ୍ୟଙ୍କୁ ପଚାରିବାରେ ୮ ଜଣଙ୍କୁ ନୋଟିସ୍ ? ଜାରି ହୋଇଥିଲା। ସେଥିରୁ ଉପସ୍ଥିତ ଥିବା ୩ ଜଣଙ୍କ ରେକର୍ଡ ଯାଞ୍ଚ କରାଯାଇଥିଲା। ଜାତିଗତ ପ୍ରମାଣପତ୍ର ତଦନ୍ତ ପ୍ରଥମ ପର୍ଯ୍ୟାୟରେ ଅଛି। ଆଗାମୀ ଦିନରେ ଦ୍ୱିତୀୟ ପର୍ଯ୍ୟାୟ ନୋଟିସ କରାଯାଇ କାଉନ୍ସେଲିଂ ଓ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ତାମିଲନାଡୁରେ ୬ ଦାଦନ ଶ୍ରମିକ ଅଟକ ଅଭିଯୋଗ: ଉଦ୍ଧାର ପାଇଁ ନିବେଦନ



**ପାଟଣା (ଅମୃତ ମିଡିଆ):** କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଖଲିଆରୀପାଟ ନୂଆଗାଁ ଗ୍ରାମର ୬ଜଣ ଶ୍ରମିକ ତାମିଲନାଡୁର ଚେନ୍ନାଇସ୍ଥିତ ଏକ ଟାୟାର କାରଖାନାରେ ଦାଦନ ଖଟିବାକୁ ଯାଇ ପ୍ରାୟ ଅଢ଼େଇ ମାସ ହେବ ଅଟକି ରହିଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ରାତିରେ ଶ୍ରମିକଙ୍କ ପରିବାର ପକ୍ଷରୁ ପାଟଣା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପରିବାର ସଦସ୍ୟଙ୍କ ସହ ପାଟଣା ଭାଜପାର ଏକ ପ୍ରତିନିଧି ଦଳ ଥାନାରେ ପହଞ୍ଚି ଅଟକ ଥିବା ଶ୍ରମିକଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ପୁଲିସକୁ ଅବଗତ କରିଛନ୍ତି।

ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରିତୁ ହୋ (୩୦), ଲକ୍ଷ୍ମୀ ମୁଣ୍ଡା (୧୨), ଲକ୍ଷ୍ମୀଧର ମୁଣ୍ଡା (୧୬), ଶ୍ୟାମସୁନ୍ଦର ହୋ, ମଙ୍ଗଲୁ ହୋ (୨୧) ଓ ଚନ୍ଦ୍ରୁ ହୋଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲ ତାମିଲନାଡୁର ଏକ କମ୍ପାନୀରେ କାମ ଯୋଗାଇଦେବାକୁ କହି ସାଙ୍ଗରେ ନେଇଥିବା ଅଭିଯୋଗ ହୋଇଛି।

ସେଠାରେ ପ୍ରାୟ ଅଢ଼େଇ ମାସ କାମ କରିବା ପରେ ଶ୍ରମିକମାନେ ଘରକୁ ଫେରିବାକୁ ଚାହିଁଥିଲେ। ହେଲେ କମ୍ପାନୀ ମାଲିକ ଓ ଦଲାଲ ସେମାନଙ୍କୁ ଘରକୁ ଫେରିବାକୁ ଦେଉ ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି ସେମାନଙ୍କୁ ଅଟକ ରଖି ବଳପୂର୍ବକ କାମ କରାଯାଉଥିବା, ଠିକ୍ ଭାବେ ଖାଦ୍ୟ ଦିଆଯାଉ ନ ଥିବା ଏବଂ ଶାରୀରିକ ନିର୍ଯାତନା ଦିଆଯାଉଥିବା ନେଇ ପରିବାର ଅଭିଯୋଗ କରିଛନ୍ତି। ଅଟକ ଥିବା ଶ୍ରମିକମାନଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ଉଦ୍ଧାର କରି ଘରକୁ ଫେରାଇ ଆଣିବା ସହ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ପରିବାର ପକ୍ଷରୁ ଦାବି କରାଯାଇ।

ପରିବାର ଲୋକଙ୍କ ସହ ଭାଜପା ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, କେନ୍ଦୁଝର ଏମ୍‌ପିଙ୍କ ଥାନା ପ୍ରତିନିଧି ଯୁଧିଷ୍ଠିର ମହାନ୍ତ, ପାଟଣା ମଣ୍ଡଳ ସାଧାରଣ ସମ୍ପାଦକ ମଧୁସୂଦନ ମହାନ୍ତ, ଜିଲା ସଂଖ୍ୟାଲଘୁ ସମ୍ପ୍ରଦାୟ ଉପସଭାପତି ମନ୍‌ସୂର ଆଲମ। ଏନେଇ ପାଟଣା ଥାନା ଅଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି, କମ୍ପାନୀ ମାଲିକ କହିଛନ୍ତି ଆଗାମୀ ୩ ତାରିଖ ଭିତରେ ଶ୍ରମିକଙ୍କ ଆଣି ଘରେ ଛାଡ଼ିବେ।

## ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ: ଅଭିଯୁକ୍ତ ଗିରଫ

# ବହୁ ଜାଲିଆତି ସାମଗ୍ରୀ ଜବତ



**ଛତ୍ରପୁର (ଅମୃତ ମିଡିଆ):** ବେକାର ଯୁବକ-ଯୁବତୀଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ଏକ ଜାଲିଆତି ଚକ୍ରର ପର୍ଦ୍ଦାଫାସ କରିଛି ଗଞ୍ଜାମ ପୋଲିସ। ଚାକିରି ଦେବା ନାଁରେ ଜଣେ ଯୁବକଙ୍କଠାରୁ ୫୦ ହଜାର ଟଙ୍କା ଠକେଇ ମାମଲାରେ ଛତ୍ରପୁର ଥାନା ପୋଲିସ ଭଦ୍ରକ ଜିଲା ଧୁସୁରୀ ଅଞ୍ଚଳର ପଞ୍ଚାନନ ପଣ୍ଡା (୪୨)ଙ୍କୁ ଗିରଫ କରିଛି। ମଙ୍ଗଳବାର ଛତ୍ରପୁରଠାରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଥମେ ଏକ ନକଲି ନିଯୁକ୍ତି ସଂସ୍ଥା ଗଠନ କରି ଜାଲ ପରିଚୟପତ୍ର ପ୍ରସ୍ତୁତ କରୁଥିଲେ। ପରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାର ନିଯୁକ୍ତି ବିଜ୍ଞାପନକୁ ଅପବ୍ୟବହାର କରି ଚାକିରି ଆଶାୟୀମାନଙ୍କୁ ଯୋଗାଯୋଗ କରିବାକୁ ପ୍ରଲୋଭିତ କରୁଥିଲେ। ନିଜକୁ ସଂସ୍ଥାର ମୁଖ୍ୟ ଭାବେ ପରିଚୟ ଦେଇ ମୋବାଇଲ୍ ଫୋନ୍ ଜରିଆରେ ବିଶ୍ୱାସ ଜିତିବା ପରେ ଚାକିରି ଯୋଗାଇଦେବା ନାଁରେ ଟଙ୍କା ଆଦାୟ କରୁଥିଲେ। ଟଙ୍କା ହାତେଇବା ପରେ ମୋବାଇଲ୍ ନମ୍ବର ବନ୍ଦ କରି ଓ ଠିକଣା ବଦଳାଇ ଫେରାର ହୋଇଯାଉଥିଲେ।

ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଏଭଳି ଭାବେ ବହୁ ବେକାର ଯୁବକ-ଯୁବତୀଙ୍କଠାରୁ ୫୦ ଲକ୍ଷ ଟଙ୍କାରୁ ଅଧିକ ଠକେଇ କରିଛନ୍ତି। ୬୧ ଜଣଙ୍କୁ ଜାଲ ନିଯୁକ୍ତିପତ୍ର ଦେଇଥିବା ବେଳେ ଆହୁରି ୨୬ରୁ ଅଧିକ ଜଣଙ୍କ ପାଇଁ ଜାଲ ନିଯୁକ୍ତିପତ୍ର ପ୍ରସ୍ତୁତ କରି ରଖିଥିଲେ। ଅଭିଯୁକ୍ତ ଆକାଉଣ୍ଟ ପେ, ଫୋନ୍‌ପେ ଓ ପେଟିଏମ୍ ମାଧ୍ୟମରେ ଟଙ୍କା ଆଦାୟ କରୁଥିବା ପୁଲିସ କହିଛି।

ଏହି ଠକେଇର ଶିକାର ହୋଇଥିବା ଛତ୍ରପୁର ଥାନା ଅନ୍ତର୍ଗତ ରାମଲକ୍ଷ୍ମୀ ନଗରର ଦେବୀପ୍ରସାଦ ଦାଶ (୨୩) ଏକ ଖବରକାଗଜରେ ପ୍ରକାଶିତ ବ୍ୟାଙ୍କ ନିଯୁକ୍ତି ବିଜ୍ଞାପନ ଦେଖି ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ। ପଞ୍ଚାନନ ପଣ୍ଡା ତାଙ୍କୁ ଏସ୍‌ବିଆଇରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ୟୁନିଫର୍ମ, ସିକ୍ୟୁରିଟି ଡିପୋଜିଟ୍ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପର୍ଯ୍ୟାୟକ୍ରମେ ୫୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଚାକିରି ନଦେଇ ପୁଣି ଅଧିକ ଟଙ୍କା ଦାବି କରିଥିଲେ। ସନ୍ଦେହ ହେବାରୁ ଦେବୀପ୍ରସାଦ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ମୋବାଇଲ୍ ନମ୍ବର ବନ୍ଦ ଥିବା ଜାଣିବାକୁ ପାଇଥିଲେ। ପରେ ସେ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ଆଧାରରେ ଛତ୍ରପୁର ଥାନା କେସ୍ ନଂ-୩୯୪, ତାରିଖ ୨୮.୦୬.୨୦୨୫ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୁଲିସ ଭୁବନେଶ୍ୱରରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୪ଟି ମୋବାଇଲ୍ ଫୋନ୍, ୨୬ଟି ଖାଲି ନିଯୁକ୍ତିପତ୍ର, ୬୧ଟି ଜାଲ ନିଯୁକ୍ତିପତ୍ର, ୨୫ଟି ଜାଲ ପରିଚୟପତ୍ର, ୯ଟି ବିଜ୍ଞାପନ ଲେଟରପ୍ୟାଡ୍, ୬ଟି ବ୍ୟାଙ୍କ ପାସ୍‌ବୁକ୍, ୨ଟି ଏଟିଏମ୍ କାର୍ଡ, ଚାକିରି ପ୍ରାର୍ଥୀଙ୍କ ବାୟୋଡାଟା ଥିବା ନୋଟ୍ ?ବୁକ୍ ଓ ୮ଟି ପାସ୍ ?ପୋର୍ଟ ସାଇଜ୍ ଫଟୋ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରାୟ ୨ ବର୍ଷ ହେଲା ଏହି ଠକେଇ କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି। ତାଙ୍କ ନିକଟରୁ ୨ଟି ଜାଲ ପରିଚୟପତ୍ର ମଧ୍ୟ ଜବତ ହୋଇଛି। ଏହାସହ ଅଭିଯୁକ୍ତଙ୍କ ବିରୋଧରେ ଭଦ୍ରକ ଜିଲ୍ଲାର ଧୁସୁରୀ ଥାନାରେ ପୂର୍ବରୁ ମଧ୍ୟ ଠକେଇ ସମ୍ବନ୍ଧୀୟ ମାମଲା ରହିଛି। ଏହି ଜାଲିଆତି ଚକ୍ରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ କେତେ ଲୋକ ଏହାର ଶିକାର ହୋଇଛନ୍ତି, ସେନେଇ ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ପୁଣି ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ଶ୍ରୀ ବିଶି ସୂଚନା ଦେଇଛନ୍ତି। ଏହାସହ ଯେଉଁମାନେ ଏପରି ଠକେଇର ଶିକାର ହୋଇଛନ୍ତି, ସେମାନେ ନିର୍ଭୟରେ ପୁଲିସ ନିକଟରେ ଅଭିଯୋଗ କରିବାକୁ ଗଞ୍ଜାମ ଏସ୍ ?ପି ଆହ୍ୱାନ କରିଛନ୍ତି।

# ଧରାକୋଟରେ ତ୍ରିରଙ୍ଗା ଶୋଭାଯାତ୍ରା



**ଧରାକୋଟ (ଅମୃତ ମିଡିଆ):** ଧରାକୋଟରେ ତ୍ରିରଙ୍ଗା ଶୋଭାଯାତ୍ରାର ଅନ୍ତିମ ଦିନରେ ବଡ ଧୁମ ଧାମରେ ପାଳିତ ହୋଇଯାଇଛି । ଭାରତର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଭାରତବର୍ଷରେ ଏହି ଉତ୍ସବକୁ ଅଗଷ୍ଟ ୦୯ ତାରିଖ ଠାରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ବଡ ଧୁମଧାମରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଥିଲା । ଭାରତର ଜାତୀୟ ପତାକା ତଥା 'ତ୍ରିରଙ୍ଗା'ର ଇତିହାସ ଏବଂ ତ୍ରିରଙ୍ଗା ଯାତ୍ରାର କାହାଣୀ ଅତ୍ୟନ୍ତ ଗୌରବମୟ । ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିବା ପାଇଁ ତିରଙ୍ଗାର ଜନ୍ମ ହୋଇଥିଲା । ଓଡ଼ିଶା ସମେତ ସାରା ଦେଶରେ ପାଳିତ ହେଉଥିବା 'ହର୍ ଘର୍ ତିରଙ୍ଗା' ଏବଂ ତ୍ରିରଙ୍ଗା ଯାତ୍ରା ଆମର ସେହି ବୀର ସହୀଦମାନଙ୍କ ବଳିଦାନକୁ ମନେ ପକାଇଥାଏ । ଆମ ଦେଶର ଗୌରବ ତ୍ରିରଙ୍ଗା ପତାକାକୁ ସନମାନ ଜଣାଇ ଦେଶ ପ୍ରେମରେ ରଙ୍ଗେଇ ହୋଇ ଭାରତ ମାତାର ଜୟ ଜୟ କାର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରି ତ୍ରିରଙ୍ଗା ଯାତ୍ରା ରେ ଶତାଧିକ ଲୋକଙ୍କ ସାମିଲ ହେବ ସହ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ,,ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅଜିତ୍ ପଣ୍ଡା, ସାଂସଦ ପ୍ରତିନିଧି ମୁନା ପ୍ରଧାନ,ଜିଲ୍ଲା ଉପ ସଭାପତି ମିଲୁ ସ୍ୱାଇଁ, ସାଧାରଣ ସମ୍ପାଦକ ହୃଷି କେଶ ସାହୁ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ମୟ ରେଡ୍ଡୀ, ଜିଲ୍ଲା ଯୁବ ମୋର୍ଚ୍ଚା ପ୍ରଭାରୀ ଅନିଲ ତ୍ରିପାଠୀ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ କୁମାର ଆଲୋକ ଶତପଥୀ, ଜିଲ୍ଲା ଉପସଭାପତି ମନୋଜ ନାୟକ, ଜିଲ୍ଲା ଉସଭାପତି ଅନୀଲ ସ୍ୱାଇଁ , ଜିଲ୍ଲା ଉସଭାପତି ସପନ କୁମାର ଜେନା, ଜିଲ୍ଲା ସଂପାଦକ ନୀଳକାନ୍ତ ଭାଇ, ଜିଲ୍ଲା ସଂପାଦକ ଦେବାଶିଷ ମିଶ୍ର, କୃଷକ ମୋର୍ଚ୍ଚା ଉପସଭାପତି କାହ୍ନୁ ପ୍ରଧାନ, ମଣ୍ଡଳ ସଭାପତି ଜିତୁ ବିଷୋୟୀ, ଧରାକୋଟ ବ୍ଲକ୍ ର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା, ପ୍ରତାପ ଜେନା,ଅଚ୍ୟୁତ ଗୌଡ଼, ସମୀର ଗୌଡ଼, ଗଗନ ସ୍ୱାଇଁ, ବବିନା ଭାଇ, ଧରାକୋଟ ବ୍ଲକର ଅନେକ ଟାଣୁଆ କର୍ମୀଙ୍କ ମିଳିତ ପ୍ରୟାସରେ ତ୍ରିରଙ୍ଗା ପାଦ ଯାତ୍ରା ସଫଳ ହୋଇଥିବା ଦେଖିବାକୁ ମିଳିଛି ।

# ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ' ଶକ୍ତିଶ୍ରୀ ଏମାପଓ୍ୱର୍ ସେଲ୍'ର ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ନିର୍ଦ୍ଦେଶକ୍ରମେ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ଼ ଦିଲ୍ଲୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆଜି ୧୯/୦୮/୨୬ ରେ +୩ ମାନଙ୍କ ପାଇଁ ଆରମ୍ଭ ହୋଇଥିବାବେଳେ ଏହା ଅଗଷ୍ଟ ୨୫ ପର୍ଯ୍ୟନ୍ତ ଚାଲୁରହିବ । ଶକ୍ତିଶ୍ରୀ ସଶକ୍ତି କେନ୍ଦ୍ରର ସଂଯୋଜିକା ଶ୍ରୀମତୀ ଜୟଲକ୍ଷ୍ମୀ ରଥ କାର୍ଯ୍ୟକ୍ରମ ଆଭିମୁଖ୍ୟ ବିଷୟରେ ଜଣାଇଥିଲେ, ଆଇ ସି ସି ଚେୟାରମେନ ଅଧାପିକା ସନ୍ଧ୍ୟା ରାଣୀ ପ୍ରଧାନ ଏବଂ ଅମୂଲ୍ୟ ଶତପଥୀ ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇଜଣ ମାଷ୍ଟର ଟ୍ରେନର ବର୍ଷା ରାଣୀ ସ୍ୱାଇଁ ଏବଂ ଜୟନ୍ତୀ ପ୍ରଧାନ ଯୋଗ ନେଇ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରତିରକ୍ଷା ଓ ସୁରକ୍ଷା ଗୁଡ଼ିକ ସମ୍ପର୍କରେ ଜଣାଇଥିଲେ ।

# ଦେଢ଼ କୋଟି ଟଙ୍କାର ସାମଗ୍ରୀ ହେରଫେର ଅଭିଯୁକ୍ତ ଗିରଫ



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ବାଇପାସ୍ ରୋଡ୍‌ରେ ଥିବା 'ଗ୍ଲୋବାଲ୍ ଏଣ୍ଟରପ୍ରାଇଜେସ୍' କାରଖାନାରୁ ପ୍ରାୟ ଦେଢ଼ କୋଟି ଟଙ୍କାର ସାମଗ୍ରୀ ହେରଫେର ଓ ଠକେଇ କରିବା ଏବଂ ଉକ୍ତ କାରଖାନାର ମାଲିକଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସକୁ ସଫଳତା। ଖବର ଅନୁଯାୟୀ ଉକ୍ତ କାରଖାନାରେ କାମକରୁଥିବା ପୂର୍ବତନ କର୍ମଚାରୀ ସରୋଜ କୁମାର ସାହୁ (୩୨) ଦେଢ଼ କୋଟି ଟଙ୍କାର ଠକେଇ କରିବା ସହ ମାଲିକଙ୍କୁ ଧମକ ମଧ୍ୟ ଦେଇଥିଲେ । ଏହି ଘଟଣାରେ ବୈଦ୍ୟନାଥପୁର ପୋଲିସ ତଦନ୍ତ କରି ଆଜି ଅଭିଯୁକ୍ତ ସରୋଜ କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଘୋଡାହାଡ଼ ଡ୍ୟାମ୍ ଇକୋ ଟୁରିଜିମ ପ୍ରକଳ୍ପ ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କ ବଡ଼ ଘୋଷଣା



**ଦିଗପହଣ୍ଡି (ଅମୃତ ମିଡିଆ):** ଗଞ୍ଜାମ ଜିଲା ଦିଗପହଣ୍ଡି ନିକଟ ଘୋଡାହାଡ଼ ଡ୍ୟାମ ପାର୍ଶ୍ୱରେ ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ପାର୍କ ଏବଂ ବନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଇକୋ ଟୁରିଜିମ ପ୍ରକଳ୍ପକୁ ବୁଲି ଦେଖିଲେ ଜିଲାପାଳ । ଏହାସହ କ୍ଷେତ୍ରସ୍ତରୀୟ ସମୀକ୍ଷା ମଧ କଲେ ଭି.କୀର୍ତ୍ତି ଭାସନ। ପ୍ରକଳ୍ପର ଅଧିକା ବିକାଶ କରାଯିବ । ତେଣୁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଗୁଣବତ୍ତା ଓ ସମୟୋଚିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଯତ୍ନବାନ ହେବାକୁ ସେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିନରେ ଏହା ପ୍ରଥମ ଇକୋ ଟୁରିଜିମ ପ୍ରକଳ୍ପ ହୋଇଥିବା ବେଳେ ଏହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଗବେଷଣାରେ ସହାୟକ ହେବ ବୋଲି ସେ କହିଥିଲେ।

ସେହିପରି ଏହି ଜଳ ଭଣ୍ଡାର କୁମ୍ଭୀରମାନଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ପ୍ରତି ବର୍ଷ ଶୀତ ଋତୁରେ ଏଠାକୁ ବହୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ । ଯାହା ଏହି ଜଳ ଭଣ୍ଡାରର ଶୋଭାକୁ ବୃଦ୍ଧି କରିଥାଏ । ତେଣୁ ପର୍ଯ୍ୟଟକଙ୍କ ବୁଲିବା ପାଇଁ ଏହା ଏକ ଉତ୍କୃଷ୍ଟ କ୍ଷେତ୍ର ପାଲଟିବ ବୋଲି ଜିଲାପାଳ ସୂଚନା ଦେଇଥିଲେ ।୪୫ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ କରାଯାଇଥିବା ୱାଚ୍ ଟାୱାରରେ ୪ ଟି ସୁଟ ରହିଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗକୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସେହିପରି ସାନଖେମୁଣ୍ଡି ବ୍ଲକ ପଟିଗୁଡ଼ା ପଞ୍ଚାୟତ ସାତଧାଙ୍ଗୁଡ଼ି ପର୍ବତରେ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ ଚାଲିଥିବା ପର୍ଯ୍ୟଟନ ବିଭବ, ଅତ୍ୟାଧୁନିକ ପାର୍କର ଉନ୍ନୟନ କାର୍ଯ୍ୟ ଏବଂ ତପ୍ତପାଣିରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ ।

ଜିଲାପାଳଙ୍କ ସହ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟର ସହକାରୀ ନିର୍ବାହୀଯନ୍ତ୍ରୀ ଇଂ.ଗଙ୍ଗାଧର ଦାସ, ସହକାରୀଯନ୍ତ୍ରୀ ଇଂ.କ୍ଷୀରୋଦ ବେହେରା, ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କ ସମେତ ଜିଲାର ପଦସ୍ଥ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଋଷିକୂଲ୍ୟା ନଦୀରୁ ଆର୍ମି ଡ୍ରେସ ପିନ୍ଧା ମହିଳାଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲା ତଥା ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ଗଙ୍ଗାଦେବୀ ମନ୍ଦିର ନିକଟସ୍ଥ ଋଷିକୂଲ୍ୟା ନଦୀରେ ବୁଧବାର ସକାଳେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଗଞ୍ଜାମ ଥାନାକୁ ଖବର ଦେଇଥିଲେ। ଖବର ପାଇ ଗଞ୍ଜାମ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ନଦୀରୁ ମୃତଦେହ ଉଦ୍ଧାର କରାଯାଇଥିଲା। ମହିଳା ଜଣକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ଆନୁମାନିକ ବୟସ ୩୦ ରୁ ୩୫ ହେବ ଏବଂ ମୃତ ମହିଳା ଆର୍ମି ଡ୍ରେସ ପିନ୍ଧିଥିବା ଦେଖିବାକୁ ମିଳିଛି। ମୃତ ମହିଳା ପିନ୍ଧିଥିବା ଡ୍ରେସ ଚିରି ଯାଇଥିବା ନେଇ ଆତ୍ମହତ୍ୟା ନା ହତ୍ୟା କରି ନଦୀକୁ କେହି ଦୁର୍ବୃତ୍ତ ଫିଙ୍ଗି ଦେଇଥିବା ସହରରେ ଆଲୋଚନା ହେଉଛି । ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲ ପଠାଇଛି ଗଞ୍ଜାମ ଥାନା ପୋଲିସ ।





## ବିଏସ କଲେଜର ୪୭ ତମ ପ୍ରତିଷ୍ଠା ଦିବସ ପାଳିତ

**ବଡ଼ଚଣା(ଅମୃତ ମିଡିଆ):** ଗୋଟିଏ ଶିକ୍ଷାନୁଷ୍ଠାନ ୪୭ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଚାରି ଦଶନ୍ଧିର ସଂଘର୍ଷ,ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା। ଆଜକୁ ୪୭ ବର୍ଷ ତଳେ ଯେଉଁ ବୁଦ୍ଧିଜିବୀ , ଶିକ୍ଷାବିତ୍,ସମାଜସେବୀ ଏକ ଉପାନ୍ତ ଅଞ୍ଚଳ ରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଦେଖିଥିବା ସ୍ୱପ୍ନ ଆଜି ସାକାର ହୋଇଛି। ସ୍ୱର୍ଗତ ବିଷ୍ଣୁ ଚରଣ ସାମନ୍ତରାୟ, କାମିନୀ କାନ୍ତ ପଟ୍ଟନାୟକ ,ହେମନ୍ତ ମହାନ୍ତିଙ୍କ ଚେଷ୍ଟା, ପ୍ରଚେଷ୍ଟା ନିଷ୍ଠା, ଯୋଗୁ ଆଜି ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ରେ ପରିଣତ ହୋଇଛି ବୋଲି ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆ ହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୭ ତମ ପ୍ରତିଷ୍ଠା ଦିବସରେ ମୂଖ୍ୟ ଅତିଥି ଭାବେ ଯୋଗଦେଇ ବଡଚଣା ବିଧାୟକ ଅମର ନାୟକ ମତବ୍ୟକ୍ତ କରିଛନ୍ତି।ମହାବିଦ୍ୟାଳୟର ଅଧକ୍ଷ ଡ଼ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ନାୟକ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ଛାତ୍ର ଛାତ୍ରୀ ମାନଙ୍କ ସାହାଯ୍ୟ ସହଯୋଗ କାମନା କରିବା ସହିତ ୫୦ ଲକ୍ଷ ଟଙ୍କା ବ୍ୟୟରେ ଖେଳ ପଡିଆର ଉନ୍ନତି, ଅତ୍ୟାଧୁନିକ ବିଜ୍ଞାନା ଗାର, ଅର୍ଦ୍ଧ ନିର୍ମିତ ପ୍ରଶାସନିକ ଗୃହର କାର୍ଯ ସାରିବା ସହିତ, ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ, ସାଇକେଲ ଷ୍ଟାଣ୍ଡ ନିର୍ମାଣ ସହିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲା।ଅଧ୍ୟାପିକା ଡ ଅମ୍ବିକା ତ୍ରୀପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳ ମହାବିଦ୍ୟାଳୟ ର ସଂକ୍ଷିପ୍ତ ଇତିହାସ ପ୍ରଦାନ କରିଥିଲେ।ଅଧ୍ୟାପକ ସଂଜିତ୍ କୁମାର ମହାନ୍ତି କଲେଜ୍ ର ବିଭିନ୍ନ ଦାବି ସଂପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଗଣିତ ଅଧ୍ୟାପକ ଡ ସଂଜିତ୍ କୁମାର ମହାନ୍ତି ଓ ଅଧ୍ୟାପକ ରଜନୀ ବଲ୍ଲଭ ଦାସ ଙ୍କ ଲିଖିତ ଗଣିତ ସମ୍ପର୍କିତ ପୁସ୍ତକକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏଥି ସହିତ +୨ଓ+୩ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗରେ ୨୦୨୫/୨୬ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର୍ ରଖି ଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ଶାନ୍ତନୁ କୁମାର ରାଉତରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ମହାବିଦୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବନ୍ତଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବନ୍ଦ : ଚିକିତ୍ସା ନପାଇ ଫେରିଲେ ରୋଗୀ

**ବଡ଼ଚଣା(ଅମୃତ ମିଡିଆ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବନ୍ତଲା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବନ୍ଦ ଥିବାରୁ ଆଖପାଖ ଅଞ୍ଚଳରୁ ଚିକିତ୍ସା ପାଇଁ ଆସିଥିବା ବହୁ ରୋଗୀ ନିରାଶ ହୋଇ ଫେରି ଯାଇଛନ୍ତି। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ମିଳିଥିବା ସୂଚନା ଅନୁଯାଇ ୧୦ ରୁ ଅଧିକ ଗ୍ରାମର ଲୋକ ମାନେ ଏହି ଆରୋଗ୍ୟ ମନ୍ଦିର ଉପରେ ନିର୍ଭର କରିଥାଆନ୍ତି। ଆଜି ୧୧ ଟା ସମୟରେ ମେଡ଼ିକାଲ ଆଗରେ ଲମ୍ୱା ଲାଇନ୍ ଲାଗିଥିବାର ଦେଖିବାକୁ ମିଳିଥିଲା । ମାତ୍ର ମେଡ଼ିକାଲର ମୁଖ୍ୟ ଗେଟ୍ ରେ ତାଲା ପଡିଥିବା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କର୍ମଚାରୀ କିମ୍ବା ଡାକ୍ତର କେହି ମଧ୍ୟ ଉପସ୍ଥିତ ନଥିଲେ।ଜଣେ ବୃଦ୍ଧା ରୋଗୀ କହିଥିଲେକି ଘରୁ ୫ କି.ମି କଷ୍ଟ କରି ଚାଲିକି ଆସିଲୁ। ଏଠି ଆସି ଦେଖୁଛୁ ମେଡ଼ିକାଲରେ ତାଲା ପଡ଼ିଛି । ଏବେ



କୁଆଡେ ଯିବୁ,ସେହିପରି ଅନ୍ୟ ରୋଗୀ ମାନେ ମଧ ଫେରିକି ଯିବାର ଦେଖିବାକୁ ମିଳିଥିଲା, ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ଗତ କିଛି ଦିନ ହେବ ଆରୋଗ୍ୟ ମନ୍ଦିର ଅନିୟମିତ ଭାବେ ଖୋଲୁଛି ଓ ବନ୍ଦ ହେଉଛି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଅନୁପସ୍ଥିତି ସାଧାରଣ କଥା ପାଲଟିଛି। ଏଥିପାଇଁ ଗରିବ ଲୋକେ ବାଧ ହୋଇ ଘରୋଇ କ୍ଲିନିକ୍ କିମ୍ବା ବଡ଼ଚଣା ଡାକ୍ତରଖାନାକୁ ଦୌଡୁ ଛନ୍ତି। ଯାହା ଫଳରେ ସେମାନଙ୍କର ଅତିରିକ୍ତ ଖର୍ଚ୍ଚ ଓ ହଇରାଣ ମଧ ହେଉଛନ୍ତି।ଏନେଇ ବନ୍ତଲା ସରପଞ୍ଚ ସମୀର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତିକି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲା ହେବା ପରେ ଲୋକେ ଉପକୃତ ହେଉଥିଲେ। କିନ୍ତୁ କର୍ମଚାରୀ ଅଭାବ ଓ ଅବ୍ୟବସ୍ଥା ଯୋଗୁଁ ଏବେ ଏହା ବନ୍ଦ ପଡୁଛି। ଆମେ ଏନେଇ ବିଡିଓ ଓ ସିଡିଏମ୍ଓଙ୍କୁ ଜଣାଇଛୁ।ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ ତୁରନ୍ତ ଆରୋଗ୍ୟ ମନ୍ଦିରକୁ ନିୟମିତ ଭାବେ ଖୋଲିବା ସହ ପର୍ଯ୍ୟାପ୍ତ ଡାକ୍ତର ଓ ଔଷଧ ଯୋଗାଇ ଦିଆଯାଉ। ନଚେତ୍ ସେମାନେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ପଡୋଶୀଙ୍କର ବିପଦ ଆପଦରେ

## ସହାୟତା ହାତ ବଢାଇବା ପ୍ରତ୍ୟେକ ସତ୍ସଙ୍ଗୀର ପ୍ରଧାନକାର୍ଯ୍ୟ



**ରଘୁନାଥପୁର(ଅମୃତ ମିଡିଆ):** ପଡୋଶୀ ଲୋକ ମାନଙ୍କର ବିପଦ ଆପଦ ରେ ସହାୟତାର ସହାୟତାର ହାତ ବଢାଇବା ପ୍ରତ୍ୟେକ ସତ୍ ସଙ୍ଗୀ ମାନଙ୍କର ପ୍ରଧାନ କାର୍ଯ୍ୟ ବୋଲି ଚାନ୍ଦପୁର ସତସଙ୍ଗ ଉପଯୋଜନା କେନ୍ଦ୍ର ରେ ଭାଦ୍ର ପରିକ୍ରମାର ଶୁଭାରମ୍ଭ ସତସଙ୍ଗରେ ମାନସ ପ୍ରଫେସର ଶରତ କୁମାର ରାଉତ ରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏହା କହିଥିଲେ । ଏଥିରେ ଜଗତସିଂହପୁର ସତସଙ୍ଗ ବିହାରର ସହ ପ୍ରତି ରିତିକ୍ ଘନଶ୍ୟାମ ସ୍ୱାଇଁ ପୌରୋହିତ୍ୟ କରି ପ୍ରତ୍ୟେକ ସତ୍ ସଙ୍ଗୀ ମାନେ ଦୀକ୍ଷାପତ୍ର କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏହି ସତସଙ୍ଗ ରେ ସହ ପ୍ରତି ରିତିକ୍ ବୀରେନ୍ ରାଉତ, ଯାଯକ ନିର୍ମଳ କୁମାର ଜେନା, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ନାୟକ, ମନୋରଞ୍ଜନ ସିଂହ ପ୍ରମୁଖ ଯୋଗ ଦେଇ ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀ ଉପରେ ଆଲୋଚନା କରିଥିଲେ । ଏଥିରେ ବିମଳ କୁମାର ସାସମଲ, ରମେଶ ଚନ୍ଦ୍ର ମହାନ୍ତି, ରବିନ୍ଦ୍ର କୁମାର ସାହୁ,ଆଦର୍ଶ ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ,ପୂଜକ ସାରଦା ପ୍ରସନ୍ନ ପଣ୍ଡା,ଅଶୋକ କୁମାର ଦାସ, ସୋମନାଥ ଭୋଇ,ପୂର୍ଣ୍ଣଶସି ରାଉତ, ମନୋଜ କୁମାର ମିଶ୍ର, ଅଜୟ କୁମାର ତ୍ରିପାଠୀ, ବସନ୍ତ କୁମାର ବେହେରା,ଅପତି ବାରିକ, ଅମର ଜେନା ପ୍ରମୁଖ ଯୋଗ ଦେଇ କୋରସ୍, କୀର୍ତ୍ତନ ଓ ଶ୍ରୀ ଶ୍ରୀ ଠାକୁରଙ୍କ ଗ୍ରନ୍ଥ ପାଠ କରିବା ସହିତ ଦୀକ୍ଷାପତ୍ର କାର୍ଯ୍ୟ କରିଥିଲେ । ଏହି ସତସଙ୍ଗ କୁ କବି ସୂର୍ଯ୍ୟ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ଅଜୟ କୁମାର ସ୍ୱାଇଁ, ଅଭୟ କୁମାର ସ୍ୱାଇଁ, ଓ ଅଞ୍ଜନା ସ୍ୱାଇଁ ତାଙ୍କ ମା' ରଶ୍ମି ରାଣୀ ସ୍ୱାଇଁ ଙ୍କର ୧୮ ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ପ୍ରଦାନ କରିଥିଲେ।

### ଭରଦ୍ୱାଜ ବହୁମୁଖୀ ପ୍ରତିଷ୍ଠାନ ପକ୍ଷରୁ

## ବର୍ଷାଋତୁ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର(ଅମୃତ ମିଡିଆ):** ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନିଆ ରୋଗ ସଚେତନକ୍ଷ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ବର୍ଷାରେ ଭିଜିଲେ ଅଶୁଦ୍ଧ ଜଳ ପାନ କଲେ ଥଣ୍ଡା, ସର୍ଦ୍ଦି, ଆକ୍ଷି ଧାରା, କୃମି ଆଦି



ରୋଗ ହେବ। ମାଛି ବସା ଖାଦ୍ୟ ଓ ଗୋଳିଆ ପାଣି ପିଇଲେ, ଅତିସାର, ପ୍ରବାହିକା, ଟାଇଫୋଏଡ ରୋଗ ହେବ। ମଶା କାମୁଡ଼ିଲେ ଶ୍ଲୀପଦ, ମ୍ୟାଲେରିଆ,ଡେଙ୍ଗୁ ଆଦି ମଶା ଜନ୍ୟ ରୋଗ ହେବ।ଅନ୍ଧାରରେ ବୁଲିଲେ ବିଛା, ସର୍ପ କାମୁଡ଼ିବେ ଏଥିରୁ ରକ୍ଷା ପାଇବା ପାଇଁ ଏହି ସବୁ କାରଣ ଠାରୁ ଦୁରେଇ ରୁହନ୍ତୁ , ଗରମ ପାଣି ଓ ଖାଦ୍ୟ ଖାଆନ୍ତୁ, ସୋରିଷ ତେଲ ଦେହ ଓ ଆଙ୍ଗୁଠି ସନ୍ଧିରେ ଲଗାନ୍ତୁ ।ଅଦା, ତୁଲସୀ,ରସୁଣ,କଳାଜିରା ଓ ଗୁଳୁଚି ରସ ସେବନ କରନ୍ତୁ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା ।ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।

### ପାରାଦୀପ ପୋର୍ଟ ବଣିକ ସଙ୍ଘ ବୈଠକ

## ବହିଷ୍କୃତ ତଥା ଅସାମାଜିକ ବ୍ୟକ୍ତିଙ୍କ ବିଶୃଙ୍ଖଳାକୁ ନେଇ ଥାନାରେ ମାମଲା

**ପାରାଦୀପ(ଅମୃତ ମିଡିଆ):** ପାରାଦୀପ ର ବଡ଼ପଡ଼ିଆ ସ୍ଥିତ ପାରାଦୀପ ପୋର୍ଟ ବଣିକ ସଙ୍ଘ ପରିସରରେ ପ୍ରତିବର୍ଷ ପରି ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ସହ ଦିନ ୧୦ ଟାରେ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ବଣିକ ସଙ୍ଘର ବହିସ୍କୃତ ଓ ଅସାମାଜିକ ବ୍ୟକ୍ତି ବଜରଙ୍ଗ ସ୍ୱାଇଁ, ପ୍ରଶାନ୍ତ ପରିଡା, ସୁଜୟ ସାହୁ, ଯୁଧିଷ୍ଠିର ଲେଙ୍କା ଶୁଭେନ୍ଦୁ ଗୋଛାୟତ, ରାଜେନ୍ଦ୍ର ବଳ, ଅୟସକାନ୍ତ ସାମଲ ପ୍ରମୁଖ ସେଠାରେ ପହଞ୍ଚି ଜାତୀୟ ପତାକା କୁ ଅସମ୍ମାନ କରି ସଭାରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଗଣ୍ଡଗୋଳ ସୃଷ୍ଟି କରିଥିବା ନେଇ ସଙ୍ଘ ପକ୍ଷରୁ ଅଭିଯୋଗ କରାଯାଇ ପାରାଦୀପ ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଛି । ଏ ସମ୍ପର୍କରେ ରବିବାର ଦିନ ବଡ଼ପଡ଼ିଆ ସ୍ଥିତ




ବଣିକ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଅମୀୟ କୁମାର ପାଣି, ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ, ସହ ସମ୍ପାଦକ ଶକ୍ତିକାନ୍ତ ଦାସ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ନାୟକ, ଉପ ସଭାପତି ପ୍ରୀତି ରଞ୍ଜନ ମହାପାତ୍ର, ତାପସ ପରିଜା ଓ ପ୍ରକାଶ ନାୟକ, କୋଷାଧ୍ୟକ୍ଷ ସୋମନାଥ ଖୁଣ୍ଟିଆ, ସହ କୋଷାଧ୍ୟକ୍ଷ ସତ୍ୟବ୍ରତ ନାୟକ ଉପସ୍ଥିତ ରହି ସଙ୍ଘ ପରିସରରେ ଅସାମାଜିକଙ୍କ ଦ୍ୱାରା ଘଟିଥିବା ବିଶୃଙ୍ଖଳା ଘଟଣାର ଦୃଢ଼ ନିନ୍ଦା କରିବା ସହ ଦୋଷୀ ମାନଙ୍କ ଉପରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ। ବଣିକ ସଂଘର କାର୍ଯ୍ୟକର୍ତ୍ତା ମାନେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ୨୦୦୮ ମସିହାରୁ ୨୦୨୪ ମସିହା ଦୀର୍ଘ ୧୭ ବର୍ଷ ଧରି ସନ୍ତୋଷ ପଟ୍ଟନାୟକ ଜୋରଜବରଦସ୍ତ ପାରାଦୀପ ପୋର୍ଟ ବଣିକ ସଂଘର ସଭାପତି ରହିଥିଲେ। ତେବେ ତାଙ୍କ ସମୟରେ ସଂଘର କୌଣସି ବୈଠକ କିମ୍ବା ଆୟ ବ୍ୟୟ ର ହିସାବ କରାଯାଉନଥିଲା ଏବଂ ବ୍ୟବସାୟୀ ମାନେ ଭୟଭୀତ ଅବସ୍ଥାରେ ରହୁଥିଲେ । ଅନ୍ୟପକ୍ଷରେ ସନ୍ତୋଷ ଦୀର୍ଘ ୧୭ବର୍ଷ ସଙ୍ଘ ର ସଭାପତି ରହି ୮ଲକ୍ଷ ଟଙ୍କା ନିଅଣ୍ଟ କରି ବିଦା ହୋଇଥିଲେ। ତେବେ ଗତ ୨ବର୍ଷ ରହି ଥରେ ମାଆଙ୍କ ଦୁର୍ଗାପୂଜା, ୨ଥର ମାଆଙ୍କ ପ୍ରତିଷ୍ଠା ଦିବସ କରି ଏବଂ ପାରାଦ୍ୱିପ ଅଥରିଟି ଦ୍ୱାରା ବମ୍ବେ କୋର୍ଟ ରେ ହୋଇଥିବା ମାମଲାକୁ ସଙ୍ଘ ଲଢ଼ି କିପରି ଭାବରେ କର୍ମକର୍ତ୍ତା ଟଙ୍କା ଖାଇଗଲେ ବୋଲି କୋଷାଧ୍ୟକ୍ଷ ଶମ୍ଭୁନାଥ ଖୁଣ୍ଟିଆ ପାଲଟା ଅଭିଯୋଗ କରିଛନ୍ତି। ଶେଷରେ ସନ୍ତୋଷଙ୍କ ବିରୁଦ୍ଧରେ ବ୍ୟବସାୟୀ ମାନେ ଏକତ୍ରିତ ହୋଇ ତାଙ୍କୁ ସଂଘରୁ ବିତାଡିତ କରି ୧୫ ଅଗଷ୍ଟ ୨୦୨୪ ମସିହାରେ କ୍ଷୀରୋଦ କୁମାର ସ୍ୱାଇଁ ଙ୍କୁ ବଣିକ ସଂଘର ନୂତନ ସଭାପତି ଭାବେ ନିର୍ବାଚିତ କରିଥିଲେ।

## *ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

### ରଣକ୍ଷେତ୍ର ...

ବସ୍ ଆଉ ସେହି ରାସ୍ତା ଦେଇ ଯାଉଥିବା ଅନ୍ୟାନ୍ୟ ଗାଡ଼ି। ଏହାରି ଭିତରେ ମାଷ୍ଟର କ୍ୟାଣ୍ଟିନ୍ ଛକକୁ ଏକ ପ୍ରକାର ନିଜ ଅକ୍ତିଆରକୁ ନେଇ ସାରିଥିଲେ ଅନଲାଇନ୍ ଡ୍ରାଇଭରମାନେ। କଥା ଏତିକିରେ ଅଟକି ନଥିଲା। ଛିଡ଼ା ହୋଇଥିବା ଏକ କାର୍ ଚାଳକଙ୍କୁ ମାଡ଼ ମାରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଫଳରେ ଉପୁଜିଥିଲା ଆଇନଶୃଙ୍ଖଳା ପରିସ୍ଥିତି। ଏହାପରେ ପୋଲିସ୍, ଆନ୍ଦୋଳନକାରୀ ଡ୍ରାଇଭରଙ୍କୁ ବୁଝାସୁଝା କରିଥିଲା। କିନ୍ତୁ ସେ ଭିତରେ କିଛି ଆନ୍ଦୋଳନକାରୀ ପୋଲିସ୍ ଉପରକୁ ଢେଲାପଥର ମାଡ଼ ସହ ସରକାରୀ ସଂପତ୍ତି ନଷ୍ଟ କରିବାରେ ଲାଗିପଡ଼ିଥିଲେ। ଚାହୁଁ ଚାହୁଁ ପୂରା ମାଷ୍ଟର କ୍ୟାଣ୍ଟିନ୍ ଛକ ପାଲଟି ଯାଇଥିଲା ରଣକ୍ଷେତ୍ର। ଆନ୍ଦୋଳନକାରୀଙ୍କୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ବେଳେ ପୋଲିସ୍ ସହ ଧସ୍ତାଧସ୍ତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏହା ଭିତରେ କିନ୍ତୁ ବଳି ପଡ଼ିଯାଇଥିଲେ ସାଧାରଣ ଯାତ୍ରୀ। ପରିସ୍ଥିତି ଅଣାୟତ ହେବାରୁ ଭୁବନେଶ୍ୱର ଡିସିପି ନିଜେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉତ୍ୟକ୍ତ ଡ୍ରାଇଭରମାନଙ୍କୁ ଘଉଡ଼ାଇବା ଲାଗି ପ୍ରଥମେ ପାଣିମାଡ଼, ତା ପରେ ଲାଠିମାଡ଼ କରିଥିଲା ପୋଲିସ୍। ଗୋଡ଼େଇ ଗୋଡ଼େଇ ପୋଲିସ୍ ହିସାଂକାରୀମାନଙ୍କୁ ଘଉଡାଇବା ସହ ସେମାନଙ୍କୁ ଦୋକାନ ବଜାରରେ ଖୋଜି ଖୋଜି ଗିରଫ କରିଥିଲା। ୮୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ପୋଲିସ୍ ଗିରଫ କରିଥିବା ଜଣାପଡିଛି। ଡ୍ରାଇଭରଙ୍କ ଆକ୍ରମଣରେ ୧୩ ଜଣ ପୋଲିସ୍ ଆହତ ହୋଇଛନ୍ତି। ଆନ୍ଦୋଳନକାରୀମାନେ ୧୪ଟି ଆମ ବସ୍ ଓ କେତେକ ପୋଲିସ୍ ଭ୍ୟାନ୍ ଭଂଗାରୁଜା କରିଛନ୍ତି। ରାସ୍ତାରେ ବେଆଇନ ଭାବେ ଛିଡା କରିଥିବା ଟ୍ୟାକ୍ସି, ଅଟୋକୁ ପୋଲିସ ଜବତ କରିବା ସହ ଟୋ ଗାଡି ଲଗାଇ ଭିଡି ନେଇଥିଲା। ପାଖାପାଖି ୧ ଘଣ୍ଟା କାଳ ପୋଲିସର ଆହ୍ୱନ ପରେ ଜନପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।ହୋଇଥିବା ଏକ କାର୍ ଚାଳକଙ୍କୁ ମାଡ଼ ମାରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଫଳରେ ଉପୁଜିଥିଲା ଆଇନଶୃଙ୍ଖଳା ପରିସ୍ଥିତି। ଏହାପରେ ପୋଲିସ୍, ଆନ୍ଦୋଳନକାରୀ ଡ୍ରାଇଭରଙ୍କୁ ବୁଝାସୁଝା କରିଥିଲା। କିନ୍ତୁ ସେ ଭିତରେ କିଛି ଆନ୍ଦୋଳନକାରୀ ପୋଲିସ୍ ଉପରକୁ ଢେଲାପଥର ମାଡ଼ ସହ ସରକାରୀ ସଂପତ୍ତି ନଷ୍ଟ କରିବାରେ ଲାଗିପଡ଼ିଥିଲେ। ଚାହୁଁ ଚାହୁଁ ପୂରା ମାଷ୍ଟର କ୍ୟାଣ୍ଟିନ୍ ଛକ ପାଲଟି ଯାଇଥିଲା ରଣକ୍ଷେତ୍ର। ଆନ୍ଦୋଳନକାରୀଙ୍କୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ବେଳେ ପୋଲିସ୍ ସହ ଧସ୍ତାଧସ୍ତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏହା ଭିତରେ କିନ୍ତୁ ବଳି ପଡ଼ିଯାଇଥିଲେ ସାଧାରଣ ଯାତ୍ରୀ। ପରିସ୍ଥିତି ଅଣାୟତ ହେବାରୁ ଭୁବନେଶ୍ୱର ଡିସିପି ନିଜେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉତ୍ୟକ୍ତ ଡ୍ରାଇଭରମାନଙ୍କୁ ଘଉଡ଼ାଇବା ଲାଗି ପ୍ରଥମେ ପାଣିମାଡ଼, ତା ପରେ ଲାଠିମାଡ଼ କରିଥିଲା ପୋଲିସ୍। ଗୋଡ଼େଇ ଗୋଡ଼େଇ ପୋଲିସ୍ ହିସାଂକାରୀମାନଙ୍କୁ ଘଉଡାଇବା ସହ ସେମାନଙ୍କୁ ଦୋକାନ ବଜାରରେ ଖୋଜି ଖୋଜି ଗିରଫ କରିଥିଲା। ୫୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ପୋଲିସ୍ ଗିରଫ କରିଥିବା ଜଣାପଡିଛି। ସେପଟେ ଡ୍ରାଇଭରଙ୍କ ଆକ୍ରମଣରେ ୧୩ ଜଣ ପୋଲିସ୍ ଆହତ ହୋଇଛନ୍ତି। ଆନ୍ଦୋଳନକାରୀମାନେ ୧୪ଟି ଆମ ବସ୍ ଓ କେତେକ ପୋଲିସ୍ ଭ୍ୟାନ୍ ଭଂଗାରୁଜା କରିଛନ୍ତି। ସେପଟେ ରାସ୍ତାରେ ବେଆଇନ ଭାବେ ଛିଡା କରିଥିବା ଟ୍ୟାକ୍ସି, ଅଟୋକୁ ପୋଲିସ ଜବତ କରିବା ସହ ଟୋ ଗାଡି ଲଗାଇ ଭିଡି ନେଇଥିଲା। ପାଖାପାଖି ୧ ଘଣ୍ଟା କାଳ ପୋଲିସର ଆହ୍ୱନ ପରେ ଜନପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆଜକୁ ୩ଦିନ ଧରି ଓଲା, ଉବର, ରାପିଡୋ ଭଳି କଂପାନୀର ଡ୍ରାଇଭରମାନେ ଆନ୍ଦୋଳନ କରିବା ସହ ସେମାନଙ୍କ ଦାବି ପୂରଣ କରିବା ପାଇଁ ଅଡି ବସିଛନ୍ତି। ଯା ଭିତରେ ପ୍ରମୁଖ ଦାବି ହେଲା- ଯାତ୍ରୀ ଭଡ଼ା ବୃଦ୍ଧି। ହେଲେ ସରକାର ଏହା ଉପରେ କୌଣସି ଆଲୋଚନା କରିନାହାନ୍ତି। ପରିବହନ ମନ୍ତ୍ରୀ କହିଛନ୍ତି, ଆନ୍ଦୋଳନ ପଛରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ରହିଛି। କେହି ତାଙ୍କୁ ଉସୁକାଇ ଏପରି କାଣ୍ଡ ଘଟାଇଛି। ସେପଟେ କ୍ୟାବ୍ ଡ୍ରାଇଭରଙ୍କ ମନମାନି ଭାଙ୍ଗିବାକୁ ସରକାର ନୂଆ ଗାଇଡ୍ ଲାଇନ୍ ଆଣିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ।

### ହକି ବିଶ୍ୱକପ :...

ଖାତା ଖୋଲିଥିଲେ। ମ୍ୟାଚ୍‌ରେ ମୋଟ ୪ଗ୍ରିନ କାର୍ଡ ଦିଆଯାଇଥିଲା। ଏଥିରେ ୨ଟି ଭାରତ ପାଇଁ ଥିଲା। ବାକି ୨ଟି ପାକିସ୍ତାନ ପାଇଁ ଥିଲା। ଗୋଟିଏ ହଳଦିଆ କାର୍ଡ ଭାରତର ଆଦିତ୍ୟ ଅର୍ଜୁନଙ୍କୁ ମିଳିଥିଲା। ଦୁଇଟି କ୍ୱାର୍ଟର ମ୍ୟାଚ୍ ଶେଷ ହେଲା ପରେ ଭାରତ ୪-୨ରେ ଅଗ୍ରଣୀଲାଭ କରିଥିଲା। ଏହି ସମୟରେ ପାକିସ୍ତାନକୁ ଭଲ ପ୍ରଦର୍ଶନ କରି ଗୋଲ୍ ମାରିବାର ଥିଲା। କିନ୍ତୁ ତୃତୀୟ କ୍ୱାର୍ଟରରେ ଦଳର ପ୍ରଭାବ ନିଷ୍କ୍ରିୟ ହୋଇଯାଇଥିଲା। ପାକିସ୍ତାନର ଖେଳାଳି କୌଣସି ଗୋଲ୍ ଦେଇପାରି ନଥିଲେ। କିନ୍ତୁ ଭାରତ ଏକ ଗୋଲ୍ ଦେଇ ହାର୍ଦ୍ଦିକ ସିଂହ ୩୫ମିନିଟରେ ପେନାଲ୍ଟି କର୍ଣ୍ଣରରେ ଗୋଲ୍ ମାରିଥିଲେ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଭାରତ ୫-୩ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ପାକିସ୍ତାନ ଗୋଟିଏ ଗୋଲ ଦେଇଥିଲା। ଶାହିଦ ହନ୍ନାନଙ୍କର ଉଦ୍ୟମରେ ଏହା ହୋଇପାରିଥିଲା। ସେ ୪୬ମିନିଟରେ ଗୋଲ୍ ମାରିଥିଲେ। କିନ୍ତୁ ସେତେବେଳକୁ ଦଳ ହାରି ସାରିଥିଲା।

### ଓଡ଼ିଶାକୁ ...

ପ୍ରକଳ୍ପ ବେଶ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ବୁଧବାର ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କାର ୪ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ହେଉଛି, ଖଡ଼ଗପୁର - ଭଦ୍ରକ (ରାଣୀତାଲ) ୪ର୍ଥ ଲାଇନ୍: ୧୭୩ କିମି (ପଶ୍ଚିମବଙ୍ଗ ଏବଂ ଓଡ଼ିଶା)। ଭଦ୍ରକ - ହରିଦାସପୁର ୪ର୍ଥ ଲାଇନ୍: ୭୫ କିମି, କଟକ - ପାରାଦୀପ (ବଡ଼ବନ୍ଧ): ୩ୟ ଏବଂ ୪ର୍ଥ ଲାଇନ୍ - ୭୨ କିମି (ଓଡ଼ିଶା) ଏବଂ ଗୁମ୍ମିଡିପୁଣ୍ଡି - ଗୁଡୁର ୩ୟ ଏବଂ ୪ର୍ଥ ଲାଇନ୍: ୯୦ କିମି (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ)। ଏହାଦ୍ୱାରା ଲାଇନ୍ କ୍ଷମତା ବୃଦ୍ଧି ପାଇବା ସହ ଯାତାୟତ ସୁଗମ ହେବ।ଭାରତୀୟ ରେଳବାଇର କାର୍ଯ୍ୟଦକ୍ଷତା ବଢ଼ିବ। ଏହି ମଲ୍ଟି-ଟ୍ରାକିଂ ପ୍ରକଳ୍ପଗୁଡ଼ିକ ରେଳ ଚଳାଚଳକୁ ସୁଗମ କରିବା ସହ ଭିଡ଼ କମାଇବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ନୂତନ ଭାରତ' ପରିକଳ୍ପନାକୁ ସାକାର କରିବ। ମଲ୍ଟି-ମୋଡାଲ୍ କନେକ୍ଟିଭିଟି ଏବଂ ଲଜିଷ୍ଟିକ୍ସ କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦେଇ 'ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍' ଆଧାରରେ ଏହି ପ୍ରକଳ୍ପଗୁଡ଼ିକର ଯୋଜନା କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଯାତ୍ରୀ ପରିବହନ, ପଣ୍ୟଦ୍ରବ୍ୟ ଏବଂ ସେବାର ନିରବଚ୍ଛିନ୍ନ ଚଳାଚଳ ପାଇଁ ସୁବିଧା ଯୋଗାଇଦେବ। ଅଶ୍ୱିନୀ କହିଲେ, ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ୮ଟି ଜିଲ୍ଲାକୁ ସାମିଲ କରୁଥିବା ଏହି ୪ଟି ପ୍ରକଳ୍ପ ପ୍ରାୟ ୬,୪୪୮ଟି ଗାଁର ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବ, ଯାହାର ଜନସଂଖ୍ୟା ପ୍ରାୟ ୬୦ ଲକ୍ଷ। ପ୍ରସ୍ତାବିତ ପ୍ରକଳ୍ପ କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସାରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିର, ଶାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତଗିରି (ବୌଦ୍ଧ ପୀଠ) ଆଦି ଦେଶର କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳକୁ ରେଳ ଯୋଗାଯୋଗରେ ସୁଧାର ଆଣିବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଓ ଇସ୍ପାତ, କଣ୍ଟେନର, ଅଟୋମୋବାଇଲ, ଖାଦ୍ୟଶସ୍ୟ ଭଳି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ରୁଟ୍ ଅଟେ। ଏହି କ୍ଷମତା ବୃଦ୍ଧି ଫଳରେ ବାର୍ଷିକ ୭୬ ମିଲିୟନ୍ ଟନ୍ ଅତିରିକ୍ତ ମାଲ ପରିବହନ ହୋଇପାରିବ। ରେଳବାଇ ପରିବେଶ ଅନୁକୂଳ ଏବଂ ଶକ୍ତି ସଂରକ୍ଷଣକାରୀ ପରିବହନ ମାଧ୍ୟମ ହୋଇଥିବାରୁ, ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ, ତୈଳ ଆମଦାନୀ (୧୩ କୋଟି ଲିଟର) କମାଇବ। ଅଙ୍ଗାରକାମ୍ଳ ନିର୍ଗମନ (୬୫ କୋଟି କିଗ୍ରା) ହ୍ରାସ କରିବାରେ ସାହାଯ୍ୟ କରିବ, ଯାହା ୨.୬୦ କୋଟି ଗଛ ଲଗାଇବା ସହିତ ସମାନ।

### ଏସ୍‌ସିବିରେ...

ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ସମୟରେ ବାଟିକା ପରିସର ମଧ୍ୟରେ ଚାଲିଥିବା ଏବଂ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ସମେତ ଅନ୍ୟାନ୍ୟ ଆଧାତ୍ମିକ ସଂରଚନାର ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାଟିକାର ପବିତ୍ରତା ଓ ପ୍ରାକୃତିକ ପରିବେଶକୁ ଅକ୍ଷୁଣ୍ଣ ରଖି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ କରିବାକୁ କୁହାଯାଇଛି। ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ସମୀକ୍ଷା ସମୟରେ ବାଟିକା ପରିସର ମଧ୍ୟରେ ଚାଲିଥିବା ଏବଂ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ସମେତ ଅନ୍ୟାନ୍ୟ ଆଧାତ୍ମିକ ସଂରଚନାର ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାଟିକାର ପବିତ୍ରତା ଓ ପ୍ରାକୃତିକ ପରିବେଶକୁ ଅକ୍ଷୁଣ୍ଣ ରଖି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ କରିବାକୁ କୁହାଯାଇଛି। ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ., ଅନୁପମ ଶାହା, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ କଟକ ମହାନଗର ନିଗମ କମିଶନର କିରନ୍‌ଦୀପ କୌର ସାହୋଟା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଫୁଲୁଛି ...

ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ ଲକ୍ଷ ୮୦ ହଜାର ୩୪୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୧୭ଟି ସ୍ଲୁଇସ୍ ଗେଟ୍ ଜରିଆରେ ୨ ଲକ୍ଷ ୪୬ ହଜାର ୬୬୩ ଘନଫୁଟ ଏବଂ ବାକିତକ୍ ବିଭିନ୍ନ କେନାଲ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲ ଓ ଶିଳ୍ପଭିତ୍ତିକ ବ୍ୟବହାର ଜଳ ନିଷ୍କାସିତ ହେଉଛି।

### ଦଳୀୟ ...

୧ ଲକ୍ଷ ୨୦ ହଜାର କୋଟି ବର୍ଷକୁ କ୍ଷତି ସହିବ ଓଡ଼ିଶା। ସୁପ୍ରିମକୋର୍ଟଙ୍କ କଥା ବି ମାନିଲେନି। ଡବଲ ଇଞ୍ଜିନ କହି ଓଡ଼ିଶାକୁ ଲୁଟୁଛନ୍ତି। ପାଠ୍ୟ ପୁସ୍ତକରେ ତ୍ରୁଟି କରି ସରକାର ଗୋଟେ ଜେନେରେସନକୁ ନଷ୍ଟ କରିଛନ୍ତି। ନବୀନ କହିଛନ୍ତି, ଓଡ଼ିଶାର ସ୍ୱାର୍ଥ ବାଧା ପାଇଲେ ଆମେ ଲଢ଼େଇ କରିବୁ। ଏଭଳି ସ୍ଥିତିକୁ ନେଇ ସରକାର ଆକ୍ରୋଶର ଶିକାର ହେଉଥିବା ବେଳେ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ୪୦୦...

ବାତିଲ ପାଇଁ ପରିବହନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିସହ ସମ୍ପୃକ୍ତ ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ବାତିଲ କରିବାକୁ ବିଚାର କରାଯାଉଛି । ଅନୁମତି ମିଳିଲେ ଡ୍ରାଇଭରମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର ସମରେନ୍ଦ୍ର ପଟ୍ଟନାୟକ ।




# ଦେବଦତ୍ତ ପାଡ୍ଡିକଲଙ୍କୁ ମିଳିଲା ପ୍ଲେୟାର ଅଫ୍ ଦି ମ୍ୟାଚ୍

**ନୂଆଦିଲ୍ଲୀ :** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଗଲ୍ ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଭାରତ ୧୬୫ ରନରେ ଜିତିଛି । ଏହି ବିଜୟରେ ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ଦେବଦତ୍ତ ପାଡିକ୍କଲଙ୍କ ମୁଖ୍ୟ ଭୂମିକା ରହିଥିଲା । ପାଡିକ୍କଲ ପ୍ରଥମ ଇନିଂସରେ ୧୬୭ ରନ୍ ଖେଳିଥିଲେ । ଦ୍ୱିତୀୟ ପାଳିରେ ୪୪ ରନ୍ କରିଥିଲେ । ଏହି ଦମଦାର ପ୍ରଦର୍ଶନ ପାଇଁ ଦେବଦତ୍ତ ପାଡ୍ଡିକଲଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ୍ ଆୱାର୍ଡ ମିଳିଛି । ପ୍ଲେୟର ଅଫ ଦ ମ୍ୟାଚର ଆୱାର୍ଡ଼ ଉଭୟ ପାଳିକୁ ମିଶାଇ ୨୦୦ରୁ ଅଧିକ ରନ୍ କରିଥିବା ଦେବଦତ୍ତ ପଡ଼ିକଲ୍ଲଙ୍କୁ ଦିଆଯାଇଛି । ପ୍ରଥମ ଇନିଂସରେ ୧୫ଚୌକା ଏବଂ ୧ ଛକା ବଳରେ ୧୬୭ ରନ୍ କରିଥିଲେ । ଦ୍ୱିତୀୟ ଇନିଂସରେ ୬ ଚୌକା ସାହାଯ୍ୟରେ ୪୪ରନ୍ ସ୍କୋର କରିଥିଲେ । ଦେବଦତ୍ତଙ୍କୁ ୧ଲକ୍ଷ ୯୨ ହଜାର ଟଙ୍କା ପୁରସ୍କାର ରାଶି ମିଳିଛି । ତେବେ ମାନବ ସୁଥାର ୧୦ଟି ୱିକେଟ ନେଇଥିବା ବେଳେ ତାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ୍ ଆୱାର୍ଡ ମିଳିନଥିବାରୁ ଫ୍ୟାନ୍ସ



ନିରାଶ ହୋଇଛନ୍ତି । ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିଲା ଭାରତ । ଦେବଦତ୍ତ ପାଡିକଲଙ୍କ ଜବରଦସ୍ତ ଶତକ ସହ କେଏଲ ରାହୁଲ ଏବଂ ରିଷଭ ପନ୍ତଙ୍କ ଇନିଂସ ବଳରେ ଦଳ ପ୍ରଥମ ଇନିଂସରେ ୪୬୨ ରନର ବିଶାଳ ସ୍କୋର କରିଥିଲା । ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୮୪ ରନରେ ଅଲଆଉଟ୍ ହୋଇଯାଇଥିଲା । ଶ୍ରୀଲଙ୍କା ପକ୍ଷରୁ ସୋନାଲ ଦିନୁଶା ଶତକୀୟ ପାଳି ଖେଳିଥିଲେ । ଭାରତୀୟ ବୋଲର ମାନବ ସୁତାର ୪ଟି ଏବଂ ରବୀନ୍ଦ୍ର ଜାଡେଜା ୩ ୱିକେଟ୍ ନେଇଥିଲେ । ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟରଙ୍କ ପ୍ରଦର୍ଶନ ଖାସ୍ ନଥିଲା । ଦଳ ମାତ୍ର ୧୯୩ ରନ୍ କରିପାରିଥିଲା । ଟିମ୍ ଇଣ୍ଡିଆ ଖେଳାଳି ରିଷଭ ପନ୍ତ ସର୍ବାଧିକ ୬୬ ରନ୍ କରିଥିଲେ । ଏହାସହ ଶ୍ରୀଲଙ୍କାକୁ ବିଜୟ ପାଇଁ ୩୭୨ ରନର ଟାର୍ଗେଟ୍ ମିଳିଥିଲା । ଯାହାକୁ ପିଛା କରି ଶ୍ରୀଲଙ୍କା ଟିମ୍ ୨୦୬ ରନ୍ କରିପାରିଥିଲା । ଫଳରେ ଭାରତ ୧୬୫ ରନରେ ବିଜୟ ପାଇଛି । ଶ୍ରୀଲଙ୍କା ପକ୍ଷରୁ ଦ୍ୱିତୀୟ ଇନିଂସରେ ଧନଞ୍ଜୟ ଡି ସିଲଭା ୫୯ ରନ୍ ଏବଂ ଦିନୁଶା ୮୪ ରନ୍ କରିଥିଲେ । ମାନବ ସୁଥାର ୧୦ଟି ୱିକେଟ ନେଇଛନ୍ତି ।

# ଭାରତ-ଶ୍ରୀଲଙ୍କା ଗଲ୍ ଟେଷ୍ଟ, ୧୬୫ ରନ୍‌ରେ ଜିତିଲା ଭାରତ

**ନୂଆଦିଲ୍ଲୀ :** ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ଟିମ ଇଣ୍ଡିଆର ବଡ଼ ବିଜୟ। ବର୍ଷା ଭିଜା ଗଲ୍ ଟେଷ୍ଟକୁ ଭାରତ ଶେଷରେ ଦିନରେ ୧୬୫ ରନରେ ଜିତି ନେଇଛି। ୩୭୨ ରନର ପିଛା କରୁଥିବା ଶ୍ରୀଲଙ୍କା କେବଳ ୨୦୬ ରନ କରିବାକୁ ସକ୍ଷମ ହୋଇଛି। ଭାରତ ପାଇଁ ମାନବ ସୂତାର ଦମ ଦେଖାଇବା ସହ ଦ୍ୱିତୀୟ ଇନିଂସରେ ନେଇଛନ୍ତି ୬ ୱିକେଟ। ସେହିପରି ସେ ପ୍ରଥମ ଇନିଂସରେ ମଧ୍ୟ ୪ ସଫଳତା ପାଇଥିଲେ। ଅର୍ଥାତ ସେ ମ୍ୟାଚ୍‌ରେ ୧୩୧ ରନ ଦେଇ ୧୦ ୱିକେଟ ପାଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ବଡ଼ ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲରେ ଭାରତକୁ ବଡ଼ ଫାଇଦା ମିଳିଛି। ଭାରତ ପୂର୍ବଭଳି ୫ମ ସ୍ଥାନରେ ରହିଥିଲେ ହେଁ ଦଳର ବିଜୟ ପ୍ରତିଶତ ପଏଣ୍ଟ ୪୮.୧୫ରୁ ବଢ଼ି ୫୩.୩୩ରେ ପହଞ୍ଚି ଯାଇଛି। ଶ୍ରୀଲଙ୍କା ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଏହାର ପିସିଟି ୩୩.୩୩ ରହିଛି। ଶ୍ରୀଲଙ୍କା ବିପକ୍ଷରେ ଭାରତ ବଡ଼ ବିଜୟ ହାସଲ



କରିଛି ସତ। କିନ୍ତୁ ଗତ ସପ୍ତାହରେ ବାଂଲାଦେଶ ଡରଓ୍ୱିନ ଟେଷ୍ଟରେ ଅଷ୍ଟ୍ରେଲିଆକୁ ଅପ୍ରତ୍ୟାଶିତ ଢଙ୍ଗରେ ହରାଇଥିବାରୁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନ ହାସଲ କରି ନେଇଛି। ବାଂଲାଦେଶର ବିଜୟ ପ୍ରତିଶତ ପଏଣ୍ଟ ୬୬.୬୭। ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ୧ ନମ୍ବର, ଦକ୍ଷିଣ ଆଫ୍ରିକା ୨ ନମ୍ବର ଓ ନ୍ୟୁଜିଲ୍ୟାଣ୍ଡ ପଏଣ୍ଟ ଟେବୁଲର ୩ ନମ୍ବରର ସ୍ଥାନରେ ଅଛି। ଭାରତ ଏବେ ୫ମ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ବିପକ୍ଷରେ ଦଳ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରୁ ଖେଳିବ। ଏହାପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ସାଇକେଲ୍‌ରେ ଦଳ ଆହୁରି ୭ଟି ମ୍ୟାଚ୍ ଖେଳିବାର ଅଛି। ଏଯାଏ ଭାରତ ୧୦ଟି ଟେଷ୍ଟରୁ ୪ଟି ହାରି ସାରିଥିବାରୁ ଶୁବମନ ଗିଲଙ୍କ ଭାରତ ପାଇଁ ବାକି ସମସ୍ତ ମ୍ୟାଚ କର ବା ମର ଭଳି ସଦୃଶ ହୋଇଛି। ଶ୍ରୀଲଙ୍କା ସିରିଜ ପରେ ଭାରତ ନଭେମ୍ବରରେ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରି ୨ଟି ଟେଷ୍ଟ ଖେଳିବ। ଏହାପରେ ଡବ୍ଲୁଟିସି ସାଇକେଲର ଶେଷ ସିରିଜରେ ଭାରତ ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ଭେଟିବ। ଦୁଇ ଦେଶ ମଧ୍ୟରେ ଆସନ୍ତା ବର୍ଷ ଆରମ୍ଭରୁ ୫ଟି ଟେଷ୍ଟ ଖେଳାଯିବ। ବାଂଲାଦେଶ ଯେହେତୁ ଅଷ୍ଟ୍ରେଲିଆକୁ ପ୍ରଥମ ଟେଷ୍ଟରେ ହରାଇ ଦେଇଛି, ତେଣୁ ଡବ୍ଲ୍ୟୁଟିସି ଫାଇନାଲ ଟିକେଟ ହାସଲ କରିବାକୁ ହେଲେ ଭାରତକୁ ବାକି ସମସ୍ତ ମ୍ୟାଚ୍ ଜିତିବାକୁ ପଡ଼ିବ। ବାକି ଥିବା ୮ଟି ଟେଷ୍ଟରୁ ଯଦି ଭାରତ ୭ଟି ଜିତି ପାରୁଛି, ତା'ହେଲେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଦଳର ବିଜୟ ପ୍ରତିଶତ ୬୮.୬୨ ହୋଇଯିବ। କିନ୍ତୁ ୬ଟି ବିଜୟ ଓ ୨ଟି ପରାଜୟ ଏହାକୁ ୬୨.୯୬କୁ ଖସାଇ ଦେବ।

## ଡିପିଏଲ୍‌ରେ ଅମ୍ପାୟାରଙ୍କ ମୁହଁରେ ବାଜିଲା ବଲ୍, ଆଇସିୟୁରେ ଭର୍ତ୍ତି

**ନୂଆଦିଲ୍ଲୀ :** ମ୍ୟାଚ ସମୟରେ ଅମ୍ପାୟରଙ୍କ ମୁହଁରେ ବଲ୍ ବାଜିବା ଯୋଗୁଁ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ଦିଲ୍ଲୀ ପ୍ରିମିୟର ଲିଗର ଇଷ୍ଟ ଦିଲ୍ଲୀ ରାଇଡର୍ସ ଏବଂ ନୂଆ ଦିଲ୍ଲୀ ଟାଇଗର୍ସ ମଧ୍ୟରେ ଖେଳାଯାଉଥିବା ମ୍ୟାଚରେ ହୋଇଛି । ଏହି ମ୍ୟାଚରେ ଅମ୍ପାୟର ଧର୍ମେଶ ଭାରଦ୍ୱାଜଙ୍କୁ ଆଘାତ ଲାଗିଛି । ତାଙ୍କୁ ବଲ୍ ବାଜିବାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଭିଡିଓରେ ଦେଖିବାକୁ ମିଳିଛି କି, ଅମ୍ପାୟର ବଲ୍ ବାଜିବାରୁ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ତାଙ୍କ ହାତରେ ସମୟ ବହୁତ କମ୍ ଥିବାରୁ ବଲ୍ ସିଧାସଳଖ ମୁହଁରେ ବାଜିଛି । ରନ ଚେଜ୍ ସମୟରେ ୧୮ ଓଭରରେ ବ୍ୟାଟର ସ୍ପିନର ମୀନାଙ୍କ ବଲକୁ ଷ୍ଟ୍ରେଟ୍ ସଟ୍ ମାରୁଥିଲେ । ଏହି ସମୟରେ ବଲ୍ ସିଧାସଳଖ ଯାଇ ଅମ୍ପାୟରଙ୍କ ମୁହଁରେ ବାଜିଥିଲା । ଅମ୍ପାୟରଙ୍କୁ ବଲ୍ ବାଜିବା ନେଇ୍ ବ୍ୟାଟର ଚିନ୍ତିତ ହୋଇପଡିଛନ୍ତି । ତାଙ୍କ ମୁହଁରେ ଜୋରରେ ଆଘାତ ଲାଗିବା ଯୋଗୁଁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି । ତେବେ ଦିଲ୍ଲୀ ପ୍ରିମିୟର ଲିଗ ତରଫରୁ ଅମ୍ପାୟରଙ୍କୁ ନେଇ ଏବେ ବି କୌଣସି ଅଫିସିଆଲ ସୂଚନା ସେୟାର କରାଯାଇନାହିଁ । ଏହି ମ୍ୟାଚରେ ଇଷ୍ଟ ଦିଲ୍ଲୀ ରାଇଡର୍ସ ନ୍ୟୁ ଦିଲ୍ଲୀ ଟାଇଗର୍ସକୁ ୩୬ ରନରେ ହରାଇଛି । କିନ୍ତୁ ମ୍ୟାଚ୍ ଜିତିବା ଉତ୍ସବ ଅମ୍ପାୟରଙ୍କ ଆଘାତ ଲାଗିବା ଯୋଗୁଁ ଫିକା ପଡିଛି । ରାଇଡର୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୯୨/୭ ରନ୍ କରିଥିଲା । ଯାହାକୁ ଲକ୍ଷ୍ୟ କରି ଟାଇଗର୍ସ ୧୫୬ ରନରେ ଅଲଆଉଟ୍ ହୋଇଯାଇଥିଲା ।

# ୧୦ ୱିକେଟ ନେଇ ଇତିହାସ ରଚିଲେ ମାନବ ସୁଥାର୍

**ନୂଆଦିଲ୍ଲୀ :** ଗାଲେ ଟେଷ୍ଟରେ ଭାରତ ଶ୍ରୀଲଙ୍କାକୁ ୧୬୫ ରନରେ ପରାସ୍ତ କରିଛି। ଚତୁର୍ଥ ଇନିଂସରେ ୩୭୨ ରନର ଟାର୍ଗେଟ ପିଛା କରି ଶ୍ରୀଲଙ୍କା କେବଳ ୨୦୬ ରନ କରିପାରିଥିଲା। ମାନବ ସୁଥାର ତାଙ୍କ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ୧୦ ୱିକେଟ ନେଇ ଇତିହାସ ରଚିଥିଲେ; ସେ କେବଳ ଦ୍ୱିତୀୟ ଇନିଂସରେ ଛଅ ୱିକେଟ ନେଇଥିଲେ। ଏହି ବିଜୟ ସହିତ, ଟିମ ଇଣ୍ଡିଆ ୨୦୧୫ରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷରେ ବିଜୟ ଧାରା ବଜାୟ ରଖିଛି। ଚତୁର୍ଥ ଦିନରେ, ଟିମ ଇଣ୍ଡିଆର ଦ୍ୱିତୀୟ ଇନିଂସ ମାତ୍ର ୧୯୩ ରନରେ ଫୋଲ୍ଡ ହୋଇଥିଲା; ତଥାପି, ପ୍ରଥମ



ଇନିଂସରୁ ୧୭୮ ରନର ବିଶାଳ ଅଗ୍ରଣୀ ଯୋଗୁ ସେମାନେ ଶ୍ରୀଲଙ୍କା ପାଇଁ ୩୭୨ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଗାଲେ ଭେନ୍ୟୁରେ ୩୪୨ ରନରୁ ବଡ଼ ଟାର୍ଗେଟ କେବେ ସଫଳତାର ସହ ପିଛା କରାଯାଇ ନଥିବାରୁ, ଶ୍ରୀଲଙ୍କାକୁ ଜିତିବା ପାଇଁ ଏକ ଚମତ୍କାର ଆବଶ୍ୟକ ଥିଲା – ଏକ ସଫଳତା ଯାହା ସେମାନେ ହାସଲ କରିପାରି ନଥିଲେ। ଏହା ଶ୍ରୀଲଙ୍କା ବିପକ୍ଷରେ ଭାରତର ଲଗାତାର ନବମ ଟେଷ୍ଟ ବିଜୟ। ଶ୍ରୀଲଙ୍କା ଶେଷ ଥର ପାଇଁ ୨୦୧୫ ମସିହାରେ ଟିମ ଇଣ୍ଡିଆକୁ ଟେଷ୍ଟ ମ୍ୟାଚରେ ପରାସ୍ତ କରିବାରେ ସଫଳ ହୋଇଥିଲା। ସେବେଠାରୁ, ଟିମ ଇଣ୍ଡିଆ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୧୧ଟି ମ୍ୟାଚରୁ ନଅଟି ଜିତିଛି, ଦୁଇଟି ଡ୍ରରେ ଶେଷ ହୋଇଛି। ଗତ ୧୧ ବର୍ଷ ମଧ୍ୟରେ ଶ୍ରୀଲଙ୍କା ଭାରତକୁ ପରାସ୍ତ କରିନାହିଁ। ମାନବ ସୁଥାରଙ୍କୁ ଟିମ ଇଣ୍ଡିଆର ପରବର୍ତ୍ତୀ ରବିନ୍ଦ୍ର ଜାଡେଜା ଭାବରେ ପ୍ରଶଂସା କରାଯାଉଛି – ଯଦିଓ ଏହା ଉଲ୍ଲେଖନୀୟ ଯେ ଜାଡେଜା ୩୭ ବର୍ଷ ବୟସରେ ମଧ୍ୟ ବହୁତ ସଠିକତାର ସହିତ ବୋଲିଂ କରିଚାଲିଛନ୍ତି। ସୁଥାର ଗାଲେ ଟେଷ୍ଟର ପ୍ରଥମ ଇନିଂସରେ ଚାରିଟି ଏବଂ ଦ୍ୱିତୀୟ ଇନିଂସରେ ଛଅଟି ୱିକେଟ ନେଇଥିଲେ। ଦ୍ୱିତୀୟ ଇନିଂସର ୭୬ତମ ଓଭରରେ, ସେ ଦ୍ରୁତ କ୍ରମାଗତ ତିନି ଜଣ ବ୍ୟାଟସମ୍ୟାନଙ୍କୁ ଆଉଟ କରିଥିଲେ।

# ଗ୍ଲୁସେଷ୍ଟରସାୟରରେ ଯୋଗଦେଲେ ସାଇ କିଶୋର

**ଚେନ୍ନାଇ:** ଭାରତୀୟ ସ୍ପିନର ଆର ସାଇ କିଶୋର ଦ୍ୱିତୀୟ ଥର ଲାଗି ଇଂଲିସ କାଉଣ୍ଟି ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇଛନ୍ତି। ଡିଭିଜନ୍ ୨ ଋତୁରେ ଶେଷ ୬ ମ୍ୟାଚ୍ ପାଇଁ ତାଙ୍କ ସହ ଗ୍ଲୁସେଷ୍ଟରସାୟର ଚୁକ୍ତି କରିଛି। ଏହି ଚୁକ୍ତି ପରେ ଏହି ବାମହାତୀ ସ୍ପିନର ସଂପ୍ରତି ଚାଲିଥିବା ତାମିଲନାଡୁ ପ୍ରିମିୟର ଲିଗ୍ (ଟିପିଏଲ)ର ଅବଶିଷ୍ଟ ମ୍ୟାଚ୍ ଖେଳିପାରିବେନି। ଆଇଡ୍ରିମ୍ ତିରପୁର



ତାମିଝାନ୍ସର ଏହି ଅଧିନାୟକ ଟିପିଏଲ୍‌ରେ ୫ ପାଳି ଖେଳି ୭.୨୧ ଇକୋନୋମିରେ ୬ ୱିକେଟ୍ ନେବା ସହ ୪୯ ରନ୍ କରିଛନ୍ତି। ତାମିଲନାଡୁର ରେଡ୍‌ବଲ୍ କ୍ରିକେଟ୍‌ରେ ଏହି ସଫଳ ବୋଲର ଗତ ବର୍ଷ ସରେ ପକ୍ଷରୁ ୨ ମ୍ୟାଚ୍ ଖେଳିଥିଲେ। ସାଇ କିଶୋର ୫୪ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୧୪ ଥର ୫ ୱିକେଟ୍ ସଫଳତା ପାଇବା ସହ ୨୨୩ ୱିକେଟ୍ ଅକ୍ତିଆର କରିଛନ୍ତି। ତାଙ୍କ ଚୁକ୍ତିକୁ ନେଇ ଗ୍ଲୁସେଷ୍ଟରସାୟର ପ୍ରଶିକ୍ଷକ ଜନ୍ ଲୁଇସ୍ କହିଛନ୍ତି, ''ବର୍ଷର ଏହି ସମୟ ସ୍ପିନ୍ ବୋଲିଂ ପାଇଁ ଉପଯୋଗୀ। ତେଣୁ ସାଇ ଭଲ କରିବାର ସମ୍ଭାବନା ଥିବାରୁ ଆମେ ତାଙ୍କୁ ଦଳରେ ନେଇଛୁ''। ସୂଚନାଯୋଗ୍ୟ ଯେ ଗ୍ଲୁସେଷ୍ଟରସାୟର ଚଳିତ ଋତୁରେ ୮ ମ୍ୟାଚ୍ ଖେଳି ଗୋଟିଏ ବିଜୟ ସହ ଟେବୁଲର ଶେଷ ସ୍ଥାନରେ ରହିଛି। ପରବର୍ତ୍ତୀ ମ୍ୟାଚ୍ ଅଗଷ୍ଟ ୨୦ ତାରିଖରେ ୱର୍ସେଷ୍ଟରସାୟର ବିପକ୍ଷରେ ଖେଳିବ।

# ଦୁଇ ପତ୍ନୀଙ୍କ କଳହ ମଧ୍ୟରେ ବେହୋସ ହେଲେ ଫୁଟବଲ ପ୍ରଶିକ୍ଷକ

**ନୂଆଦିଲ୍ଲୀ :** ପ୍ରାୟତଃ, ଦୁଇଜଣଙ୍କ ମଧ୍ୟରେ ବିବାଦର ମଧ୍ୟସ୍ଥତା କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି କ୍ରସଫାୟାରରେ ଫସି ଯାଆନ୍ତି; କିନ୍ତୁ, ଯେତେବେଳେ ବିବାଦ ଜଣେ ପୁରୁଷଙ୍କ ଦୁଇ ସ୍ତ୍ରୀଙ୍କ ମଧ୍ୟରେ ହୁଏ, ନାଟକ ଏକ ସମ୍ପୂର୍ଣ୍ଣ ନୂଆ ମୋଡରେ ପହଞ୍ଚିଥାଏ। ଯଦିଓ ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ପରି ଲାଗିପାରେ, ଏପରି ଏକ ଘଟଣା ପ୍ରକୃତରେ ଜଣେ ଫୁଟବଲ ପ୍ରଶିକ୍ଷକଙ୍କ ସହିତ ଘଟିଥିଲା ଯାହାଙ୍କ ଦୁଇ ପତ୍ନୀ ତାଙ୍କ ସମ୍ମୁଖରେ ଏକ କାଫେରେ ଭୟଙ୍କର ଝଗଡ଼ାରେ ପଡ଼ିଥିଲେ। ଝଗଡ଼ା ଭାଙ୍ଗିବାକୁ ଚେଷ୍ଟା କରିବା ସମୟରେ, ପ୍ରଶିକ୍ଷକ ପଡ଼ିଗଲେ ଏବଂ ଚେତାଶୂନ୍ୟ ହୋଇଗଲେ। ଏହି ଘଟଣାରେ ଇଜିପ୍ଟର ଜାତୀୟ ଫୁଟବଲ ଦଳର ପ୍ରଶିକ୍ଷକ ହୋସାମ ହାସନ ସାମିଲ ଅଛନ୍ତି। ଏହା ମିଶରର ଉତ୍ତର ଉପକୂଳରେ ଅବସ୍ଥିତ ମାରିନା ଏଲ ଆଲାମେନର ଏକ ବିଳାସପୂର୍ଣ୍ଣ ହୋଟେଲର ଏକ କାଫେରେ ଘଟିଥିଲା। ହାସନଙ୍କ ଦୁଇ ପତ୍ନୀ – ହୁୱାଇଦା ଅଲ-ଘାରବାୱି ଏବଂ ଦିନା ମୁସ୍ତାଫା – ମଧ୍ୟରେ ଏକ ଉଗ୍ର ଯୁକ୍ତିତର୍କ ହୋଇଥିଲା ଯାହା ଶୀଘ୍ର ଶାରୀରିକ ଝଗଡ଼ାରେ ପରିଣତ ହୋଇଥିଲା। ସ୍ୱାନିସ ଆଉଟଲେଟ 'କାଡେନା ଝରଜ' ଅନୁଯାୟୀ, ହାସନ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ମୁକାବିଲାର ଚାପ ଯୋଗୁ ସେ ଅଚେତ ହୋଇଯାଇଥିଲେ। ଇଜିପ୍ଟର ଗଣମାଧ୍ୟମ 'ଅଲ-ଆରାବିଆ' ପରେ ରିପୋର୍ଟ କରିଛି ଯେ ଘଟଣାର ତୁରନ୍ତ ପରେ ହାସନ ତାଙ୍କ ପ୍ରଥମ ପତ୍ନୀ ହୁୱାଇଦା ଅଲ-ଗରବାୱିଙ୍କୁ ଛାଡପତ୍ର ଦେଇଛନ୍ତି, ଯାହାଙ୍କ ସହିତ ତାଙ୍କର ତିନୋଟି ସନ୍ତାନ ଅଛନ୍ତି। ସୂଚନାଯୋଗ୍ୟ ଯେ ହାସନ ପୂର୍ବରୁ ଦଶ ବର୍ଷ ପାଇଁ ତାଙ୍କ ପ୍ରଥମ ପତ୍ନୀଙ୍କଠାରୁ ଅଲଗା ହୋଇଯାଇଥିଲେ, ଯଦିଓ ଏହି ଦମ୍ପତି ୨୦୨୨ ମସିହାରେ ପୁଣି ଥରେ ଏକାଠି ହୋଇଥିଲେ। ହାସନ ୨୦୧୫ ମସିହାରେ ତାଙ୍କର ଦ୍ୱିତୀୟ ପତ୍ନୀଙ୍କୁ ବିବାହ କରିଥିଲେ ଏବଂ ବହୁ ସମୟ ଧରି ଉଭୟ ମହିଳାଙ୍କ ସହିତ ରହୁଥିଲେ। କାଫେରେ ଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ସୁରକ୍ଷା କର୍ମୀମାନେ ଦୁଇ ମହିଳାଙ୍କୁ ଅଲଗା କରିବା ପାଇଁ ସଂଘର୍ଷ କରିଥିଲେ, ଶେଷରେ ପୋଲିସ ହସ୍ତକ୍ଷେପ ଆବଶ୍ୟକ ହୋଇଥିଲା। ଏହି ଝଗଡ଼ାର ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## କୋକେନ୍ ଖାଇ ଧରାପଡ଼ିଲେ ନିକ୍ କିର୍ଗିଓସ୍

**ନୂଆଦିଲ୍ଲୀ :** ଅଷ୍ଟ୍ରେଲିଆର ବିବାଦୀୟ ତଥା ତାରକା ଟେନିସ୍ ଖେଳାଳି ନିକ୍ କିର୍ଗିଓସ୍‌ଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି । ନିଷିଦ୍ଧ ନିଶାଦ୍ରବ୍ୟ କୋକେନ୍ ସେବନ କରି ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ତାଙ୍କୁ ଟେନିସ୍‌ରୁ ସାମୟିକ ଭାବେ ନିଲମ୍ବିତ (ସସପେଣ୍ଡ) କରାଯାଇଛି । ୨୦୨୨ ମସିହା ୱିମ୍ବଲଡନ୍ ଓପନ୍‌ର ପୁରୁଷ ଏକକ ଉପବିଜେତା କିର୍ଗିଓସ୍ ଏହି ନିଲମ୍ବନ ପରେ ନିଜ ଭୁଲ୍‌କୁ ସର୍ବସାଧାରଣରେ ସ୍ୱୀକାର କରିବା ସହ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି । ସୂଚନା ଅନୁସାରେ, ଗତ ଜୁନ୍ ମାସରେ ସ୍ପେନ୍‌ର ମାଲୋର୍କାରେ ଆୟୋଜିତ ଏକ ଟେନିସ୍ ପ୍ରତିଯୋଗିତା ସମୟରେ କିର୍ଗିଓସ୍‌ଙ୍କ ଡୋପ୍ ନମୁନା ସଂଗ୍ରହ କରାଯାଇଥିଲା । ପରୀକ୍ଷା ପରେ ତାଙ୍କ ନମୁନାରେ 'ବେଞ୍ଜୋଇଲେକଗୋନାଇନ୍' ନାମକ ଏକ ରାସାୟନିକ ପଦାର୍ଥ ଠାବ ହୋଇଥିଲା, ଯାହାକି କୋକେନ୍‌ର ଏକ ମୁଖ୍ୟ ଉପାଦାନ । ପରେ ଜୁଲାଇ ୧୭ ତାରିଖରେ ବିଶ୍ୱ ଡୋପିଂ ନିରୋଧୀ ସଂସ୍ଥା (ୱାଡା)ର ଏକ ସ୍ୱୀକୃତିପ୍ରାପ୍ତ ପରୀକ୍ଷାଗାର ଏହାକୁ ସ୍ପଷ୍ଟ କରିଥିଲା । ଏହି ରିପୋର୍ଟ ଆଧାରରେ ଚଳିତ ଅଗଷ୍ଟ ୪ ତାରିଖରୁ ତାଙ୍କ ଉପରେ ଏହି ସାମୟିକ ନିଲମ୍ବନ ଲାଗୁ କରାଯାଇଛି । ଡୋପିଂ ମାମଲା ପଦାକୁ ଆସିବା ପରେ ୩୧ ବର୍ଷୀୟ କିର୍ଗିଓସ୍ ସୋସିଆଲ୍ ମିଡିଆରେ ଏକ ଭାବପୂର୍ଣ୍ଣ ବାର୍ତ୍ତା ଜାରି କରିଛନ୍ତି । ସେ କହିଛନ୍ତି ଯେ ନିଜ ଜୀବନର ଏକ କଠିନ ସମୟ ଦେଇ ଗତି କରୁଥିବା ବେଳେ ସେ ଏହି ଭୁଲ୍ କରି ବସିଥିଲେ । ଏଥିସହିତ ସେ ଏହି ନିଲମ୍ବନ ଆଦେଶ ବିରୋଧରେ କୌଣସି ପ୍ରକାରର ଆଇନଗତ ଅପିଲ୍ କରିବେ ନାହିଁ ଏବଂ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଭାବେ ମାନିନେବେ ବୋଲି ସ୍ପଷ୍ଟ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, କିର୍ଗିଓସ୍ ନିଜ ଚମତ୍କାର ଖେଳ ତଥା କୋର୍ଟ ଭିତରେ ଉଗ୍ର ଆଚରଣ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି । ଏକଦା ବିଶ୍ୱ ମାନ୍ୟତାର ୧୩ଶ ସ୍ଥାନରେ ଥିବା ଏହି ଖେଳାଳି ଦୀର୍ଘ ଦିନର ଆଘାତ ସମସ୍ୟା ଯୋଗୁଁ କ୍ରମାଗତ ଭାବେ ର୍ୟାଙ୍କିଙ୍ଗର ତେର ତଳକୁ ଖସି ଆସିଥିଲେ । ଏବେ ଟେନିସ୍ କୋର୍ଟକୁ ପୂର୍ଣ୍ଣାଙ୍ଗ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରୁଥିବା ବେଳେ ଏହି ଡୋପିଂ କଳଙ୍କ ତାଙ୍କ କ୍ରୀଡ଼ା କ୍ୟାରିୟର ପାଇଁ ଆଉ ଏକ ବଡ଼ ଧକ୍କା ସାବ୍ୟସ୍ତ ହୋଇଛି ।

# ହକିଷ୍ଟିକ୍ ବାଜି ଇଶିକାଙ୍କ ମୁଣ୍ଡ ଫାଟିଲା

**ନୂଆଦିଲ୍ଲୀ :** ଭାରତୀୟ ମହିଳା ହକି ଟିମର ମଙ୍ଗଳବାର ଐତିହାସିକ ବିଜୟ। ନେଦରଲ୍ୟାଣ୍ଡର ଆମସ୍ ଆମଷ୍ଟେଲଭିନ୍‌ରେ ଖେଳା ଯାଉଥିବା ମହିଳା ହକି ବିଶ୍ୱକପ୍ ମ୍ୟାଚ୍‌ରେ ଦକ୍ଷିଣ



ଆଫ୍ରିକାକୁ ଭାରତ ୬-୧ଗୋଲ୍‌ରେ ହରାଇଛି। ଯାହାକି ବିଶ୍ୱକପ୍ ଇତିହାସରେ ଭାରତୀୟ ମହିଳା ଟିମ୍ ସବୁଠାରୁ ବଡ଼ ବିଜୟ। ଏହି ବିଜୟ ଦ୍ୱାରା ଭାରତ ନକଆଉଟ୍‌ରେ ଯିବାର ସମ୍ଭାବନା ବଢିଯାଇଛି। ତେବେ ମ୍ୟାଚ୍ ଶେଷ ହେବାର କିଛି ସେକେଣ୍ଡ ପୂର୍ବରୁ ଭାରତୀୟ ଖେଳାଳି ଇଶିକା ଚୌଧୁରୀ ଆହତ ହୋଇଛନ୍ତି। ଯାହାଫଳରେ ଟିମ୍ ଇଣ୍ଡିଆର ଚିନ୍ତା ବଢିଯାଇଛି। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୬ ମିନିଟ୍‌ରେ ପ୍ରଥମ ଗୋଲ୍ ଦିଆଯାଇଥିଲା। ଏହା ପୂର୍ବରୁ ଭାରତ ୬ ଗୋଲ୍‌ରେ ଆଗୁଆ ଥିଲା। ମ୍ୟାଚ୍ ଶେଷ ହେବାରେ ମାତ୍ର ୧ ମିନିଟରୁ କମ୍ ସମୟ ଥିଲା। ଠିକ୍ ଏହି ସମୟରେ ମୈଦାନରେ ଏକ ବିପଦଜନକ ଦୁର୍ଘଟଣା ଘଟିଥିଲା। ଇଶିକା ଚୌଧୁରୀ ବଲ୍ ରୋକିବାକୁ ଚେଷ୍ଟା କରୁଥିଲେ, ଡିଫେଣ୍ଡର ଚେଷ୍ଟାରେ ତାଙ୍କ ମୁଣ୍ଡରେ ଦକ୍ଷିଣ ଆଫ୍ରିକାର ଖେଳାଳିଙ୍କ ହକି ଷ୍ଟିକ୍‌ର ପଛ ଭାଗ ମାଡ଼ ହୋଇଯାଇଥିଲା। ଏତେ ଜୋରରେ ଏହା ମାଡ ହୋଇଯାଇଥିଲା ଯେ, ହଠାତ ତାଙ୍କ ମୁଣ୍ଡରୁ ଜୋରଦାର ରକ୍ତ ବାହାରିଥିଲା। ହକି ଷ୍ଟିକ୍ ଦ୍ୱାରା ଆଘାତ ପାଇବା ପରେ ଇଶିକା ଚୌଧୁରୀ ତଳେ ପଡ଼ିଗଲେ। ଡାକ୍ତରୀ ଦଳ ତୁରନ୍ତ ପହଞ୍ଚିଲେ। ଟିସୁ ଏବଂ କପଡା ବ୍ୟବହାର କରି, ସପୋର୍ଟ ଷ୍ଟାଫ୍ ଏବଂ ଫିଜିଓ ତାଙ୍କ କପାଳରୁ ରକ୍ତସ୍ରାବ ବନ୍ଦ କରିଥିଲେ। ଏହା ପରେ, ସେ ତାଙ୍କ କପାଳରେ ଏକ କପଡା ଚାପି ବାହାରକୁ ଚାଲିଗଲେ। ଏହି ସମୟରେ ଅନ୍ୟ ଭାରତୀୟ ଖେଳାଳିମାନେ ମଧ୍ୟ ଚିନ୍ତିତ ଏବଂ ବ୍ୟଥିତ ଦେଖାଯାଉଥିଲେ।

# ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଦଳ ଲଣ୍ଡନରେ ସମ୍ମାନିତ





**ଲଣ୍ଡନ:** ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଖେଳାଳିଙ୍କ ସାହସ, ଦୃଢ଼ତା ଏବଂ ସଫଳତାକୁ ସମ୍ମାନ ଜଣାଇ ଦକ୍ଷିଣ ପୂର୍ବ ଲଣ୍ଡନର ଏକ ପୁରସ୍କାର ପ୍ରାପ୍ତ ଚିଲିକା ରେଷ୍ଟୋରାଁ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ଖେଳାଳିମାନଙ୍କୁ ଭାରତୀୟ ପରମ୍ପରା ଅନୁଯାୟୀ ସ୍ୱାଗତ କରାଯାଇଥିଲା। ବିଭିନ୍ନ ଭାରତୀୟ ସମୁଦାୟର ଲୋକେ ଏକାଠି ହୋଇ ଖେଳାଳିଙ୍କ ସହ ଖୁସି ବାଣ୍ଟିଥିଲେ। ଏହି ସମ୍ମାନ ଖେଳାଳିଙ୍କ ମନୋବଳ ବଢାଇବା ସହ ଆଗାମୀ ମ୍ୟାଚ୍ ପାଇଁ ସେମାନଙ୍କୁ ଉତ୍ସାହ ଦେଇଛି। ଏହା ବ୍ରିଟେନ୍‌ରେ ଥିବା ଭାରତୀୟ ସମୁଦାୟର ଦଳ ପ୍ରତି ଥିବା ସମର୍ଥନ ମଧ୍ୟ ଦର୍ଶାଇଛି। ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଦଳ ନିଜ ଦୃଢ ମନୋବଳ ଓ ପରିଶ୍ରମ ଦ୍ୱାରା ଅନେକଙ୍କୁ ପ୍ରେରଣା ଦେଇ ଆସିଛି। ଚିଲିକାରେ ସମ୍ମାନିତ ଖେଳାଳିଙ୍କ ମଧ୍ୟରେ ଜୟେଶ୍ ପରମାର. ତରୁଣ, ରିଜୁଆନ୍ ଅଲତାଫ୍ ଭଟ୍ଟ, ଅର୍ଜୁନ ରାଜେଶ୍ ଗୱାରେ, କୁଲଦୀପ ସିଂ, ଯଶନାଥ ନାଇଡୁ ରାଭୁରି, ବିବେକ କୁମାର, ସୁଦର୍ଶନ ଏଲାଙ୍ଗୋଭାନ୍, ହିଲାଲ୍ ଅହମ୍ମଦ୍ ୱାନି, ସାଇଆକାଶ ସାଇଭାମଣୀ, ରବୀନ୍ଦ୍ର ଗୋପୀନାଥ ସାଣ୍ଟେ, ଯୋଗେନ୍ଦ୍ର ସିଂହ, ବୃଷାନ୍ତ ସନ୍ଦୀପ ଗଞ୍ଜାଲ୍, ରାଜେଶ୍ ଇରାପ୍ପା କନ୍ନୁର, ମଜିଦ୍ ଅହ ମାଗ୍ରେ ଏବଂ ଶିବ ଶଙ୍କର ଗୁଣ୍ଟିଗାନାପାଲ୍ଲୀ ସୁବାରାପ୍ପା ରହିଥିଲେ। ଦଳର ମୁଖ୍ୟ ପ୍ରଶିକ୍ଷକ ରୋହିତ ଝାଲାନି, ସହକାରୀ ପ୍ରଶିକ୍ଷକ ଦେବଦତ୍ତ, ଫିଲ୍ଡିଂ କୋଚ୍ ରୋହିତ ଶର୍ମା, ଏଚ୍ ଆଣ୍ଡ୍ ସି କୋଚ୍ ରାମସ୍ୱରୂପ ସାଇନି, ସୋସିଆଲ୍ ମିଡିଆ ମ୍ୟାନେଜର୍ ବାସନ ଗିରି, ଫିଜିଓ ମୟଙ୍କ ପୁଷ୍କର, ଟିମ୍ ମ୍ୟାନେଜର୍ ବିନିତ ମଲହୋତ୍ରା ଏବଂ ଲଜିଷ୍ଟିକ୍ ମ୍ୟାନେଜର୍ ଧିରଜ୍ ହାଡେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ପରିଷଦ (ଡିସିସିଆଇ)ର ସୁମିତ ଜୈନ ଓ ବିନିତ ଅଗ୍ରୱାଲ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଇଆରଇଡିଏର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଦାସଙ୍କ ସମେତ ବିଭିନ୍ନ ଭାରତୀୟ ସମୁଦାୟର ପ୍ରତିନିଧି ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଭିନ୍ନ ଭିନ୍ନ ସ୍ଥାନରୁ ଆସିଥିବା ଲୋକେ ଏକାଠି ହୋଇ ଖେଳାଳିଙ୍କ ସାହାସ ଓ ସଫଳତାକୁ ସମ୍ମାନ ଜଣାଇଥିଲେ। ଚିଲିକା ରେଷ୍ଟୋରାଁର ପ୍ରତିଷ୍ଠାତା ପାର୍ଥ ସାରଥୀ ପଣ୍ଡା ଓ ଶୁଭକାନ୍ତ ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖେଳାଳିଙ୍କ ପାଇଁ ଏହା ଏକ ଭୋଜିର ଆୟୋଜନ ନଥିଲା ବରଂ ସମ୍ମାନ ଓ ଆତ୍ମୀୟତା ଦେବା ଏହାର ଉଦ୍ଦେଶ୍ୟ ଥିଲା। ନିର୍ଦ୍ଦେଶିକା ଦେବସ୍ମିତା ମହାପାତ୍ର ମଧ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଓଡିଶାର ବ୍ରିଟିଶ୍ ଉଦ୍ୟୋଗୀ, ନିବେଶକ ଏବଂ ଅବସରପ୍ରାପ୍ତ ସାମରିକ ଭେଟେରାନ୍ କ୍ୟାପଟେନ୍ ଅରୁଣ କର ରଣନୈତିକ ସହଯୋଗୀ ଭାବେ ସହାୟତା ପ୍ରଦାନ କରିଥିଲେ।

# ୪୬ ବର୍ଷୀୟା ଭେନସ୍‌ଙ୍କୁ ୱାଇଲ୍ଡ କାର୍ଡ



**ୱାସିଂଟନ୍:** ଦୁଇ ଥର ୟୁଏସ୍ ଓପନ୍ ଏକକ ବିଜୟିନୀ ଭେନସ୍ ୱିଲିୟମ୍ସ ଚଳିତ ବର୍ଷ ପ୍ରତିଯୋଗିତା ଲାଗି ୱାଇଲ୍ଡ କାର୍ଡ ପ୍ରବେଶ ପାଇଛନ୍ତି। ୭ ଗ୍ରାଣ୍ଡ୍ ସ୍ଲାମ୍ ବିଜୟିନୀ ୪୬ ବର୍ଷୀୟା ୱିଲିୟମ୍ସ ଗତ ବର୍ଷ ଫ୍ଲସିଂମିଡୋଜ୍‌ରେ ଚେକ୍‌ଗଣରାଜ୍ୟର କାରୋଲିନା ମୁଚୋଭାଙ୍କଠୁ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିଲେ। ସେ ତାଙ୍କ ଭଉଣୀ ସେରେନା ସୋମବାର ୨୦୨୨ ପରେ ପ୍ରଥମ ଥର ଏକାଠି ମହିଳା ଯୁଗଳରେ ଖେଳିଥିଲେ ମଧ୍ୟ ସିନସିନାଟି ଓପନ୍‌ର ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଅନ୍ୟ ମହିଳା ଖେଳାଳି ଭାବେ ୨୦୧୮ ୟୁଏସ୍ ଓପନ୍ ବିଜୟିନୀ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ମଧ୍ୟ ୱାଇଲ୍ଡ କାର୍ଡ ପ୍ରବେଶ ମିଳିଛି। ୩୩ ବର୍ଷୀୟା ଷ୍ଟିଫେନ୍ସ ୨୦୨୫ରେ ପାଦ ଜନିତ ଆଘାତ ସମସ୍ୟା ପରେ କୋର୍ଟକୁ ଫେରିବେ। ପୁରୁଷରେ ଫ୍ରାନ୍ସର ଗେଲ ମନ୍‌ଫିଲ୍ସଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ସେହିଭଳି ମନଫିଲ୍ସ ତାଙ୍କ ପତ୍ନୀ ଏଲିନା ସ୍ୱିତୋଲିନା ଏକାଠି ମିଶ୍ରିତ ଯୁଗଳରେ ଖେଳିବାକୁ ମଧ୍ୟ ୱାଇଲ୍ଡ କାର୍ଡ ପାଇଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**

## ସି ବିଚ୍ ଫଟୋଗ୍ରାଫର ମହାସଂଘ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ







## ମହିଳା ମହାବିଦ୍ୟାଳୟ ପରିସରରେ ଡବ୍ଲୁଏଡିଏ ପକ୍ଷରୁ ଡ୍ରଗ୍ସ ବ୍ୟବହାର ବିରୋଧରେ ସଚେତନତା ବାର୍ତ୍ତା







## ଡବ୍ଲୁଏଡିଏ ପକ୍ଷରୁ ଡ୍ରଗ୍ସ ବ୍ୟବହାର ବିରୋଧରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ସଚେତନତା ବାର୍ତ୍ତା







## କଲେଜ ଅଫ ଫାର୍ମାସେଟ୍ୟୁକାଲ ସାଇନ୍ସ ପକ୍ଷରୁ ନିଶାମୁକ୍ତ ବାର୍ତ୍ତା ଅଭିଯାନ ପାଇଁ ଶପଥପାଠ






## ସବ୍ୟସାଚୀ ସେନାପତିଙ୍କ ପକ୍ଷରୁ ବନ୍ୟଯନ୍ତୁ ଶୀକାର ରୋକିବା ପାଇଁ ସଚେତନତା ବାର୍ତ୍ତା






# ୫.୨ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ




**ବାଲୁଗାଁ(ଅମୃତ ମିଡିଆ):** ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନରେ ୧୬ ନଂ ଜାତୀୟ ରାଜପଥ ଚଣ୍ଡେଶ୍ୱର ନିକଟରେ ଚଢାଉ କରି ୫.୨ କେଜି ଗଞ୍ଜେଇ ଜବତ କରିବାସହ ଦୁଇ ଜଣଙ୍କୁ ଗିରଫ କରିଛି ବାଲୁଗାଁ ଅବକାରୀ ବିଭାଗ। ଖବର ମୁତାବକ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଏକ ଲୁହା ପାଇପ ବୋଝେଇ ଟ୍ରକରେ ବେଆଇନ ଗଞ୍ଜେଇ ଚାଲାଣ ହେଇଥିବା କୌଣସି ସୂତ୍ରରୁ ଅବକାରୀ ବିଭାଗ ଖବର ପାଇ ୧୬ ନଂ ଜାତୀୟ ରାଜପଥ ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ନିକଟରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଉକ୍ତ ଟ୍ରକରୁ ୫.୨ କେଜି ଗଞ୍ଜେଇ,୨୭ ଟି ଲୁହା ଆଙ୍ଗେଲ ପାଇପ, ୨ ଟି ମୋବାଇଲ ଫୋନ ସମେତ ଟ୍ରକକୁ ଜବତ କରିବା ସହ ଚାଳକ ଓ ହେଲ୍ପରକୁ ଗିରଫ କରିଛି।ଅଭିଯୁକ୍ତ ଦ୍ୱୟ ହେଲେ ତାମିଲନାଡୁ କୋୟେମ୍ବା ଟୁରର ଟ୍ରକ୍ ଚାଳକ ରାଘବନ ରବି (୩୨) ଏବଂ ହେଲ୍ପର ପ୍ରଭୁ କୁମାର ଭେଙ୍କଟଚାଲମ୍ (୪୨)। ଉଭୟଙ୍କ ବିରୁଦ୍ଧରେ କେଶ ନଂ ୧୨୪/ ୨୬-୨୭ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ସୋମ୍ୟ ରଞ୍ଜନ ବେହେରା କହିଛନ୍ତି। ଉକ୍ତ ଚଢ଼ଉରେ ଏଏସଆଇ ରାମଚନ୍ଦ୍ର ଜେନା, କନଷ୍ଟେବଳ ରଞ୍ଜିତ ପଟେଲ, ସତ୍ୟବନ୍ତ ମାଝି, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଧସିପଡ଼ିଲା ନିର୍ମାଣାଧୀନ ୫୩ନମ୍ବର ଜାତୀୟ ରାଜପଥ, ୩ଟ୍ରକ ଓଲଟିପଡିଲା

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଲଗାଣ ବର୍ଷାରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅନ୍ତର୍ଗତ ନୀଳାଞ୍ଚଳ ବଜାର ନିକଟରେ ନିର୍ମାଣାଧୀନ ରାସ୍ତାର ଏକଶହ ମିଟର ଧସିଯାଇଛି। ଏହି ରାସ୍ତା ଉପରେ ଛିଡା ହୋଇଥିବା ୩ଟି ଟ୍ରକ ଏହାଦ୍ୱାରା ତଳକୁ ଓଲଟି ପଡିଛି। ସୌଭାଗ୍ୟବଶତଃ ଘଟଣା ସମୟରେ ଟ୍ରକ୍‌ଗୁଡ଼ିକ ଭିତରେ କୌଣସି ଲୋକ ନଥିଲେ। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଛି। ଘଟଣା ପରେ ଚଣ୍ଡିଖୋଲ-ପାରାଦୀପ -୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣାଧୀନ ରାସ୍ତାର ଗୁଣବତ୍ତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତାକଡ଼ରେ ମାଟି ଠିକ୍ ଭାବେ ଜମା ଓ ସଂଘନୀକରଣ କରାଯାଇନଥିବାରୁ ଲଗାଣ ବର୍ଷାରେ ସେହି ମାଟି ଧସିଯାଇଛି। ଏଥିସହ ରାସ୍ତା ନିର୍ମାଣରେ ପାଉଁଶ ଓ ଜିପସମ୍ ଭଳି ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ରାସ୍ତା ଧସିବା



ଘଟଣାକୁ ନେଇ ସ୍ଥାନୀୟ ଲୋକେ ନିର୍ମାଣକାରୀ ସଂସ୍ଥାର ଜଣେ ଅଧିକାରୀଙ୍କୁ ଅଟକ ରଖି ପ୍ରତିବାଦ କରିଥିଲେ। ରାସ୍ତା ନିର୍ମାଣର ଗୁଣବ । ଯାଞ୍ଚ ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ନିର୍ମାଣ କାର୍ଯ୍ୟରେ ଅବହେଳା ଯୋଗୁଁ ଏହି ରାସ୍ତାରେ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି। ପ୍ରାୟ ଅଢେଇ ହଜାର କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତା ପ୍ରକଳ୍ପରେ ନିର୍ମାଣର ମାନ ଓ କାର୍ଯ୍ୟର ଗୁଣବ । ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଗତ ୬ ମାସ ତଳେ କେନ୍ଦ୍ରାପଡ଼ା ସହର ଉପକଣ୍ଠ ଶ୍ୟାମସୁନ୍ଦର ଗଡା ନିକଟରେ ଏକଶହ ମିଟର ରାସ୍ତା ଧସିପଡିଥିଲା। ଲଗାଣ ବର୍ଷା ଯୋଗୁଁ ରାସ୍ତା ଧସିଛି ନା ନିର୍ମାଣରେ କୌଣସି ତ୍ରୁଟି ରହିଛି ତାହାର ବିଧିବଦ୍ଧ ତଦନ୍ତ କରାଯିବାକୁ ଯୁବ ସ୍ୱାଭିମାନ ମଞ୍ଚର ସଭାପତି ସ୍ମୃତିରଞ୍ଜନ ଜେନା ଦାବି କରିଛନ୍ତି। ସେ କହିଛନ୍ତି ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ବାରମ୍ବାର ନିମ୍ନମାନର କାର୍ଯ୍ୟ କରୁଛି। ଏ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଛି। ହେଲେ କର୍ତ୍ତୃପକ୍ଷ ତାହାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ଯାହାର ଫଳ ସ୍ୱରୂପ ପୂର୍ବରୁ ଶ୍ୟାମସୁନ୍ଦରପୁର ଓ ଏବେ ନୀଳାଞ୍ଚଳ ବଜାର ନିକଟରେ ନିର୍ମାଣାଧିନ ରାସ୍ତା ଧସିପଡିଲା। ଆଗକୁ ଆହୁରି ଅନେକ ସ୍ଥାନରେ ରାସ୍ତା ଧସିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଜନସାଧାରଣଙ୍କ ଟିକସ ଅର୍ଥକୁ ଏହିପରି ଭାବରେ ବରବାଦ କରାଯାଉଛି। ଏହାର ଉତ୍ତର ଦାୟିତ୍ୱ କାହାର ତାହାକୁ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଚିନ୍ତା କରିବା ଉଚିତ ବୋଲି ସେ କହିଛନ୍ତି। ତଦନ୍ତ ପରେ କାରଣ ସ୍ପଷ୍ଟ ହୋଇପାରିବ। ଘଟଣାସ୍ଥଳରେ ବିଶେଷଜ୍ଞ ଟିମ୍‌ଦ୍ୱାରା ରାସ୍ତାର ଗୁଣବ । ଓ ନିର୍ମାଣ ସାମଗ୍ରୀ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ କହିଛନ୍ତି।

# ଡ଼ଃ ପାର୍ଥ ବିଶ୍ୱାସଙ୍କ ନେତୃତ୍ୱରେ ପାଞ୍ଚଜଣିଆ ଜାତୀୟ ଅନୁସୂଚିତ ଜାତି କମିଶନ ଟିମ୍‌ର ସମୀକ୍ଷା

**ଖୋର୍ଦ୍ଧା(ଅମୃତ ମିଡିଆ):** ଆଜି ଅପରାହ୍ନରେ ଡ଼ଃ ପାର୍ଥ ସାରଥୀ ବିଶ୍ୱାସଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ଜାତୀୟ ଅନୁସୂଚିତ ଜାତି ଟିମ୍ ଖୋରଧା ଜିଲ୍ଲା ପରିଦର୍ଶନ କରି ଜିଲ୍ଲା କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଅନୁସୂଚିତ ଜାତି ଯୋଜନା ଗୁଡିକ ଜିଲ୍ଲାରେ କାର୍ଯ୍ୟ କାରୀ ଓ ଅଗ୍ର ଗତି ସମ୍ବନ୍ଧରେ ସମୀକ୍ଷା କରି ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି । ମାନ୍ୟବର ସଦସ୍ୟଙ୍କ ସହ ଶ୍ରୀମତୀ ସୋନାଲି ଦତ୍ତ, ନିର୍ଦ୍ଦେଶକ, ଜାତୀୟ ଅନୁସୂଚିତ ଜାତି କମିଶନ, ଶ୍ରୀ ନବୀନ ରୋହିଲ, ମାନ୍ୟବର ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ,ଶ୍ରୀମତୀ ପୁଲୋମା ବସୁ, ବରିଷ୍ଠ ତଦନ୍ତକାରୀ ଏବଂ ଶ୍ରୀ ଶୁଭମ୍ ଦତ୍ତ ଯୋଗଦେଇଥିଲେ । ସେହିପରି, ଅନୁସୂଚିତ ଜାତି ଓ ଜନଜାତି ରାଜ୍ୟ ସରକାରଙ୍କ ବିଭାଗର ଶ୍ରୀ ଲକ୍ଷ୍ମଣ କୁମାର ମଲ୍ଲିକ, ନିର୍ଦ୍ଦେଶକ ଅନୁସୂଚିତ ଜାତି ମଙ୍ଗଳ, ଶ୍ରୀମତୀ କୁମୁଦିନୀ ସୁବୁଦ୍ଧି,ଉପ ଶାସନ ସଚିବ,ଶ୍ରୀ ଭରତ ଭୂଷଣ ବିଶ୍ୱାଳ,ଉପ ନିର୍ଦ୍ଦେଶକ ଯୋଗଦେଇଥିଲେ। ସେହିପରି ସମୀକ୍ଷା ବୈଠକରେ ମାନ୍ୟବର ସଦସ୍ୟଙ୍କ ସହ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ, ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁସୋତ୍ତମ ଦାସ, ଉପାୟୁକ୍ତ, ଭୁବନେଶ୍ୱର କମିଶନରେଟ ପୋଲିସ୍ ମଞ୍ଚାଷିନ ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ, ଭୁବନେଶ୍ୱର,ଡ଼ଃ ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ, ଖୋରଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ମଙ୍ଗଳ ଅଧିକାରୀ, ଖୋରଧା, ଡ଼ଃ ଗିତାଂଶୁ ମୋହନ ଦାଶ,ଏଲ ଡି ଏମ ,ଶ୍ରୀ ଅଶୋକ କୁମାର ବେହେରା, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁଶ୍ରୀ ସମୁଚିତା ମଲ୍ଲିକ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଶଙ୍କର ବେହେରା ଯୋଗ ଦେଇଥିଲେ ଓ ମାନ୍ୟବର କମିଶନ ବିଭିନ୍ନ ପୀଡ଼ିତାଙ୍କ କ୍ଷତିପୂରଣ ପ୍ରଦାନ, ମନରେଗା, ଜମିଜମା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା ବୃତ୍ତି, ଅନୁସୂଚିତ ଜାତି ଛାତ୍ରାବାସ, ପ୍ରଧାନ ମନ୍ତ୍ରୀ ମୁଦ୍ରା ଋଣ,ଜନ ଧନ ଯୋଜନା ଆଦି ବିଭିନ୍ନ କାର୍ଯ୍ୟ କ୍ରମ ଉପରେ ସମୀକ୍ଷା କରିଥିଲେ ଓ ସୂଚନା କ୍ରମେ ମନରେଗା ଯୋଜନାରେ ଜିଲ୍ଲାରେ ୧୬୮୦୧ ଅନୁସୂଚିତ ଜାତି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ହୋଇଅଛି । ସେହିପରି ଗୃହ ନିର୍ମାଣ ପାଇଁ ୩.୧୨ ଏକର ଜମି ବଣ୍ଟନ କରାଯାଇଅଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୨୦୨୫-୨୬ ବର୍ଷରେ ୧୮୫୪ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଅଛି । ଜିଲ୍ଲାରେ ୧୪ ଗୋଟି ହଷ୍ଟେଲରେ ୧୪୦୦ ପିଲାଙ୍କୁ ରଖା ଯାଇଛି।

# ବିଜେଡିର ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ବନ୍ୟା ପରିଦର୍ଶନ



**ଯାଜପୁର(ଅମୃତ ମିଡିଆ):** ବୈତରଣୀର ପ୍ରଳୟଙ୍କାରୀ ବନ୍ୟା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟର ଉଭୟ ଶାସକ ଓ ବିରୋଧି ନେତାଙ୍କ ସୁଅ ଛୁଟୁଛି ଯାଜପୁରକୁ। ଏଣୁ ଆଜି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯାଜପୁର ଜିଲ୍ଲା ଗସ୍ତରେ ଆସି ଯାଜପୁର ସର୍କିଟ ହାଉସରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ସହ ଏନେଇ ଆଲୋଚନା କରି କିପରି ବନ୍ୟା ସମସ୍ୟା ରାଜ୍ୟରୁ ଲୁପ୍ତ ହେବ ଏହାର ସମାଧାନ ପନ୍ଥା ବାହାର କରିବା ପାଇଁ ଚର୍ଚ୍ଚା କରିଥିଲେ। ଏହା ପରେ ଅମାତ ଯାଜପୁର ନିର୍ବାଚନ ମଣ୍ଡଳୀର ଉଭୟ ଯାଜପୁର ବ୍ଲକ ଓ ଦଶରଥପୁର ବ୍ଲକରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ଘାଇ ଗୁଡିକର ମରାମତି ରେ ଅଗ୍ରଗତି ହେଉଥିବା କାର୍ଯ୍ୟକୁ ତଦାରଖ କରିଛନ୍ତି। ଯାଜପୁର ଜିଲ୍ଲାରେ ହୋଇ ଥିବା ଘାଇକୁ ଶାସକ ଦଳର ମନୁଷ୍ୟ କୃତ ବୋଲି କହିଥିଲେ ।

# ଚାଷଜମି ପାଣିରେ ବୁଡିରହିଛି, ଚାଷୀଙ୍କୁ ସହାୟତା ପାଇଁ ଦାବି

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଓ ଗୋବରୀ ନଦୀରେ ବନ୍ୟା ଫଳରେ ଜମି ସବୁ ପାଣିରେ ବୁଡିଯାଇ ଚାଷ କ୍ଷତିଗ୍ରସ୍ତ ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଲଗାଣ ବର୍ଷା ଯୋଗୁଁ ଏହି ବ୍ଲକ ଅଧିନ ଗୁଆଲସିଂ, କୁଶିଆପାଳ,କୁରୁଜଙ୍ଗା, କାଉପଡା, ଲକ୍ଷ୍ମୀନାରାୟଣପୁର, ଛୋଟୀ, ମଙ୍ଗଳପୁର ଓ ବେଣୀପୁର ପ୍ରଭୃତି ଗ୍ରାମପଞ୍ଚାୟତ ଗୁଡିକରେ ବହୁ ଚାଷ ଜମି ଜଳମଗ୍ନ ହୋଇରହିଛି। ପାଟନାଳୀ ଓ ଗୋବରୀ ନଦୀରେ ବନ୍ୟା ଆସିବା ଦ୍ୱାରା ଏହିସବୁ ପଞ୍ଚାୟତ ଅଞ୍ଚଳରେ ଥିବା ଚାଷଜମି ଗୁଡିକ ପାଣିରେ ବୁଡି ଯାଇଛି। ଧାନ ଗଛ ଉପରେ ତିନିରୁ ଚାରି ଫୁଟ ଉଚ୍ଚର ପାଣି ଚାଲିଥିବା ବେଳେ ତଳି କିଆରି ଗୁଡିକ ମଧ୍ୟ ପାଣିରେ ବୁଡି ରହିବା ଦ୍ୱାରା ପଚିଗଲାଣି। ଚାଷୀମାନେ ବହୁ ଶ୍ରମ ଓ ଅର୍ଥ ବ୍ୟୟ କରି ଜମିରେ ଧାନ ଓ ପରିବା ଚାଷ କରିଥିଲେ। ବନ୍ୟା ଯୋଗୁଁ ସମସ୍ତ ଫସଲ ନଷ୍ଟ ହୋଇଗଲାଣି। ଆଗକୁ ତଳି ପକାଇ ଧାନ ରୋଇବା ଆଉ ସମ୍ଭବ ନୁହେଁ।

## ବିଜେପି ନେତା-ବିଡିଓ ଉଚ୍ଚବାଚ ଘଟଣା

# ସିସିଟିଭି ଯାଞ୍ଚ ପାଇଁ ଦାବିକଲେ ଉମାକାନ୍ତ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଡେରାବିଶ ବିଡିଓ ନମିତା ବାରିକ ଓ ପାଟକୁରାର ବିଜେପି ନେତା ଉମାକାନ୍ତ ପଟ୍ଟନାୟକଙ୍କ ମଧ୍ୟରେ ହୋଇଥିବା ଉଚ୍ଚବାଚକୁ ନେଇ ଯେଉଁ କେତେକ ବ୍ୟକ୍ତି ଭିନ୍ନରଙ୍ଗ ଦେଇଛନ୍ତି ତାହାର ନିରପେକ୍ଷ ତଦନ୍ତ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଦୁହୁରିଆସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ତାଙ୍କର ବିଡିଓଙ୍କ ସହିତ କୌଣସି ପ୍ରକାର ଉଚ୍ଚବାଚ ହୋଇନଥିଲା। ଏହି ଘଟଣାକୁ ରାଜନୈତିକ ରଙ୍ଗ ଦିଆଯାଉଛି।ପାଟକୁରା ନିର୍ବାଚନ ମଣ୍ଡଳୀରେ ତାଙ୍କ ଲୋକପ୍ରିୟତାରେ ଆଣିବା ପାଇଁ କେତେକ ନେତା ଏହିଭଳି ଷଡଯନ୍ତ୍ର ରଚନା କରିଛନ୍ତି। ସେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କ ଅଫିସକୁ ଯାଇଥିଲେ। ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସୁଛି ତାହାର ବାସ୍ତବ ଚିତ୍ର ସି.ସି. ଟିଭିରେ କଏଦ ହୋଇରହିଛି। ତେଣୁ ପ୍ରଥମେ ସି.ସି. ଟିଭି ଯାଞ୍ଚ କରାଯାଇ ସେହି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରାଯାଉ। ଶ୍ରୀ ପଟ୍ଟନାୟକ କହିଥିଲେ ଗତ ଅଗଷ୍ଟ ୧୪ ତାରିଖରେ ଡେରାବିଶ ବ୍ଲକ ବିଡ଼ିଓଙ୍କ ଅଫିସରେ ବିଡ଼ିଓଙ୍କ ସହ ସାକ୍ଷାତ ଆଲୋଚନା କରିବାକୁ ଯାଇଥିଲେ। ସାଧାରଣ ଲୋକଙ୍କ ସମସ୍ୟା, ଯଥା ପି.ଏମ୍ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ରାସନ୍ କାର୍ଡ, ବିଜିବିଓ ପ୍ରକଳ୍ପ, ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କିଛି ପି.ଇ.ଓ ଙ୍କ ବଦଳି ଓ କିଛି ଦୁର୍ନୀତି ସମ୍ବନ୍ଧୀୟ ସମସ୍ୟା ଉପସ୍ଥାପନ କରିଥିଲେ। ତାଙ୍କ ସହ ଦଳର କିଛି କାର୍ଯ୍ୟକର୍ତ୍ତା ଓ ୩ ଜଣ ମଣ୍ଡଳ ସଭାପତି ଥିଲେ। ଏଥିପାଇଁ ବିଡ଼ିଓଙ୍କ ଠାରୁ ପୂର୍ବରୁ ସମୟ ମଧ୍ୟ ନେଇଥିଲେ। କେତେକ ପଞ୍ଚାୟତରେ ବାରମ୍ବାର ପିଇଓଙ୍କୁ ବଦଳି କରାଗଲେ ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୁଏ ବୋଲି ଜିଲ୍ଲାପାଳ ଯେଉଁ ୩ ବର୍ଷ ଅବଧି କରିଛନ୍ତି, ତା ବାହାରେ କିପରି ବେଣିପୁର, ଇନ୍ଦାଲୋ ଓ କାଉପଡା ପିଇଓ ମାନଙ୍କୁ ବଦଳି କରାଗଲା ବୋଲି ପଚାରିଥିଲେ। ଏହା ଛଡା ବ୍ଲକରେ ଓ ପଞ୍ଚାୟତରେ ଏକାଧିକ ଦୁର୍ନୀତି ହୋଇଛି ଯାହା ବିଷୟରେ ବିଡିଓ ଅବଗତ ଅଛନ୍ତି ଓ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ପଟ୍ଟନାୟକ ବିଡିଓଙ୍କୁ ଅନୁରୋଧ କରିଥିଲେ। ଏହି ଆଲୋଚନା ବେଳେ କେବଳ ଏବିଡ଼ିଓ ମୃଣ୍ମୟ ରାଉତ ଥିଲେ ଓ ଅନ୍ୟ କୌଣସି କର୍ମଚାରୀ ନଥିଲେ। ଆଲୋଚନା ବେଳେ କୌଣସି ଗାଳି, ଗୁଲଜ ବା ଅଶାଳୀନ ଭାଷା ପ୍ରୟୋଗ କରାଯାଇ ନାହିଁ ଯାହାକି କୌଣସି ନାରୀଙ୍କ ପଦ ମର୍ଯ୍ୟାଦା ବା ଆତ୍ମ ସମ୍ମାନକୁ ବାଧା ଦେବ ବା ମାନସିକ ଯନ୍ତ୍ରଣା ଦେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଯଦି ମୁଁ ବିଡିଓଙ୍କୁ ଦୁର୍ବ୍ୟବହାର କରିଛି ତେବେ ନିଜେ ବିଡିଓ ଏତଲା ନଦେଇ କର୍ମଚାରୀଙ୍କ ଦ୍ୱାରା ଏତଲା ଦେବା କେତେଦୂର ସମୀଚିନ ତାହାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ବ୍ଲକରେ ସରକାରଙ୍କ ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତିର ସେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ଶ୍ରୀ ପଟ୍ଟନାୟକଙ୍କ ସହିତ ଛୋଟୀ ମଣ୍ଡଳ ଉପସଭାପତି ପ୍ରେମ କୁମାର ମହାନ୍ତି ଓ ପ୍ରିୟରଞ୍ଜନ ଦାସ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ ପଓଟରା ସମାଜ କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ

**ବାରିପଦା(ଅମୃତ ମିଡିଆ):** ପଓଟରା ସମାଜ, ମୟୁରଭଞ୍ଜ ର କାର୍ଯ୍ୟକାରୀ କମିଟିର ପ୍ରଥମ ସଭା ୩ନଂ ୱାର୍ଡ ସ୍ଥିତ ୟୁନିଭାର୍ସଲ ଏଜୁକେସନ ପୋଏଣ୍ଟ, ମାଇନିଙ୍ଗ କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଛି ଓ ସ୍ୱାଧୀନତା ଦିବସରେ ଏହି କାର୍ଯ୍ୟକାରୀ ସଭାରେ ମୟୁରଭଞ୍ଜର ବରପୁତ୍ର ମାନଙ୍କର ସ୍ମୃତିଚାରଣ କରାଯାଇଥିଲା ଓ ୧୮୮୨ ମସିହାରେ ଆନନ୍ଦ ମଠ ଉପନ୍ୟାସରେ ବନ୍ଦେ ମାତରଂ କବିତା ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏକ ବୈପ୍ଳବିକ ଭୂମିକା ସୃଷ୍ଟି କରିଥିଲା ଓ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ସଭ୍ୟ 'ବନ୍ଦେ ମାତରଂ' ଗାନ କରିଥିଲେ ଓ ପ୍ରଥମ କାର୍ଯ୍ୟକାରୀ ସଭାରେ ଏହାର ଉପବିଧି (ବାଇଲୋ) ଅବଲମ୍ବିତ ଆଗତ ପ୍ରସ୍ତାବ ଉପରେ ଅନ୍ତିମରୂପ , ପାଟରଓ ସମାଜ, ମୟୁରଭଞ୍ଜ ର ପଞ୍ଜିକରଣ ଇତ୍ୟାଦି ଉପରେ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତି ନିଆଯାଇଥିଲା ଓ ସଂଶୋଧିତ ଉପବିଧି ଓ ଆଗତ ପ୍ରସ୍ତାବର ଶେଷ ନିଷ୍ପତ୍ତିର ବିବରଣୀ ଖୁବ ଶୀଘ୍ର ପ୍ରକାଶ କରାଯିବ ବୋଲି ସାଧାରଣ ସମ୍ପାଦକ ସ୍ୱରୂପ କୁମାର ବଶା ସୂଚନା ଦେଇଥିଲେ ଓ ଉପସ୍ଥିତ ଥିବା ସଭ୍ୟ ସମରେନ୍ଦ୍ର କୁମାର ବଶା, ମାନସ ରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ନାୟକ, ଜୟନ୍ତ କୁମାର ସେନାପତି, ସନ୍ତୋଷ କୁମାର ପାତ୍ର, କିଶୋର କୁମାର ବଶା , ରବି ନାରାୟଣ ପୃଷ୍ଟି, ସୁବ୍ରତ ବଶା, ଜ୍ୟୋତି ପ୍ରକାଶ ବଶା ଓ ମୃତୁଞ୍ଜୟ ମହାପାତ୍ର ପ୍ରମୁଖ ଭାରତ ମାତାର ଗାରିମାମୟ ଇତିହାସ ଉପରେ ଅଭିଭାଷଣ ରଖିଥିଲେ । ସର୍ବ ଶେଷରେ ପ୍ରଦୀପ କୁମାର ପାତ୍ର ଭାରତ ବର୍ଷର ଶୁଭ କାମନା କରି ସଭା ସାଙ୍ଗ କରିଥିଲେ ।

# ନାଚୁଣୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



**ଚିଲିକା(ଅମୃତ ମିଡିଆ) :** ଆଜି ନାଚୁଣୀ କଲେଜ ପରିସରରେ +୩ ତୃତୀୟ ବର୍ଷ ଛାତ୍ରୀମାନଙ୍କ ପାଇଁ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ଦ୍ୱାରା ଆୟୋଜିତ ୬ଦିନିଆ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଅଛି । ଏହି ଉତ୍ସବରେ କଲେଜର ଅଧ୍ୟକ୍ଷ ଡ଼ଃ ସୁନୀଲ କୁମାର ପଟ୍ଟନାୟକ ସଭାପତିତ୍ୱ ଗ୍ରହଣ କରି ଛାତ୍ରୀମାନଙ୍କୁ ସଶକ୍ତି ହେବାକୁ କହିଥିଲେ । ନାଚୁଣୀ ଥାନା ଅଧିକାରୀ ବିଭୁତି ଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳର ଉପକାରିତା ଉପରେ ଆଲୋକପାତ କରିଥିଲେ । ନାଚୁଣୀ ଥାନା ସହ ଅଧିକାରୀ ଶ୍ରୀମତୀ ବସୁମତୀ ସାହୁ,କନେଷ୍ଟବଳ ପ୍ରତୀକ୍ଷା ପ୍ରିୟଦର୍ଶନୀ ଓ ଗୃହରକ୍ଷୀ ସସ୍ମିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଡ଼ଃ ସି. ମଞ୍ଜୁଲତା, ସହ-ସଂଯୋଜିକା ଅଧ୍ୟାପିକା ଶ୍ରୀମତୀ ଲୋପାମୁଦ୍ରା ମିଶ୍ର ମଞ୍ଚ ସଂଯୋଜନା କରିଥିବା ବେଳେ ଶକ୍ତିଶ୍ରୀ ସାଥୀ ଛାତ୍ରୀ ନିହାରିକା ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଲିଡର ଶର୍ମିଷ୍ଠା ଷଡ଼ଙ୍ଗୀ, ଶୁଭ୍ରଶ୍ରୀ ରଥ, ଅଲିଶା ବେଗମ୍, ଶାନ୍ତିଲତା ସେନ୍, ଲକ୍ଷ୍ମୀପ୍ରିୟା ସାହୁ, ମଧୁସ୍ମିତା ମହାରଣା, ଯସ୍ମିନ ଜେନା, ଦିବ୍ୟଜ୍ୟୋତି ସାହୁ, ପ୍ରୀତି ରାଜବୋଝି, ପ୍ରିୟଙ୍କା ପ୍ରିୟଦର୍ଶନୀ ବରାଳ ଓ ଜ୍ୟୋତିର୍ମୟୀ ଜେନା ପ୍ରମୁଖ ବହୁ ସଂଖ୍ୟକ ଛାତ୍ରୀମାନେ ଯୋଗ ଦେଇଥିଲେ ।

# ସନ୍ଥ ଶିରୋମଣୀ ଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ସାମାଜିକ ସମରସତାର ମୂର୍ତ୍ତିମନ୍ତ ପ୍ରତୀକ ତଥା ମହାନ ସମାଜ ସଂସ୍କାରକ ସନ୍ଥ ଶିରୋମଣୀ ଶ୍ରୀଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ ବର୍ଷ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ସମରସ ସଂକଳ୍ପ ଅଭିଯାନରେ କଳସ ବନ୍ଦନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ମଠ ମନ୍ଦିରରୁ ଆସିଥିବା ଅନେକ ସାଧୁସନ୍ଥ ଓ ବିଭିନ୍ନ ଜାତି ମୁଖିଆମାନଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଜକ ଅମିତାଭ ସୁଆରଙ୍କ ସଂଯୋଜନା ଏବଂ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ରଘୁନାଥ ବେହେରା,ଦିବ୍ୟ ଜୀବନ ସଂଘ ତଥା ଶିବାନନ୍ଦ ଆଶ୍ରମର ମୁଖ୍ୟ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ଶ୍ରୀ ବଳଦେବଜୀଉ ଗୌଡିୟ ମଠ(ସାରଙ୍ଗ)ର ମଠାଧୀଶ ଶ୍ରୀପାଦ ଭକ୍ତ ବେଦାନ୍ତ ସନ୍ୟାସୀ ମହାରାଜ, ସନ୍ଥ ଅରକ୍ଷିତ ଦାସ(ଓଲାଶୁଣୀ) ମଠର ମହନ୍ତ ରାମାନନ୍ଦ ଦାସ ମହାରାଜ,ମହିମା ଅଲେଖ ଆଶ୍ରମ (ଶଙ୍ଖପଦା)ର ମହନ୍ତ ସୁବ୍ରତ ଦାସ, ମହନ୍ତ ହୃଷିକେଶ ଦାସ ( ଫୋରଡ ), ବିଜେପି ନେତ୍ରୀ ଅର୍ଚ୍ଚନା ନାୟକ, ଗିତାଞ୍ଜଳୀ ସେଠୀ, ତେଜେଶ୍ୱର ପରିଡା, ସୁନାକର ବେହେରା, ଡଲି ଶତପଥି, ଜାତି ମୁଖିଆ ବିଷ୍ଣୁ ଚରଣ ବେହେରା, ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ ଗୁରୁ ରବି ଦାସ ଭକ୍ତି ମାର୍ଗରେ ସିଦ୍ଧିପ୍ରାପ୍ତ କରି ମୋଗଲ ଶାସକଙ୍କ ସମୟରେ ପ୍ରଚଳିତ ନାନା କୁସଂସ୍କାର, ଅସ୍ପୃଶ୍ୟତା ଓ ଜାତିଭେଦକୁ ସମାଜରୁ ଦୂର କରି ଏକ ସୁସ୍ଥ ସମାଜ ଗଠନ ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ ଯାହାକି ବର୍ତ୍ତମାନ ସମୟରେ ସମାଜ ଗଠନରେ ଅନୁକରଣୀୟ। ଆଜି ଅନେକ ଅଞ୍ଚଳରେ ସମାଜରେ ଜାତିଭେଦ ଭଳି କୁପ୍ରଥା ପ୍ରଚଳିତ ଅଛି ଯାହାକି ସାଧୁସନ୍ଥ, ଯୁବସମାଜ ତଥା ଦଳମତ ଓ ପଥ ନିର୍ବିଶେଷରେ ସମସ୍ତଙ୍କ ପ୍ରଚେଷ୍ଟା ଓ ସଚେତନତା ଦ୍ୱାରା ଦୂର ହେବ ବୋଲି ବକ୍ତାମାନେ କହିଥିଲେ। ମୁଖ୍ୟ ଅତିଥି ବିଧାୟକ ଜଗଦଲା କହିଲେ ଯେ, ସନ୍ଥ ଶିରୋମଣୀ ଗୁରୁ ରବି ଦାସଙ୍କ ଜନ୍ମସ୍ଥାନ ବାରଣାସୀରୁ ଆସିଥିବା ପବିତ୍ର ମାଟି ଜିଲ୍ଲାର ସମସ୍ତ ମଣ୍ଡଳକୁ ଯିବ ଓ ପରବର୍ତ୍ତୀ ସମୟରେ ସାମାଜିକ ସମରସତା ଉଦ୍ଦେଶ୍ୟରେ ପ୍ରତି ଶକ୍ତିକେନ୍ଦ୍ର ଓ ବୁଥକୁ ନିଆଯାଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ଏଥିସହିତ ଏହାକୁ ବିଭିନ୍ନ ମଠ ମନ୍ଦିରରେ ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା କରାଯିବ। ଅନ୍ୟତମ ସଂଯୋଜକ ଅଭିମନ୍ୟୁ ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି ପ୍ରଦୀପ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ନାରାୟଣ ପତି, ପ୍ରଜ୍ଞା ପରମିତା କର, ପ୍ରତିମା ନାୟକ, ନାରାୟଣ ପତି, ଜୀବନାନନ୍ଦ ସାହୁ, ଗଗନ ସାହୁ, ବିଚିତ୍ର ପ୍ରଧାନ, ପ୍ରଶାନ୍ତ ସେଠୀ, ଶୁଭକାନ୍ତ ନାୟକ, ଝିଲ୍ଲୀ ଦାସ, ନମିତା ବଳ, ଅନୁସୂଚିତ ଜାତି ମୋର୍ଚ୍ଚାର ରଞ୍ଜନ କୁମାର ବେହେରା, ଶିଶିର ମଲିକ, ବିନୋଦ ବେହେରା, ସନାତନ ବେହେରା, ରତ୍ନାକର ସେଠୀ, ମଦନ ମୋହନ ସେଠୀ, ନାରାୟଣ ବେହେରା ରାଜକିଶୋର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବିରୂପା ନଦୀର ଦ୍ୱିତୀୟ ବନ୍ୟାପାଣି ବଢ଼ିବାରେ ଲାଗିଛି



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବିରୂପା ନଦୀରେ ଦ୍ୱିତୀୟ ବାର ବନ୍ୟା ପାଣି ଆସିବାରୁ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହେବା ସହ ବାଲିଚନ୍ଦ୍ରପୁର ଠାରୁ ବାଲିପଡିଆ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ଜଗତପୁର କେନାଲ ଓ ବିରୂପା ନଦୀର ମଝିରେ ଥିବା ଗ୍ରାମ ଗୁଡିକ ସମ୍ପୂର୍ଣ୍ଣ ଜଳ ମଗ୍ନ ହୋଇଥିବା ର ଦେଖିବାକୁ ମିଳିଛି, ଉକ୍ତ ଗ୍ରାମ ଗୁଡିକରୁ କେନାଲ ବନ୍ଧର ମୁଖ୍ୟ ରାସ୍ତା ଗୁଡ଼ିକ କେଉଁଠାରେ ଆଣ୍ଠିଏ ପାଣି ତ କେଉଁଠାରେ ବେକେ ପାଣି, ମାତ୍ର ତିନି ଚାରୋଟି ବୋଟ ପ୍ରଶାସନ ତରଫରୁ ଯୋଗାଇଦିଆଯାଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନୁହେଁ, ଲୋକମାନେ ନିଜ ଚେଷ୍ଟାରେ ଟ୍ରକ୍ ଓ ବସ ଟିୟୁବ କୁ ଯୋଗାଡ କରି ତାହାସହିତ ପଟ୍ଟା ବାନ୍ଧି ଯାତାୟତ କରୁଛନ୍ତି, ଘଣ୍ଟଏ୫୩ ବାଲିଚନ୍ଦ୍ରପୁର ଠାରୁ ପଟ୍ଟାମୁଣ୍ଡାଇ କେନାଲ ବାଇପାସ ରାସ୍ତା ଜଳମଗ୍ନ ହୋଇ ଥିବା ଏବଂ ଏହି ରାସ୍ତାରେ ୩୦ ରୁ ଉର୍ଦ୍ଧ୍ୱ ଖାଲ ଥିବାରୁ ଯାନବାହାନ ଯିବା ଆସିବା ସମୟରେ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ଘଟୁଛି, ଥାନା ରୋଡ ଓ ପଟଣା ରାସ୍ତା ରେ ବନ୍ୟା ପାଣି ଚାଲୁଥିବାରୁ ରୁକୁଟିପାଟ, ନାନପୁର, ଘାଟିୟା ସାହି, ପଟଣା. କୁସୁପୁର ଆଦି ଗ୍ରାମକୁ ଯିବା ପାଇଁ ଲୋକମାନେ ଅସୁବିଧା ସମ୍ମୁଖୀନ ହେଉଛନ୍ତି, ବନ୍ୟା ପାଣି ବାଲିଚନ୍ଦ୍ରପୁର ଥାନା ପରିସରରେ ପଶିବା ସହ ବାହାଦୁରନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚାରିନଙ୍ଗଳ ସମବାୟ ସମିତି କାର୍ଯ୍ୟାଳୟ, କଳ୍ପନାଦେବୀ ଉଚ୍ଚବିଦ୍ୟାଳୟ, ପ୍ରାଣୀ ଚିକିତ୍ସା କେନ୍ଦ୍ର ଗଜେନ୍ଦ୍ରପୁର ପରିସର ଜଳମଗ୍ନ ଥିବାରୁ ବିଭିନ୍ନ ପ୍ରକାର ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି, ବିରୂପା ରେ ଦ୍ୱିତୀୟ ବନ୍ୟା ପାଣି ୪ଦିନ ହବ ବିଭିନ୍ନ ଗ୍ରାମ ଗୁଡିକରେ ପଶିଥିଲେ ମଧ୍ୟ କୌଣସି ପ୍ରଶାସନ ଅଧିକାରୀଙ୍କ ଦେଖା ନ ମିଳିବା ବିଡ଼ମ୍ବନା ବିଷୟ ଗୃହ ପାଳିତ ପଶୁ ଓ ଲୋକମାନଙ୍କ ପାଇଁ ଗୋ ଖାଦ୍ୟ ଓ ରିଲିଫ ମିଳିନଥିବାରୁ ଜଳ ବନ୍ଦୀ ଲୋକମାନେ ଭୋକରେ ଆଉଟ ପାଉଟ ହେଉଥିବାବେଳେ ଗୃହ ପାଳିତ ପଶୁ ମାନଙ୍କର ଦୁର୍ଦ୍ଦଶା କହିଦେଲେ ନ ସରେ, ପ୍ରଶାସନ ପକ୍ଷରୁ ତୁରନ୍ତ ରିଲିଫ ଓ ଗୋ ଖାଦ୍ୟ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି ।





# ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ବର୍ଣ୍ଣାଢ୍ୟ ସନ୍ଧ୍ୟା ଆୟୋଜିତ

**ଭୁବନେଶ୍ୱର(ବ୍ୟୁରୋ)** ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସୋମବାର ଜୟଦେବ ଭବନଠାରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ରଙ୍ଗ ଶୀର୍ଷକ ଏକ ସୁମଧୁର ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ସୌନ୍ଦର୍ଯ୍ୟ ଓ ପରମ୍ପରାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଙ୍ଗୀତପ୍ରେମୀ ଉପସ୍ଥିତ ରହି ଉଚ୍ଚକୋଟୀର ପରିବେଷଣର ଆନନ୍ଦ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ବାଦକଶ୍ରୀ ଆଶିଷ କୁମାର ପେରେଇ ଓ ଶ୍ରୀ ଶତ୍ରୁଘ୍ନ ବେଉରାଙ୍କ ଯୁଗଳ ଭାଓଲୀନପରିବେଷଣ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେମାନଙ୍କୁ ତବଲାରେଶ୍ରୀ ବିଶ୍ୱରଞ୍ଜନ ନନ୍ଦସୁନ୍ଦର ସଙ୍ଗତ ପ୍ରଦାନ କରିଥିଲେ।ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ଶିଳ୍ପମୁଦ୍ରା ନିଜର ସୁମଧୁର କଣ୍ଠରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଶ୍ରୋତାମାନଙ୍କର ପ୍ରଶଂସା ସାଉଁଟିଥିଲେ। ତାଙ୍କୁ ତବଲାରେଶ୍ରୀ ରାକେଶ ବେହେରା, ଭାଓଲୀନରେଡ଼. ଶାରଦା ପ୍ରସନ୍ନ ଦାସ ଏବଂ ତାନପୁରାରେ ଡ଼. ସନ୍ଦୀପନା ପତି ସଙ୍ଗତ ପ୍ରଦାନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଦସ୍ୟମାନେ ଭାରତୀୟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ସଂରକ୍ଷଣ, ପ୍ରସାର ଓ ନବପିଢ଼ୀ ମଧ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇଁ ସଂସ୍ଥାର ନିରନ୍ତର ପ୍ରୟାସ ଜାରି ରହିବ ବୋଲି କହିଥିଲେ। ଶେଷରେ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଶ୍ରୋତାମାନେ ଏଭଳି ଉଚ୍ଚକୋଟୀର ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ ପାଇଁ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ପ୍ରଶଂସା କରିଥିଲେ।

# ଆଇଆଇଏମ୍‌ଟିରେ ନୂତନ ବ୍ୟାଚ୍‌କୁ ସ୍ୱାଗତ

**ଭୁବନେଶ୍ୱର(ବ୍ୟୁରୋ)** ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଟେକନୋଲୋଜି (ଆଇଆଇଏମଟି), ଭୁବନେଶ୍ୱରରେ ଶିକ୍ଷା ଅଧିବେଶନ ୨୦୨୬-୨୭ ର ନୂତନ ପ୍ରବେଶ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ରିପୋର୍ଟିଂ କାର୍ଯ୍ୟକ୍ରମ ସଫଳତାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂତନ ପ୍ରବେଶ କରିଥିବା ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଏବଂ ଅଧ୍ୟାପକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସମାବେଶକୁ ସମ୍ବୋଧନ କରି ଆଇଆଇଏମଟି ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଶ୍ରୀକାନ୍ତ ପଟ୍ଟନାୟକ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଉନ୍ନତିର ଯୁଗରେ ଶିକ୍ଷା ବ୍ୟବସ୍ଥାରେ ଘଟୁଥିବା ଆଦର୍ଶ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ପ୍ରାସଙ୍ଗିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରହିବା ପାଇଁ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସହିତ ନିରନ୍ତର ଅଦ୍ୟତନ କରିବାକୁ ଉତ୍ସାହିତ କରିଥିଲେ। ସେ ଘୋଷଣା କରିଥିଲେ ଯେ ୨୦ ଅଗଷ୍ଟ ଆଇଆଇଏମଟି ପୂର୍ବ ଶିକ୍ଷାବର୍ଷର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱୀକୃତି ଏବଂ ସମ୍ବର୍ଦ୍ଧିତ କରିବ ଏବଂ ସେମାନଙ୍କର ଶିକ୍ଷାଗତ ସଫଳତାର ପ୍ରଶଂସା ପାଇଁ ସେମାନଙ୍କୁ ବାର୍ଷିକ ବୃତ୍ତି ପ୍ରଦାନ କରିବ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଜୟଦେବ କର ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ, ବୃତ୍ତିଗତ ଏବଂ ସାମାଜିକ ଜୀବନ ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସମାପନୀ



ଅଧିବେଶନରେ ଅନୁଷ୍ଠାନର ପ୍ରିନ୍ସିପାଲ ପ୍ରଫେସର ଡକ୍ଟର କବିରାଜ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ରିପୋର୍ଟିଂ କାର୍ଯ୍ୟକ୍ରମ ଏକ ସକାରାତ୍ମକ ଏବଂ ପ୍ରେରଣାଦାୟକ ନାଟରେ ଶେଷ ହୋଇଥିଲା। ଯାହା ୨୦୨୬-୨୭ ବ୍ୟାଚର ନୂତନ ଭାବରେ ପ୍ରବେଶ କରିଥିବା ଆଇଆଇଏମଟିଆନ ପାଇଁ ଏକ ରୋମାଞ୍ଚକର ଶୈକ୍ଷିକ ଯାତ୍ରାର ଆରମ୍ଭ କରିଥିଲା। ଏହି କାର୍ଯ୍ୟକ୍ରମ ଆଇଆଇଏମଟି ଶୈକ୍ଷିକ ଉତ୍କର୍ଷତା ପ୍ରଯୁକ୍ତିବିଦ୍ୟା ଉନ୍ନତି, ସାମଗ୍ରିକ ବିକାଶ, ନିଯୁକ୍ତିଯୋଗ୍ୟତା, ଯୋଗ୍ୟତା ସ୍ୱୀକୃତି ଏବଂ ମୂଲ୍ୟ-ଭିତ୍ତିକ ଶିକ୍ଷା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# କଗ୍ନିଜାଣ୍ଟ ପକ୍ଷରୁ ଟାଲେଣ୍ଟ ଆକ୍‌ସିଲରେଟର ପ୍ରୋଗ୍ରାମ ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)** ଅଗ୍ରଣୀ ଏଆଇ ନିର୍ମାତା ଓ ଟେକ୍ନୋଲୋଜି ସେବା ପ୍ରଦାନକାରୀ ସଂସ୍ଥା କଗ୍ନିଜାଂଟ ପକ୍ଷରୁ ୪୮୯ ଜଣ ନବନିଯୁକ୍ତ ଗ୍ରାଜୁଏଟଙ୍କ ସହ ଏହାର ଟାଲେଂଟ ଆକ୍‌ସିଲରେଟର ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ଏହି ଗ୍ରାଜୁଏଟମାନଙ୍କୁ ଭାରତର ୩୭ଟି ସହରରେ ଆଇଆଇଏମ ବେଙ୍ଗାଲୁରୁ, ଆଇଆଇଏମ କୋଝିକୋଡ, ଆଇଆଇଏମ ଲକ୍ଷ୍ନୌ, ହାଇଦ୍ରାବାଦର ଆଇଏସବି, ମୁମ୍ବାଇର ଏସପିଜେଆଇଏମଆର, ୟୁନିଭର୍ସିଟି ଅଫ୍ ଦିଲ୍ଲୀର ଏଫଏମଏସ, ଜାମସେଦପୁରର ଏକ୍ସଏଲଆରଆଇ-ଜାଭିୟର ସ୍କୁଲ ଅଫ୍ ମ୍ୟାନେଜମେଂଟ ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନ ସମେତ ୫୮ଟି ବିଜନେସ୍ ସ୍କୁଲରୁ ନିଯୁକ୍ତ କରାଯାଇଛି। ଦୁଇ ସପ୍ତାହର ଏକ ଅନ୍‌ବୋର୍ଡିଂ କାର୍ଯ୍ୟକ୍ରମକୁ କଗ୍ନିଜାଂଟର ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ପୁନେସ୍ଥିତ କାର୍ଯ୍ୟାଳୟରେ ଏକାସେଙ୍ଗ ଆୟୋଜନ କରାଯାଇଥିଲା ଯାହାକୁ ନବନିଯୁକ୍ତି ଗ୍ରାଜୁଏଟଙ୍କୁ କମ୍ପାନୀ ଓ ଏହାର ମୂଲ୍ୟବୋଧ ସମ୍ପର୍କରେ ଜାଣିବାରେ ସାହାଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଏଥିରେ ଫଙ୍କଶନାଲ, ସେଲସ୍ ଓ ମାର୍କେଟିଂ ଟ୍ରେନିଂ ସହିତ କଗ୍ନିଜାଂଟର ବିଜନେସ୍ ଓ ଲିଡରସିପ ଟିମ୍‌ଗୁଡିକ ସହ ପ୍ରତ୍ୟକ୍ଷ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ଏସମ୍ପର୍କରେ କମ୍ପାନୀର ଗ୍ଲୋବାଲ ଅପରେଶନ୍ସର ଅଧ୍ୟକ୍ଷ ଏବଂ କଗ୍ନିଜାଂଟ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରାଜେଶ ଭାରିଅର କହିଛନ୍ତି, ବ୍ରଜଣେ ଏଆଇ ନିର୍ମାତା ଭାବେ କଗ୍ନିଜାଂଟ ବିଶ୍ୱାସ କରେ ଯେ, ଗ୍ରାହକ ଓ ସହଯୋଗୀଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବା ପାଇଁ ଜ୍ଞାନର ବିବିଧତା ଜରୁରୀ ହୋଇଥାଏ। ପ୍ରଥମ ଦିନରୁ ଦେଶବ୍ୟାପୀ ଆନ୍ତଃବିଭାଗୀୟ ପ୍ରତିଭାମାନଙ୍କୁ ଏକାଠି କରି ଟାଲେଂଟ ଆକ୍‌ସିଲରେଟର ପ୍ରୋଗ୍ରାମ ସହଭାଗିତାର ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି ଏବଂ ନୂଆ ସହଯୋଗୀମାନଙ୍କୁ ଏଆଇ କ୍ଷମତା ଓ ବାସ୍ତବ ଦୁନିଆର ବ୍ୟବସାୟିକ ଫଳାଫଳ ମଧ୍ୟରେ ଅନ୍ତର ଦୂର କରିବା ପାଇଁ ସୁବ୍ୟବସ୍ଥିତ କରିବାକୁ ଲକ୍ଷ୍ୟ ରଖିଛି।ନ୍ତ କଗ୍ନିଜାଂଟ ବର୍ତମାନର ଏଆଇ ଯୁଗ ଆବଶ୍ୟକ କରୁଥିବା ଆନ୍ତଃବିଭାଗୀୟ ଦକ୍ଷତା ନିର୍ମାଣ ପାଇଁ ନନ୍-ଷ୍ଟେମ୍ (ସାଇନ୍ସ, ଟେକ୍ନୋଲୋଜି, ଇନିୟରିଂ ଓ ମ୍ୟାଥ୍‌ମାଟିକ୍ସ) ପ୍ରତିଭାମାନଙ୍କ ନିଯୁକ୍ତି ବୃଦ୍ଧି କରିଛି। ନୂଆ କରି ନିଯୁକ୍ତ ହୋଇଥିବା ବି-ସ୍କୁଲ ଗ୍ରାଜୁଏଟମାନେ କମ୍ପାନୀର ଏହି ଆଭିମୁଖ୍ୟକୁ ପ୍ରତିଫଳନ କରୁଛନ୍ତି। ଏହାର ୩୭%ରୁ ଅଧିକ ଟିମ୍ ନନ୍-ଷ୍ଟେମ୍ ପୃଷ୍ଠଭୂମିରୁ ଆସିଛନ୍ତି ଯାହା ସୋସିଓଲୋଜି, ସାଇକୋଲୋଜି ଭଳି ଲିବେରାଲ ଆର୍ଟସ କ୍ଷେତ୍ର, ଅଫିସ ମ୍ୟାନେଜମେଂଟ ଓ ସେକ୍ରେଟାରିଆଲ ପ୍ରାକ୍ଟିସ ଭଳି ଭୋକେସନାଲ ଫିଲ୍ଡ ଏବଂ ଇଣ୍ଡଷ୍ଟ୍ରିଆଲ ଡିଜାଇନ ଭଳି ଡିଜାଇନ-କେନ୍ଦ୍ରିତ କ୍ଷେତ୍ରରେ ପରିବ୍ୟାପ୍ତ ଅଛନ୍ତି। ସେହିପରି ଏହି ଟିମ୍ ମଧ୍ୟରୁ ୪୨%ରୁ ଅଧିକ ମହିଳା ଅଟନ୍ତି।।

## ପ୍ରତିଭାର ଶକ୍ତିରେ ପ୍ରଗତିର ପଥେ

# ବେଦାନ୍ତ ଆଲୁମିନିୟମ୍ କୋଇଲାଖଣି

**ଭୁବନେଶ୍ୱର(ବ୍ୟୁରୋ)** ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପରିଚାଳନାଗତ ସଫଳତା ପଛରେ ଏକ ଦୃଢ କାର୍ଯ୍ୟବଳ ରହିଛି ଯାହା ବ୍ୟବସାୟ ସହିତ ତାଳଦେଇ ବୃଦ୍ଧି ପାଉଛି। ଓଡ଼ିଶାରେ ଜାମଖାନି, କୁରାଲୋଇ ଏବଂ ଘୋଘରପାଲିରେ ୮୦ ରୁ ଅଧିକ ଯୁବ ପେସାଦାର ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ କାର୍ଯ୍ୟରେ ଯୋଗଦାନ କରୁଥିବାବେଳେ ବିଶେଷଜ୍ଞ ସୃଷ୍ଟି କରୁଛନ୍ତି, ନୂତନ ଅଭିଜ୍ଞତା ହାସଲ କରୁଛନ୍ତି ଏବଂ ବଡ ସୁଯୋଗ ପାଇଁ ଲନିଜକୁ ପ୍ରସ୍ତୁତ କରୁଛନ୍ତି। ସେମାନଙ୍କର ଯାତ୍ରା ଏକ ଇକୋସିଷ୍ଟମ ଦ୍ୱାରା ସମର୍ଥିତ ଯାହା ନିରନ୍ତର ଶିକ୍ଷା, ନେତୃତ୍ୱ ବିକାଶ ଏବଂ ବୃତ୍ତିଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ । ବେଦାନ୍ତ ଆଲୁମିନିୟମ କୋଇଲା ଖଣିରେ, କ୍ୟାରିୟର ବିକାଶକୁ ଅନେକ ସୁଯୋଗ ମାଧ୍ୟମରେ ସମର୍ଥନ କରାଯାଇଥାଏ ଯାହା କର୍ମଚାରୀମାନଙ୍କୁ ଶିଖିବା ସହିତ ବିକାଶ ପାଇଁ ନୂତନ ମାର୍ଗ ଖୋଜିବାକୁ ଉତ୍ସାହିତ କରିଥାଏ। କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ ଏବଂ ଏକ୍ସ. ଏଲ. ଆର. ଆଇ. ଭଳି ବୈଶ୍ୱିକ ଅନୁଷ୍ଠାନଗୁଡ଼ିକରେ ଉଚ୍ଚ ଶିକ୍ଷା କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ବେଦାନ୍ତର ପ୍ରମୁଖ ମହିଳା ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିବା ପର୍ଯ୍ୟନ୍ତ, କର୍ମଚାରୀମାନଙ୍କ ଦିଗଦର୍ଶନକୁ ସମ୍ପ୍ରସାରିତ କରିବା ଏବଂ ନୂତନ ଦାୟିତ୍ୱ ପାଇଁ ପ୍ରସ୍ତୁତ ହେବା ଲାଗି ମଞ୍ଚ ପ୍ରଦାନ କରିଥାଏ। ଶ୍ରେଣୀଗୃହ ବାହାରେ ମଧ୍ୟ ଶିକ୍ଷା ଜାରି ରହିଛି। ଆଜି ପର୍ଯ୍ୟନ୍ତ ଆୟୋଜିତ ୫୦ ରୁ ଅଧିକ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ, କର୍ମଚାରୀମାନେ ବ୍ୟବସାୟର ବିଭିନ୍ନ ଦିଗକୁ ହାସଲ କରିବା ସହିତ ସେମାନଙ୍କର ବୈଷୟିକ, କାର୍ଯ୍ୟକ୍ଷମ ଏବଂ ପରିଚାଳନା ଦକ୍ଷତାକୁ ଆହୁରି ବିକଶିତ କରିଛନ୍ତି। ବୃତ୍ତିଗତ ବିକାଶ ଉପରେ ଧ୍ୟାନ ଦେବା ସହିତ, ସଂଗଠନ ଏହାର କାର୍ଯ୍ୟବଳ ମଧ୍ୟରେ ଅଧିକ ବିବିଧତା ମଧ୍ୟ ଦେଖୁଛି, ଯେଉଁଥିରେ ୪୦ ରୁ ଅଧିକ ମହିଳା ବୃତ୍ତିଗତ, ବିଭିନ୍ନ କାର୍ଯ୍ୟର ନେତୃତ୍ୱ ସମେତ, ଏହାର ନିରନ୍ତର ସଫଳତାରେ ଯୋଗଦାନ କରୁଛନ୍ତି। ଏହି ପ୍ରୟାସକୁ ପ୍ରଶଂସା କରି ବେଦାନ୍ତ ଆଲୁମିନିୟମ୍ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ଆମର ସଫଳତାର ମୂଳରେ ରହିଛନ୍ତି ଆମର ଲୋକମାନେ। ଯୁବ ପ୍ରତିଭାମାନଙ୍କୁ ଶିଖିବା, ଦାୟିତ୍ୱ ଗ୍ରହଣ କରିବା ଏବଂ ନେତୃତ୍ୱ ନେବାର ସୁଯୋଗ ଦେଇ ଆମେ ଏପରି ଦକ୍ଷତା ଓ ସାମର୍ଥ୍ୟ ବିକଶିତ କରୁଛୁ, ଯାହା ଆମର କାର୍ଯ୍ୟକଳାପକୁ ସୁଦୃଢ଼ କରିବା ସହିତ ଆମର ଭବିଷ୍ୟତକୁ ଆକାର ଦେବ।'' ବିକାଶର ଏହି ସଂସ୍କୃତି ପାଇଁ ଉତ୍କର୍ଷତାକୁ ସ୍ୱୀକୃତି ଦେବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ବି. ୟୁ. ସି. ଇ. ଓ. ପୁରସ୍କାର, ବ୍ୟାବସାୟିକ ଉତ୍କର୍ଷ ପୁରସ୍କାର ଏବଂ ସାବାସ କାର୍ଡ କର୍ମଚାରୀ ଏବଂ ଦଳଗୁଡ଼ିକ ଭଳି ମଞ୍ଚ ମାଧ୍ୟମରେ ସେମାନଙ୍କ ଯୋଗଦାନ ପାଇଁ ପାଳନ କରାଯାଇଥାଏ, ଏପରି ଏକ କାର୍ଯ୍ୟସ୍ଥଳୀକୁ ପ୍ରୋତ୍ସାହିତ କରାଯାଇଥାଏ ଯେଉଁଠାରେ ପଦକ୍ଷେପ, ଉତ୍ତରଦାୟିତ୍ୱ ଏବଂ ଉଚ୍ଚ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଇଥାଏ ଏବଂ ପୁରସ୍କୃତ କରାଯାଇଥାଏ। ସଫଳତାକୁ ସ୍ୱୀକାର କରିବା ବ୍ୟତୀତ, ଏହି ମଞ୍ଚଗୁଡ଼ିକ କର୍ମଚାରୀମାନଙ୍କୁ ମାଲିକାନା ଗ୍ରହଣ କରିବା, ଉଚ୍ଚ ମାନ ଅନୁସରଣ କରିବା ଏବଂ ସେମାନଙ୍କ ଭୂମିକାର ଆବଶ୍ୟକତା ବାହାରେ ଯୋଗଦାନ କରିବା ପାଇଁ ପ୍ରୋତ୍ସାହିତ କରିଥାଏ। ଏହି ସମସ୍ତ ପ୍ରୟାସ ମିଶି ଏପରି ଏକ ପରିବେଶ ଗଢ଼ି ତୋଳୁଛି, ଯେଉଁଠାରେ ଶିକ୍ଷା ଏବଂ ବୃତ୍ତିଗତ ଅଭିବୃଦ୍ଧି ଏକା ସାଙ୍ଗରେ ହୋଇଥାଏ।

# ୮୨% ସ୍ମାର୍ଟଫୋନ୍ କ୍ରେତାଙ୍କ ପାଇଁ ଏଆଇ ଫିଚର ହେଉଛି ମୌଳିକ ଆବଶ୍ୟକତା

**ଭୁବନେଶ୍ୱର(ବ୍ୟୁରୋ)**ଆମାଜନ.ଇନ ପକ୍ଷରୁ ପ୍ରଥମ ବେଷ୍ଟ ଇନ୍ ଟେକ୍ ସର୍ଭେର ଫଳାଫଳ ପ୍ରକାଶ ହୋଇଛି, ଯାହାକି କ୍ରେତାମାନେ ସେମାନଙ୍କ ଟେକ୍ନୋଲୋଜିରୁ କ'ଣ ଚାହାଁନ୍ତି ତାହା ବୁଝିବା ପାଇଁ ଏକ ଗ୍ରାହକ ଅଧ୍ୟୟନ। ଜୁଲାଇ ୨୦୨୬ ରେ ଆମାଜନ.ଇନରେ କରାଯାଇଥିବା ଏହି ସର୍ଭେରେ ସମସ୍ତ ପ୍ରମୁଖ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବର୍ଗରେ ୪୦,୦୦୦ ରୁ ଅଧିକ ପ୍ରତିକ୍ରିୟା ମିଳିଥିଲା। ଏହି ଫଳାଫଳଗୁଡ଼ିକ ସିଧାସଳଖ ବେଷ୍ଟ ଇନ୍ ଟେକ୍ ପୁରସ୍କାର ପାଇଁ ବର୍ଗ ଢାଂଚାରେ ସାମିଲ ହୋଇଥିଲା, ଯାହା ସେପ୍ଟେମ୍ବର ୨୦୨୬ ରେ ଏହାର ଦ୍ୱିତୀୟ ସଂସ୍କରଣ ସହ ପ୍ରତ୍ୟାବର୍ତନ କରିବ । ଏଆଇ ବୈଶିଷ୍ଟ୍ୟଗୁଡ଼ିକ ବର୍ତମାନ ୮୨% ସ୍ମାର୍ଟଫୋନ୍ କ୍ରେତାଙ୍କ ପାଇଁ କ୍ରୟ ନିଷ୍ପତିକୁ ଆକାର ଦେଇଥାଏ, ପ୍ରାସଙ୍ଗିକ, ଦୈନନ୍ଦିନ ସହାୟତାକୁ ସର୍ବାଧିକ ମୂଲ୍ୟ ଦିଆଯାଇଛି। ଯଦିଓ ଏଆଇ ଏକ ମୂଳ ଆଶା ପାଲଟିଛି, କାର୍ଯ୍ୟଦକ୍ଷତା, ବ୍ୟାଟେରୀ ଏବଂ କ୍ୟାମେରା ସବୁଠାରୁ ପ୍ରଭାବଶାଳୀ କ୍ରୟ ଡ୍ରାଇଭର ଭାବରେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଆମାଜନ ଇଣ୍ଡିଆ ପକ୍ଷରୁ ଏହାର କ୍ୟୁମର ଇଲେକ୍ଟ୍ରୋନିକ୍ସ, ନିର୍ଦ୍ଦେଶକ, ଜେବା ଖାନ୍ କହିଛନ୍ତିଯେ, 'ଗ୍ରାହକମାନଙ୍କର ସ୍ମାର୍ଟଫୋନ୍ କିଣିବା ଶୈଳୀରେ ପରିବର୍ତନ ଆସିଛି। ଯଦିଓ ଏଆଇ ଏକ ଆଲୋଚନା ବିନ୍ଦୁରୁ ଏକ ଆଶାକୁ ସ୍ଥାନାନ୍ତରିତ ହୋଇଛି, ଗ୍ରାହକମାନେ କାର୍ଯ୍ୟଦକ୍ଷତା, ବ୍ୟାଟେରୀ, କ୍ୟାମେରା ଭଳି ମୌଳିକ ବିଷୟଗୁଡ଼ିକ ବିଷୟରେ ସ୍ପଷ୍ଟ। ସେମାନେ ସେହି ଡିଭାଇସ୍ ପାଇଁ ଅଧିକ ଦେୟ ଦେବାକୁ ମଧ୍ୟ ଇଚ୍ଛୁକ ଯାହା ଏହାକୁ ସଠିକ୍ କରିଥାଏ। ଆମେ ବେଷ୍ଟ ଇନ୍ ଟେକ୍ ସର୍ଭେ ତିଆରି କରିଛୁ କାରଣ ଭାରତୀୟ ଗ୍ରାହକଙ୍କ ବିଷୟରେ ଯାହା ରିପୋର୍ଟ କରାଯାଏ ତାହା ଅନେକ ଅନୁମାନ କରାଯାଏ। ଗ୍ରାହକମାନେ ଯେଉଁ ବାର ସେଟ୍ କରିଛନ୍ତି ତାହା କେବେବି ଉଚ୍ଚ ହୋଇନାହିଁ ଏବଂ ଏହା ହେଉଛି ବେଷ୍ଟ ଇନ୍ ଟେକ୍ ପୁରସ୍କାରଗୁଡ଼ିକୁ ଚିହ୍ନିତ କରିବା ପାଇଁ ମାନଦଣ୍ଡ।'



ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ (ଭିଆଇଏସଏଲ) ରାଜ୍ୟର ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ପାଳନ କରିଛି ।

# ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍ ଉନ୍ମୋଚିତ

**ଭୁବନେଶ୍ୱର(ବ୍ୟୁରୋ)**ବହୁ ପ୍ରତୀକ୍ଷିତ ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ ,ଖିମଜୀ ଅଟୋମୋବାଇଲ୍ସ ଏଲ୍‌ଏଲପି, ଫୁଲନଖରା, ଭୁବନେଶ୍ୱର ଓ ଜଗତସିଂହପୁର ଶୋ'ରୁମ୍ ଠାରେ ଉନ୍ମୋଚିତ ହୋଇଯାଇଛି ଯାହା ଏହି ଅଞ୍ଚଳର ଗ୍ରାହକମାନଙ୍କ ପାଇଁ ଆଇକନିକ୍ ମୋଟର ସାଇକେଲ୍‌ର ନୂତନ ୩୫୦ ସିସି ସିଙ୍ଗଲ ,ସିଲିଣ୍ଡର ଅବତାରର ଆଗମନକୁ ଦର୍ଶାଉଛି। ଏହି ଉନ୍ମୋଚନ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ରଥୀଶ ନାୟାର ଓ ପ୍ରଫେସର ଫିଲିପ୍ ଏସ୍ କେରଳ ଭଳି ଅତିଥିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରଟି ଏପରି ଏକ ମୋଟର ସାଇକେଲ୍‌ର ଶୁଭାରମ୍ଭକୁ ପାଳନ କରିଥିଲା ଯାହା ରୟାଲ ଏନ୍‌ଫିଲ୍ଡର କାଳଜୟୀ ଐତିହ୍ୟକୁ ଆଗକୁ ନେବାସହ ଆଧୁନିକ ପ୍ରଦର୍ଶନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଛି। ରୟାଲ ଏନ୍ ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍ ହେଉଛି ଗୋର୍ଖା ରେଜିମେଣ୍ଟର ଅତୁଳନୀୟ ବୀରତ୍ୱ, ଐତିହ୍ୟ ଓ ଚିରନ୍ତନ ଆତ୍ମା ପ୍ରତି ଏକ ସ୍ମାରକୀ ଶ୍ରଦ୍ଧାଳି। ଏହି ମୋଟର ସାଇକେଲ୍‌ଟି ଗୋର୍ଖା ଭ୍ରାତୃତ୍ୱର ବୀର ଯବାନମାନଙ୍କ ପ୍ରତି ସମ୍ମାନ ଓ ପ୍ରଶଂସାର ପ୍ରତୀକ ଭାବରେ ପରିକଳ୍ପନା



କରାଯାଇଛି। ନୂତନ ରୋୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍ କ୍ଲାସିକ୍ ୩୫୦ର ବହୁ ମୁଖୀ ସ୍ୱଭାବକୁ ଆପଣେଇଛି ଏବଂ ବବର୍ ଡିଏନ୍ଏ ଓ ସ୍ୱାଧୀନ ମନୋଭାବର ସଂସ୍କୃତି ପ୍ରତି ସତ୍ୟରହି ନିଜର ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ଆଣିଛି। ଏହା ସାଇଡ ପ୍ୟାନେଲ୍‌ରେ ଗୋର୍ଖା ଖୁକୁରୀ ଦ୍ୱାରା ଅନୁପ୍ରାଣିତ ଏକ ନୂତନ ଲୋଗୋ ସହିତ ଆସୁଛି। ରୟାଲ ଏନ୍‌ଫିଲ୍ଡ କ୍ଲାସିକ୍ ୩୫୦ ଗୋର୍ଖା ଏଡିସନ୍‌ର ମୂଲ୍ୟ ୨,୧୦,୬୮୪ ଟଙ୍କା (ଏକ୍ସ-ଶୋ'ରୁମ୍, ଭୁବନେଶ୍ୱର)ରୁ ଆରମ୍ଭ। ଏହା ୧ଟି ରଙ୍ଗର ବିକଳ୍ପରେ ଉପଲବ୍ଧ, ଏହାର ଇନ୍ ବିଏସ୍ଦ ୨ (ଓବିଡି ୨) ଏବଂ ଇ୨୦ ଇନ୍ଧନ ଅନୁକୂଳ। ଏହାର ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ମଧ୍ୟରେ ୩୪୯ ସିସି ସିଙ୍ଗଲ୍ ସିଲିଣ୍ଡର ଇଜିନ୍, ଜେ-ସିରିଜ୍ ଇଜିନ୍, ଅଲ୍-ଏଲଇଡି ଲାଇଟିଂ, ଆସିଷ୍ଟ ଓ ସ୍ଲିପରକ୍ଲଚ୍, ୟୁଏସବି ଫାଷ୍ଟସି-ଟାଇପଚାର୍ଜର, ଟ୍ରିପର୍ ନାଭିଗେସନ୍ ରହିଛି। ଅଟୋମୋବାଇଲ୍ସ ଏଲଏଲପିର ଫୁଲନଖରା, ଭୁବନେଶ୍ୱର ଓ ଜଗତସିଂହପୁର ଶୋ'ରୁମ୍ ଠାରେ ଏହି ଉନ୍ମୋଚନ ମୋଟର ସାଇକେଲ୍ ଉତ୍ସାହୀ ଓ ରୟାଲ ଏନ୍‌ଫିଲ୍ଡ ପ୍ରଶଂସକମାନଙ୍କୁ କାଳଜୟୀ ବୁଲେଟ୍‌ର ସର୍ବଶେଷ ପରିବର୍ତ୍ତିତ ରୂପର ସାକ୍ଷୀ ହେବାର ଏକ ସୁଯୋଗ ପ୍ରଦାନ କରିଥିଲା, ଯାହାଐତିହ୍ୟ, ପ୍ରଦର୍ଶନ ଏବଂ ସମସାମୟିକ ପ୍ରଯୁକ୍ତି ବିଦ୍ୟାକୁ ଏକାଠି ଆଣିଥାଏ।

## ଅତ୍ୟାଧୁନିକ ପାୱାର ଟେକ୍ନୋଲୋଜୀ କ୍ଷେତ୍ରରେ ନବସୃଜନକୁ ତ୍ୱରାନ୍ୱିତ ନେଇ

# ଟାଟା ପାୱାର ଓ ଆଇଆଇଟି ବମ୍ବେ ମଧ୍ୟରେ ସହଭାଗିତା

**ଭୁବନେଶ୍ୱର(ବ୍ୟୁରୋ)** ଭାରତର ଅନ୍ୟତମ ବୃହତ୍ତମ ଇଣ୍ଟିଗ୍ରେଟେଡ୍ ପାୱାର କମ୍ପାନୀ ଟାଟା ପାୱାର ଏବଂ ବିଜ୍ଞାନ, ଇଞ୍ଜିନିୟରିଂ ତଥା ପ୍ରଯୁକ୍ତି ଗବେଷଣା କ୍ଷେତ୍ରରେ ଦେଶର ପ୍ରମୁଖ ଅନୁଷ୍ଠାନଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ବମ୍ବେ ମଧ୍ୟରେ ଏକ ମାଷ୍ଟର ରିସର୍ଚ୍ଚ(ଏମ୍‌ଆରଏ) ସ୍ୱାକ୍ଷରିତ ହୋଇଛି। ଆଗାମୀ ପିଢ଼ିର ଏନର୍ଜି ଟେକ୍ନୋଲୋଜି ଏବଂ ଅତ୍ୟାଧୁନିକ ସ୍ୱଚ୍ଛ ଶକ୍ତି ସମାଧାନ କ୍ଷେତ୍ରରେ ଲାବୋରେଟରୀସ୍ତରର ନବସୃଜନକୁ ବ୍ୟାପକ କରିବା ଏବଂ ବ୍ୟାବସାୟିକରଣକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଦୀର୍ଘକାଳୀନ ରଣନୀତିକ ଭାଗିଦାରୀ ସ୍ୱରୂପ ଏହି ଚୁକ୍ତି କରାଯାଇଛି। ଆଇଆଇଟି ବମ୍ବେ କ୍ୟାମ୍ପସରେ ଟାଟା ପାୱାରର ଚିଫ୍ ଏକ୍ସିକ୍ୟୁଟିଭ୍ ଅଫିସର ଏବଂ ମ୍ୟାନେଜିଂ ଡାଇରେକ୍ଟର ଡ. ପ୍ରବୀର ସିହ୍ନା ଏବଂ ଆଇଆଇଟି ବମ୍ବେର ଡିନ୍ (ଗବେଷଣା ଓ ବିକାଶ) ପ୍ରଫେସର ଶ୍ରୀକୃଷ୍ଣ ଭି. କୁଲକର୍ଣ୍ଣୀଙ୍କ ଦ୍ୱାରା ଆଇଆଇଟି ବମ୍ବେର ଡାଇରେକ୍ଟର ପ୍ରଫେସର ଶିରୀଷ କେଦାରେଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗିତା ଆଇଆଇଟି ବମ୍ବେର ଗବେଷଣା ଦକ୍ଷତା ଏବଂ ଟାଟା ପାୱାରର ଶିଳ୍ପ ଅଭିଜ୍ଞତାକୁ ଏକାଠି କରି ସ୍ମାର୍ଟ ଗ୍ରିଡ୍, ପାୱାର



ଇଲେକ୍ଟ୍ରୋନିକ୍ସ, ଏନର୍ଜି ଷ୍ଟୋରେଜ୍, ଇଲେକ୍ଟ୍ରିକ୍ ମୋବିଲିଟି, ସାଇବର ସିକ୍ୟୁରିଟି, ପାୱାର ସିଷ୍ଟମ୍ ପାଇଁ ଏଆଇ, ଡିଜିଟାଲ୍ ଗ୍ରିଡ୍ ଟେକ୍ନୋଲୋଜି, କାର୍ବନ୍ କ୍ୟାପଚର ଏବଂ ସର୍କୁଲାର୍ ଇକୋନୋମି ଭଳି କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନ ବିକଶିତ କରିବ। ଗବେଷଣାଗାରର ଉଚ୍ଚକୋଟୀର ଗବେଷଣାକୁ ଶିଳ୍ପ-ଉପଯୋଗୀ ଟେକ୍ନୋଲୋଜିରେ ରୂପାନ୍ତରିତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏହି ସହଭାଗିତାର ମୁଖ୍ୟ ଲକ୍ଷ୍ୟ, ଯାହା ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ, ଶକ୍ତି ସୁରକ୍ଷା ଏବଂ ଦୀର୍ଘସ୍ଥାୟୀ ବିକାଶରେ ଯୋଗଦାନ ଦେବ। ଟାଟା ପାୱାରର ଚିଫ୍ ଏକ୍ସିକ୍ୟୁଟିଭ୍ ଅଫିସର ଏବଂ ମ୍ୟାନେଜିଂ ଡାଇରେକ୍ଟର ଡ. ପ୍ରବୀର ସିହ୍ନା କହିଛନ୍ତି, "ଭାରତର ବିଦ୍ୟୁତ୍ କ୍ଷେତ୍ରର ଆଗାମୀ ପିଢ଼ି ପାଇଁ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ଆଇଆଇଟି ବମ୍ବେ ସହିତ ଭାଗିଦାରୀ କରିଥିବାରୁ ଆମେ ଗର୍ବିତ। ଆଇଆଇଟି ବମ୍ବେର ଅତ୍ୟାଧୁନିକ ଗବେଷଣାକୁ ବ୍ୟାପକ ସ୍ତରରେ କାର୍ଯ୍ୟକାରୀ କରିବାରେ ଟାଟା ପାୱାରର ଅଭିଜ୍ଞତା ସହିତ ଯୋଡ଼ି, ଆମେ ଭବିଷ୍ୟତ- ଉପଯୋଗୀ ଏନର୍ଜି ଟେକ୍ନୋଲୋଜିର ବିକାଶକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ସହଭାଗିତା ଭାରତ ପାଇଁ ଏକ ଅଧିକ ସୁଦୃଢ଼, ସୁରକ୍ଷିତ, ବୁଦ୍ଧିମତ୍ତାପୂର୍ଣ୍ଣ ଏବଂ ସ୍ଥାୟୀ ଶକ୍ତି ପରିବେଶ ତିଆରି କରିବାରେ ସାହାଯ୍ୟ କରିବ।" ଆଇଆଇଟି ବମ୍ବେର ଡାଇରେକ୍ଟର ପ୍ରଫେସର ଶିରୀଷ କେଦାରେ କହିଛନ୍ତି: "ଭାରତର ଶକ୍ତି ପରିବର୍ତ୍ତନ ପାଇଁ କେବଳ ବୈଜ୍ଞାନିକ ଗବେଷଣାରେ ଅଗ୍ରଗତି ନୁହେଁ, ବରଂ ସେହି ଅଗ୍ରଗତିକୁ ନିର୍ଭରଯୋଗ୍ୟ, ସୁଦୃଢ଼ ଏବଂ ପ୍ରାସଙ୍ଗିକ ଟେକ୍ନୋଲୋଜିରେ ପରିଣତ କରିବାର କ୍ଷମତା ମଧ୍ୟ ଆବଶ୍ୟକ। ଟାଟା ପାୱାର ସହିତ ଏହି ସହଯୋଗିତା ଅତ୍ୟାଧୁନିକ ଲାବୋରେଟରୀ ଗବେଷଣାକୁ ଶିଳ୍ପ-ଉପଯୋଗୀ ସମାଧାନରେ ପରିଣତ କରିବାର ଆଇଆଇଟି ବମ୍ବେର ଲକ୍ଷ୍ୟ ସହିତ ଦୃଢ଼ ଭାବରେ ମେଳ ଖାଉଛି। ଆଇଆଇଟି ବମ୍ବେର ଗବେଷଣା ଓ ନବସୃଜନ କ୍ଷମତାକୁ ଟାଟା ପାୱାରର ଶିଳ୍ପ ଅଭିଜ୍ଞତା ଏବଂ ବୃହତ୍ ସ୍ତରରେ କାର୍ଯ୍ୟକାରୀ କରିବାର ଦକ୍ଷତା ସହିତ ମିଶାଇ, ଆମେ ସ୍ୱଦେଶୀ ଟେକ୍ନୋଲୋଜିର ବିକାଶକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଭାରତର ଶକ୍ତି ସୁରକ୍ଷାକୁ ମଜବୁତ୍ କରିପାରିବ, କାର୍ବନମୁକ୍ତ ପ୍ରକ୍ରିୟାକୁ ଦ୍ରୁତ କରିପାରିବ ଏବଂ ଏକ ଭବିଷ୍ୟତ-ଉପଯୋଗୀ ସୁଦୃଢ଼ ପାୱାର ଗ୍ରିଡ୍‌ରେ ଯୋଗଦାନ ଦେଇପାରିବ।

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.121, Thursday, 20 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୧, ଗୁରୁବାର, ୨୦ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



